# ଉତ୍କଳାୟନ

# UTKALAYANA

2025



ALUMNI ASSOCIATION
Utkal University

**ALUMNI ASSOCIATION**
**UTKAL UNIVERSITY**

www.ohpcltd.com | /ohpc.odisha | /ohpc_odisha

# BUILDING A POWERFUL ODISHA



**OHPC,** a gold-rated state PSU of Odisha, has been enabling a future of sustainability by operating, maintaining and modernizing hydroelectric power and other non-conventional energy sources by supplying 25%-40% power demand of its people, single-handedly.

## OUR PROJECTS AT A GLANCE

TOTAL INSTALLED CAPACITY: **2099.80 MW**

**BURLA**-287.80 MW | **CHIPLIMA**-72 MW | **BALIMELA**-510 MW | **RENGALI**-250 MW

**UPPER KOLAB**-320 MW | **UPPER INDRAVATI**-600 MW

**MACHKUND**-60 MW (ODISHA SHARE)

OHPC

## ODISHA HYDRO POWER CORPORATION LTD.

OHPC Corporate Office, Bhoi Nagar, Janpath, Bhubaneswar-751022

**Phone:** 91-0674-2542983, 2542802, 2545526, 2542826

*canonfire ohpc 24*

# UTKALAYANA

Special Anniversary Edition 2025

ALUMNI ASSOCIATION
Utkal University

Printed & Published by :
Alumni Association, Utkal University, Bhubaneswar

Printed at :
Maruti Printech Industry, Bhubaneswar
Contact : 943700 3344

# EDITORIAL BOARD

ALUMNI
ASSOCIATION
Utkal University




**Dr. Hiranmayee Mishra**
1989, Pol. Science



**Dr. Bira Kishore Dash**
1988, Sociology



**Dr. Ganeswar Jena**
1989, Pol. Science



**Dr. Mitali Mohanty**
1992, Psychology



**Mr. Tapan Ku. Jena**
1993, Law



**Mr. Satrujit**
1996, Law

# MESSAGE

सत्यमेव जयते

**RAJ BHAVAN**
**BHUBANESWAR - 751 008**



**Dr. Hari Babu Kambhampati**
**Governor, Odisha**

I am pleased to know that the Alumni Association-Utkal University is celebrating its 5th Raising Day on August 21, 2025 to mark five years of its remarkable progress, dedication and excellence in shaping the intellectual and cultural landscape of Odisha and beyond. A special edition of **"UTKALAYANA"** is also being brought out to commemorate the event.

I extend my deepest appreciation to the faculty, staff, students and alumni for their unwavering dedication to the mission and vision of Utkal University in nurturing young minds, promoting research and upholding the rich cultural heritage of Odisha. The association's tireless efforts in cultivating a vibrant academic community, rooted in values of inclusivity and excellence, have left an indelible mark on countless lives.

I wish Alumni Association-Utkal University continued success, growth and prominence in the years ahead, as it continues to illuminate the path of knowledge and progress for the future generations.

I wish the celebration and publication all success.

**(Hari Babu Kambhampati)**

Phone : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

# ବାର୍ତ୍ତା

**ଲୋକସେବା ଭବନ**
**ଭୁବନେଶ୍ୱର**



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘର ପଞ୍ଚମ ବାର୍ଷିକ ଉତ୍ସବ ୨୦୨୫ ଅଗଷ୍ଟ ୨୧ ତାରିଖରେ ଅନୁଷ୍ଠିତ ହେଉଥିବା ଏବଂ ଏହି ଅବସରରେ **ଉତ୍କଳାୟନ** ନାମକ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ ।

ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏକ ଅଗ୍ରଣୀ ଏବଂ ସୁନାମଧନ୍ୟ ପ୍ରତିଷ୍ଠାନ । ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଏହି ଅନୁଷ୍ଠାନ ଅନେକ ଦଶନ୍ଧି ଧରି ପ୍ରମୁଖ ଭୂମିକା ଗ୍ରହଣ କରି ଆସୁଛି । ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ସମାଜର ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ ହୋଇ ରାଜ୍ୟର ପ୍ରଗତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି । ଏହି ଉତ୍ସବରେ ପୁରୁଣା ବନ୍ଧୁମାନେ ମିଳିତ ହୋଇ ଛାତ୍ର ସମୟର ସୁଖଦ ସ୍ମୃତି ଚାରଣ କରିବା ସହିତ ରାଜ୍ୟର ବିକାଶ ପାଇଁ ନୂଆ ନୂଆ ଚିନ୍ତାଧାରାରେ ପ୍ରେରିତ ହେବେ ବୋଲି ମୋର ଆଶା ।

ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଁ ଶୁଭେଚ୍ଛା ଜଣାଉଛି ଏବଂ ଆୟୋଜକମାନଙ୍କୁ ସାଧୁବାଦ ଜଣାଇବା ସହିତ ଉତ୍ସବର ସଫଳତା କାମନା କରୁଛି ।

(ମୋହନ ଚରଣ ମାଝୀ)

ଦୂରଭାଷ : କାର୍ଯ୍ୟାଳୟ : 0674-2531100, 2531500, 2535100 (ଫାକ୍ସ)

# MESSAGE

Phone Office : 0674-2536916
D.O. No............../ MoSHES&YSOLL&C
Bhubaneswar



**SURYABANSHI SURAJ**
**MINISTER OF STATE (IND.)**
**Higher Education, Sports & Youth Services**
**Odia Language, Literature & Culture, Odisha**

I am glad to know that the Alumni Association of Utkal University is celebrating its 5th Raising Day on 21st August and is bringing out a special edition of its annual souvenir "**Utkalayana**."

Utkal University, one of the premier institutions of Odisha, has been a centre of knowledge, research and cultural enrichment for decades. Its alumni have distinguished themselves in diverse spheres of life and continue to bring laurels to the alma mater. The Alumni Association has been playing a significant role in strengthening the bond between the University and its former students, thereby creating a vibrant network of learning and collaboration.

The publication of "Utkalayana" reflects the collective spirit, ideas and aspirations of the alumni community. I am confident that this special edition will not only highlight the achievements of the Association but also inspire the present and future generations of students to carry forward the rich legacy of Utkal University.

On this joyous occasion, I extend my warm greetings and best wishes to all members of the Alumni Association. The Association's continued growth will further enrich the legacy and excellence of Utkal University.

**(Suryabanshi Suraj)**

Address. : Res. Office: QR No-6R-2, Unit-VI, Bhubaneswar-751001
Office: Room No.MB-I-006 & 007, Lok Seva Bhawan, Bhubaneswar, Odisha-751001
e-Mail id.: suryabanshi.suraj@gov.in

# MESSAGE

**Prof. Jagneshwar Dandapat**
Vice Chancellor (I/C)

UTKAL UNIVERSITY
VANI VIHAR, BHUBANESWAR - 751004
ODISHA, INDIA
www.utkaluniversity.ac.in
Mob : 9437015893, 9437466087
Tel. Off: (0674) 2567700
E-mail : vcuu@rediffmail.com
vc@utkaluniversity.ac.in

NAAC Accredited 'A+'
nirf Ranked 42

No. VC/ /20



Date: 19/08/2025

I am pleased to convey my best wishes to the Alumni Association of Utkal University on its 5th Annual Day, to be held on 21st August 2025. It is equally heartening that the souvenir **Utkalayana** is being released to mark this special event.

As the first university of Odisha, Utkal University holds a place of distinction in the state's academic and cultural life. What makes this legacy truly meaningful is not only the institution itself, but the people who have walked through its corridors. The alumni are the living strength of Utkal University. They carry its values wherever they go, and through their achievements they keep the name of the alma mater alive.

I am grateful to the Alumni Association for keeping this bond strong and for standing by the University in its growth. The publication of **Utkalayana** is a befitting step in this direction. It brings together memories, reflections, and aspirations, and it will surely inspire present students to take pride in their university.

I wish the 5th Annual Day celebrations and the publication of **Utkalayana** all success.

**(Jagneshwar Dandapat)**

# ବାର୍ତ୍ତା



**ଡକ୍ଟର ସତ୍ୟଜିତ୍ ମହାନ୍ତି**
ସଭାପତି, ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ
ପ୍ରାକ୍ତନ ଅଧ୍ୟକ୍ଷ, ଓଡ଼ିଶା ଲୋକସେବା ଆୟୋଗ
ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ, ଓଡ଼ିଶା

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ପଞ୍ଚମ ବାର୍ଷିକୋତ୍ସବ ପାଳନ ଅବସରରେ ଏହାର ମୁଖପତ୍ର 'ଉତ୍କଳାୟନ'ର ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶ ପାଇବା ଆମ ପାଇଁ ଆନନ୍ଦର କଥା। ଏଥିରେ ପୁରାତନ ଛାତ୍ରଛାତ୍ରୀମାନଙ୍କ ଅଭିଜ୍ଞତା, ଅତୀତର ସ୍ମୃତିଚାରଣ, ସୃଜନଶକ୍ତିର ପରିପ୍ରକାଶ ଘଟିଛି।

ଗୋଟିଏ ଶିକ୍ଷାନୁଷ୍ଠାନର ସବୁଠାରୁ ବଡ଼ ସଫଳତା ହେଲା, ଏହାର ଛାତ୍ରଛାତ୍ରୀମାନଙ୍କ ସଫଳତା। ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀମାନେ ହିଁ ତ ଶିକ୍ଷାନୁଷ୍ଠାନର ମୂଳପୁଞ୍ଜି। ଆମମାନଙ୍କ କ୍ୟାରିୟର ଗଢ଼ିବାରେ ଆମ ବିଶ୍ୱବିଦ୍ୟାଳୟର ଯେଉଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି, ତାହାକୁ ଆମେ କେହି ଭୁଲିନାହୁଁ। ସେଥିପାଇଁ ତ ଏହି ପୁରାତନ ଛାତ୍ରସଂଘ ଗଠନ କରାଯାଇଛି, ଯାହାର ମୁଖ୍ୟ କାର୍ଯ୍ୟ ହୋଇଛି, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହିତ ହାତ ମିଳାଇ ଶୈକ୍ଷିକ ବାତାବରଣକୁ ସମୃଦ୍ଧ କରିବା। ମାତ୍ର ପାଞ୍ଚବର୍ଷର କାର୍ଯ୍ୟକାଳ ମଧ୍ୟରେ (ମଝିରେ ଦୁଇ ବର୍ଷ କରୋନା ପ୍ରଭାବିତ ସମୟ ହୋଇଥିବା ସତ୍ତ୍ୱେ) ଆମ ପୁରାତନ ଛାତ୍ରସଂଘ ବିଭିନ୍ନ ସମୟରେ ବହୁ ପ୍ରସିଦ୍ଧ ଓ ସଫଳ ପୁରାତନ ଛାତ୍ରଛାତ୍ରୀଙ୍କୁ ଆମନ୍ତ୍ରଣ କରି 'ମିଟ୍ ଦ ଆଲୁମ୍ନୀ' କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ, ପରିବେଶ ସୁରକ୍ଷା, ଛାତ୍ରଛାତ୍ରୀଙ୍କୁ କାଉନସେଲିଂ, ସେମାନଙ୍କ ମଧ୍ୟରେ ସୃଜନଶକ୍ତିର ବିକାଶ ପାଇଁ ପ୍ରତିଯୋଗିତାମାନ ଆୟୋଜନ ଇତ୍ୟାଦି ବହୁବିଧ କାର୍ଯ୍ୟକ୍ରମମାନ ସଫଳତାର ସହିତ ସମ୍ପନ୍ନ କରିଛି।

ଆମ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସର୍ବପ୍ରଥମ ବିଶ୍ୱବିଦ୍ୟାଳୟ। ରାଜ୍ୟରେ ଉଚ୍ଚଶିକ୍ଷାର ଅଭିବୃଦ୍ଧି ଦିଗରେ ଏହା କେବଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିନାହିଁ, ଅନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କ ନିମନ୍ତେ ମଧ୍ୟ ମାର୍ଗଦର୍ଶକ ପାଲଟିଛି। ଆମେମାନେ ଏଭଳି ଏକ ଶିକ୍ଷାନୁଷ୍ଠାନରେ ପାଠପଢ଼ି ନିଜକୁ ଗୌରବାନ୍ୱିତ ମନେକରୁଛୁ। ଆଜି ପଞ୍ଚମ ବାର୍ଷିକ ଉତ୍ସବ ପାଳନ ଅବସରରେ ପୁରାତନ ଛାତ୍ରସଂଘ ଆମ ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ନିଜର ଯୋଗଦାନ ଅବ୍ୟାହତ ରଖିବ ବୋଲି ସଂକଳ୍ପ ନେଇଛି। ଏ ଦିଗରେ ଆମର ସମସ୍ତ ସଦସ୍ୟସଦସ୍ୟା ପୂର୍ଣ୍ଣପ୍ରାଣରେ ସହଯୋଗ କରିବାକୁ ମୁଁ ନିବେଦନ କରୁଛି। ଶେଷରେ ପୁଣିଥରେ ବାର୍ଷିକୋତ୍ସବ ପାଳନ ଅବସରରେ ପୁରାତନ ଛାତ୍ରସଂଘର ସମସ୍ତ ସଦସ୍ୟସଦସ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉତ୍ସବର ସଫଳତା କାମନା କରୁଛି।

(ଡକ୍ଟର ସତ୍ୟଜିତ୍ ମହାନ୍ତି)

# ALUMNI ASSOCIATION - UTKAL UNIVERSITY

## ADVISORS



**Mr. Dharmendra Pradhan**
1990, Anthropology



**Dr. Achyuta Samanta**
1986, Chemistry



**Dr. Arun Kumar Sahoo**
1990, History



**Mr. Prasad harichandan**
1985, Political Science



**Mr. Sarat Kumar Acharya**
1979, PM & IR



**Dr. Ajay Kumar Mohanty**
1975, Physics



**Mr. Bijaya Kumar Patnaik**
1974, Political Science



**Prof. Ashoka Das**
1971, Physics

# ALUMNI ASSOCIATION - UTKAL UNIVERSITY

## OFFICE BEARERS



Dr. Satyajit Mohanty
President
1983, Geology



Mr. Debendra P. Das
General Secretary
1979, Political Science



Mr. Raghunath Prusty
Vice President
1978, PMIR



Dr. Bira Kishore Dash
Joint Secretary
1988, Sociology



Mr. Amiya Ku. Mohanty
Treasurer
1977, History



Mr. Santosh Ku. Mohapatra
Joint Treasurer
1997, A & A Economics

# ALUMNI ASSOCIATION - UTKAL UNIVERSITY

## EXECUTIVE COMMITTEE MEMBERS


Anindita Das


Ajaya Ku. Mohapatra


Ananta P. Samantray


Ashok Ku. Nayak


Arup Srichandan


Bijaya Ku. Sahoo


Biswajit Biswal


Biswa Ranjan Rath


Chinmay Ku. Sahoo


Debasish Dasgupta


Dillip Ku. Mishra


Gadadhar Rath


Girija Sankar Jena


Harekrushna Sial


Dr. Hiranmayee Mishra


Hitesh Ku. Nayak

# ALUMNI ASSOCIATION - UTKAL UNIVERSITY

## EXECUTIVE COMMITTEE MEMBERS


Kashi Biswanath Barik


Laxmidhar Chand


Manoj Ku. Biswal


Dr. Manoranjan Bhuyan


Manoranjan Swain


Dr. Mitali Mohanty


Dr. Narayan Tripathy


Nilambar Biswal


Nityananda Das


Pradeepta Ku. Bisoi


Dr. Pradip Ku. Rath


Dr. Prasanna Ku. Jena


Priyabrata Mohanty


Radha Kanta Pani

# ALUMNI ASSOCIATION - UTKAL UNIVERSITY

## EXECUTIVE COMMITTEE MEMBERS



Rajalaxmi Panda



Dr. Rajeshraj Swain



Rajiblochan Tarai



Ram Sankar Pattanayak



Ramesh Ch. Dash



Sangram Keshari Das



Dr. Santosh Ku. Kamila



Santosh Ku. Sethy



Smita Samanta



Soumya R. Mohapatra



Subrat Ku. Biswal



Susmita Tripathy



Dr. Tanmaya Ku. Swain



Tapan Ku. Jean

# 4th ANNUAL DAY FUNCTION OF ALUMNI ASSOCIATION









# 4th ANNUAL DAY FUNCTION OF ALUMNI ASSOCIATION

## PLASTIC FREE CAMPUS DRIVE








Chief Guest Of The "Plastic Free Campus Drive"Dr. Rabindra Narayan Behera, MP in the Alumni Association Office with Office bearers

# ANNUAL GET TOGETHER OF ALUMNI ASSOCIATION







# ACTIVITIES OF ALUMNI ASSOCIATION







Alumni Association - Utkal University jointly with Utkal University Authorities organised a felicitation programme for **Dr. Mrutyunjay Mohapatra**, the Cyclone Man of India on 17-06-2025. Dr Mohapatra, a proud Alumunus of Utkal University, is currently serving as the Director General of Meteorology at the Meteorological Department, Govt. of India and the Third Vice-President of World Meteorological Organization (WMO).




The group photograph of participants of Song Competition with judges, musicians & some of the Office bearers of Alumni Association.

# ACTIVITIES OF ALUMNI ASSOCIATION







Alumni Association – Utkal University jointly with Alumni Connect organised a Talk by **Prof. Dr. Bedangdas Mohanty**, Senior Professor at NISER On "Science: Relevance to the Society and the Journey" under "Meet the Alumni Programme" on 31.01.2025 at P.G Council Hall, Utkal University, Vani Vihar.





Alumni Association –Utkal University jointly with Alumni Connect organise a Talk by **Padma Shri Kumkum Mohanty**, an Internationally Acclaimed Odishi Dancer and Guru On her "life's Journey" Under "Meet the Alumni Programme" on 25.02.2025 at P.G Council Hall, Utkal University, Vani Vihar.

**With Best Compliments From :**

*Mining Happiness by Transforming Resources Responsibly.*

OMC | ODISHA NEW OPPORTUNITIES

Mining Happiness

*Largest State PSU in the Mining Sector of the Country*




Our expertise in power transmission is directed towards one goal, the happiness and comfort of the people of Orissa.

**Our Objectives :**

- Expansion of transmission network.
- Up-gradation of Grid sub-station & Transmission lines.
- Evacuation of power from up-coming generation plants.

Taking power to the people is the motto at OPTCL

PPS

OPTCL
Lifeline of Odisha

**Odisha Power Transmission Corporation Ltd.**
**Janpath, Bhubaneswar - 751 022, Odisha, www.optcl.co.in**

***With Best Compliments From :***

कोल इण्डिया
Coal India

MCL

MAHANADI COALFIELDS LIMITED

**(A Govt. of India Undertaking & Miniratna Subsidiary Company of Coal India Limited)**

# GUIDELINES FOR UTKALAYANA

1. Utkalayana is published on the occasion of Annual Function of Alumni Association, Utkal University as its Annual Magazine.
2. It is bi-lingual - articles in Odia and English find a place in Utkalayana.
3. It hosts articles from the Alumni, the faculty, current students of the University and eminent writers.
4. While promoting and propagating talent in literary writings such as Poems and Short stories, Utkalayana also encourages articles on contemporary socio-economic issues and on policy initiatives particularly in the field of education. Reminiscences and anecdotal articles on Utkal University are welcome. Utkalayana will not publish any article directly or indirectly promoting political agenda, or conflicts on caste, community or regligious lines.
5. All efforts should be made by the contributors to ensure that the language of the articles should not be offensive, or indecent in any manner.
6. All submissions should be accompanied by a passport size photograph and a short biodata of the writer. The biodata should be limited to 100 words and should clearly mention the years and the Department in which the contributor studied in the university.
7. Decision of the Editorial Board in selection and editing of the articles is final.
8. The views and opinions expressed in the articles are entirely and unequivocally of the writer. Neither the Editorial Board of Utkalayana nor the office bearers of the UU Alumni Association are responsible for them in any manner.



# ଆମ ବାଣୀବିହାର

**ହିରଣ୍ମୟୀ ମିଶ୍ର**

## ସଂପାଦକୀୟ

ପଛକୁ ଫେରି ଚାହିଁଲେ ଅତିକ୍ରମ କରି ଆସିଥିବା ଜୀବନ ରାସ୍ତାରେ ବାଣୀବିହାରର ସ୍ୱପ୍ନମନସ୍କ ଦିନସବୁ ଅଧିକ ସ୍ପଷ୍ଟ ଦିଶେ। ଜୀବନକୁ ନେଇ ସବୁ ପରୀକ୍ଷାନିରୀକ୍ଷା କରିବାର ଆସ୍ପର୍ଦ୍ଧାର ସମୟ ସିଏ। ସମ୍ଭବତଃ ବାଣୀବିହାରର ଏମିତି କେହି ପୁରାତନ ଛାତ୍ର ବା ଛାତ୍ରୀ ନଥିବେ, ଯିଏ ଏ ପତ୍ରିକାଟିକୁ ଦେଖିଲେ ବା ହାତରେ ଛୁଇଁଲେ ପୁଲକିତ ହେବେ ନାହିଁ। ଯିଏ ଥରେ ଏଠି କିଛିଦିନ ଛାତ୍ର/ଛାତ୍ରୀ ଭାବରେ ରହିଛି, ଏ ମାଟିର ସ୍ମୃତିରେ ସୁରଭିତ ହେଇଛି ତା'ର ଜୀବନ। ଆଜି ବି ବାଣୀବିହାର ଜ୍ଞାନ ଅର୍ଜନର, ଭଲ ପାଇବାର, ସର୍ଜନାର ଓ ସଖ୍ୟଭାବର ପୀଠ। କବିତା ଲେଖିବା, ବର୍ଷାକୁ, ଜହ୍ନକୁ ବା ଜୀବନକୁ ଗଭୀର ଭାବରେ ଭଲପାଇବା ଶିଖାଇଦିଏ ବାଣୀବିହାର। ସେଥିପାଇଁ ତ ବାଣୀବିହାରରେ ପଢ଼ିବାର ସୁଯୋଗ ପାଇନଥିବା ଅନେକ ସାହିତ୍ୟିକ କେବେକେବେ ସେ ଅଭାବବୋଧକୁ ପ୍ରକାଶ କରନ୍ତି।

ଚାରିପାଖର ଜୀବନଯୁଦ୍ଧ, ବିଚ୍ଛେଦ ଓ ବୈରାଗ୍ୟ ଭିତରେ ସାହିତ୍ୟ ଯୋଡ଼ି ଚାଲିଥାଏ କେଉଁ ଅନନ୍ତ କାଳରୁ ଜୀବନକୁ ଜୀବନ ସହ, ହୃଦୟକୁ ହୃଦୟ ସହ। ବାଣୀବିହାର ଅନେକଙ୍କର ସାହିତ୍ୟମନସ୍କତାର ଆଦ୍ୟଭୂମି। ନିକଟ ଅତୀତରେ ବାଣୀବିହାରରେ ପାଠପଢ଼ା ସମାପ୍ତ କରି ଯାଇଥିବା ଅନେକ ପୁରାତନ ଛାତ୍ରଛାତ୍ରୀ ଆଜି ଓଡ଼ିଆ ସାହିତ୍ୟର ତରୁଣ ପିଢ଼ିର ପ୍ରତିଶ୍ରୁତି ସଂପନ୍ନ ସାହିତ୍ୟିକ ଭାବେ ସୁନାମ ଅର୍ଜନ କରିଛନ୍ତି। 'ଉତ୍କଳାୟନ'ର ଏ ସଂଖ୍ୟାରେ ଆମେ ସେମାନଙ୍କ ମଧ୍ୟରୁ କେତେଜଣଙ୍କର କୃତିକୁ ନେଇଛୁ। ଆଶା ପାଠକମାନଙ୍କୁ ଆମର ଏ ପ୍ରୟାସ ଭଲ ଲାଗିବ। ଏ ଭିତରେ ବାଣୀବିହାରର ଅନେକ ପରିବର୍ତ୍ତନ ହେଇସାରିଛି। ଆମ ପ୍ରିୟ ବିଶ୍ୱବିଦ୍ୟାଳୟ ଆଜି ଜାତୀୟ ସ୍ତରର ମାନକ ସଂସ୍ଥା ନାକ୍ ଦ୍ୱାରା ବେଶ୍



ଉଚ୍ଚ ଗ୍ରେଡ୍ ବଜାୟ ରଖିପାରିଛି । ମୁଖଶାଳାରେ ଶୋଭା ପାଉଥିବା ମାଆ ବାଗ୍‌ଦେବୀ ଓ ପରିଜା ଲାଇବ୍ରେରୀ ଭଳି ଆମର ନୂଆ ପ୍ରାଶାସନିକ କୋଠା ଏବେ ବାଣୀବିହାରର ଅନ୍ୟତମ ପରିଚୟ ହୋଇଛି । ଏଥରର 'ଉତ୍କଳାୟନ'ର ପ୍ରଚ୍ଛଦପଟରେ ଆମେ ବାଣୀବିହାରର ନୂଆ ରୂପର ଚିତ୍ରକୁ ସ୍ଥାନିତ କରିଛୁ ।

ବାଣୀବିହାରର ପୁରାତନ ଛାତ୍ରଛାତ୍ରୀଙ୍କର ସଂଖ୍ୟା ବହୁତ ଅଧିକ । ଅନେକ ପୁରାତନ ଛାତ୍ରଛାତ୍ରୀ ପୃଥିବୀର ବିଭିନ୍ନ ଦେଶରେ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ପ୍ରତିଷ୍ଠିତ । ଦେଶ ଭିତରେ ମଧ୍ୟ ପ୍ରାୟ ସବୁ ରାଜ୍ୟରେ ବାଣୀବିହାରର ପୁରାତନ ଛାତ୍ରଛାତ୍ରୀମାନେ ସମ୍ମାନଜନକ ସ୍ଥାନରେ ଅଛନ୍ତି । କିନ୍ତୁ ଆମ ଅନୁଷ୍ଠାନର ପୁରାତନ ଛାତ୍ର ସଂସଦର ଆଜୀବନ ସଭ୍ୟ ସଂଖ୍ୟା ସେଇ ଅନୁପାତରେ ଖୁବ୍ କମ୍ । ଏ ଦିଗରେ ଆମେ ସମସ୍ତେ ସାମୂହିକ ଭାବେ ଯତ୍ନବାନ୍ ହେବା ଏବେ ଜରୁରୀ । ଗତବର୍ଷ ଭଳି ଏବର୍ଷ ବି 'ଉତ୍କଳାୟନ'ର ମୁଖ୍ୟ ସଂପାଦିକା ଭାବେ ଦାୟିତ୍ୱ ମିଳିବା ମୋର ସୌଭାଗ୍ୟ । ଏଥିପାଇଁ ମୁଁ ପୁରାତନ ଛାତ୍ର ସଂସଦର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ନିକଟରେ କୃତଜ୍ଞ । ଯେ କୌଣସି ପତ୍ରିକାର ପ୍ରକାଶନ ଏକ ସାମୂହିକ କାମ । 'ଉତ୍କଳାୟନ'ର ସଂପାଦକ ମଣ୍ଡଳୀର ସାମୂହିକ ପ୍ରୟାସର ଫଳଶ୍ରୁତି ଏ ପତ୍ରିକା । ଏଥିପାଇଁ ସଂପାଦନାର ଅନେକ ଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇ ମତେ ଚିନ୍ତାମୁକ୍ତ ରଖିଥିବା ସଂପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ ଅନୁଜ ଶ୍ରୀଯୁକ୍ତ ଶତ୍ରୁଜିତ୍‌ଙ୍କୁ ମୁଁ ଧନ୍ୟବାଦ ଜଣାଇବି । ପତ୍ରିକାର ସଂପାଦନାରେ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଥିବା ପୁରାତନ ଛାତ୍ରସଂଘର ସମସ୍ତ କର୍ମକର୍ତ୍ତା, ତଥା ସଂପାଦକ ମଣ୍ଡଳୀର ସଦସ୍ୟ ଶ୍ରୀଯୁକ୍ତ ବୀରକିଶୋର ଦାସ, ଶ୍ରୀଯୁକ୍ତ ତପନ କୁମାର ଜେନା, ସହପାଠୀ ବନ୍ଧୁ ଡକ୍ଟର ଗଣେଶ୍ୱର ଜେନା, ଓ ଶ୍ରଦ୍ଧେୟା ମିତାଲୀ ମହାନ୍ତିଙ୍କ ପାଖରେ ମୁଁ କୃତଜ୍ଞ । ପୁରାତନ ଛାତ୍ର ସଂସଦ ଦ୍ୱାରା ବାଣୀବିହାରର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଗଳ୍ପ ଓ କବିତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା କଥାକାର ଓ କବିଙ୍କ କୃତିକୁ 'ଉତ୍କଳାୟନ'ର ପୃଷ୍ଠାରେ ଆପଣ ପାଇବେ । ସେମାନଙ୍କର ସର୍ଜନାର ଯାତ୍ରାପଥ ପାଇଁ ଆମର ଅଭିନନ୍ଦନ ଓ ଶୁଭେଚ୍ଛା । 'ଉତ୍କଳାୟନ' ଆୟୁଷ୍ମାନ୍ ହେଉ । ଆପଣମାନଙ୍କର ସଦିଚ୍ଛା ଏହାକୁ ଚିରକାଳ ବଞ୍ଚାଇ ରଖୁ । ମାଆ ବାଗ୍‌ଦେବୀ ଓ ବାଣୀବିହାରର ଅଧିଷ୍ଠାତ୍ରୀ ମାଆ ତାଳପଦେଶ୍ୱରୀ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାନ୍ତୁ ।

ବନ୍ଦେ ଉତ୍କଳ ଜନନୀ !

# ସୂଚୀପତ୍ର

## ଓଡ଼ିଆ ବିଭାଗ

### କ୍ଷୁଦ୍ର ଗଳ୍ପ


| | | |
|---|---|---|
| ଏକ ଅଣ-ଐତିହାସିକ ଗଳ୍ପ | ପରେଶ କୁମାର ପଟ୍ଟନାୟକ | ୭ |
| ପ୍ରମୋଦା ଖୁଡ଼ୀ | ସହଦେବ ସାହୁ | ୧୩ |
| ତଥାପି ଅପେକ୍ଷା | ଚିରଶ୍ରୀ ଇନ୍ଦ୍ରସିଂ | ୨୩ |
| ଅନ୍ଧାରର ଛାଇ | ହିରଣ୍ମୟୀ ମିଶ୍ର | ୨୮ |
| ଖୁସିର ପରିଭାଷା | ଡକ୍ଟର ଗଣେଶ୍ୱର ଜେନା | ୩୨ |
| ପାଦମୁଦି | ସ୍ୱାଗତିକା ସ୍ୱାଇଁ | ୩୪ |
| ମାତୃରୂପା | ପଦ୍ମାଳୟା ପାଢ଼ୀ | ୩୬ |
| ବୃନ୍ତଚ୍ୟୁତ ଗୋଲାପ | ଆଶୁତୋଷ ଦାସ | ୩୮ |


### କବିତା


| | | |
|---|---|---|
| ରାତି: କରଂଜିଆରେ | ନୀଳାମ୍ବର ବିଶ୍ୱାଳ | ୪୨ |
| ସାଉଁଟା ସ୍ମୃତିରୁ ମୁଠାଏ | ଦେବେନ୍ଦ୍ର ପ୍ରସାଦ ଦାସ | ୪୩ |
| ପ୍ରାର୍ଥନା | ପବିତ୍ର ମୋହନ କର | ୪୪ |
| ସ୍ମୃତିର ଦିଗନ୍ତ | ହରେକୃଷ୍ଣ ଶିଆଳ | ୪୫ |
| ବାଣୀବିହାରରେ ଜହ୍ନରାତି | ଶତ୍ରୁଜିତ୍ | ୪୬ |
| ଦେବୀ | ଇପ୍ସିତା ଷଡ଼ଙ୍ଗୀ | ୪୭ |
| ତାତି | ସନ୍ତୋଷ କୁମାର ମହାପାତ୍ର | ୪୮ |
| ଭୁଲିଯିବାର ବେଳ | ଡକ୍ଟର ଅନିଲ ନନ୍ଦ | ୪୯ |
| ଗୋଟିଏ ଦୁଷ୍ଟ ନଈର କାହାଣୀ... | ଦିପୁନ୍ ପୁହାଣ | ୫୦ |
| ଯୁଦ୍ଧ | ସ୍ନେହାଶ୍ରିତା ନାୟକ | ୫୧ |


### ପ୍ରବନ୍ଧ


| | | |
|---|---|---|
| ନିଯୁକ୍ତିଦାତା | ଦେବଦାସ ଛୋଟରାୟ | ୫୨ |
| ବାଣୀବିହାରରେ ଅଢେଇ ବର୍ଷ | ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ | ୫୫ |
| ଜଳବାୟୁ ସଙ୍କଟ ଓ ସତର୍କବାଣୀ | ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ | ୫୯ |
| ଅହିଂସାର ମନ୍ତ୍ର ଓ ଅଭିମନ୍ତ୍ରିତ ବନାଞ୍ଚଳ | ତପନ କୁମାର ଜେନା | ୬୨ |
| ଓଡ଼ିଆ ସାହିତ୍ୟର ନବଜାଗରଣ ପର୍ବ | ଡକ୍ଟର ଦେବାଶିଷ ମହାପାତ୍ର | ୬୫ |
| ସୁସ୍ଥ ସମାଜ ଗଠନ ଦିଗରେ ଆଦ୍ୟ ଶୈଶବ ଯତ୍ନ ଏବଂ ଶିକ୍ଷାର ଗୁରୁତ୍ୱ | ଡକ୍ଟର ମିତାଲି ମହାନ୍ତି | ୬୭ |
| ବିଶ୍ୱରେ ଅଦ୍ୱିତୀୟ: ଓଡ଼ିଶାର ହସ୍ତତନ୍ତ ଓ ବୟନଶିଳ୍ପ | ଲକ୍ଷ୍ମୀଧର ଚନ୍ଦ | ୬୯ |
| ନିଜକୁ ନୀଳମାଷ୍ଟ୍ରାଣୀ ମନେକରି | ଆଲୋକ ରଞ୍ଜନ ଷଡ଼ଙ୍ଗୀ | ୭୧ |

# CONTENTS

## ENGLISH SECTION

### SHORT SOTRIES


| | | |
|---|---|---|
| RICE | Mrutyunjay Sarangi | 75 |
| ORANGE CANDY ADVENTURE | Snehaprava Das | 78 |
| LOVE IN ITS PUREST FORM | Sujata Dash | 83 |
| THE FINCH AND THE GOLDEN CAGE | Shibansee Nayak | 85 |
| **POEMS** | | |
| MY WORDS | Sudipta Mishra | 88 |
| WHEN JUSTICE LOOKS AWAY | Subhranka Ch. Pradhan | 89 |
| **ARTICLES** | | |
| DOWN THE MEMORY LANE...... | Prof. Asoka Kumar Das | 91 |
| CYCLONE MANAGEMENT.... | Dr. Mrutyunjay Mohapatra | 99 |
| VIBRANT ALUMNI : VIBRANT UNIVERSITY | Dr. Amiya Kumar Mohanty | 104 |
| THE DIALECT OF TOMORROW | Dr. Ratikanta Mishra | 106 |
| INNOVATION IN THE LAND OF LORD JAGANNATH... | Dr. Manisha Acharya | 109 |
| SPIRITUALITY VS RELIGION..... | Ansuman Sahoo | 111 |



# ଏକ ଅଣ-ଐତିହାସିକ ଗଳ୍ପ

**ପରେଶ କୁମାର ପଟ୍ଟନାୟକ**

ପ୍ରଥମେ ଖବରଟି ଆସିଥିଲା ସହର କଂଗ୍ରେସ କମିଟିକୁ ଯେ, ନେହରୁ ଆସିବେ। କଂଗ୍ରେସ କମିଟିର ଏକ ବରାଦୀ ବୈଠକ ଡକାଯାଇଥିଲା ଓ ବିଶଦ ଆଲୋଚନା କରାଯାଇ, କୋଉଠି ସଭା ହେବ, କେମିତି ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ, ତାହା ସ୍ଥିର କରାଯାଇଥିଲା। ମାତ୍ର ସର୍ବସାଧାରଣରେ ଏ ତଥ୍ୟ ପ୍ରକାଶ ପାଇଲା ନାହିଁ। କଂଗ୍ରେସ କମିଟି ମୁଖ୍ୟ ସୀତାରାମ ବାବୁ ମତ ଦେଇଥିଲେ ଯେ, ଏତେ ଆଗରୁ ଏସବୁ କଥା ଲୋକଙ୍କୁ ଜଣାଇ ଲାଭ ନାହିଁ। ଲୋକଙ୍କ ସ୍ମୃତିଶକ୍ତି କ୍ଷୀଣ ଓ ସେମାନେ ଭୁଲିଯିବେ। ବରଂ ସେ ଆସିବାର ସପ୍ତାହକ ପୂର୍ବରୁ ଏ ସମ୍ପର୍କରେ ଘୋଷଣା ହେବ ଓ ସାତଦିନ ଏମିତି ଧୁମ୍‌ଧଡ଼କା ପ୍ରଚାର ହେବ ଯେ ଲୋକମାନେ ଉତ୍ସାହିତ ହେବେ। ସଭା ସାଫଲ୍ୟମଣ୍ଡିତ ହେବ।

ସୀତାରାମଙ୍କ ପ୍ରସ୍ତାବକୁ ସମସ୍ତେ ଗ୍ରହଣ କରିନେଇଥିଲେ। ନେହରୁଙ୍କ ଆଗମନ ପାଇଁ ପୋଷ୍ଟର ଛପାହେଲା, ମାତ୍ର କାନ୍ଥରେ ମରାହେଲା ନାହିଁ। ଲିଫଲେଟ୍ ଛପାହେଲା, ମାତ୍ର ଘରେଘରେ ବଣ୍ଟା ହେଲାନାହିଁ। ବ୍ୟାନର ମଧ୍ୟ ଲେଖାହେଲା, କିନ୍ତୁ କୌଣସି ଛକ ଜାଗାରେ ଝୁଲିଲା ନାହିଁ। ସବୁ କିଛି ଗୋପନରେ ପ୍ରସ୍ତୁତ ହେଲା ଓ କଂଗ୍ରେସ କମିଟି କାର୍ଯ୍ୟାଳୟରେ ସାଇତା ହୋଇ ରହିଲା। ପ୍ରସ୍ତୁତ ହୋଇ ରହିଲା, ହଠାତ୍ ଗୋଟେ ଦିନ ସହର ସାରା ପ୍ରକାଶ ପାଇ ଚାଞ୍ଚଲ୍ୟ ସୃଷ୍ଟି କରିବ ଯେ, ନେହରୁ ଆସୁଛନ୍ତି, ନେହରୁ ଆସୁଛନ୍ତି।

ସେଦିନ ସକାଳେ କଂଗ୍ରେସ ମୁଖ୍ୟ ସୀତାରାମବାବୁଙ୍କ ଘରକୁ ଆସିଲେ ଜୟକୃଷ୍ଣ, ଅନ୍ୟତମ ଉତ୍ସାହୀ ଯୁବନେତା। ଯିଏ ଆଶା କରିଥା'ନ୍ତି ଯେ ଯଦି କେବେ ସୀତାରାମବାବୁ ରାଜ୍ୟରେ ମନ୍ତ୍ରୀପଦ ପାଇବେ, ସେ ହେବେ ତାଙ୍କର ରାଜନୈତିକ ସେକ୍ରେଟାରୀ। ତେଣୁ ଯେ କୌଣସି ଗୁପ୍ତ ଓ ଗୁରୁତ୍ୱପୂର୍ଣ୍ଣ ଖବର ପାଇଲେ ସେ ତତ୍‌କ୍ଷଣାତ୍ ସୀତାରାମବାବୁଙ୍କୁ ଅବଗତ କରିପକାନ୍ତି। ସେଦିନ ସେ ଗୁପ୍ତ ଖବରଟି ନ ଦେବା ପର୍ଯ୍ୟନ୍ତ ଶାନ୍ତି ନାହିଁ ବୋଲି ବିଚାରି ସୀତାରାମ ବାବୁଙ୍କ ଘରେ ପହଞ୍ଚିଲେ ଓ ଏକା ନିଃଶ୍ୱାସରେ ଖବରଟି ଶୁଣାଇଦେଲେ।

କହିଲେ: ଖୁବ୍ ଚାଞ୍ଚଲ୍ୟକର ଖବର।

'ଚାଞ୍ଚଲ୍ୟ' ଶବ୍ଦ ଶୁଣି ସୀତାରାମ ବାବୁଙ୍କ ଆଖି ବଡ଼ବଡ଼ ହୋଇଗଲା: କ'ଣ ?

: ଆଜ୍ଞା ! ସତ୍ୟସାଇବାବା ଆସୁଛନ୍ତି।

: ଆସନ୍ତୁ ! ଆସିବାକୁ କ'ଣ କିଏ କାହାକୁ ମନା କରିଛି ନା କଣ !

: ଏଠି ଗୋଟାଏ ଭକ୍ତ ସମ୍ମିଳନୀ ଡାକିଛନ୍ତି।

: ଡାକନ୍ତୁ ! ସେ ତାଙ୍କର ଯାହା ଖୁସି କରିବେ।

: କିନ୍ତୁ ସମସ୍ୟାଟା ହେଲା .....।

: କ'ଣ ସମସ୍ୟା ?

: ସେ ସେଇଦିନ ଆସୁଛନ୍ତି, ଯୋଉଦିନ ନେହରୁ ଆସିବେ।

: ସେଇଦିନ ଆସୁଛନ୍ତି ? ତୁମେ ଠିକ୍ ଖବର ଆଣିଛ ତ ?

ଗର୍ବର ସହିତ ଜୟକୃଷ୍ଣ କହିଲେ: ପୂରା ପକ୍କା ଖବର। ଏବେ ଦେଖିଲି ତାଙ୍କ ଭକ୍ତମାନେ ଗୋଟାଏ ବ୍ୟାନର ଟାଙ୍ଗୁଛନ୍ତି। ତାରିଖ ମିଳାଇ ଦେଖିଲି, ସେଇ ତାରିଖ, ସେଇ ବାର, ସେଇ ସମୟ।

ନିଜକୁ ସମ୍ଭାଳି ନେଲେ ସୀତାରାମବାବୁ । କହିଲେ: କିଛି ଫରକ ପଡ଼ିବନି ! ତାଙ୍କ ଭକ୍ତ ତାଙ୍କ ସଭାକୁ ଯିବେ। ଆମ କର୍ମୀ ଆମ ସଭାକୁ ଆସିବେ।

ଜୟକୃଷ୍ଣ ପଚାରିଲେ : କିନ୍ତୁ ସାଧାରଣ ଲୋକ ? ସେମାନେ ସମସ୍ତେ ସେପଟକୁ ଚାଲିଯିବେ ନା !

ସୀତାରାମବାବୁ କହିଲେ : ନା! ସେମାନେ ସେପରି କରିପାରିବେ ନାହିଁ। ତୁମେ ଏବେ ପ୍ରଚାର ଆରମ୍ଭ କରିଦିଅ। ବ୍ୟାନର ଟାଙ୍ଗ, ପୋଷ୍ଟର ମାର, ଲିଫ୍‌ଲେଟ୍ ବାଂଟ। ଲୋକମାନଙ୍କୁ ଏପରି ଉତ୍ସାହିତ କର ଯେମିତି ସମସ୍ତେ ଆମ ସଭାକୁ ଆସିବେ। ଖବରକାଗଜରେ ପ୍ରତିଦିନ ଖବର ଛାପ ଯେ ନେହରୁ ଆସୁଛନ୍ତି।

ଜୟକୃଷ୍ଣ ସନ୍ଦେହ ପ୍ରକାଶ କଲେ : ଆମ ଦଳରେ ବି ତ ଅନେକ ସାଇଭକ୍ତ ଅଛନ୍ତି ! ସେମାନଙ୍କ କଥା କ'ଣ ହେବ ?

ସୀତାରାମବାବୁ ଆଶ୍ୱାସନା ଦେବାଭଳି କହିଥିଲେ : ସେମାନେ ସମସ୍ତେ ଆମ ସଭାକୁ ଆସିବେ। ଦେଶ ବଡ଼ ନା ଧର୍ମ ବଡ଼ ? କଂଗ୍ରେସ କର୍ମୀମାନେ ହେଲେ ଧର୍ମନିରପେକ୍ଷ। ବ୍ୟକ୍ତିଗତ ଭାବରେ ସେମାନେ ଧର୍ମକର୍ମ କରିପାରନ୍ତି, କିନ୍ତୁ ଏଇଭଳି ଘଡିସନ୍ଧି

ମୁହୂର୍ତ୍ତରେ ସେମାନଙ୍କୁ ଯଦି ପଚରାଯାଏ, ସେମାନେ କୋଉ ପକ୍ଷରେ ଅଛନ୍ତି, ସେମାନେ ସମସ୍ତେ ଦଳପ୍ରତି ଆନୁଗତ୍ୟ ପ୍ରକାଶ କରିବେ। ଯା' ହେଲେ ବି କଂଗ୍ରେସ ଦେଶ ପାଇଁ କାମ କରୁଛି।

ଟିକିଏ ପରେ ଶଙ୍କିତ ସ୍ୱରରେ ସୀତାରାମବାବୁ କହିଲେ: ତଥାପି ତୁମେ ଭିତିରିଆ ଗୋଟାଏ ଆକଳନ କର। ଦେଖ ଆମ ଦଳରେ କେତେ ଜଣ ସାଇଭକ୍ତ ଅଛନ୍ତି !

ପରେପରେ ଆରମ୍ଭ ହୋଇଗଲା ଜୋର୍‌ଦାର୍ ପ୍ରଚାର। ନେହରୁ ଆସୁଛନ୍ତି। ନେହରୁ ଆସୁଛନ୍ତି। ସତ୍ୟସାଇ ବାବା ଆସୁଛନ୍ତି। ସତ୍ୟସାଇ ବାବା ଆସୁଛନ୍ତି। ସହରସାରା ମାଳମାଳ ବ୍ୟାନର ଝୁଲିଲା। ପୋଷ୍ଟର ମରାହେଲା। ଗାଡ଼ିରେ ବୁଲିବୁଲି ଡାକବାଜି ଯନ୍ତ୍ର ପ୍ରଚାର କରିବାକୁ ଲାଗିଲା। ନେହରୁଙ୍କ ଚିତ୍ରପଟ ଶୋଭା ପାଇଲା। କୋଟ୍ ମଝିରେ ଲାଲ ରଙ୍ଗର ଗୋଲାପ ଫୁଲ ଖୋସା ହୋଇଛି ଛାତିରେ। ମୁଣ୍ଡରେ ଟୋପି। ସତ୍ୟସାଇ ବାବାଙ୍କ ଚିତ୍ରପଟ ମଧ୍ୟ ଠାଏଠାଏ ଶୋଭା ପାଇଲା। ପାଦ ପର୍ଯ୍ୟନ୍ତ ଲମ୍ବିଥିବା ଗେରୁଆ ରଙ୍ଗର ପୋଷାକ। ମୁଣ୍ଡରେ ବୋଝେ କୁଞ୍ଚୁକୁଞ୍ଚିଆ ବାଳ। ବେକରେ ମାଳି। ବାବା ଆଶୀର୍ବାଦ କରୁଥିବା ମୁଦ୍ରାରେ ହାତ ଟେକିଥିଲେ।

ସହରର ପାନ ଦୋକାନଠୁ ଆରମ୍ଭ କରି ଅଫିସ୍ ପର୍ଯ୍ୟନ୍ତ ସବୁଠି ଏକା ଆଲୋଚନା ଜାରି ରହିଲା, ଏକାଦିନକେ ଦି'ଜଣ ବିଶିଷ୍ଟ ଲୋକ ଆସୁଛନ୍ତି, କୁଆଡ଼କୁ ଯିବେ ଲୋକେ ?

କେହିକେହି କହୁଥିଲେ: ନେହରୁଙ୍କ ସଭାକୁ ବେଶି ଲୋକ ଯିବେ।

କେହିକେହି ଯୁକ୍ତି କରୁଥିଲେ: ନେହରୁଙ୍କ ସଭାକୁ ଗଲେ ମିଳିବ କଣ ? କେବଳ ପ୍ରତିଶ୍ରୁତି, କିନ୍ତୁ ସତ୍ୟସାଇଙ୍କ ସଭାକୁ ଗଲେ ମିଳିବ ପୁଣ୍ୟ।

ଲୋକଙ୍କ ଭିତରେ ଜିଦିବାଦ୍ ପଡୁଥିଲା। ସମସ୍ତେ ଉତ୍କଣ୍ଠିତ ହୋଇ ଅପେକ୍ଷା କରୁଥିଲେ ନିର୍ଦ୍ଦିଷ୍ଟ ଦିନକୁ। ଦେଖିବା କ'ଣ ହେଉଛି ? ଦେଖିବା କାହା ପଟରେ ଅଛି ସଫଳତା ? ତେବେ କର୍ମୀ ଓ ଭକ୍ତମାନଙ୍କ ଭିତରେ ସ୍ଥାନେସ୍ଥାନେ ବ୍ୟାନର ଓ ପୋଷ୍ଟରକୁ ନେଇ ଝଗଡ଼ା ଆରମ୍ଭ ହେଉଥିଲା। କୋଉଠି ନେହରୁଙ୍କ ପୋଷ୍ଟର ଉପରେ ସତ୍ୟସାଇଙ୍କ ପୋଷ୍ଟର ମରାଗଲାଣି ତ କୋଉଠି ସତ୍ୟସାଇଙ୍କ ବ୍ୟାନର ଉପରେ ଟଙ୍ଗା ହୋଇଯାଇଛି, ନେହରୁଙ୍କ ବ୍ୟାନର। ଦୁଇଟି ଡାକବାଜି ଗାଡ଼ି ସାମ୍ନାସାମ୍ନି ହୋଇଗଲା ତ ଉଭୟ କେହି କାହାକୁ ବାଟ ନ ଛାଡ଼ି ଚିତ୍କାର କରିବାରେ ଲାଗିଛନ୍ତି। ମାଇକ୍‌ର ଭଲ୍ୟୁମ ବଢ଼ିବାରେ ଲାଗିଛି। ଲୋକ କାନରେ ହାତଦେଇ ବାଟଭାଙ୍ଗି ପଳେଇଯାଉଛନ୍ତି। ବେଳେବେଳେ ଝଗଡ଼ାଟା ଥାନା ପର୍ଯ୍ୟନ୍ତ ଯାଉଥିଲା।

ସତ୍ୟସାଇଙ୍କ ଭକ୍ତ ମଣ୍ଡଳୀର ମୁଖ୍ୟ ଥିଲେ ବ୍ରହ୍ମାନନ୍ଦ ବାବୁ। ସିଏ ଅବଶ୍ୟ ଦିନେ ଥିଲେ କଂଗ୍ରେସର ସକ୍ରିୟ ସଦସ୍ୟ। ଏବେ ଧର୍ମମାର୍ଗରେ ଯାଉଛନ୍ତି। କଂଗ୍ରେସ ସଭା ସମିତିକୁ କମ୍ ଯାଆନ୍ତି। ତାଙ୍କୁ ଭେଟିଥିଲେ ସୀତାରାମ ବାବୁ।

ପ୍ରସ୍ତାବ ଦେଲେ: ଆପଣ ଏ ସତ୍ୟସାଇ ବାବାଙ୍କ ସଭାଟାକୁ ଘୁଞ୍ଚାଇ ଦିଅନ୍ତୁ।

ବ୍ରହ୍ମାନନ୍ଦ ବାବୁ କହିଲେ: ତାହା ତ ସମ୍ଭବ ନୁହେଁ। ବହୁବର୍ଷ ହେଲା ଆମେ ବାବାଙ୍କୁ ଆସିବାକୁ ଅନୁରୋଧ କରି ଆସିଚୁ। ବାବା ଆସିପାରୁ ନ ଥିଲେ। ଏବେ ହିଁ ବାବା ଦୟା କଲେ ଆସିବାକୁ। ବାବାଙ୍କର ଏଇଟା ଆମ ସହରକୁ ପ୍ରଥମ ଆଗମନ। ଭକ୍ତମାନେ ଆତୁର ହୋଇ ଚାହିଁ ବସିଛନ୍ତି। ଘୁଞ୍ଚାଇବା ସମ୍ଭବ ନୁହେଁ।

ସୀତାରାମ ବାବୁ କହିଲେ: ଏକା ଦିନରେ ଦୁଇଟା ସଭା, ଏକା ସମୟରେ। ଲୋକମାନେ କୋଉପଟକୁ ଯିବେ ସ୍ଥିର କରିପାରୁନାହାନ୍ତି।

ବ୍ରହ୍ମାନନ୍ଦ ବାବୁ ବିନୀତ ସ୍ୱରରେ କହିଥିଲେ: ଲୋକ ଯଦି ନ ହେବେ, ସଭା କରି ଲାଭ କ'ଣ ? ବରଂ ଆପଣଙ୍କ ସଭା ବାତିଲ୍ କରିଦିଅନ୍ତୁ।

ସୀତାରାମ ବାବୁ ବିରକ୍ତ ଦେଖାଗଲେ । କହିଲେ: ଏପରି ପ୍ରସ୍ତାବ ଦେଇ ଆପଣ ନେହରୁଙ୍କୁ ନ୍ୟୁନ ଦୃଷ୍ଟିରେ ଦେଖୁଛନ୍ତି। ଅପମାନିତ କରୁଛନ୍ତି। ଦେଖିବେ, ଆପଣଙ୍କ ସଭାରେ କେହି ଲୋକ ହେବେନାହିଁ। ସବୁ ଲୋକ ନେହରୁଙ୍କ ସଭାକୁ ଯିବେ।

ବ୍ରହ୍ମାନନ୍ଦ ବାବୁ କହିଲେ: ନାଇଁ ଆଜ୍ଞା ! ଲୋକ ଆମ ସଭାକୁ ହିଁ ଯିବେ। ଭାରତବର୍ଷ ଗୋଟିଏ ଧର୍ମପରାୟଣ ଦେଶ। ଆଧ୍ୟାତ୍ମିକତାର ସ୍ଥାନ ଏଠି ବହୁତ ଉଚ୍ଚରେ। ଏ ଦେଶର ସମସ୍ୟାକୁ ରାଜନୀତି କଳୁଷିତ କରୁଛି। ଧର୍ମ ଏ ଦେଶକୁ ଠିକ୍ ବାଟରେ ନେବ। ତେଣୁ ଆମର ଦୃଢ଼ ବିଶ୍ୱାସ ଆମ ସଭା ସାଫଲ୍ୟ ମଣ୍ଡିତ ହେବ।

ସୀତାରାମ ବାବୁ ଧମକ ଦେବା ଭଳି ସ୍ୱରରେ କହିଲେ: ଆପଣ ଆପଣଙ୍କ ସମାବେଶ ବନ୍ଦ କରନ୍ତୁ। ଅନ୍ୟଥା ଦଳ ବିରୋଧୀ କାର୍ଯ୍ୟ ପାଇଁ ଆପଣଙ୍କୁ ଦଳରୁ ନିଲମ୍ବନ କରାଯିବ। ଆପଣଙ୍କ କାର୍ଯ୍ୟକଳାପ ଦଳପାଇଁ ଠିକ୍ ନୁହେଁ।

ବ୍ରହ୍ମାନନ୍ଦ ବାବୁ ଜବାବ ଦେଇଥିଲେ: ଆପଣ ଯାହା ଉଚିତ ମନେ କରିବେ। ଏତେ ଦିନ ଦଳରେ ରହିଲି, କିଛି ଲାଭ ହେଲା ନାହିଁ। ଯୋଉ କର୍ମୀକୁ ସେଇ କର୍ମୀ। ଏବେ ମୁଁ ଧର୍ମର ଆଶ୍ରିତ। ମନେ ରଖିବେ, ବାବାଙ୍କର କରୁଣା ହେଲେ ମୁଁ ଆପଣଙ୍କ ଜାଗାରେ ଯାଇ ବସିବି। ସହର କଂଗ୍ରେସର ମୁଖ୍ୟ ହେବି। ସବୁ ବାବାଙ୍କ କରୁଣା।

ବ୍ରହ୍ମାନନ୍ଦ ବାବୁ ହାତଯୋଡ଼ି ପ୍ରଣାମ ଜଣାଇଲେ ଶୂନ୍ୟରେ। ସେଠି ଅନୁପସ୍ଥିତ ବାବାଙ୍କୁ କରୁଣା ଭିକ୍ଷା କଲେ। ସୀତାରାମ ବାବୁ ରାଗିମାଗି ସେଠୁ ପଳାଇଆସିଲେ। ସେଦିନ ସନ୍ଧ୍ୟା ପୂର୍ବରୁ ବ୍ରହ୍ମାନନ୍ଦ ବାବୁଙ୍କୁ କଂଗ୍ରେସ ଦଳରୁ ବହିଷ୍କାର କରିଦିଆଗଲା।

ସୀତାରାମ ବାବୁ ନିଜ ଭିତରେ ଗୋଟାଏ ଚ୍ୟାଲେଞ୍ଜ ଅନୁଭବ କରୁଥିଲେ। ଯେ କୌଣସି ମତେ ଏ ସଭା କରିବାକୁ ହେବ। ସଭା ବାତିଲ ହେବ ନାହିଁ। ହେଲେ ନେହରୁଙ୍କୁ ଅପମାନ ହେବ। ସେ ସମର୍ଥକମାନଙ୍କୁ ଡାକି କହିଥିଲେ ଯେ, ଗଣ୍ଡଗୋଳ କରନାହିଁ। ସତ୍ୟସାଇ ଭକ୍ତମାନଙ୍କ ସହ ଝଗଡ଼ା କରନାହିଁ। ଯଦି ଥାନାକୁ ବେଶି ଅଭିଯୋଗ ଯିବ, ଇଣ୍ଟେଲିଜେନ୍ସ୍ ରିପୋର୍ଟ ଦେବ ଯେ, ସହରର ଆଇନ ଶୃଙ୍ଖଳା ବିଗିଡ଼ି ଯାଇଛି, ଖବର ପାଇଲେ ନିଜେ ନେହରୁ ଗସ୍ତ ବାତିଲ କରିଦେବେ। ତେଣୁ ଶେଷଦିନକୁ ଅପେକ୍ଷା କର। ଯାହା ହେବ ସେଇଦିନ ହେବ। ଆମକୁ ପ୍ରମାଣ କରିଦେବାକୁ ହେବ ଯେ ରାଜନୀତିରେ ଧର୍ମର ସ୍ଥାନ ନାହିଁ। ଧର୍ମ ଏକ ବିଶ୍ୱାସ ମାତ୍ର। ରାଜନୀତି ହେଉଛି ଲୋକଙ୍କ ହିତପାଇଁ କାମ କରିବାର ବ୍ୟବସ୍ଥା। ରାଜନୀତିକୁ ଛାଡି ସମାଜ ଗଠନ ହୋଇପାରିବ ନାହିଁ। ଆମେ ଜିତିବା। ନିଶ୍ଚୟ ଜିତିବା।

ନିର୍ଦ୍ଦିଷ୍ଟ ଦିନ ପାଖେଇ ଆସୁଥିଲା । କୁହାଯାଉଥିଲା ଯେ, ନେହରୁ ଟ୍ରେନ୍‌ରେ ଆସିବେ। ଖବର ମିଳିଲା ଯେ, ସତ୍ୟସାଇବାବା ମଧ୍ୟ ଟ୍ରେନ୍‌ରେ ଆସିବେ। ଏମିତିକି ଜଣାପଡ଼ିଲା ସେମାନେ ଏକା ଟ୍ରେନ୍‌ରେ ହିଁ ଆସୁଛନ୍ତି। ଏକା ସମୟରେ ପହଂଚିବେ। ଏକା ସମୟରେ ଟ୍ରେନ୍‌ରୁ ଓହ୍ଲାଇବେ।

ଲୋକମାନେ ପୁଣି ଆଲୋଚନା ଜାରି ରଖିଲେ। ଏକା ଟ୍ରେନ୍‌ରେ ନା ଏକା କମ୍ପାର୍ଟମେଣ୍ଟ୍‌ରେ। ଏକାଠି ଆସୁଛନ୍ତି କି ଆଉ ! ଗପସପ ହେଇ ହେଇ ଆସିବେ !

ସହରର ଗୋଟିଏ ପାର୍ଶ୍ୱରେ ନେହରୁଙ୍କ ସଭା ପାଇଁ ସ୍ଥାନ ସ୍ଥିରୀକୃତ ହୋଇଥିଲା। ସହରର ଅପରପାର୍ଶ୍ୱରେ ଗୋଟିଏ ପଡ଼ିଆ ମିଳିଥିଲା ସତ୍ୟସାଇ ବାବାଙ୍କ ଭକ୍ତମାନଙ୍କୁ ସଭା କରିବା ପାଇଁ। ଉଭୟ ସ୍ଥାନରେ ବାଉଁଶ ପୋତାଯାଇ ସାମିଆନା ଟାଙ୍ଗିବାର ବ୍ୟବସ୍ଥା ହେଉଥିଲା। ହଠାତ୍ ଆଲୋଚନା ସରଗରମ ହୋଇଗଲା, ଯେତେବେଳେ ଆଉ ଗୋଟିଏ ପୋଷ୍ଟର ସହରର କେନ୍ଦ୍ରସ୍ଥଳୀରେ ଶୋଭା ପାଇଲା। ଲୋକମାନେ ପୋଷ୍ଟରଟିକୁ ପଢ଼ିଲେ ଓ ଚମକି ପଡ଼ିଲେ। କଳାରଙ୍ଗର ଏକ ବିଶାଳ ପୋଷ୍ଟର ଘୋଷଣା କରୁଥିଲା ଯେ, ପି. ସି. ସରକାର ଆସୁଛନ୍ତି। ପି. ସି. ସରକାର ଦେଶର ନାମଜାଦା ଯାଦୁକର। ପୋଷ୍ଟର ଚିତ୍ରରେ ପି.ସି. ସରକାର ହସୁଥିଲେ ରାଜକୀୟ ହସ। ଦେହରେ ଜରିଦିଆ ରାଜା ପୋଷାକ। ଲମ୍ବା ଓ ମୋଡ଼ା ହୋଇଥିବା ନିଶ। ମଥାରେ ରାଜାର ପଗଡ଼ି। କାନରେ କୁଣ୍ଡଳ। ଗଳାରେ ସ୍ଫଟିକର ହାର। ପି. ସି. ସରକାରଙ୍କ ପୋଷ୍ଟର କହୁଥିଲା ଯେ, ସେ ଯାଦୁ ପ୍ରଦର୍ଶନ କରିବେ ସହରର କେନ୍ଦ୍ରସ୍ଥଳୀରେ, ଏକ ଅଡିଟୋରିୟମ୍‌ରେ। ମାତ୍ର ତା' ପୂର୍ବରୁ ସେ ତାଙ୍କର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଖେଳ ଦେଖାଇବେ ରେଲ୍‌ୱେ ଷ୍ଟେସନ୍‌ରେ। ଏହି ଖେଳ ଅଭୂତପୂର୍ବ । ଆଗରୁ କେବେ ଦେଖାଇନାହାନ୍ତି। ଏଇ ସହରରେ ପ୍ରଥମ କରି ଦେଖାଇବେ। ତାହା ପୃଥିବୀର ସବୁଠୁ ଅବିଶ୍ୱସନୀୟ ଯାଦୁଖେଳ। ତା' ହେଲା, ସେ ଷ୍ଟେସନ୍‌ରେ ଏକ ଚଳନ୍ତା ଟ୍ରେନ୍‌କୁ ଅଦୃଶ୍ୟ କରିଦେବେ।

ଲୋକମାନେ ତାରିଖ ମିଳାଇଲେ। ଆରେ ! ଇଏ ତ ସେଇଦିନ, ଯୋଉଦିନ ଆସିବେ ନେହରୁ, ଯୋଉଦିନ ଆସିବେ ସତ୍ୟସାଇ ବାବା। ଲୋକମାନଙ୍କ ଆଲୋଚନା ଆହୁରି ସରଗରମ ହୋଇ ଆସିଲା। ପୁଣି ଅନୁସନ୍ଧାନରୁ ଜଣାଗଲା ଯୋଉ ସମୟରେ ଟ୍ରେନ୍ ଉଭାନ୍ କରିଦେବାକୁ ଷ୍ଟେସନ୍‌ରେ ଉପସ୍ଥିତ ରହିବେ ପି. ସି. ସରକାର, ଠିକ୍ ସେତିକିବେଳେ ଆସିବ ନେହରୁ ଓ ସତ୍ୟସାଇ ବାବାଙ୍କ ଟ୍ରେନ୍। ଏମିତି ବି କୁହାଯାଇପାରେ ଠିକ୍ ସେଇ ଟ୍ରେନ୍‌କୁ ଉଡାଇ ଦେବେ ପି.ସି. ସରକାର।

ଜଣେ କଂଗ୍ରେସ କର୍ମୀ କହିଲା : ଏ ପି. ସି. ସରକାରକୁ ଯାଦୁଖେଳ ପାଇଁ ଅନୁମତି ଦେଲା କିଏ ? ଭାରି ଟ୍ରେନ୍ ଉଡ଼ାଇଲା ବାଲା ! ଯଦି ଉଡ଼ାଇବାକୁ ଇଚ୍ଛା ହେଉଚି ତୋ ସ୍ତ୍ରୀକୁ ଉଡ଼ାଇ ଦେଉନୁ ! ଏ ଟ୍ରେନ୍ ଉଡ଼ାଇବାକୁ କାହିଁକି ବସିଚୁ ? ପୁଣି ନେହରୁଙ୍କ ଟ୍ରେନ୍ !

ଆଉ ଜଣେ କର୍ମୀ କହିଲା: ଆଜ୍ଞା ! ପି. ସି. ସରକାର ଚ୍ୟାଲେଞ୍ଜ୍ ଦେଉଛନ୍ତି, ଏହାପରେ ସେ ପାର୍ଲାମେଣ୍ଟକୁ ମଧ୍ୟ ଉଡ଼ାଇଦେବେ। ଦିଲ୍ଲୀ ସହରକୁ ଉଡ଼ାଇଦେବେ।

ସୀତାରାମ ବାବୁ ରାଗିପାଚି ଲାଲ ହୋଇଗଲେ: କ'ଣ କହୁଚି ସେ ? ପାର୍ଲାମେଣ୍ଟଟାକୁ ଉଡ଼ାଇ ଦେବ ? ଏ ଦେଶର ଗଣତନ୍ତ୍ରର ମନ୍ଦିରକୁ ଉଡେଇ ଦେବ ? ଇଏ ତ ପକ୍‌କା ଦେଶଦ୍ରୋହୀ। ଆରେ ! ଯଦି ତୋର ବଳ ଅଛି ପାକିସ୍ତାନକୁ ଉଡ଼େଇ ଦେ' । ଚୀନ୍‌କୁ ଉଡେଇ ଦେ' । ଏକଥା ନ କରି ଏ ନିରୀହ ଭାରତବାସୀଙ୍କୁ ଚକମା ଦେଖଉଛ କାହିଁକି ?

ସେଇ ରକମର ସରଗରମ ଆଲୋଚନା ମଧ୍ୟ ହୋଇଥିଲା ସତ୍ୟସାଇ ବାବାଙ୍କ ଭକ୍ତ ମଣ୍ଡଳୀରେ। ଜଣେ ଭକ୍ତ ପଚାରିଲା: ଯଦି ପି.ସି. ସରକାର ସତ୍ୟସାଇ ବାବାଙ୍କୁ ଉଡେଇଦେବ, କ'ଣ ହେବ ?

ନିତ୍ୟାନନ୍ଦ ବାବୁ ଉତ୍ୟକ୍ତ ହୋଇ ଉତ୍ତର ଦେଲେ: ସେ କିଛି କରିପାରିବ ନାହିଁ। ସାଧୁସନ୍ଥମାନଙ୍କ ଉପରେ କୌଣସି ଅସ୍ତ୍ରଶସ୍ତ୍ର କି

ଗୁଣିଗାରେଡ଼ି କାମ କରିବ ନାହିଁ । ସେମାନେ ହେଲେ ସିଦ୍ଧ ପୁରୁଷ । ତୁମେମାନେ ଦେଖିବ, ଟ୍ରେନ୍ ଉଡ଼ିଯିବ, ମାତ୍ର ସତ୍ୟସାଇବାବା ସେମିତି ଠିଆ ହୋଇଥିବେ । ତାଙ୍କର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରିବ ନାହିଁ କୌଣସି ଯାଦୁ ଶକ୍ତି ।

ଭକ୍ତମାନେ ପଚାରିଲେ: ସତରେ ଏମିତି ହେବ ? ଏମିତି ହୋଇପାରିବ ?

ନିତ୍ୟାନନ୍ଦ ବାବୁ କହିଥିଲେ: ନିଶ୍ଚୟ ହେବ ଭକ୍ତଗଣ ! ସାଧୁସନ୍ଥଙ୍କ ଶକ୍ତି ଉପରେ ଭରସା ରଖ । ସେମାନେ ଇଚ୍ଛା କଲେ ଗଛର ପତ୍ରଟି ମଧ୍ୟ ହଲିବ ନାହିଁ । ସୂର୍ଯ୍ୟ ଚନ୍ଦ୍ର ମଧ୍ୟ ଆତଯାତ ହେବେ ନାହିଁ । ଏସବୁ ଦୈବୀଶକ୍ତି । ଏହା ଅସୀମ ।

ଏତିକିବେଳେ ଜଣେ ଭକ୍ତ, ଯାହାକୁ ଟିକେ ବଗୁଲିଆ ବୋଲି କୁହାଯାଇପାରେ, ପରେ ଅବଶ୍ୟ ତାକୁ ସଭାସ୍ଥଳୀରୁ ବାହାର କରି ଦିଆଯାଇଥିଲା, ପଚାରିଥିଲା ଅଜବ ପ୍ରଶ୍ନ । ପଚାରିଥିଲା: ଯଦି ସାଧୁସନ୍ଥମାନଙ୍କର ଏତେ ଦୈବୀଶକ୍ତି ଅଛି, ସେମାନେ ଭାରତ ପାକିସ୍ତାନ ସୀମାକୁ ଯାଉନାହାନ୍ତି କାହିଁକି ? ଏମିତି ଦୈବୀଶକ୍ତି ପ୍ରୟୋଗ କରନ୍ତେ ଯେ, ପାକିସ୍ତାନବାଲାଙ୍କ ବନ୍ଧୁକଗୁଡ଼ାକ ଫୁଟନ୍ତା ନାହିଁ । ବୋମାଗୁଡ଼ାକ ଫୁସ୍‌କି ଯାଆନ୍ତା !

ନିତ୍ୟାନନ୍ଦ ବାବୁଙ୍କ ଭଳି ଧୀରସ୍ଥିର ଲୋକ ବିରକ୍ତିକୁ ଚାପିରଖି କହିଥିଲେ: ଏଭଳି ପ୍ରଶ୍ନ ବା ମତାମତ ସାଧୁସନ୍ଥଙ୍କ ପ୍ରତି ଅପମାନ । ଏ ଭକ୍ତକୁ ଏଠୁ ତୁରନ୍ତ ବିଦା କର ।

ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଲା । ବିପୁଳ ସଂଖ୍ୟାରେ ଲୋକ ରେଳ ଷ୍ଟେସନ୍‌ରେ ପହଞ୍ଚିଲେ । ଉଦ୍ଦେଶ୍ୟ, ପ୍ରତ୍ୟକ୍ଷ କରିବେ ପି.ସି. ସରକାରଙ୍କ ଯାଦୁଖେଳ । ସୀତାରାମ ବାବୁ ତାଙ୍କ ଦଳବଳ ନେଇ କଂଗ୍ରେସ ପତାକା ଧରି ଫୁଲମାଳ ହସ୍ତେ ପ୍ରସ୍ତୁତ ହୋଇ ରହିଥିଲେ ଗୋଟାଏ ପାର୍ଶ୍ୱରେ । ମଝିରେ ମଝିରେ ତାଙ୍କ କର୍ମୀମାନେ ସ୍ଲୋଗାନ ଦେଉଥିଲେ 'ପଣ୍ଡିତ ନେହରୁ ଜିନ୍ଦାବାଦ, ଜିନ୍ଦାବାଦ' । ଆଉ ଟିକିଏ ଦୂରରେ ଠିଆ ହୋଇଥିଲେ ସତ୍ୟସାଇ ଭଜନ ମଣ୍ଡଳୀର ଭକ୍ତବୃନ୍ଦ । ସେମାନେ ଖୋଳ କରତାଳ ସହ ଆସିଥିଲେ । ସେମାନେ ଭଜନ ଗାନ କରୁଥିଲେ ଓ ମଝିରେ ମଝିରେ ସ୍ଲୋଗାନ ଦେଉଥିଲେ, 'ସତ୍ୟସାଇ ବାବାଙ୍କର ଜୟ, ସତ୍ୟସାଇ ବାବାଙ୍କର ଜୟ' ।

ସବୁଠୁ ବେଶି ଲୋକ ଘେରି ରହିଥିଲେ ଯାଦୁକର ପି. ସି. ସରକାରଙ୍କୁ । ସେ ରାଜପୋଷାକ ପିନ୍ଧିଥିଲେ ଓ ରାଜକୀୟ ଠାଣିରେ ଗୋଟାଏ ବାଡ଼ିକୁ ଘୂରାଉଥିଲେ । ବିଶ୍ୱାସ କରାଯାଏ ଯେ ସେ ବାଡ଼ିଟି ହେଉଛି ସକଳ ଯାଦୁଶକ୍ତିର ଆଧାର । ତା'ରି ବଳରେ ହିଁ ଅସମ୍ଭବକୁ ସମ୍ଭବ କରିପାରନ୍ତି ଯାଦୁକର । କିଛି ଲୋକ ସ୍ଥିର କରି ପାରୁ ନ ଥିଲେ ଯେ, ସେମାନେ ବାଡ଼ି ଆଡ଼କୁ ଚାହିଁବେ ନା ପି. ସି. ସରକାରଙ୍କ ମୁହଁକୁ ଚାହିଁବେ ।

ଏତିକିବେଳେ ଟ୍ରେନ୍‌ଟି ଆସିବାର ଦିଶିଲା । ଦୂରରୁ ପାଖେଇ ଆସୁଥିଲା ଟ୍ରେନଟି । ଧୀରେଧୀରେ ଟ୍ରେନ୍‌ଟି ପ୍ଲାଟଫର୍ମ ଭିତରେ ପ୍ରବେଶ କଲା । ଟ୍ରେନ୍‌ର ଦର୍ଜା ପାଖରେ ଦେଖାଗଲେ ଓହ୍ଲାଇବାକୁ ଇଚ୍ଛୁକ ଯାତ୍ରୀଗଣ । କ୍ରମେ ଟ୍ରେନ୍‌ଟିର ଗତି ଶିଥିଳ ହେଲା । ଦେଖାଗଲା ଗୋଟାଏ କମ୍ପାର୍ଟମେଣ୍ଟର ଗେଟ୍ ପାଖରେ ଠିଆ ହୋଇଛନ୍ତି ନେହରୁ । ହସହସ ମୁହଁରେ ସେ ଅଭିବାଦନ ଜଣାଉଛନ୍ତି । ହାତ ହଲାଉଛନ୍ତି ଜନତାଙ୍କୁ । କଂଗ୍ରେସ କର୍ମୀମାନଙ୍କ ଭିତରେ ହଲ୍‌ଚଲ୍ ସୃଷ୍ଟି ହେଲା । ହେଇ ! ସେଇଠି ଅଛନ୍ତି ନେହରୁ । ସେଇ ବଗିରେ । ଚାଲ ! ସେଇ ବଗି ପାଖକୁ ଚାଲ ! ମାଡିଚାଲ ! କର୍ମୀମାନଙ୍କ ସ୍ଲୋଗାନର ମାତ୍ରା ବଢ଼ିଗଲା । ଉତ୍ସାହ ଉଦ୍ଦୀପନା ବଢ଼ିଗଲା । ଚିତ୍କାର ଶୁଣାଗଲା, ନେହରୁ ଜିନ୍ଦାବାଦ, ପଣ୍ଡିତ ନେହରୁ ଜିନ୍ଦାବାଦ ।

ଅନ୍ୟ ଏକ ବଗିର ଦର୍ଜା ପାଖରେ ଦେଖାଗଲେ ସତ୍ୟସାଇ ବାବା । ସେ ପିନ୍ଧିଥିଲେ ଗେରୁଆ ରଙ୍ଗର ପାଦ ପର୍ଯ୍ୟନ୍ତ ଲମ୍ବିଥିବା ପଞ୍ଜାବି । ବୋଝେ କେଶ ମଥାରେ । ସେ ବି ହସହସ ମୁହଁରେ ହାତ ହଲାଉଥିଲେ । ନିଜର ଭକ୍ତମାନଙ୍କୁ କହୁଥିଲେ ଯେମିତି, ମୁଁ ଆସିଗଲି, ଆସିଗଲି ।

ଭକ୍ତ ମଣ୍ଡଳୀରେ ହଲଚଲ ସୃଷ୍ଟି ହେଲା । ଆମର ବାବା ଆସିଗଲେ । ହେଇ ସେଇ କମ୍ପାର୍ଟମେଣ୍ଟରେ ଆମର ବାବା । ଗେଟ୍ ପାଖରେ ଠିଆ ହୋଇଛନ୍ତି ଆମର ବାବା । ଭଜନର ଧ୍ୱନି ବଢ଼ିଗଲା । ଖୋଳକରତାଳର ଧ୍ୱନି ତୀବ୍ର ହେଲା । ଭକ୍ତବୃନ୍ଦ ସ୍ଲୋଗାନ ଦେବା ଆରମ୍ଭ କଲେ, ବାବାଙ୍କର ଜୟ, ସତ୍ୟସାଇବାବାଙ୍କର ଜୟ । ସମସ୍ତେ ମାଡ଼ିଚାଲିଲେ ସେଇ କମ୍ପାର୍ଟମେଣ୍ଟ୍ ଆଡ଼କୁ ।

ହଠାତ୍ ଗୋଟାଏ ବିସ୍ଫୋରଣ ଭଳି ଶବ୍ଦ ହେଲା । ପ୍ଲାଟ୍‌ଫର୍ମ ସାରା ଭରି ହୋଇଗଲା ଧୂଆଁ । ଏତେ ଧୂଆଁ ହୋଇଗଲା ଯେ ସମସ୍ତେ ଆଖି ବନ୍ଦ କରିବାକୁ ବାଧ୍ୟ ହେଲେ । ଆଖି ଖୋଲି ଚାହିଁଲେ ଧୂଆଁ ପତଳା ହୋଇଯିବା ପରେ । ଅଭାବନୀୟ ଘଟଣା ଘଟିଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଟ୍ରେନ୍‌ଟି ଉଭେଇ ଯାଇଥିଲା ଷ୍ଟେସନ୍‌ରୁ । ଟ୍ରେନ୍ ଲାଇନ୍ ଦୁଇଟି ଯାକ ଦିଶୁଥିଲା, ଟ୍ରେନ୍ ନ ଥିଲା । ଦିଶୁଥିଲା ଟ୍ରେନ୍ ଲାଇନ୍ ଉପରେ କିଛିଟା ଆବର୍ଜନା ।

ଗର୍ବର ସହିତ ହସୁଥିଲେ ପି.ସି. ସରକାର । ଗୋଟାଏ ଟ୍ରେନ୍‌କୁ ଉଡ଼େଇ ଦେଇପାରିଥିବାର ଗୌରବ ସେ ଅର୍ଜନ କରିଥିଲେ, ଯାହା ଥିଲା ତାଙ୍କ ଯାଦୁକର ଜୀବନର ଏକ ସଫଳତା । ସେ ତାଙ୍କ ବାଡ଼ିଟିକୁ ହଲାଉଥିଲେ, ଯୁଦ୍ଧରେ ଜିତିଥିବା ତରବାରୀ ଭଳି । ଶହଶହ ଲୋକଙ୍କ

ଉପସ୍ଥିତିରେ ଏକ ଚଳନ୍ତା ଟ୍ରେନ୍ ଅନ୍ତର୍ଦ୍ଧାନ ହୋଇଗଲା ମେଜିକ ବଳରେ। ସହଜରେ ବିଶ୍ୱାସ ହୁଏନା। ଲୋକମାନେ ଆଚମ୍ବିତ ହୋଇ ଡବଡବ ଆଖିରେ ଚାହିଁ ରହିଥିଲେ। କେତେ ଜଣ ଆଖି ମଳୁଥିଲେ। ସେମାନେ ଠିକ ଦେଖୁଛନ୍ତି ତ!

ହଠାତ୍ କର୍ମୀ ମହଲରୁ ଗୋଟାଏ ଚିତ୍କାର ଶୁଣାଗଲା: ଉଡ଼େଇ ଦେଲେରେ, ଉଡ଼େଇ ଦେଲେ। ଉଡ଼େଇ ଦେଲେ ଆମ ନେତାଙ୍କୁ।

ଭକ୍ତମଣ୍ଡଳୀରୁ ମଧ୍ୟ ଶୁଣାଗଲା ବିକଳ ଚିତ୍କାର: କୁଆଡ଼େ ଗଲେ ଆମର ପ୍ରଭୁ? କୁଆଡ଼େ ଗଲେ ଆମର ଗୁରୁ, ଆମର ଭଗବାନ?

କର୍ମୀମାନଙ୍କ କୋଳାହଳ କ୍ରମେ ବିଶୃଙ୍ଖଳା ଆଡ଼କୁ ଓ ପରେ ହିଂସା ଆଡ଼କୁ ମାଡ଼ିଯାଇଥିଲା। କ୍ରୁଦ୍ଧ ଓ ବିଚଳିତ କର୍ମୀମାନେ ପି. ସି. ସରକାରଙ୍କ ଆଡ଼କୁ ମାଡ଼ିଗଲେ। ଚୋର! ବଦମାସ! ଦେଶଦ୍ରୋହୀ! ଏଠି ଖେଳ ଦେଖଉଚୁ! ଟ୍ରେନ୍ ଉଡାଉଛୁ! ଆଉ ତୋର ରକ୍ଷା ନାହିଁ।

ଭକ୍ତମାନଙ୍କର ବିଚାର ମଧ୍ୟ ଅନୁରୂପ ଭାବରେ ହିଂସ୍ର ହୋଇପଡ଼ିଥିଲା। ସେମାନେ ମଧ୍ୟ ଗାଳିଗୁଲଜ କରି ଧସେଇ ପଶିଲେ। ମାଡ଼ିଗଲେ ପି.ସି. ସରକାରଙ୍କ ଆଡ଼କୁ। ପାଜି! ବିଧର୍ମୀ! ଗୁରୁଦ୍ରୋହୀ!

ଧସ୍ତାଧସ୍ତି ଆରମ୍ଭ ହୋଇଗଲା। କ୍ରମେ ସଂପୂର୍ଣ୍ଣ ପ୍ଲାଟ୍‌ଫର୍ମଟି ରଣାଙ୍ଗନରେ ପରିଣତ ହୋଇଗଲା। ଷ୍ଟେସନ୍‌ରେ ଉପସ୍ଥିତ ପୋଲିସ୍ ପି.ସି. ସରକାରଙ୍କୁ ସୁରକ୍ଷା ଦେଇ ନେଇଗଲେ ଷ୍ଟେସନ୍‌ର ଅଫିସ୍ ଭିତରକୁ। ମାତ୍ର ସେତିକି ସମୟ ଭିତରେ ତାଙ୍କ ଉପରେ ଭୀଷଣ ମାଡ଼ ବସିସାରିଥିଲା। ପୋଷାକ ଚିରିଯାଇଥିଲା। ମୁଣ୍ଡର ମୁକୁଟ କୁଆଡ଼େ ହଜିଯାଇଥିଲା।

ପରେ ପରେ କର୍ମୀମାନଙ୍କ ଭିତରେ ଝଗଡ଼ା ଆରମ୍ଭ ହୋଇଗଲା। ଜିନ୍ଦାବାଦ ଓ ଜୟ ହୋ' ବଦଳରେ ଏବେ ଶୁଭୁଥିଲା ଗାଳି। ଭଜନ ବଦଳରେ ଏବେ ଚାଲିଥିଲା ଅଶ୍ଳୀଳ ଚିତ୍କାର। ପୋଲିସ୍ ପହଞ୍ଚି ଘଟଣାକୁ ଆୟତ୍ତ କଲାବେଳକୁ ଶତାଧିକ ଲୋକ ଖଣ୍ଡିଆଖାବରା ହୋଇସାରିଥିଲେ।

କିଛି ସମୟ ପରେ ହିଁ ଦୂରରୁ ଶୁଣାଗଲା ଟ୍ରେନ୍‌ର ସିଟି। ଦେଖାଗଲା ଧୀରେଧୀରେ ଟ୍ରେନ୍‌ଟି ପ୍ଲାଟ୍‌ଫର୍ମରେ ପ୍ରବେଶ କରୁଛି। କ୍ରମେ ଟ୍ରେନ୍‌ଟି ସ୍ଥିର ହେଲା। ପ୍ଲାଟ୍‌ଫର୍ମରେ ଅଟକିଲା। ମାତ୍ର ସେତେବେଳେକୁ ପ୍ଲାଟ୍‌ଫର୍ମରେ ଲୋକ ନଥିଲେ। କେତେଜଣ ପୋଲିସ୍ ଲାଠିହସ୍ତେ ଠିଆହୋଇଥିଲେ। ଟ୍ରେନ୍‌ରୁ ଓହ୍ଲାଇଲେ ନେହରୁ। ସାଙ୍ଗରେ ତିନିଜଣ ସହଯୋଗୀ। ସେ ଚାରିଦିଗକୁ ଚାହିଁଲେ। ତାଙ୍କୁ ସ୍ୱାଗତ ଜଣାଇବାକୁ କେହି ଆସୁନାହିଁ। କୋଉଠି ହେଲେ ଶୁଣାଯାଉନି ଜିନ୍ଦାବାଦର ଧ୍ୱନି। କେହି କୋଉଠି ଠିଆ ହୋଇନି ପ୍ଲାକାର୍ଡ ଧରି। ଆଶ୍ଚର୍ଯ୍ୟ ହେଲେ ନେହରୁ।

ଅନ୍ୟ ଏକ କଂପାର୍ଟମେଂଟ୍‌ରୁ ମଧ୍ୟ ଓହ୍ଲାଇଲେ ସତ୍ୟସାଇ ବାବା। ତାଙ୍କ ସହିତ ଅଧଡଜନ ଚେଲା। ମାତ୍ର ଷ୍ଟେସନ୍‌ରେ ଭକ୍ତବୃନ୍ଦ ନାହାନ୍ତି। ଭଜନ କୀର୍ତ୍ତନ ନାହିଁ। ପ୍ଲାଟ୍‌ଫର୍ମ ସାରା ପଡ଼ିଥିଲା ଛିନ୍ନଛତ୍ର ହୋଇଯାଇଥିବା ଫୁଲହାର। କେତେଗୁଡ଼ିଏ ଛିଣ୍ଡା ଚପଲ। ଚିରା ବ୍ୟାନର। ପଡ଼ିଥିଲା ଛିଣ୍ଡା ଦଳୀୟ ପତାକା। କୋଉଠି ଗିନି। ଭଙ୍ଗା ଢୋଲକ।

ନେହରୁ ସତ୍ୟସାଇ ବାବାଙ୍କ ପାଖକୁ ଗଲେ। ପ୍ରଣାମ କଲେ। କହିଲେ: ମୁଁ ଅବଶ୍ୟ ଶୁଣିଥିଲି ଆପଣ ଆସୁଛନ୍ତି ବୋଲି। କିନ୍ତୁ ଆପଣଙ୍କ ଭକ୍ତମାନେ କାହାନ୍ତି?

ସତ୍ୟସାଇବାବା କହିଲେ: ଯା' ହେଉ! ଆପଣଙ୍କ ସହିତ ସାକ୍ଷାତର ସୌଭାଗ୍ୟ ମିଳିଲା। ମୁଁ ବି ଆଶ୍ଚର୍ଯ୍ୟ ହେଉଛି। ଆପଣଙ୍କୁ ସ୍ୱାଗତ କରିବାକୁ କ'ଣ କେହି କଂଗ୍ରେସ କର୍ମୀ ଆସିନାହାନ୍ତି?

ଏତିକିବେଳେ ଷ୍ଟେସନ୍‌ରେ ଅବସ୍ଥାପିତ ପୋଲିସ୍ ଅଫିସର ଆସି ସେମାନଙ୍କୁ ଅଭିବାଦନ ଜଣାଇଲେ। କହିଲେ : ବହୁତ ଗଣ୍ଡଗୋଳ ହୋଇଯାଇଛି, ଆଜ୍ଞା! କର୍ମୀ ଓ ଭକ୍ତମାନଙ୍କ ଭିତରେ ତୁମୁଳ ସଂଘର୍ଷ ହୋଇଛି। ବହୁ ଲୋକ ଆହତ ହୋଇ ଡାକ୍ତରଖାନାରେ ପଡିଛନ୍ତି। ସହରର ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

ନେହରୁ ପଚାରିଲେ: ଗଣ୍ଡଗୋଳର କାରଣ?

ପୋଲିସ୍ ଅଫିସର କହିଲେ: ପି.ସି. ସରକାରଙ୍କ ଯାଦୁଖେଳ ପାଇଁ ଏତକ ଗଣ୍ଡଗୋଳ ଘଟିଲା।

ସତ୍ୟସାଇବାବା ପଚାରିଲେ: ପି.ସି. ସରକାର ଯାଦୁକର ଏବେ କୋଉଠି?

ପୋଲିସ୍ ଅଫିସର କହିଲେ: ତାଙ୍କୁ ଆମେ ଆମ ହେପାଜତରେ ରଖିଛୁ। ସେ ଅବଶ୍ୟ ଏଇ ଷ୍ଟେସନ୍‌ରେ ଅଛନ୍ତି। କିନ୍ତୁ ତାଙ୍କୁ ମଧ୍ୟ ପ୍ରବଳ ମାଡ଼ ହୋଇଛି।

ନେହରୁ ଓ ସତ୍ୟସାଇବାବା ଏକାଠି ଯାଇ ପି. ସି. ସରକାରଙ୍କୁ ଦେଖା କରିଥିଲେ। ସତ୍ୟସାଇବାବା ତାଙ୍କର ଭଲମନ୍ଦ ପଚାରିବା ପରେ କହିଥିଲେ: ତୁମେ ପରା ଏତ ବଡ଼ ଯାଦୁକର। ନିଜକୁ ଉଡ଼ାଇ ଦେଇ ପାରିଲ ନାହିଁ? ଏବେ ସେମିତି କିଛି ଗୋଟାଏ କର! ତୁମ ଦେହରୁ ଏ ମାଡ଼ର ପରାଶ ଚାଲିଯିବ!

ପି.ସି. ସରକାର ଅସହାୟ ସ୍ୱରରେ କହିଲେ: ତାହା ସମ୍ଭବ ନୁହେଁ! ଏତିକିବେଳେ ନେହରୁ ସତ୍ୟସାଇବାବାଙ୍କୁ କହିଥିଲେ: ଆପଣ ପରା ଦୈବୀଶକ୍ତିସମ୍ପନ୍ନ। କରନ୍ତୁ କିଛି ବ୍ୟବସ୍ଥା, ଯେମିତି ପି.ସି. ସରକାରଙ୍କର ଦେହ ଭଲ ହୋଇଯିବ। ଦେହରେ ଯୋଉ ଖଣ୍ଡିଆଖାବରା ହୋଇଛି, ସେସବୁ ଉଭେଇ ଯିବ।

ସତ୍ୟସାଇବାବା କହିଥିଲେ: ଏବେ ସମ୍ଭବ ନୁହେଁ ।

ଏହାପରେ ନେହରୁ ଓ ସତ୍ୟସାଇବାବା ଏକତ୍ର ଡାକ୍ତରଖାନାକୁ ଯାଇଥିଲେ। ଆହତ କର୍ମୀ ଓ ଭକ୍ତମାନଙ୍କୁ ଭେଟିଥିଲେ। ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ଅପରାହ୍ଣରେ ସହରର ଗୋଟିଏ ପଟେ ନେହରୁଙ୍କ ସଭା ଆୟୋଜନ ହେଲା, ମାତ୍ର ସେଠାରେ ଲୋକ ନଥିଲେ । ସହରର ଅନ୍ୟ ଗୋଟିଏ ପଟେ ସତ୍ୟସାଇବାବାଙ୍କ ଧର୍ମସମାବେଶ ହୋଇଥିଲା, ମାତ୍ର ସେଠାରେ ବି ବିଶେଷ ଲୋକ ନଥିଲେ। ଆହତ ହୋଇଥିବା ସତ୍ତ୍ୱେ ପି.ସି. ସରକାରଙ୍କର ଯାଦୁଖେଳ ହୋଇଥିଲା, ଯଥା ସମୟରେ। ଯଥା ସ୍ଥାନରେ। ସେଠି ବିପୁଳ ସଂଖ୍ୟାରେ ଲୋକ ପହଞ୍ଚିଥିଲେ । ନିଜ ନିଜ ସଭା ସାରି ନେହରୁ ଓ ସତ୍ୟସାଇବାବା ପି.ସି. ସରକାରଙ୍କର ଯାଦୁଖେଳ ଦେଖିବାକୁ ଯାଇଥିଲେ। ସେଠାରୁ ଫେରି ସମସ୍ତେ ଗୋଟିଏ ଟ୍ରେନ୍‌ରେ ସହର ଛାଡ଼ିଥିଲେ।

ଫେରିବାବେଳେ ନେହରୁଙ୍କୁ ଛାଡ଼ିବାକୁ ଯାଇଥିଲେ ସହର କଂଗ୍ରେସ କମିଟିର ମୁଖ୍ୟ ସୀତାରାମ ବାବୁ।

ନେହରୁ ତାଙ୍କୁ କହିଥିଲେ: ମୁଁ ଏଠାରୁ ଅନେକ କଥା ଶିଖିଲି।

ସୀତାରାମ ବାବୁ ପଚାରିଲେ: କ'ଣ ଶିଖିଲେ ଆଜ୍ଞା !

ନେହରୁ କହିଲେ: ଧର୍ମ, ରାଜନୀତି ଆଉ ମେଜିକ୍, ଏ ତିନୋଟିଯାକ ମିଶିଲେ ଯାଇ ଲୋକମାନେ ଆସିବେ !

ସୀତାରାମ ବାବୁ ପଚାରିଲେ: ମାନେ ପି.ସି. ସରକାର ଆମ ଦଳକୁ ଆସିବେ ?

ନେହରୁ କହିଥିଲେ: ନା ! ନା ! ମ୍ୟାଜିକ୍ ଲୋଡ଼ା । ମ୍ୟାଜିକ୍ ମାନେ ଗିମିକ୍। ଚମକଭରା ପ୍ରତିଶ୍ରୁତି।

ସୀତାରାମ ବାବୁ ନେହରୁଙ୍କ ଏ ଉକ୍ତିର ଅର୍ଥ ବୁଝିପାରିଲେ କି ନାହିଁ ଜଣାନାହିଁ। କିନ୍ତୁ ନେହରୁଙ୍କ ସଭାଟି ସେତେ ସଫଳ ହେଲା ନାହିଁ ବୋଲି ମନଦୁଃଖ କରି ଘରକୁ ଫେରିଥିଲେ। ସତ୍ୟସାଇବାବା ମଧ୍ୟ ତାଙ୍କର ଜଣେ ଅନୁଗାମୀଙ୍କୁ କହିଥିଲେ: ମୁଁ ଏଠାରୁ ଅନେକ କଥା ଶିଖିଲି। ଧର୍ମ କାର୍ଯ୍ୟ ପାଇଁ ମଧ୍ୟ ରାଜନୀତି ଲୋଡ଼ା। ମେଜିକ୍ ଲୋଡ଼ା। ଗିମିକ୍ ଲୋଡ଼ା।

ଅବଶ୍ୟ ନେହରୁ ତାଙ୍କର କୌଣସି ରଚନାରେ ଏଇ ଗସ୍ତ ସଂପର୍କରେ କେବେ କିଛି ଲେଖିନାହାନ୍ତି । ଅଜଣା କାରଣରୁ ଐତିହାସିକମାନେ ମଧ୍ୟ ଏ ଘଟଣା ସମ୍ପର୍କରେ ନିରବ।

ତେବେ ପାଠକମାନଙ୍କୁ ଅନୁରୋଧ ଗଳ୍ପଟିକୁ ଗଳ୍ପ ଭଳି ପାଠ କରିବେ। ଗଳ୍ପ ଭିତରୁ ଐତିହାସିକ ସତ୍ୟ ଖୋଜିବାକୁ ଚେଷ୍ଟା କରିବେ ନାହିଁ। ସେପରି କଲେ ଗଳ୍ପଟା ଆଉ ଗଳ୍ପ ହୋଇ ରହିବ ନାହିଁ।

**ପୂର୍ଣ୍ଣସରୋଜ**
**ପ୍ଲଟ: ୩୮/୧୨, ଲେନ୍-୧**
**ଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩**
**ଫୋନ: ୯୪୩୭୦୦୦ ୩୪୫**

***ବିଶିଷ୍ଟ ଲେଖକ ପରେଶ ପଟ୍ଟନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ମାନବ ସମ୍ବଳ ପରିଚାଳନା ଓ ଶିଳ୍ପ ସଂପର୍କ (ପିଏମଆଇଆର) ବିଭାଗର ୧୯୮୧-୮୩ ବ୍ୟାଚ ଛାତ୍ର। ଗଳ୍ପ ଓ ଉପନ୍ୟାସ ଲେଖିବା ବ୍ୟତୀତ ଶିଶୁ ଓ କିଶୋରମାନଙ୍କ ପାଇଁ ସେ ବହୁ ସାହିତ୍ୟ ସୃଷ୍ଟି କରିଛନ୍ତି। ସାହିତ୍ୟ ରଚନା ପାଇଁ ବିପୁଳ ପାଠକୀୟ ସ୍ୱୀକୃତି ସହ ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର', 'ଝଙ୍କାର ପୁରସ୍କାର' ସମେତ ଅନେକ ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି। ତାଙ୍କୁ ୯୪୩୭୦୦୦୩୪୫ରେ ଯୋଗାଯୋଗ କରାଯାଇପାରିବ।***



# ପ୍ରମୋଦା ଖୁଡ଼ୀ

ସହଦେବ ସାହୁ

ପ୍ରମୋଦା ସହ ପୁଣି ଥରେ ଦେଖାହେବା ଥିଲା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ। ସେ ଯେମିତି ବୈଷ୍ଣବ ଦାଦାଙ୍କ ସହ ଘରେ ଆସି ପହଞ୍ଚିଥିଲା, ସେମିତି ଦାଦାଙ୍କ ମୃତ୍ୟୁ ପରେପରେ ହଠାତ୍ ଅଦୃଶ୍ୟ ହୋଇଯାଇଥିଲା। ଦାଦା ପ୍ରମୋଦାଙ୍କୁ ଘରକୁ ଆଣିବା ଦିନ ନିଶାରେ ଥିଲେ, ତାଙ୍କର ହୋସ୍ ନଥିଲା। ପ୍ରମୋଦା ଯେତେବେଳେ ଦାଦାଙ୍କ ଘର ଚିରଦିନ ଲାଗି ଛାଡ଼ି ଦେଇ ଚାଲିଗଲା, ସେତେବେଳେ ଦାଦାଙ୍କର ହୋସ୍ ଫେରିବାର ନଥିଲା। ଦାଦାଙ୍କର ଶେଷ ମୁହୂର୍ତ୍ତ, ମୃତ୍ୟୁବେଳକୁ ତାଙ୍କର ଆତ୍ମୀୟସ୍ୱଜନ କେହି ନଥିଲେ, କେବଳ ସେ ଦାଦାଙ୍କ ଶଯ୍ୟା ପାଖରେ ଥିଲା। ଡାକ୍ତରଖାନାରୁ ତାଙ୍କ ଘରେ ପହଞ୍ଚିବା ପରେ ତାଙ୍କର ଆତ୍ମୀୟସ୍ୱଜନ ଶବସତ୍କାର ଆୟୋଜନ କରିବା ପରିବର୍ତ୍ତେ ପ୍ରଥମେ ପ୍ରମୋଦାଙ୍କୁ ଖୋଜିଥିଲେ ଏବଂ ନ ପାଇ ଭର୍ତ୍ସନା କରିବା ଆରମ୍ଭ କରିଦେଲେ। ସେମାନଙ୍କର ମନ୍ତବ୍ୟର ସାରାଂଶ ହେଲା, ବିଟପୀ, ବାରାଙ୍ଗନା, କିଛି କ'ଣ ରଖିଥିବ? ଫସେଇଫାସେଇ ବୈଷ୍ଣବର ଘରକୁ ତ ଛାରଖାର କଲା, କଳାକନା ବୁଲେଇ କୁଆଡ଼େ ଚାଲିଗଲା। ଆଉ କାହା ଘରେ ପଶିବ, ଆଉ କାହା ଘର ଭାଙ୍ଗିବ।

ଦାଦା ପ୍ରମୋଦାକୁ ଘରକୁ ନେଇଆସିବା ପରେ ସମସ୍ତେ ତାଙ୍କୁ ତିରସ୍କାର କରୁଥିଲେ, ମୁଁ ମଧ୍ୟ ଚିଡୁଥିଲି। ଦାଦା ତାକୁ ଉଠେଇ ନେଇ ଆସିଥିଲେ, କିନ୍ତୁ ସମସ୍ତେ ଦୋଷ ଦେଉଥିଲେ ପ୍ରମୋଦାକୁ। ପୁରୁଷ ପିଲା, ପିତଳ ହାଣ୍ଡି, ଧୋଇଧାଇ ଦେଲେ ସଫା। ପ୍ରମୋଦା ମାଇପି ଲୋକ, ମାଟି ଗରିଆ, ଦୋଷ ତ ନିଶ୍ଚିତ ତା'ର। ମୁଁ ତାକୁ ଘୃଣା କରୁଥିଲି। ମୁଁ ଘୃଣା କରୁଥିବା ଜାଣି ସୁଦ୍ଧା, ଭଲ ମନ୍ଦରେ ସେ ମତେ ହିଁ ଖୋଜୁଥିଲା। ଘଟଣା କ୍ରମରେ ମୁଁ ତା' ସଂସ୍ପର୍ଶରେ ଆସିଛି, ତାକୁ ବୁଝିବାକୁ ଚେଷ୍ଟା କରିଛି। ତାକୁ ଜାଣିବା ପରେ ମୋର ତା' ପ୍ରତି ସମ୍ମାନ ବଢ଼ିଛି। ବୈଷ୍ଣବ ଦାଦାଙ୍କ ଘର ସେ ଛାଡ଼ିଦେବା ପରେ, ଛାଡ଼ିଦେଇ ଆଉ ନ ଫେରିବା ଦେଖି, ମୋର ତା' ପ୍ରତି ପୂର୍ବ ମନୋଭାବ, ବ୍ୟବହାର ହେତୁ ମୁଁ ଅନୁତାପ କରିଛି। ମନେମନେ ବହୁତ ଖୋଜିଛି। ଏମିତି ଏକ ସିଦ୍ଧାନ୍ତରେ ପହଞ୍ଚିଛି ଯେ, ସେ ଆତ୍ମହତ୍ୟା କରି ଦେଇଥିବ, ବା ସେମିତିକା ପରସ୍ଥିତିରେ ଆତ୍ମହତ୍ୟା କରିବା ତା' ପକ୍ଷରେ ଅଧିକ ସମ୍ଭବ। ଭୁଲିଯିବାକୁ ଚେଷ୍ଟା କରିଛି ଏବଂ ଭୁଲି ଯାଇଥିଲି ମଧ୍ୟ।

-୨-

ରାଉରକେଲାରୁ ଭୁବନେଶ୍ୱର ପାଲଲହଡ଼ା ଦେଇ ଆସିଲେ ବାଟରେ ପଡ଼େ ବାରକୋଟ ଜଙ୍ଗଲ। ସେହି ଜଙ୍ଗଲ ଭିତରେ ରାସ୍ତାରୁ ଦେଢ଼ଶହ ଦୁଇଶହ ମିଟର ଦୂରରେ ଅଛି ଗୋଟିଏ ଢାବା। ପ୍ରାକୃତିକ ପରିବେଶ। ଢାବା ପାଖରେ ପରମାଣିକ କହେ, "ସାର୍ ଏଠାରେ ଗୋଟାଏ ଜବର ମାଲ୍ ଅଛି।"

"ମାଲ୍?"

"ସୁନ୍ଦର ମାଇକିନାଟାଏ, କିନ୍ତୁ ମୁହଁତୋଡ଼।"

"ସାହସୀ ବି!" ଯୋଗ କରେ ବଟ ଡ୍ରାଇଭର।

ଗରାଖ ବହୁତ। ପରମାଣିକ କହେ। କାହାପାଇଁ ଗ୍ରାହକ ଅଧିକ? ପ୍ରାକୃତିକ ପରିବେଶ ଗ୍ରାହକଙ୍କୁ ଆକୃଷ୍ଟ କରୁଥାଇପାରେ, ଢାବାଟି ଜଣେ ସୁନ୍ଦରୀ ନାରୀ ଚଳଉଥିବାରୁ ଗ୍ରାହକ ବେଶି ଆସୁଥାଇ ପାରନ୍ତି। କିମ୍ବା ପ୍ରାକୃତିକ ପରିବେଶ ଓ ସୁନ୍ଦରୀ ନାରୀ, ଉଭୟ କାରଣ ପାଇଁ ଗ୍ରାହକ ବେଶି ଆସୁଥାଇ ପାରନ୍ତି। ଠିକ୍ ସେହି ଜାଗାରେ ପହଞ୍ଚିବା ବେଳକୁ କିଛି ସମୟ ସେଠାରେ କଟେଇବାକୁ ମତେ ଡର ନଥାଏ। ଭୁବନେଶ୍ୱରକୁ କାମରେ ଆସୁଥିବାବେଳେ କେମିତି ଭୁବନେଶ୍ୱରରେ ପହଞ୍ଚିବା, ଭୁବନେଶ୍ୱରରୁ ଫେରିଲାବେଳେ କେମିତି ରାଉରକେଲାରେ ଘରେ ପହଞ୍ଚିବା, ସେଥିପାଇଁ ମନ ବ୍ୟଗ୍ର ଥାଏ।

ଢାବାରୁ ପାଞ୍ଚ/ସାତ କିଲୋମିଟର ପରେ ପଡ଼େ ଗୋଟିଏ ଗଡ଼ାଣି। ଗଡ଼ାଣି ନିକଟରେ ଜଙ୍ଗଲ ଅପେକ୍ଷାକୃତ ଘଞ୍ଚ। ବଡ଼ବଡ଼ ଲମ୍ବ ଗଛ। ସେହି ଗଡ଼ାଣି ପାଖରେ ସରୁ ଝରଣାଟିଏ ବହି ଯାଇଛି। ଦିନ ବାରଟାରେ ବି ସେଠାରେ ଖରା ପଡ଼େନି। ସେଇଠି ପହଞ୍ଚିଲାବେଳେ ବଟ ଡ୍ରାଇଭର କହେ, "ଏଠାକୁ ବାଘ ପାଣି ପିଇବାକୁ ଆସନ୍ତି।"

ଆସୁଥିବେ। ମୁଁ ପଚାରେ, "କେବେ ବାଘ ପାଣି ପିଉଥିବାର ଏଠି ଦେଖିଛ?"

ନାହିଁ ଆଜ୍ଞା, "ଠେକୁଆ ଦେଖିଛି।"

ପରମାଣିକ କହେ, "ଠେକୁଆ ତ ଆମ ବାଡ଼ିକୁ ଆସନ୍ତି।" ପରମାଣିକ ଘର ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ପାଖାପାଖି କୋଉ ଗାଆଁରେ।

ବଟ ମନେ ମନେ ଚିଡ଼ି ଯାଏ । କହେ, "ବେଶି ରାତିରେ ନାନାପ୍ରକାର ଜନ୍ତୁ ପାଣି ପିଇବାକୁ ଆସୁଥିବେ । ବାଘ ଆସେ ବୋଲି ସମସ୍ତେ କହନ୍ତି । କିନ୍ତୁ ଥରେ ରାତିରେ ସାଢ଼େ ଦଶ ବେଳେ ଏଇବାଟେ ଫେରିଥିଲି, ଭାଲୁ ଦେଖିଥିଲି ।"

ରାସ୍ତାରେ ସବୁବେଳେ ଗାଡ଼ି ଯିବା ଆସିବା, ଠିକ୍ ରାସ୍ତା ପାଖକୁ ଜନ୍ତୁଜନ୍ତା ଆସୁ ନଥିବେ । କିଛି ଦୂରକୁ ଆସୁଥାଇ ପାରନ୍ତି । ବଟ ଅନ୍ୟମାନଙ୍କଠାରୁ ଶୁଣିଥିବ । ମୋର ମନ ଚାଲିଯାଏ ସେ ଢାବା ଓ ତା'ର ମାଲିକାଆଣୀ, ସେ ଜବର ମାଲ୍ ଆଡ଼କୁ । ସାହସୀ ନିଶ୍ଚୟ ହୋଇଥିବ, ସାହସୀ ହୋଇ ନଥିଲେ ଜଙ୍ଗଲ ଭିତରେ ଢାବା ଚଳେଇବା ସହଜ କାମ ନୁହେଁ । ଚରିତ୍ରହୀନା ବି ହୋଇଥାଇ ପାରେ, ଚରିତ୍ରହୀନାଙ୍କର ସାହସ ଅଧିକ ।

ମାସକୁ ଅନ୍ତତଃ ଥରେ ଅଫିସ କାମରେ ଭୁବନେଶ୍ୱର ଆସିବାକୁ ହୁଏ । ସାଥିରେ ପରମାଣିକ, ଶର୍ମା । ବଟ ଡ୍ରାଇଭର ପ୍ରାୟ ସବୁଥର ଢାବା ପାଖରେ ପହଞ୍ଚିଲାବେଳକୁ ପରମାଣିକ ଉଠାଏ ଜବର ମାଲ୍ ଓ ଗଡ଼ାଣି ପାଖରେ ବଟ କହେ ବାଘ ପାଣି ପିଇବା ପ୍ରସଙ୍ଗ । ସୁନ୍ଦରଗଡ଼ ଜିଲ୍ଲାରେ ପରମାଣିକ ଓ ଶର୍ମା ସାତ/ଆଠ ବର୍ଷ ହେଲା ରହିଲେଣି, ବଟ ତା' ଚାକିରି ଆରମ୍ଭରୁ କୋଡ଼ିଏ ବର୍ଷ ହେଲା ରାଉରକେଲାରେ ଅଛି । ରାଉରକେଲାରେ ମୋର ମାତ୍ର ଦେଢ଼ବର୍ଷ ।

ଡିପାର୍ଟମେଣ୍ଟ ଜିପ୍, ସରକାରୀ ଡ୍ରାଇଭର । ଗାଡ଼ି ରାସ୍ତାରେ ଚଉଦ ବର୍ଷ ଗଡ଼ିଲାଣି । ନିୟମ ଅନୁସାରେ ରାସ୍ତା ଅନୁପଯୋଗୀ ଘୋଷଣା କରେଇ ନିଲାମ କରିବା କଥା । ସରକାରଙ୍କ ଆର୍ଥିକ ଅବସ୍ଥା ଯାହା, ନିଲାମ ହୋଇଗଲେ ଆଉ ଗୋଟେ ନୂଆ ଗାଡ଼ି କିଣା ହୋଇପାରିବନି । ସଜଡ଼ା ସଜଡ଼ି କରି କାମ ଚଳୁଛି ତ ଚଳୁଛି । ଭୁବନେଶ୍ୱର ବାହାରିବା ପୂର୍ବରୁ ଗାରେଜରେ ଛୋଟମୋଟ କାମ କରାଯାଇ ଗାଡ଼ି ବାହାରେ । ତଥାପି ଭୁବନେଶ୍ୱରରୁ କାମ ସାରି ଫେରିଲା ବେଳକୁ ସମୟ ସମୟରେ ଗାଡ଼ି ବାଟରେ ଖରାପ ହୁଏ । ସେଥିପାଇଁ ଭୁବନେଶ୍ୱରରୁ ଫେରିବା ଦିନ ସକାଳୁ ବାହାରିବାକୁ ହୁଏ, ଯେମିତି ରାଉରକେଲାରେ ସନ୍ଧ୍ୟା ସୁଦ୍ଧା ପହଞ୍ଚି ହେବ । ଦିନବେଳା ବାଟଘାଟରେ ଗାଡ଼ି କିଛି ଖରାପ ହେଲେ ସଜାଡ଼ି ହେବ ।

ସେଦିନ ଭୁବନେଶ୍ୱରରେ କାମ ସରୁସରୁ ଦିନ ବାରଟା ହୋଇସାରିଥିଲା । ବାରଟା ପରେ ରାଉରକେଲା ଫେରିବାକୁ ଚାହୁଁ ନଥିଲି । ସେଥରକୁ ପରମାଣିକ ସାଥିରେ ଯାଇ ନଥିଲା । ଶର୍ମାର ପ୍ରକୃତି ଦୋସରା । ବଟ ଡ୍ରାଇଭରର ଆସିବାକୁ ବି ଇଚ୍ଛା ନଥିଲା । ଶର୍ମା କିନ୍ତୁ ଫେରି ଆସିବାକୁ ଜିଦ ଧରିଲା । ସେ ଭାବିଲା ଅଫିସ କାମ ସରିଲାଣି, ବ୍ୟକ୍ତିଗତ କାମପାଇଁ ଅଫିସର ବୋଧହୁଏ ଅଟକି ଯିବାକୁ ଚାହୁଁଛନ୍ତି । କହିଲା, "ଆପଣ ସାର୍ ରହିଯାଆନ୍ତୁ, ମୁଁ ବସ୍‌ରେ ଚାଲିଯାଉଛି ।" ଅଗତ୍ୟା ଆମକୁ ଭୁବନେଶ୍ୱରରୁ ଦିନ ବାରଟା ପରେ ବାହାରିବାକୁ ପଡ଼ିଲା ।

ସମଲ ବାରେଜରେ ପହଞ୍ଚିଲା ବେଳକୁ ଅପରାହ୍ନ ସାଢ଼େ ଚାରି । ସମଲ ବାରେଜରୁ ପାଲଲହଡ଼ା ରାସ୍ତା ଅଣଓସାରିଆ, ରାସ୍ତାର ଅବସ୍ଥା ଭଲ ନୁହଁ । ଅଗଷ୍ଟ ମାସ । ଆକାଶରେ ମେଘ ଖଣ୍ଡ । ବାଦଲ ଫାଙ୍କରେ ସମୟ ସମୟରେ ଅପରାହ୍ନର କ୍ଲାନ୍ତ ସୂର୍ଯ୍ୟର ମୁହଁ ଦିଶୁଥିଲା । କଅଁଳ କିରଣ ବଣର ଗଛପତ୍ରରେ ପଡ଼ି ଚିକ୍‌ଚିକ୍ କରୁଥିଲା । ବାଟରେ ପଡୁଥିବା ଗୋଟିଏ ଗାଆଁ ନିକଟରେ ଗାଈ ଗୋଠ ଧରି ଗାଈଆଳ ଗାଆଁକୁ ଫେରୁଥିଲା । ଖୁବ୍ ଶୀଘ୍ର ସଞ୍ଜ ମାଡ଼ିଆସୁଛି, ଅନ୍ଧାର ହେବ, ଗାଡ଼ିର କିଛି ସମସ୍ୟା ଦେଖାଦେଇପାରେ, ଏସବୁର ହେଜ ମୋର ନଥିଲା ।

ବାରକୋଟରେ ପହଞ୍ଚିଲା ବେଳକୁ ସଞ୍ଜ ହୋଇ ସାରିଥିଲା ଏବଂ ଝିପିଝିପି ବର୍ଷା ଆରମ୍ଭ ହୋଇଗଲା । ବାରକୋଟ ଜଙ୍ଗଲର ସେହି ଗଡ଼ାଣି ପାଖରେ, ଯେଉଁଠି ସରୁ ଝରଣାଟିଏ ବହି ଯାଇଛି, ବଟ କହିବା ଅନୁସାରେ ଯେଉଁଠାକୁ ବାଘ ପାଣି ପିଇବାକୁ ଆସନ୍ତି, ଠିକ୍ ସେଇଠି ଗାଡ଼ିର ଆଲୁଅ ଲିଭିଗଲା । ସନ୍ଧ୍ୟା ସାଢ଼େ ଛଅ । ମେଘଭର୍ତ୍ତି ଆକାଶ, ଘଞ୍ଚ ଜଙ୍ଗଲ, ଗଡ଼ଜାତି ଅନ୍ଧାର । ମୁହଁକୁ ମୁହଁ ଦିଶୁ ନଥିଲା । ଗୋଟିଏ କଡ଼କୁ ଗାଡ଼ି ରଖି ବଟ, କ'ଣ ଅସୁବିଧା ହେଲା ପରଖିବାକୁ ଓହ୍ଲାଇଲା । ଆମ ପାଖରେ ଟର୍ଚ୍ଚ ନଥିଲା । ଶର୍ମା ଚିଡ଼ିଯାଇ କହିଲା, "ଡ୍ରାଇଭର ହେଇଚ, ଗାଡ଼ି ଚଲଉଚ, ଗାଡ଼ିରେ କେମିତି ଟର୍ଚ୍ଚ ରଖିନ ?"

ବଟ କହିଲା, "ସବୁଥର ଆଣେ । ଏଥରକ ଭୁଲିଯାଇଛି ।"

ମୋ ପାଖରେ ଦିଆଶିଲି ଥିଲା । ସିଗାରେଟ ଲଗେଇ, ମୁଁ ଦିଆଶିଲି ଶର୍ମାକୁ ବଢ଼େଇ ଦେଲି । ଦିଆଶିଲି କାଠିର ନିଆଁରେ ଗାଡ଼ି ସଜାଡ଼ିବା ବୁଡ଼ି ଯାଉଥିବା ଲୋକର କୁଟାଖିଅକୁ ଆଶ୍ରା କଲାପରି । ତଥାପି ବଟ ଚେଷ୍ଟା କରୁଥିଲା । ଝିପିଝିପି ବର୍ଷା, ଥଣ୍ଡା ପବନରେ ଥରେ ଦିଆଶିଲି କାଠି ମାରି ଜଳେଇଲେ, ଦୁଇତିନି ସେକେଣ୍ଡରୁ ବେଶି ସମୟ ଜଳୁ ନଥିଲା ।

ଏମିତି ପରିସ୍ଥିତିରେ ଗାଡ଼ି ସଜାଡ଼ିବା ସମ୍ଭବ ନୁହେଁ । ଆଶା ଛାଡ଼ି, ସେହି ବାଟେ ଆସୁଥିବା ଗାଡ଼ିକୁ ହାତ ଟେକି ବଟ ଅଟକେଇବାକୁ ଚେଷ୍ଟା କଲା । କିନ୍ତୁ ଗାଡ଼ି କେହି ରଖୁ ନଥିଲେ । ଗୋଟିଏ ଜିପ୍ ଆସୁଥିଲା । ଆମେ ତିନିହେଁ ହାତ ଟେକିଲୁ । ଅଟକିଲା । ଲହୁଣିପଡ଼ା ବ୍ଲକ ଜିପ୍ । ସରକାରୀ ଗାଡ଼ି, ଆଉ ଗୋଟିଏ ସରକାରୀ ଗାଡ଼ିକୁ ଦେଖି

ଡ୍ରାଇଭର ଗାଡ଼ି ରଖିଲା । ତା' ପାଖରେ ଟର୍ଚ୍ଚ ଥିଲା । ଟର୍ଚ୍ଚ ମାରି ଦୁହେଁ ଇଞ୍ଜିନ ପରୀକ୍ଷା କଲେ । ଇଞ୍ଜିନରେ ଲାଗିଥିବା ବିଭିନ୍ନ ତାରକୁ ଏପଟ ସେପଟ କଲେ । ଗାଡ଼ି ଷ୍ଟାର୍ଟ ହେଉଥିଲା, କିନ୍ତୁ ଲାଇଟ୍ ଜଳୁ ନଥିଲା । ଲହୁଣିପଡ଼ା ବି. ଡି. ଓ. ସେ ଗାଡ଼ିରେ ଥିଲେ । ସେ ପ୍ରସ୍ତାବ ଦେଲେ, "ଏଠାରେ ଛିଡ଼ା ହୋଇ ରହିବା ଠିକ୍ ନୁହେଁ । ରାସ୍ତା ଅଣଓସାରିଆ । ଏମିତି ତରବରରେ ଗାଡ଼ି ସଜାଡ଼ି ହେବନି । ଆଗରେ ଗୋଟିଏ ଢାବା ଅଛି । ପାଞ୍ଚ/ସାତ କିଲୋମିଟର ଦୂରରେ । ଆମେ ଗାଡ଼ି ଆସ୍ତେଆସ୍ତେ ଚଳଉଛୁ, ଆମ ପଛେପଛେ ଗାଡ଼ି ଆଣ । ସେଠାରେ ଦେଖିବା ।"

ଅନ୍ୟ କିଛି ଉପାୟ ନଥିଲା । ଆମ ଗାଡ଼ି ଚାଲିବାରେ ଅସୁବିଧା ନଥିଲା । କିନ୍ତୁ ଲାଇଟ ଜଳୁ ନଥିଲା । ଲହୁଣିପଡ଼ା ଡ୍ରାଇଭର ଧୀରେଧୀରେ ଗାଡ଼ି ଚଳେଇଲା, ପଛେପଛେ ଆମେ ଚାଲିଲୁ । ଢାବା ପାଖରେ ଆମକୁ ଛାଡ଼ି ସେ ଚାଲିଗଲା ।

ସେହି ଢାବା । ପରମାଣିକ କହେ, ସେଇଠି ଜବର ମାଲ୍ ଅଛି ।

ଢାବା ମାଲିକ ଠାରୁ, ଟର୍ଚ୍ଚ ମାଗି ଆଣି ଶର୍ମା ଟର୍ଚ୍ଚ ଆଲୁଅ ଦେଖଉଥିଲା, ବଟ ଇଞ୍ଜିନ ଦେଖୁଥିଲା । କୁଣ୍ଡା ଝଡ଼ିବା ପରି ବର୍ଷା । ଶର୍ମା ତଉଲିଆଟିଏ ମୁଣ୍ଡରେ ପକେଇଥିଲା । ଢାବା ଭିତରେ ଦଉଡ଼ି ଖଟ ଉପରେ ବସି ମୁଁ ଦୁହିଁଙ୍କୁ ଦେଖୁଥିଲି, ମନେମନେ ଜବର ମାଲକୁ ଖୋଜୁଥିଲି । ଢାବା ଚୁଲି ପାଖରେ ଜଣେ ମଧ୍ୟବୟସ୍କ ଲୋକ ବସିଥିଲା । ପକୁଡ଼ି ଛାଣୁଥିଲା । ଅନ୍ୟ ଦୁଇ/ତିନି ଜଣ ପିଲା ଏପଟ ସେପଟ ହେଉଥିଲେ । ଢାବା ସାମ୍ନାରେ ଦୁଇଟା ଟ୍ରକ ଛିଡ଼ା ହୋଇଥିଲା । ଅନ୍ୟ ଦୁଇ ଦଉଡ଼ି ଖଟରେ ଚାରିଜଣ ବସିଥିଲେ, ସେହି ଟ୍ରକର ଡ୍ରାଇଭର ହେଲ୍‌ପର ହୋଇଥିବେ । ଢାବା କଡ଼ରେ ପାନ ସିଗାରେଟ୍ ଦୋକାନ, ରେଡିଓ ଦିଲ୍ଲୀରୁ ହିନ୍ଦୀ ସମ୍ବାଦ ଦେଉଥିଲା ।

ମୁଁ ଚା' ବରାଦ କଲି, ପକେଟରୁ ସିଗାରେଟ ବାହାର କରି ଲଗେଇଲି । ଅଧଘଣ୍ଟାଏ କଟି ଯାଇଥିଲା । ବଟ ତା'ର ଯୋଡ଼ାଯୋଡ଼ି କରି ଷ୍ଟାର୍ଟ କରୁଥିଲା, ଷ୍ଟାର୍ଟ ହେଉଥିଲା, କିନ୍ତୁ ଆଲୁଅ ଜଳୁ ନଥିଲା । ସେ ପୁଣି ଡ୍ରାଇଭର ସିଟରୁ ଓହ୍ଲାଇ ଇଞ୍ଜିନ ଦେଖୁଥିଲା । ଜଣେ ସ୍ତ୍ରୀ ଲୋକ ମୋ ନାଁ ଧରି ଡାକିବାରେ ମୁଁ ଚମକି ପଡ଼ିଲି । ସେ କେତେବେଳେ ମୋ ପଛରେ ଆସି ଛିଡ଼ାହୋଇଥିଲା, ମୋର ଲକ୍ଷ୍ୟ ନଥିଲା । କହିଲା, "ମାନସ, କୁଆଡ଼େ ଯାଇଥିଲ, କଣ ଚିହ୍ନି ପାରୁନ ?"

ଚିହ୍ନି ପାରୁଥିଲି । ପ୍ରମୋଦା ।

ତେବେ ପ୍ରମୋଦା କଣ ସେହି ଜବର ମାଲ୍ ?

-୩-

ମାନ୍ୟରେ ଦାଦା, କିନ୍ତୁ ବୟସରେ ମୋଠାରୁ ମାତ୍ର ଗୋଟିଏ ବର୍ଷ ବଡ଼ । ଆମେ ଗୋଟିଏ ସ୍କୁଲରେ ପଢୁଥିଲୁ, ସେ ମୋ ଉପର ଶ୍ରେଣୀରେ ପଢୁଥିଲେ । ବୈଷ୍ଣବ ଦାଦାଙ୍କ ଚଳାଚଳ ଭଲ, ଆମ ଗାଆଁର ଜଣେ ଧନୀଲୋକ ଭିତରେ ଗଣା ହେଉଥିଲେ । ତାଙ୍କ ବାପା ପିଲାଦିନେ ଗରିବ ଥିଲେ, ନିଜ ଚେଷ୍ଟାରେ, ପରିଶ୍ରମ ବଳରେ ସେ ବହୁ ଅର୍ଥ ଉପାର୍ଜନ କରିପାରିଥିଲେ । କିନ୍ତୁ ବହୁତ କୃପଣ ଓ ବଡ଼ ଅବାଗିଆ ପ୍ରକୃତିର ମଣିଷ । ଯାହା ବୁଝିଥିବେ ସେଇଆ । ବୈଷ୍ଣବ ଦାଦା ପିଲାଦିନେ ଶାନ୍ତ, ଶିଷ୍ଟ, ସୁଧାର ଥିଲେ । କିନ୍ତୁ ଅଶାନ୍ତ ସମୁଦ୍ରର ଉପର ଶାନ୍ତ ଥିଲା ପରି ତାଙ୍କ ଅନ୍ତର ଭିତରେ ଯେ ବିଦ୍ରୋହର ସ୍ଫୁଲିଙ୍ଗ ତାଙ୍କୁ ଅସ୍ତବ୍ୟସ୍ତ କରୁଥିଲା, ତାହା ସେ ସମୟରେ ବାହାରକୁ ଆଦୌ ଜଣା ପଡୁନଥିଲା ।

ଦୀପାବଳିକୁ ବୈଷ୍ଣବ ଦାଦାଙ୍କ ଘରେ ବାଣ କିଣା ଯାଉନଥିଲା । ତାଙ୍କ ବାପା କୁହନ୍ତି, ବାଣ ଫୁଟାଇ ପଇସା ପିଛାରେ ନିଆଁ ଲଗେଇବା ସାର । ଦୀପାବଳି ରାତିରେ ଗୋଟିଏ ମାତ୍ର ଦୀପ ତାଙ୍କ ତୁଳସୀ ଚଉଁରା ପାଖରେ ଜଳୁଥାଏ । ଗାଆଁ ପିଲାମାନେ ଆନନ୍ଦରେ ଫୋଟକା, ଝରିବାଣ ଫୁଟଉଥିଲା ବେଳେ ସେ ଚୁପଚାପ ଛିଡ଼ା ହୋଇ ଦେଖୁଥାନ୍ତି । ଥରେ ବୈଷ୍ଣବ ଦାଦାଙ୍କ ପେଣ୍ଟ ପାଇଁ ତାଙ୍କ ବାପା ଭୁଲରେ ଦରକାରଠାରୁ ଅଧିକ କପଡ଼ା ନେଇଆସିଥିଲେ । କପଡ଼ା ନଷ୍ଟ କାହିଁକି ହେବ, ଯେତିକି କପଡ଼ା ଆସିଥିଲା, ସେତିକିରେ ଟେଲରକୁ ପେଣ୍ଟ କରିବାକୁ କୁହାଗଲା । ଆମେ ସ୍କୁଲରେ ପଢ଼ିଲାବେଳେ ଚିପା ହାପ ପ୍ୟାଣ୍ଟ ପିନ୍ଧିବା ଫେସନ ଥିଲା, କିନ୍ତୁ ବୈଷ୍ଣବ ଦାଦାଙ୍କୁ ଢିଲା ପେଣ୍ଟ ପିନ୍ଧିବାକୁ ପଡ଼ିଲା । ଆଉ ଦିନେ ସଞ୍ଜବେଳକୁ ବୈଷ୍ଣବ ଦାଦା ଶୋଇ ପଡ଼ିଥିଲେ । ଟିଉସନ ମାଷ୍ଟର ଫେରିଗଲା । ତାଙ୍କ ବାପା ପରେ ଜାଣିପାରି ତାଙ୍କୁ ନିସ୍ତୁକ ପିଟିଲେ । କାରଣ, ଟ୍ୟୁସନ ମାଷ୍ଟର ମାସକୁ ପାଞ୍ଚଟଙ୍କା ପଢ଼େଇବା ବାବଦକୁ ନେଉଥିଲେ । ସେଦିନ ବୈଷ୍ଣବ ଦାଦା ନ ପଢ଼ିବାରୁ ସେ ହିସାବ କରି ଜଣାଇଦେଲେ; ଅକାରଣେ ତିନି ଅଣା ପଇସା ବରବାଦ ହେଲା । ଖରାଦିନେ ଆମେ ପିଲାମାନେ ଆମ୍ବ ତୋଟାରେ ଖେଳୁଥିଲାବେଳେ, ବୈଷ୍ଣବ ଦାଦାଙ୍କୁ ଘରେ ବାପାଙ୍କ ନିର୍ଦ୍ଦେଶ ଅନୁସାରେ ଶୋଇବାକୁ ପଡୁଥିଲା, ଗାଆଁ ପିଲାଙ୍କ ସାଙ୍ଗରେ ମିଶିଲେ ବୈଷ୍ଣବ ଖରାପ ହୋଇଯିବ । ପାଠ ପଢ଼ିବ ନାହିଁ । ମଣିଷ ହୋଇପାରିବ ନାହିଁ ।

ବୈଷ୍ଣବ ଦାଦା ଭଲ ପାଠ ପଢୁଥିଲେ । ତାଙ୍କର ବ୍ୟବହାର ଅତ୍ୟନ୍ତ ଭଦ୍ର, ମାର୍ଜିତ । ଗାଆଁ ଲୋକଙ୍କର ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବିଶ୍ୱାସ ଥିଲା । ମେଟ୍ରିକ୍ ପାଶ କରି ସେ କଲେଜରେ ପଢ଼ିବାକୁ ଗଲେ । ତାଙ୍କ ବାପାଙ୍କ ସର୍ତ୍ତ ଅନୁସାରେ, ପ୍ରତି ମାସର ଟଙ୍କା ଖର୍ଚ୍ଚର

ହିସାବ ବାପାଙ୍କୁ ଦେଖାଉଥିଲେ । ହିସାବ ଦେଖି ପରମାସ ଖର୍ଚ୍ଚ ପାଇଁ ତାଙ୍କ ବାପା ଟଙ୍କା ଦେଉଥିଲେ ।

ଗୋଟିଏ ବର୍ଷ ପରେ ମୁଁ କଲେଜକୁ ପଢ଼ିବାକୁ ଗଲି, ହଷ୍ଟେଲରେ ସିଟ୍ ମିଳିବା ପର୍ଯ୍ୟନ୍ତ ତାଙ୍କରି ପାଖରେ ତାଙ୍କ ରୁମ୍‌ରେ ରହୁଥିଲି । କଲେଜରେ ତାଙ୍କୁ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ସେ ସମ୍ପୂର୍ଣ୍ଣ ବଦଳି ଯାଇଥିଲେ । ସିଗାରେଟ ଟାଣୁଥିଲେ, ବେଳେବେଳେ ଗଞ୍ଜେଇ ସେବନ ବି କରୁଥିଲେ । ଅଧିକାଂଶ ସମୟ କଲେଜର କିଛି ଲଫଙ୍ଗା ଦୁଷ୍ଟ ପିଲାଙ୍କ ସହ ମିଶି ଗୁଲିଖଟି ମାରୁଥିଲେ । ସିନେମା ଦେଖୁଥିଲେ । ବାପାଙ୍କୁ ଯୋଉ ହିସାବ ମାସକୁ ମାସ ଦଉଥିଲେ ସିନେମା ଖର୍ଚ୍ଚ ସେ ହିସାବରେ କେବେ ରହୁ ନଥିଲା । ତାଙ୍କ ବାପା ଚାଟଶାଳୀ ପର୍ଯ୍ୟନ୍ତ ମାଡ଼ିଥିଲେ । ପାଠପଢ଼ା, କଲେଜ ଖର୍ଚ୍ଚ, ଏସବୁ ସମ୍ପର୍କରେ ତାଙ୍କର ଧାରଣା ନଥିଲା । ସେ ଜାଣିପାରୁ ନ ଥିଲେ । ବୈଷ୍ଣବ ଦାଦା ମିଛ ହିସାବ ଦେଇ ଯାଡୁ ସିୟାଡୁ କହି ପର ମାସପାଇଁ ଟଙ୍କା ନେଇ ଚାଲି ଯାଉଥିଲେ । ବିଶ୍ୱବିଦ୍ୟାଳୟରେ ପଢ଼ିଲା ବେଳକୁ ସେ ମଦ୍ୟପାନ ଆରମ୍ଭ କରିଦେଇଥିଲେ । ଘରେ କିମ୍ବା ଗାଆଁରେ କେହି ଯେମିତି ନଜାଣି ପାରିବେ, ସେଥିପ୍ରତି ସତର୍କ ରହୁଥିଲେ । କିନ୍ତୁ ଆସ୍ତେଆସ୍ତେ ନିଜ ଘରଠାରୁ ସେ ଦୂରେଇ ଯାଉଥିଲେ ।

-୪-

ପ୍ରମୋଦା ହାତକୁ ଚ଼ା' ବଢ଼େଇ ଦେଲା । ମୁଁ ତାକୁ ସେଠାରେ ଆବିଷ୍କାର କରି ଆଶ୍ଚର୍ଯ୍ୟ ହେଉଥିଲି, ସ୍ୱପ୍ନ ପରି ଲାଗୁଥିଲା । ଯେମିତି ପ୍ରୌଢ଼ାବସ୍ଥାର ଏକ ସ୍ୱପ୍ନ । ଗାଆଁ ନଈ, ନଈ କୂଳରେ ପୌଢ଼ା ହୋଇ ସାରିଥିବା ସ୍କୁଲ ସଙ୍ଗିନୀ ଏବଂ ତା' ସହିତ ଅଳ୍ପ ଦିନର ପରିଚିତ ମୋର ସହକର୍ମୀ । ମୋର ସହକର୍ମୀ ମୋ ସ୍କୁଲ ସଙ୍ଗିନୀକୁ ପରିଚୟ କରେଇ ଦେଉଛନ୍ତି, ଏ ମୋର ପ୍ରେମିକା । କାହା ସହ କାହାର ସମ୍ପର୍କ ନଥିବ, ସ୍ୱପ୍ନରେ ଏକ ଅଦ୍ଭୁତ ସମ୍ମେଳନ । ଜଙ୍ଗଲ, ଜଙ୍ଗଲ ଭିତରେ ଏକ ଢାବା । ଖରାପ ହୋଇ ପଡ଼ିଥିବା ଜିପ୍, ଶର୍ମା, ବଟ, ମୁଁ, ମୋ ସାମ୍ନାରେ ପ୍ରମୋଦା । ସ୍ୱପ୍ନରେ ଭେଟିଲା ପରି ଲାଗୁଥିଲା ।

"ଇୟାଡ଼େ କୁଆଡ଼େ ?" ପ୍ରମୋଦା ପଚାରିଲା ।

ମୋର ସମ୍ବିତ୍ ଫେରି ଆସିଲା । ମୁଁ ପ୍ରମୋଦା ହାତରୁ ଚ଼ା' କପ୍ ନେଇ ସାରିଥିଲି । ଗାଡ଼ି ଆଡ଼କୁ ଚାହିଁଲି । ତଉଲିଆଟିଏ ମୁଣ୍ଡରେ ପକେଇ ଶର୍ମା ଟର୍ଚ୍ଚ ମାରି ଦେଖାଉଥିଲା, ବଟ ଇଞ୍ଜିନ ଖୋଲି ସଜାଡୁଥିଲା । କହିଲି, "ଭୁବନେଶ୍ୱର ଯାଇଥିଲି । ଏହି ଅଳ୍ପ ଦୂରରେ, ଗଡ଼ାଣି ପାଖରେ ଗାଡ଼ି ଖରାପ ହେଲା, ଲାଇଟ୍ ଜଳୁନି ।"

ଚ଼ା' ପିଉଥିଲି, ସେ ଛିଡ଼ା ହୋଇ ରହିଥିଲା । କଣ ପଚାରିବି ଜାଣିପାରୁ ନଥିଲି । ସିଗାରେଟ୍ ପାଇଁ ହାତ ପକେଟକୁ ଚାଲିଗଲା । କିନ୍ତୁ ଶେଷ ସିଗାରେଟ ଟାଣି ସିଗାରେଟ ଖୋଳ ଫିଙ୍ଗି ଦେଇଥିଲି । ସିଗାରେଟ୍ ଖୋଳ ମୋ ଆଗରେ ବି ପଡ଼ିଥିଲା । ପ୍ରମୋଦା ଜାଣି ପାରିଲା । ସାମ୍ନା କେବିନ ପିଲାକୁ ଚାହିଁ କହିଲା, "ବାନାମ୍ବର, ସାରଙ୍କୁ ସିଗାରେଟ୍ ପ୍ୟାକେଟଟିଏ ଦେ ।"

ପ୍ରମୋଦା ପାଟି ଶୁଣି ଶର୍ମା ବଟ ମୁହଁ ଫେରେଇ ଆମ ଆଡ଼କୁ ଚାହିଁଲେ । ବାନାମ୍ବର ଢାବାରେ କାମ କରୁଥିବା ଗୋଟିଏ ପିଲା ହାତରେ ସିଗାରେଟ୍ ପ୍ୟାକେଟଟିଏ ପଠାଇଲା । ପ୍ରମୋଦା ମତେ ଚାହିଁ କହିଲା, "ଗାଡ଼ି ଠିକ୍ ହୋଇଗଲେ ଭଲ କଥା, ଚାଲିଯିବ । ନ ହୋଇ ପାରିଲେ, ଏଠାରେ ରହିଯିବ । ସକାଳୁ ସକାଳୁ ବାହାରିଯିବ ।" ପ୍ରମୋଦା ଚୁଲା ଆଡ଼କୁ ଚାଲିଗଲା । ଶର୍ମା ବଟ ଗାଡ଼ି ସଜାଡ଼ିବା କାମରେ ମନ ଦେଲେ । ମୁଁ ସିଗାରେଟ ଖଣ୍ଡେ ଲଗେଇଲି ।

-୫-

ବୈଷ୍ଣବ ଦାଦା ଚାକିରି କଲେ, ଚାକିରି କରିବା ପରେ ବିବାହ । ଝିଅ ତାଙ୍କ ବାପାଙ୍କର ଜଣେ ବ୍ୟବସାୟୀ ବନ୍ଧୁଙ୍କ କନ୍ୟା । କଟକର ସେହି ବ୍ୟବସାୟୀଙ୍କ ସହ ତାଙ୍କ ବାପା ଅନେକ ଦିନରୁ କାରବାର କରୁଥିଲେ । ବାହାଘର ପାଇଁ ସ୍ଥିରଜବାବ ଦେବା ପୂର୍ବରୁ ସେ ବୈଷ୍ଣବ ଦାଦାଙ୍କ ମତାମତ ଲୋଡ଼ି ନଥିଲେ । ଗାଆଁରେ ଜଣେ କେହି କହିଲା, ବୈଷ୍ଣବ ଉଚ୍ଚ ଶିକ୍ଷିତ, ଅଫିସର ହୋଇଛି, ସେଇଠି ବାହା ହେବାକୁ ତା' ମନ ଅଛି କି ନାହିଁ, ଝିଅ ତା'ର ପସନ୍ଦ କି ନୁହେଁ, ବୈଷ୍ଣବକୁ ପଚାରୁନ ? ତାଙ୍କ ବାପା କହିଲେ, ମୁଁ କଣ ତା'ର ଅମଙ୍ଗଳ ଚାହୁଛି ? ତାକୁ ଦେଖି ମୁଁ ଝିଅ ଠିକ୍ କରିଛି । ଝିଅ ଉଚ୍ଚ ଶିକ୍ଷିତା, ମାଷ୍ଟ୍ରାଣୀ ହୋଇଛି, କଟକରେ ଜନ୍ମ, କଟକରେ ବଢ଼ିଛି । ଯଦି ଚାହୁଁଛି, ସେ ଯାଇ ଦେଖି ଆସୁନି ।

ବୈଷ୍ଣବ ଦାଦା ଝିଅକୁ ଦେଖିବାକୁ ଯାଇ ନଥିଲେ ।

ମୁଁ ଆଶା କରୁଥିଲି, ବିବାହ ପରେ ବୈଷ୍ଣବ ଦାଦା ବଦଳିଯିବେ, ମଦ୍ୟପାନ ଛାଡ଼ିଦେବେ । କିନ୍ତୁ ହେଲାନି, ବରଂ ଅଭ୍ୟାସ ବଢ଼ିବାକୁ ଲାଗିଲା । ସେ ମଦ୍ୟପାନ କରନ୍ତି ବୋଲି ଆଗରୁ କେହି ଜାଣି ନଥିଲେ । ଏବେ ଚାରିଆଡ଼େ ବନ୍ଧୁ ବାନ୍ଧବ, ଜ୍ଞାତି କୁଟୁମ୍ବ ସମସ୍ତେ ଜାଣିଲେ ।

ପରେ ମୁଁ ଚାକିରି କଲି । ସେ ଯେଉଁ ସହରରେ ରହୁଥିଲେ, ସେହି ସହରର କେହି ଅଫିସର ବା କର୍ମଚାରୀଙ୍କ ସହ ମୋର ଭେଟ ହେଲେ, ମୁଁ ବୈଷ୍ଣବ ଦାଦାଙ୍କ ସମ୍ପର୍କରେ ପଚାରୁଥିଲି । ସେମାନେ ତାଙ୍କୁ ଜାଣିଥିଲେ ଜଣେ ମଦ୍ୟପ ଅଫିସର ହିସାବରେ । ସେମାନେ ତାଙ୍କର ମଦ୍ୟପାନର କାହାଣୀ, ନିଶାବସ୍ଥାରେ ତାଙ୍କ କାର୍ଯ୍ୟକଳାପ

ବଖାଣୁଥିଲେ । ଏପରିକି କହୁଥିଲେ, ପିଇ ନଥିଲେ ସେ ଅଫିସ୍‌ରେ କାମ କରିପାରୁ ନଥିଲେ, ତାଙ୍କ ହାତ ଥରୁଥିଲା, କଲମ ଧରିପାରୁ ନଥିଲେ ।

ଘରେ ତାଙ୍କର ଅନେକ ସମୟରେ ଝଗଡ଼ା ହେଉଥିଲା । ତାଙ୍କର ପତ୍ନୀ ଶିକ୍ଷୟିତ୍ରୀ, ପିଲାଙ୍କୁ ଶାସନ କରନ୍ତି । ସେହି ଧାରାରେ ମଦ୍ୟପ ସ୍ୱାମୀଙ୍କୁ ଶାସନ କରି ବାଟକୁ ଆଣିବାକୁ ଚେଷ୍ଟା କଲେ । କଟକୀ ଝିଅ, ସହରୀ, ଶିକ୍ଷିତା । ବୈଷ୍ଣବ ଦାଦାଙ୍କର ଗାଆଁରେ ଜନ୍ମ, ଗାଉଁଲି ଏବଂ ତାଙ୍କ ପତ୍ନୀଙ୍କ ଦୃଷ୍ଟିରେ ଅମାର୍ଜିତ । ପୁଣି ତାଙ୍କ ବାପା ଜଣେ ପ୍ରତିଷ୍ଠିତ ବ୍ୟବସାୟୀ, ତାଙ୍କ ବାପାଙ୍କ ସହ ଶ୍ୱଶୁର ବ୍ୟବସାୟ କାରବାର କରୁଥିଲେ । ତାଙ୍କର ସ୍ୱାମୀଙ୍କୁ ଶାସନ କରିବା ତରିକା ଟିକେ କଠୋର । ମଦପିଇ ସ୍ୱାମୀ ରାତିରେ ଆସିଲେ ସେ ଘରେ ପୂରଉ ନଥିଲେ, କବାଟ ଖୋଲୁ ନଥିଲେ । ବୈଷ୍ଣବ ଦାଦା ଦିନେଦିନେ ବାରଣ୍ଡାରେ ଶୋଉଥିଲେ । ପରେ ମଦ୍ୟପାନ କରିଥିଲେ ସେ ଘରକୁ ଫେରିଲେ ନାହିଁ ।

ଶୁଣାଗଲା ସେ କେବଳ ମଦ୍ୟପାନ କରୁ ନାହାନ୍ତି, ଅନ୍ୟ ନାରୀ ସହ ସମ୍ପର୍କ ବି ରଖିଛନ୍ତି । ଏପରି ସମୟ ଆସିଲା, ସେ ଘରକୁ କମ ଦିନ ଫେରିଲେ । ଅଫିସକୁ ଚାଲି ଯାଆନ୍ତି, ଘରକୁ ଫେରନ୍ତି ନାହିଁ । ତାଙ୍କର ସେତେବେଳକୁ ଗୋଟିଏ ପୁଅ, ଗୋଟିଏ ଝିଅ । ଅନ୍ୟ ନାରୀ ସମ୍ପର୍କ ଜଣା ପଡ଼ିବା ପରେ, ସେ ଘରକୁ ଫେରିଲେ, ତାଙ୍କ ଶିକ୍ଷୟିତ୍ରୀ ପତ୍ନୀ ଏବେ ଝଗଡ଼ା କରନ୍ତି ନାହିଁ, କିନ୍ତୁ ତାଙ୍କ ସହ ଆଦୌ କଥାବାର୍ତ୍ତା କରନ୍ତି ନାହିଁ । ପୁଅ, ଝିଅକୁ ତାଗିଦ କରିଦେଇଥାନ୍ତି, ବାପାଙ୍କ ପାଖକୁ ଯିବାକୁ ବାରଣ କରିଦେଇଥାଆନ୍ତି । ପୁଅଝିଅ, ମା'କୁ ଡରନ୍ତି, ବାପାଙ୍କ ପାଖକୁ ଯାଆନ୍ତି ନାହିଁ ।

-୬-

ଗାଡ଼ି ସଜଡ଼ା ହୋଇପାରିଲା ନାହିଁ । ବଟ କହିଲା, "ମୁଁ ଜାଣି ପାରୁନି । ମୋ ପାଖରେ ସବୁ ଯନ୍ତ୍ରପାତି ନାହିଁ । ମେକାନିକ ଆଣିବାକୁ ପଡ଼ିବ । ଏଇଠି ରହିଯିବା, ସକାଳୁ ସକାଳୁ ବାହାରିବା । କାଲି ଲହୁଣିପଡ଼ାରେ କି କିମ୍ୱା ରାଜାମୁଣ୍ଡାରେ ସଜାଡ଼ି ଦେବା । ରାଉରକେଲାରେ ପହଞ୍ଚି ସଜାଡ଼ିଲେ ବି ଚଳିବ ।"

ଶର୍ମା ଗରଗର ହେଉଥିଲା । ବଟ କହିଲା, "କିଛି ନ ହେଲେ ଏଠାରେ ଘରଟିଏ ଅଛି, ଲୋକେ ବି ରହୁଛନ୍ତି । ଯଦି ଅନ୍ୟ କୋଉଠି ଖରାପ ହୋଇଥାନ୍ତା ? ଯନ୍ତ୍ରପାତି, ଇଞ୍ଜିନ କଥା, କେତେବେଳେ କ'ଣ ହେବ, କହିହେବ ? ଗାଡ଼ି ବହୁତ ପୁରୁଣା ହୋଇଗଲାଣି, ସେଥିପାଇଁ ତ ସାର୍ କହୁଥିଲେ କାଲି ସକାଳେ ଆସିବାକୁ...।"

ଅନ୍ୟ କୋଉଠି ବାଟରେ ଖରାପ ହୋଇଥିଲେ, "ଆମେ ଅନ୍ୟ କୋଉ ଗାଡ଼ି ଅଟକେଇ ଚାଲି ଆସିଥାଆନ୍ତୁ । ତମେ ଗାଡ଼ି ଧରି ବସିଥାନ୍ତ ।"

"ଏବେ ଚାଲିଯାଉ ନାହାନ୍ତି ? ମୁଁ ରହୁଛି, କାଲି ଯିବି ।"

ଦୁହେଁ ଝଗଡ଼ା ଆରମ୍ଭ କରିଦେଲେ । ମୁଁ କହିଲି, "ଏ ବି ଗୋଟେ ଅଭିଜ୍ଞତା । ଏଠି ଏ ଢାବାରେ ଶୋଇ ପଡ଼ିବା, ସକାଳୁସକାଳୁ ଚ' ପିଇ ବାହାରି ଯିବା । ଆଉ ଅନ୍ୟ ଉପାୟ ନାହିଁ ।"

ଦୁହେଁ ମୋ ଆଗରେ ପଡ଼ିଥିବା ଦଉଡ଼ିଆ ଖଟରେ ବସିଲେ । ଏବେ ଢାବା ଚୁଲା ପାଖରେ ପ୍ରମୋଦା ବସି ଛଣାଛଣି କରୁଥିଲା । ସେଇଠି ଆଗରୁ ବସିଥିବା ମଧ୍ୟବୟସ୍କ ଲୋକଟି ଏପଟ ସେପଟ ହେଉଥିଲା । ଶର୍ମା ଓ ବଟ ପ୍ରମୋଦାକୁ ଚାହୁଁଥିଲେ । ସେ ମଧ୍ୟବୟସ୍କ ଲୋକଟି ଆସି କହିଲା, "ରହିଯାଆନ୍ତୁ, କିଛି ଅସୁବିଧା ହେବନି । ବାହାରକୁ ଯଦି ଯିବେ, ଟର୍ଚ୍ଚ ନେଇ ପାଣି ବାଲଟି, ଗଡୁ ଧରି ପଛ ପଟକୁ ଚାଲିଯାଆନ୍ତୁ ।"

ପ୍ରମୋଦା ତାକୁ ପଠେଇଥିଲା । ମୋର ବାହାରକୁ ଯିବାର ନଥିଲା । ମୁଁ ପାଇଖାନା ଦିନରେ ଥରେ ଯାଏ, ସକାଳବେଳା । ଏ ପରିବେଶରେ ଗୋଡ଼ହାତ ଧୋଇବାକୁ ଇଚ୍ଛା ହେଉ ନଥିଲା । ମୋର ଲୁଙ୍ଗି, ଗାମୁଛା ଭୁବନେଶ୍ୱରରୁ ବାହାରିବା ବେଳକୁ ଶୁଖି ନଥିଲା, ବେଗ୍‌ରେ ପୂରେଇ ଦେଇଥିଲି । ଉଷୁମୁଳିଆ ଗନ୍ଧଉଥିବ । ବାହାର କରିବାକୁ ଇଚ୍ଛା ହେଉ ନଥିଲା । ପେଣ୍ଟ ସାର୍ଟ ପିନ୍ଧି ମୁଁ ସେମିତି ବସି ରହିଲି । ବଟ, ଶର୍ମା ବାଲ୍‌ଟିରେ ପାଣି ଧରି, ଟର୍ଚ୍ଚ ନେଇ ବାହାରକୁ ଚାଲିଗଲେ ।

-୭-

କଟକରେ ରହୁଥାନ୍ତି ଖୁଡ଼ୀ ଓ ପିଲାମାନେ । ବୈଷ୍ଣବ ଦାଦା ବଦଳି ହୋଇ ଭୁବନେଶ୍ୱର ଆସିଥାନ୍ତି । ସେ କଟକରୁ ଭୁବନେଶ୍ୱର ଯିବା ଆସିବା କରୁଥାନ୍ତି । ଦିନେଦିନେ ରହିଯାଆନ୍ତି, କଟକ ବସାକୁ ଫେରନ୍ତି ନାହିଁ । ବିଭିନ୍ନ କଥା କାନରେ ବାଜୁଥାଏ । ଆସ୍ତେଆସ୍ତେ ତାଙ୍କର କଟକ ଫେରିବା କମିଲା ଏବଂ ସେ ଜମା ଫେରିଲେ ନାହିଁ । ଶୁଣିବାକୁ ମିଳିଲା, ସେ ମଦଭାଟିରୁ ଗୋଟିଏ ଝିଅ ଉଠେଇ ଆଣି ଭୁବନେଶ୍ୱରରେ ଭଡ଼ା ଘରଟିଏ ନେଇ ତା' ସହ ରହୁଛନ୍ତି ।

ଖୁଡ଼ୀ ଜାଣିଲେ ବୈଷ୍ଣବ ଦାଦାଙ୍କର ଆଉ ଫେରିବାର ଆଶା ନାହିଁ । କଟକରେ ବଡ଼ ଘରଟିଏ ଭଡା ନେଇ ରହୁଥିଲେ । ଘର ଛାଡ଼ି, ବାପଘରକୁ ଚାଲିଗଲେ । ବୈଷ୍ଣବ ଦାଦା ଆଉ ଟଙ୍କା ଦେବେନି, ସେ ମାଗିବେ ନାହିଁ । ନିଜେ ଯୋଉ ସ୍କୁଲରେ ଶିକ୍ଷକତା କରୁଥିଲେ, ପରେ

ସେହି ସ୍କୁଲ ପାଖାପାଖି ଛୋଟ ଘରଟିଏ ଭଡ଼ା ନେଇ ତାଙ୍କ ପୁଅଝିଅ ସହ ରହିଲେ।

ଚାରିଆଡ଼େ ଚର୍ଚ୍ଚା ହେଲା। ବନ୍ଧୁ ବାନ୍ଧବ, ଜ୍ଞାତି କୁଟୁମ୍ବ ସମସ୍ତେ ଛି ଛାକର କଲେ। ମଦ ପିଉଥିଲେ, ଚଳୁଥିଲା। ବଡ଼ ଲୋକ, ହାକିମହୁକୁମା ମଦ ପିଅନ୍ତି। ଗାଆଁରେ କେହି ଏ କଥାକୁ ଧରନ୍ତି ନାହିଁ। କୋଉଠୁ ଗୋଟେ ଝିଅ ଉଠେଇ ଆଣିବ, ପୁଣି ମଦ ଭାଟିରୁ! ନିଜ ବିବାହିତା ସ୍ତ୍ରୀ, ପିଲାଛୁଆଙ୍କୁ ଛାଡ଼ି ତା' ପାଖରେ ରହିବ। ଜାତିଗୋତ୍ର ମାଲୁମ ନାହିଁ, ବାପା ମା' ଜଣା ନାହିଁ। ତାଙ୍କ ବାପା ଗଲେ ଭୁବନେଶ୍ୱର। ବୈଷ୍ଣବ ଦାଦା ଘରେ ନଥିଲେ, ଅଫିସ ଯାଇଥିଲେ। ଝିଅଟି ଉପରେ ଚଢ଼ିଗଲେ, ଯାହା ମନକୁ ଆସିଲା ବକିଗଲେ। ଝିଅଟି ବି ଛାଡ଼ିଲା ଜନ୍ତୁ ନୁହେଁ, ସେ ମଦଭାଟିରେ ଥିଲା, ମୁଖରା। କହିଲା, "ତମ ପୁଅକୁ ପଚାର, ସେ କାହିଁକି ମତେ ନେଇଆସିଲା, ମୁଁ ଆପେଆପେ ଆସିନି।"

ତାଙ୍କ ବାପା ଗାଆଁକୁ ପଳେଇ ଆସିଲେ। ବୈଷ୍ଣବ ଦାଦାଙ୍କ ଅଫିସକୁ ଗଲେ ନାହିଁ, କିମ୍ବା ଫେରିବାକୁ ଅପେକ୍ଷା କରିପାରିଲେ ନାହିଁ। ଗାଆଁରେ ଆସି କହିଲେ, ସେ ଝିଅଟା କାଳନାଗୁଣୀ, ଗୁଣି ଗାରେଡ଼ି ଜାଣିଛି। ବୈଷ୍ଣବକୁ ଗୁଣି କରିଦେଇଛି। ଜ୍ୟୋତିଷ ଡାକିଲେ, ବୈଷ୍ଣବ ଦାଦାଙ୍କ ଜାତକ ଦେଖେଇଲେ। ଜ୍ୟୋତିଷ ବି ସେୟା କହିଲା, ଘରେ ଗ୍ରହଶାନ୍ତି ପୂଜା ଆୟୋଜନ କରାଗଲା।

ଦିନେ ରବିବାର ସକାଳେ ମୁଁ ତାଙ୍କ ଭୁବନେଶ୍ୱର ବସାରେ ପହଞ୍ଚିଲି। ସେତେବେଳକୁ ମୁଁ ଭୁବନେଶ୍ୱର ବଦଳି ହୋଇ ଆସିସାରିଥିଲି। ବୈଷ୍ଣବ ଦାଦା ଚା' ପିଉଥିଲେ। ମତେ ଦେଖି ସେ ଝିଅକୁ ଡାକି କହିଲେ, "ପ୍ରମୋଦା ଆଉ କପେ ଚା' ଆଣ।"

ତାଙ୍କର ଏତେଟା ଅନ୍ତରଙ୍ଗ ସମ୍ବୋଧନ ମତେ ବିରକ୍ତ ଲାଗୁଥିଲା। ଝିଅଟି ଚା' ନେଇ ଆସିଲା। ଦେଖିବାକୁ ସୁନ୍ଦର, ବଡ଼ବଡ଼ ଆଖି, ଶାନ୍ତ ସ୍ନିଗ୍ଧ ଚାହାଣି।। ମୋ ସହ ପରିଚୟ କରେଇଦେବାକୁ ଯାଇ କହିଲେ, "ଇୟେ ମାନସ, ଗାଆଁ ମାନ୍ୟରେ ପୁତୁରା, କିନ୍ତୁ ସାଙ୍ଗ।"

ପ୍ରମୋଦା ମତେ ଚାହିଁ ଚା' କପ ଥୋଇ ଦେଇ ଭିତରକୁ ଚାଲିଗଲା। ମୁଁ କହିଲି, "ଦାଦା ଏସବୁ କିଛି ଭଲ କଲନି। ତମେ ବିବାହ କରିଛ, ଦୁଇଟି ପିଲାର ବାପା, ସେମାନଙ୍କ ଉପରେ କି ପ୍ରଭାବ ପଡ଼ିବ?"

ବୈଷ୍ଣବ ଦାଦା ସିଗାରେଟ ଲଗେଇ ମୋ ଆଡ଼କୁ ଖଣ୍ଡେ ବଢ଼େଇଲେ। ସିଗାରେଟ ଧୂଆଁ ଛାଡ଼ି କହିଲେ, "ମୋ ଜୀବନରେ ମତେ ଲାଗୁଛି, ଯାହା ସବୁ ହୋଇଯାଉଛି, ମୁଁ କରୁନି। ସବୁ କିଛି ଆପେଆପେ ହୋଇଯାଉଛି। ଅନ୍ୟ କିଏ କରେଇ ଦେଉଛି।"

ବୈଷ୍ଣବ ଦାଦା ନିରବ ରହିଲେ, ନିରବରେ ସିଗାରେଟ ଟାଣୁଥିଲେ, ଚାହିଁ ରହିଥିଲେ ଘରର ସ୍କାଇଲାଇଟ ଆଡ଼କୁ। ଚିଡ଼ିଲେନି, ରାଗିଲେନି। କ'ଣ କହିବେ ଜାଣିପାରୁ ନଥିଲେ। କିମ୍ବା କ'ଣ ସବୁ ହୋଇଯାଇଛି ଚିନ୍ତା କରୁନଥିଲେ। ବୈଷ୍ଣବ ଦାଦା ପିଲାଦିନେ ଯେମିତି ଭଦ୍ର, ଶାନ୍ତ, ସୁଧାର ଥିଲେ, ଏବେ ବି ସେମିତି। ମୁହଁରେ କେମିତି ଗୋଟେ ଉଦାସ ଛାପ, କରୁଣ ଆଖି, ଶାନ୍ତ ଅକପଟ ହସ, ସେ କଡ଼ା ଭାଷାରେ କାହାକୁ କହନ୍ତି ନାହିଁ, କାହା ମନରେ ଆଘାତ ଦେବାକୁ ଚାହାନ୍ତି ନାହିଁ। ତାଙ୍କ ଉପରେ ରାଗି ହୁଏନା। ମୁଁ କେବେ ରାଗି ପାରେନା। ମୋର ରାଗ ଆସୁଥିଲା, ସେ ଝିଅଟି ଉପରେ, ପ୍ରମୋଦା ଉପରେ। ସେ କେମିତି ଚାଲିଆସିଲା? ଜାଣିଶୁଣି ଜଣେ ବିବାହିତ ଘରସଂସାରୀ ଲୋକ ପାଖକୁ, ଗୋଟିଏ ଘର ଉଜୁଡ଼ାଇ ଦେବାକୁ।

ଭଲମନ୍ଦରେ ସେ ଝିଅଟି ମତେ ହିଁ ଖୋଜୁଥିଲା। ଦିନେ ରାତି ସାଢ଼େ ଦଶ ଏଗାର ହେବ, ମୁଁ ଖାଇସାରି ଶୋଇବାକୁ ବାହାରୁଛି, ଫୋନ୍ ଆସିଲା। ଝିଅଟି କହିଲା, "ମାନସ, ମୁଁ ପ୍ରମୋଦା ଖୁଡ଼ୀ କହୁଛି।" ମତେ ବିରକ୍ତ ଲାଗିଲା। ମୋ ନାଁ ଧରି ଡାକିବା, ନିଜକୁ ପ୍ରମୋଦା ଖୁଡ଼ୀ ବୋଲି ଜାହିର କରିବା, ମୁଁ ଗ୍ରହଣ କରିପାରୁ ନଥିଲି। କହିଲି, "କ'ଣ ହେଲା?"

"ତମ ଦାଦା ଫେରି ନାହାନ୍ତି। ତମେ ଟିକେ ଦେଖିବ?"

"କୋଉଠି ଦେଖିବି, ସେ ଏବେ କୋଉଠି ଥିବେ?"

"ସେ ବୋଧହୁଏ ଖଣ୍ଡଗିରି ପାଖ ଢାବାରେ ଥିବେ। ତମେ ଟିକେ ଯାଆନ୍ତ ନି?"

ତା'ର ଅନୁରୋଧ, କଥା କହିବା ଢଙ୍ଗ ମତେ ବିରକ୍ତ ଲାଗୁଥିଲା। କହିଲି, "ସେ ମଦୁଆ ଲୋକ, ନିଶା ଛାଡ଼ିଗଲେ ସକାଳେ ସେ ଘରକୁ ଆପେଆପେ ଫେରି ଆସିବେ। ଏଇଟା ନୂଆ କଥା ନୁହେଁ। ଏମିତି ଅନେକଥର ସେ ରାତିରେ ଫେରନ୍ତିନି।"

ମୁଁ ଫୋନ୍ ରଖିଦେଲି। ଖୁସି ହେଲି, ଠିକ୍ ହୋଇଛି। ଏବେ ଝିଅ ବୁଝୁ।

କିନ୍ତୁ ମତେ ନିଦ ହେଲାନି। ଖୁଡ଼ୀ ଏ ସବୁକୁ ଖାତିର କରନ୍ତି ନାହିଁ। ମଦପିଇ ଘରକୁ ଆସିଲେ ସେ କବାଟ ଖୋଲନ୍ତି ନାହିଁ। ବୈଷ୍ଣବ ଦାଦା ମଦ ପିଇ ଘରକୁ ଫେରି ଅନେକ ଥର ବାରଣ୍ଡାରେ ଶୋଇଛନ୍ତି। ଅନେକ ଥର ବି ଫେରନ୍ତି ନାହିଁ। ମଦଭାଟିରେ କି ଅନ୍ୟ କୋଉଠି ରାତି କଟେଇଦିଅନ୍ତି। ଖୁଡ଼ୀ ସେଥିପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ଝିଅଟି ବ୍ୟସ୍ତ ହଉଛି। ଆମମାନଙ୍କର ତା' ପ୍ରତି ମନୋଭାବ ଜାଣି ସୁଦ୍ଧା ମତେ ଫୋନ୍ କରୁଛି। ହୋଇପାରେ, ଖୁଡ଼ୀ ଚାକିରି କରିଛନ୍ତି। ବୈଷ୍ଣବ ଦାଦା

ଛାଡ଼ିଦେଲେ ବି, ସେ ଚଳି ଯାଉଛନ୍ତି । ଝିଅଟି ନିରାଶ୍ରୟା, ବୈଷ୍ଣବ ଦାଦାଙ୍କର ଯଦି ଭଲମନ୍ଦ ହୋଇଯାଏ, ସେ କରିବ କ'ଣ ?

ଆଉ ଗୋଟିଏ କାରଣ ବି ଥାଇପାରେ, ଯେଉଁଥିପାଇଁ ଝିଅଟି ଏତେ ବ୍ୟସ୍ତ । ତା'ର କେହି ଆତ୍ମୀୟ, କିମ୍ବା ପୂର୍ବ ପ୍ରେମିକ ଥାଇପାରନ୍ତି, ତା' ମାଧ୍ୟମରେ କେହି ହୁଏତ ରୋଜଗାର କରୁଥିଲା । ବୈଷ୍ଣବ ଦାଦା ତାକୁ ନେଇ ଆସିବା ଫଳରେ ସେମାନଙ୍କର ସ୍ୱାର୍ଥହାନି ହୋଇଥାଇପାରେ, ସେମାନେ କ୍ଷୁବ୍ଧ ହୋଇଥାଇପାରନ୍ତି । ସେମାନଙ୍କ ପକ୍ଷରୁ ବୈଷ୍ଣବ ଦାଦାଙ୍କ ପ୍ରତି ବିପଦ ଆଶଙ୍କା ହୁଏତ ଝିଅଟି କରୁଛି, ବ୍ୟସ୍ତ ହେଉଛି ।

ମୁଁ ଶୋଇପାରିଲି ନାହିଁ । ସ୍କୁଟର ବାହାର କରି ଖଣ୍ଡଗିରି ଢାବା ଆଡ଼କୁ ଗଲି । ପହଞ୍ଚି ଦେଖିଲି, ଝିଅଟି ବି ପହଞ୍ଚି ଯାଇଛି । ସେ ମୋ କଥାବାର୍ତ୍ତା ଢଙ୍ଗରୁ ଭାବି ନେଇଥିଲା ମୁଁ ଯିବିନି, ତେଣୁ ଏତେ ରାତିରେ ଏକାଏକା ଚାଲି ଯାଇଥିଲା । ଗୋଟିଏ ଅଟୋ ରିକ୍ସାରେ ବୈଷ୍ଣବ ଦାଦାଙ୍କୁ ବସେଇଲୁ, ଝିଅଟି ତାଙ୍କୁ ଧରି ଅଟୋରେ ବସିଲା, ତାଙ୍କୁ ଘରେ ଛାଡ଼ି ମୁଁ ନିଜ ଘରକୁ ଫେରିଲି ।

ତା' ପରଠାରୁ ବୈଷ୍ଣବ ଦାଦା ମଦ ପିଇବାପାଇଁ ବାହାରକୁ ଯିବା ଛାଡ଼ି ଦେଇଥିଲେ, କିନ୍ତୁ ନିଜ ଘରକୁ ମଧୁଶାଳା ବନେଇ ଦେଇଥିଲେ ।

ଗାଆଁକୁ ଗଲେ ଆମ ଗାଆଁ ଲୋକ ମତେ ପ୍ରଥମେ ବୈଷ୍ଣବ ଦାଦାଙ୍କ ବିଷୟରେ ପଚାରୁଥିଲେ । ଗାଆଁରୁ କେହି ବୈଷ୍ଣବ ଦାଦା ନିକଟକୁ ଆସୁ ନଥିଲେ, କିନ୍ତୁ ସେମାନେ ତାଙ୍କ ବିଷୟରେ ଅନେକ ଚର୍ଚ୍ଚା କରୁଥିଲେ । ବୈଷ୍ଣବ ଦାଦା, ପ୍ରମୋଦା ମିଶି ରାତିରେ ସବୁଦିନ ସାଙ୍ଗ ହୋଇ ମଦ୍ୟପାନ କରିବା, ଦାଦା ତାଙ୍କର ସମସ୍ତ ଦରମା ଓ ଉପୁରି ରୋଜଗାର ପ୍ରମୋଦା ହାତରେ ଧରେଇ ଦେବା, ଭୁବନେଶ୍ୱରରେ ପ୍ରମୋଦା ନାମରେ ଫ୍ଲାଟ କିଣିବା, ଇତ୍ୟାଦି । ଫ୍ଲାଟ କିଣିବା ସତ୍ୟ । ନୂଆ ଫ୍ଲାଟ୍‌ର ଗୃହ ପ୍ରବେଶ ପୂଜା ଦିନ ମତେ ନିମନ୍ତ୍ରଣ କରିଥିଲେ । କିନ୍ତୁ ଫ୍ଲାଟଟି ପ୍ରମୋଦା ନାମରେ କିଣା ହୋଇଛି କି ନାହିଁ ମୁଁ ବୁଝି ନଥିଲି । ସାଙ୍ଗ ହୋଇ ମଦ ପିଇବା କେବେ ଦେଖିନି, ସେମାନେ ମୋ ଉପସ୍ଥିତିରେ କେବେ ପିଇ ନାହାନ୍ତି । ସବୁ ଟଙ୍କା ପ୍ରମୋଦା ହାତରେ ଧରେଇ ଦେବା କିଛି ଅସ୍ୱାଭାବିକ ନୁହେଁ ।

କିନ୍ତୁ ବୈଷ୍ଣବ ଦାଦାଙ୍କର କିଛିଟା ଦୃଶ୍ୟମାନ ପରିବର୍ତ୍ତନ ହୋଇଥିଲା । ଅନ୍ତତଃ ସେ ଖୁସି ରହୁଥିଲେ । ମୁହଁରେ ହସ ଦିଶୁଥିଲା । ଅନେକ ଦିନ ହେଲା ତାଙ୍କ ମୁହଁରେ ମୁଁ ହସ ଦେଖି ନଥିଲି । ସତେ ଯେପରି ହସ କ'ଣ ସେ ଭୁଲି ଯାଇଥିଲେ । କିଛି ନ ହେଲେ ବି ପ୍ରମୋଦା ତାଙ୍କ ମୁହଁକୁ ହସ ଫେରେଇଆଣିଛି । ତାଙ୍କର ସଂସାର, ସାଂସାରିକ ବସ୍ତୁ ପ୍ରତି ବୀତସ୍ପୃହ ଭାବ ଆସିଯାଇଥିଲା । ତାଙ୍କ ନିକଟକୁ ଯେବେ ଯାଉଥିଲି, ସେ ମତେ ଆମ ଗାଆଁ ସମ୍ପର୍କରେ ପଚାରୁଥିଲେ । ଆମେ ସ୍କୁଲରେ ପଢୁଥିଲା ବେଳର ସାଙ୍ଗମାନଙ୍କ ବିଷୟରେ ଆଲୋଚନା କରିବାକୁ ଭଲ ପାଉଥିଲେ । ଘରକରଣା ଜିନିଷ, ସୁନ୍ଦର ଦିଶିବା ପାଇଁ, ଫ୍ଲାଟକୁ ସଜେଇବା ପାଇଁ କେତେ ମନୋରମ ଜିନିଷ କିଣୁଥିଲେ । ପ୍ରତ୍ୟେକ ଥର ମୁଁ ଗଲାବେଳକୁ କିଛି ଗୋଟାଏ ଜିନିଷ କିଣା ହୋଇଥିବ, ବୈଷ୍ଣବ ଦାଦା ମତେ ଦେଖେଇ ପଚାରିବେ, "କେମିତି ଲାଗୁଛି ?"

କିନ୍ତୁ ମୁଁ ପ୍ରମୋଦାକୁ ସେ ପରିବେଶରେ ତାଙ୍କ ସହ ଦେଖି, ତଥାପି ସହିପାରୁ ନଥିଲି । ପ୍ରକାଶ ନକଲେ ବି ମନେମନେ ବିରକ୍ତ ହେଉଥିଲି । ଯଦିଓ ବୁଝୁଥିଲି ବୈଷ୍ଣବ ଦାଦାଙ୍କ ପରିବର୍ତ୍ତନ, ତାଙ୍କ ଖୁସିର ହେତୁ ପ୍ରମୋଦା ।

ବୈଷ୍ଣବ ଦାଦା କିନ୍ତୁ ମଦ୍ୟପାନ ଛାଡ଼ି ନଥିଲେ, ଛାଡ଼ିପାରୁ ନଥିଲେ । ତାଙ୍କର ପେଟ ବେମାରୀ ବାହାରିଥିଲା, ସ୍ୱାସ୍ଥ୍ୟାବସ୍ଥା ଖରାପ ଆଡ଼କୁ ଯାଉଥିଲା । ଯେତେ ବୁଝେଇଲେ ବି ସେ ମଦ ଛାଡୁ ନଥିଲେ । ଦିନେ ଅଫିସକୁ ଫୋନ୍ କରି ପ୍ରମୋଦା ମତେ ଡକାଇଲା । ମୁଁ କିଛିଦିନ, ଦୁଇମାସ ଅଢ଼େଇ ମାସ ହେବ, ତାଙ୍କ ଘରକୁ ଯାଇ ନଥିଲି । ଏହି ଦୁଇମାସ ଭିତରେ ତାଙ୍କର ଦେହର ଅବସ୍ଥାରେ ଏତେ ଅବନତି ହୋଇ ଯାଇଥିଲା ଯେ ମୁଁ ଚିହ୍ନିପାରୁ ନଥିଲି । ଆଖି ଦୁଇଟା ଡିମାଡିମା ଦିଶୁଥିଲା । ସେ ବହୁତ ଝଡ଼ି ଯାଇଥିଲେ । ପଞ୍ଜରା ହାଡ଼ ବାରି ହୋଇ ପଡ଼ିଥିଲା । ସେ ଛିଡ଼ା ହୋଇଥିଲେ ଭରା ଦେଇ ବସୁଥିଲେ । ବସିଥିଲେ ଉଠିପାରୁ ନଥିଲେ । ଅଫିସକୁ ଯିବା ଆଠ ଦଶ ଦିନ ହେଲା ବନ୍ଦ କରି ଦେଇଥିଲେ । ସେ ଔଷଧ ଖାଉଥିଲେ । କିଛି ହେଉ ନଥିଲା । ତାଙ୍କୁ ମଦ ପିଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା । ପ୍ରମୋଦା କହିଲା, "ଦେହର ଅବସ୍ଥା ଏତେ ସରି ହେବା ସତ୍ତ୍ୱେ ମଦ ପିଇବାକୁ ସେ ପିଲାଙ୍କ ପରି ଅଝଟ କରୁଛନ୍ତି । ତମେ ଟିକେ ବୁଝାଅ ।"

ମୁଁ ତାଙ୍କୁ ବୁଝେଇଥିଲି, ତାଙ୍କ ଉପରେ ବିରକ୍ତ ହେଲି । ସେ କିଛି କହିଲେ ନାହିଁ, ମତେ ଚାହିଁ ଟିକେ ହସିଲେ । ଚିନ୍ତିତ ମନ ନେଇ ସେଦିନ ମୁଁ ଫେରି ଆସିଲି ।

ପରଦିନ ତାଙ୍କ ଘରକୁ ବାହାରିଛି, ପ୍ରମୋଦା ଫୋନରେ କହିଲା, "ମୁଁ ତାଙ୍କୁ ବଡ଼ ଡାକ୍ତରଖାନା ନେଇଯାଉଛି, ସେଠାରେ ଭର୍ତ୍ତି କରିଦେବି । ତାଙ୍କର ଅବସ୍ଥା ଗଲାକାଲି ଠାରୁ ଅନେକ ଖରାପ ହୋଇଯାଇଛି ।"

"କ'ଣ ହୋଇଛି ?"

"ତାଙ୍କୁ ଭୋକ ହେଉ ନଥିଲା, ଯାହା ଅଳ୍ପଅଳ୍ପ କିଛି ଖାଉଥିଲେ। ତମେ ଗଲା ପରେ ସେ ବାନ୍ତି କରିବା ଆରମ୍ଭ କଲେ। ଏବେ ପାଣି ଟିକେ ନେଲେ ବି ବାନ୍ତି କରୁଛନ୍ତି। ପେଟ ଫୁଲିଯାଇଛି।"

ମତେ ବ୍ୟସ୍ତ ଲାଗିଲା। ଏକାଟିଆ ସ୍ତ୍ରୀ ଲୋକ, କଣ କରିବ ? ପଚାରିଲି, "ତମେ ତାଙ୍କ ଘରକୁ ଖବର ଦେଇଛ ?"

"ନା। ମୁଁ ଏବେ ଡାକ୍ତରଖାନା ନେଇ ଯାଉଛି, ତମେ ଟିକେ ତାଙ୍କ ଘରେ, ଶ୍ୱଶୁର ଘରେ ଜଣାଇ ଦେବ।"

ମୁଁ ଜଣାଇଥିଲି। ତାଙ୍କ ଗାଆଁକୁ ଖବର ପଠେଇ, ଶ୍ୱଶୁର ଘରକୁ ଫୋନ୍ କରି ମୁଁ ଡାକ୍ତରଖାନାରେ ପହଞ୍ଚିଲି। ସାଲାଇନ ଲାଗିଥିଲା, ସେ ଜୁଳୁଜୁଳୁ ଚାହିଁ ରହିଥିଲେ, ଛାତକୁ, ଶୂନ୍ୟକୁ। ଆସ୍ତେଆସ୍ତେ ତାଙ୍କର ଅବସ୍ଥା ବେଶି ଖରାପ ହେଉଥିଲା। ପେଟରୁ ସିରିଞ୍ଜରେ ପାଣି କଢ଼ା ଯାଉଥିଲା, ଔଷଧ, ଇଂଜେକ୍ସନ୍ ଦିଆ ହେଉଥିଲା। ବେଳେବେଳେ ଲାଗୁଥିଲା ସେ ଉନ୍ନତି କରୁଛନ୍ତି। ଉଠି ବସୁଥିଲେ, କଥା କହୁଥିଲେ, ଦେଖିଲେ ହସୁଥିଲେ। ପରଦିନ ପୁଣି ପେଟ ଫୁଲିଯାଉଥିଲା। ସେ ଡାକ୍ତରଖାନା ଖଟରେ ଶୂନ୍ୟକୁ ଚାହିଁ ପଡ଼ିରହୁଥିଲେ, ମଣିଷ ଚିହ୍ନି ପାରୁ ନଥିଲେ।

ତାଙ୍କର ଶ୍ୱଶୁର ଘରୁ କିମ୍ବା ନିଜ ଘରୁ କେହି ଆସି ନଥିଲେ। ଥରୁଟିଏ ଦେଖିଯିବା ପାଇଁ ବି ଆସି ନଥିଲେ।

ପ୍ରମୋଦା ରାତିଦିନ ତାଙ୍କ ପାଖେପାଖେ ରହୁଥିଲା, ସେବାଶୁଶ୍ରୂଷା କରୁଥିଲା। ଟଙ୍କା ଯାହା ଦରକାର ଖର୍ଚ୍ଚ କରୁଥିଲା। କେତେ ଥର ମୁଁ ଟଙ୍କା ଯାଚିଛି। କାଳେ ନଥିବ, କହିପାରୁ ନଥିବ। ସେ ମନା କରିଛି, କହିଛି, "ଏବେ ଅଛି, ଦରକାର ପଡ଼ିଲେ ମାଗିନେବି।"

ଅଫିସ କାମ ଚାପରେ ଦୁଇଦିନ ମୁଁ ଯାଇପାରି ନଥିଲି। ପ୍ରମୋଦା ମତେ ଫୋନ କରି କହିଲା, "ମାନସ ତମେ ଟିକେ ଆଜି ଆସିବ। ଦାଦାଙ୍କର ଅବସ୍ଥା ଶୋଚନୀୟ, ମୋତେ ଡର ଲାଗୁଛି।"

କଣ୍ଠ ସ୍ୱରରୁ ଜଣା ପଡୁଥିଲା ପ୍ରମୋଦା ଭୟ କରୁଛି। ଅଫିସ କାମ ଛାଡ଼ି ସିଧା ଡାକ୍ତରଖାନାରେ ପହଞ୍ଚିଲି। ଦିନ ଚାରିଟା।

ବୈଷ୍ଣବ ଦାଦା କଥା କହି ପାରୁ ନଥିଲେ। ଯାହା ପଚାରିଲେ, ଉତ୍ତର ଦେଉ ନଥିଲେ। ମୁଁ କହିଲି, "ତମେ ତ କିଛି କହୁନ, ମୁଁ କାହିଁକି ଆସିବି ? ମୁଁ ତେବେ ଯାଉଛି।"

ତାଙ୍କର ଓଠ ଲମ୍ବିଗଲା, ଟିକେ ହସିଲେ। ସେହି ହସ ତାଙ୍କ ମୁହଁରେ କିଛିକ୍ଷଣ ଲାଗି ରହିଲା। କିଛି କହିପାରିଲେ ନାହିଁ। ପ୍ରମୋଦା ଆଡ଼କୁ ଚାହିଁଲେ। ଆଖିରୁ ଦୁଇବୁନ୍ଦା ଲୁହ ଖସି ପଡ଼ିଲା। ତାଙ୍କର ମୁଣ୍ଡ ବାଙ୍କିଗଲା; ତକିଆରୁ ଖସିପଡ଼ିଲା। ପ୍ରମୋଦା ମୁଣ୍ଡ ଟେକି ଧରିଲା, କାନ୍ଦି ଉଠିଲା। ମୁଁ ଡାକ୍ତରଙ୍କୁ ଡାକି ଆଣିଲି। ଡାକ୍ତର ପରୀକ୍ଷା କରି କହିଲା, ଡେଡ୍।

-୮-

ବର୍ଷା ଖୁବ୍ ଜୋରରେ ବର୍ଷିଲା, ବଡ଼ବଡ଼ ଠୋପା। ପବନ ବି ହେଲା। ଘୁଘୁ ଗର୍ଜନ ହେଉଥିଲା। ଢାବା ସାମ୍ନାରେ ଥିବା ଦୁଇଟି ଟ୍ରକ ଚାଲି ଯାଇଥିଲେ। ଶର୍ମା, ବଟ ତାଙ୍କ କାର୍ଯ୍ୟ ବାହାରୁ ସମାପ୍ତ କରି ଫେରି ଆସିଥିଲେ। ପ୍ରମୋଦା ଚୁଲା ପାଖରୁ ଆସି ଏପଟ ସେପଟ ହେଉଥିଲା। ଢାବାର ପିଲା ଆମକୁ ପରଶି ଦେଉଥିଲା। ଆଉ ଗୋଟିଏ ପିଲାକୁ ପ୍ରମୋଦା ଢାବାର ଗୋଟିଏ କୋଣକୁ ତିନିଟା ଖଟ ପକେଇ ଶେଯ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଲା। ପିଲାଟି ସବୁ ବ୍ୟବସ୍ଥା କରିଦେଲା। ଶର୍ମା, ବଟ ଖଟରେ ପଡୁପଡୁ ଶୋଇ ପଡ଼ିଲେ।

-୯-

ପ୍ରମୋଦା ମତେ କହିଲା, "ତମେ ଟିକେ ତାଙ୍କ ଘରକୁ, ଶ୍ୱଶୁର ଘରକୁ ଖବର ଦିଅ। ବାପାଙ୍କୁ ମୁଖାଗ୍ନି ତାଙ୍କ ପୁଅ ଦେଉ। ଟେକ୍ସିଟିଏ ଯୋଗାଡ଼ କର, ତାଙ୍କ ଘର, ତାଙ୍କ ଫ୍ଲାଟକୁ ଶବ ଯିବ।"

ତା' କହିବା ଅନୁସାରେ ମୁଁ ସବୁ ଯୋଗାଡ଼ କଲି, ଟେକ୍ସିରେ ତାଙ୍କ ଭୁବନେଶ୍ୱର ଫ୍ଲାଟକୁ ଶବ ନିଆଗଲା। ଟେକ୍ସି ବୁଝିବା ପୂର୍ବରୁ ବୈଷ୍ଣବ ଦାଦାଙ୍କ ଘରକୁ, ଶଶୁର ଘରକୁ, ମୁଁ ଜାଣିଥିବା ତାଙ୍କର କିଛି ସହକର୍ମୀ ବନ୍ଧୁଙ୍କୁ ଫୋନରେ ଜଣେଇ ଦେଇଥିଲି। ଆମେ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ତାଙ୍କର କିଛି ସହକର୍ମୀ ବନ୍ଧୁ ପହଞ୍ଚି ସାରିଥିଲେ। ତାଙ୍କର ଅଫିସର ବି ଥିଲେ, ତାଙ୍କ ଅଫିସରେ ଯିଏ ଶୁଣିଥିଲା, ସିଏ ଆସିଥିଲା। ଖର୍ଚ୍ଚ ପାଇଁ ପ୍ରମୋଦା ମୋ ହାତକୁ ଟଙ୍କା ବିଡ଼ାଏ ଧରାଇ ଦେଇଥିଲା। ସେହି ବିଡ଼ାରୁ ମୁଁ ଖର୍ଚ୍ଚ କରୁଥିଲି। ଟିକେ ବିଳମ୍ବରେ ଖୁଡ଼ୀ, ପୁଅଝିଅଙ୍କୁ ସାଙ୍ଗରେ ଧରି ପହଞ୍ଚିଲେ, ପରେପରେ ବୈଷ୍ଣବ ଦାଦାଙ୍କ ବାପା ଏବଂ ଆମ ଗାଆଁରୁ ଆମ ସହିତ ସ୍କୁଲରେ ପଢୁଥିବା ପିଲାଦିନର ତିନି/ଚାରି ଜଣ ସାଙ୍ଗ। ଖୁଡ଼ୀ ପହଞ୍ଚି ଚାରିଆଡ଼କୁ ଆଖି ବୁଲେଇ ଆଣି କହିଲେ, "ସେ ବାରାଙ୍ଗନାଟା କୁଆଡ଼େ ଗଲା ?"

ମୁଁ ଲକ୍ଷ୍ୟ କରି ନଥିଲି। ପ୍ରମୋଦା ଥିଲା, ଏପଟ ସେପଟ ହେଉଥିଲା। କୋଉଠି ଥିବ। ସମସ୍ତେ ପରସ୍ପରକୁ ଚାହିଁଲେ, ପଚାରିଲେ, ଆଖି ବୁଲେଇ ଖୋଜିଲେ। ଆଖିରେ ପଡୁ ନଥିଲା। ଘରେ ନଥିଲା। ପାଖ ଫ୍ଲାଟର ପଡ଼ୋଶୀମାନେ ବି ଚାହାଁଚାହିଁ ହେଲେ। କୋଉଠି ନଥିଲା। ବୈଷ୍ଣବ ଦାଦାଙ୍କ ବାପା କହିଲେ, "ବୈଷ୍ଣବ ତ ସଂସାରରୁ ଗଲା, ଚାଲିଗଲା, ସେ ରହିବ କାହିଁକି ? କଳାକନା ବୁଲେଇଦେଇ ଯାଇଥିବ, ପୁଣି ଯିବ ଆଉ କାହାଘର ଉଜୁଡ଼େଇବ।"

"ଫ୍ଲାଟ ତ ତାରି, ତା' ନାଁରେ ଅଛି । ଯିବ କୁଆଡ଼େ, ପୁଣି ଆସିବ ।" ଜଣେ କେହି କହିଲା ।

"ହଁ, ସବୁ କର୍ମ ସରିବା ପରେ ।" ଥିଲା ଅନ୍ୟ କାହାର ମନ୍ତବ୍ୟ ।

ପ୍ରମୋଦା ଜାଣିଥିଲା ତା' ପ୍ରତି ବୈଷ୍ଣବ ଦାଦା ଆତ୍ମୀୟ ସ୍ୱଜନଙ୍କ ମନୋଭାବ । ଏମିତି ଏକ ଅପ୍ରୀତିକର ପରିସ୍ଥିତି ହୁଏତ ସେ ଆଶଙ୍କା କରୁଥିଲା । ସେଥିପାଇଁ ସେ ବୋଧହୁଏ ଚାଲିଯାଇଥିଲା । ସବୁ କର୍ମ ସରିବା ପରେ ଫେରିବ । କିନ୍ତୁ ଏହି କିଛି ଦିନ ହେଲା ପ୍ରମୋଦାକୁ ଖୁବ୍ ନିକଟରୁ ଦେଖି, ଏଭଳି ପରିବେଶ ଓ ଅବସ୍ଥାରେ ପ୍ରମୋଦା ଉପରେ ଏମିତି ଆଲୋଚନା ମୋର ଶ୍ରୁତିକଟୁ ହେଲା । କହିଲି, "ସେ ସବୁ ପରକଥା, ପ୍ରଥମେ ଶବ ଉଠିବାର ବ୍ୟବସ୍ଥା କରାଯାଉ ।"

ସ୍ୱର୍ଗଦ୍ୱାରକୁ ଶବ ନିଆଯାଇଥିଲା । ତାଙ୍କର ବହୁ ବନ୍ଧୁ, ସହକର୍ମୀ ଯାଇଥିଲେ । ମୁଁ ଅଭିଭୂତ ହୋଇଯାଇଥିଲି । ସ୍ୱଇଚ୍ଛାରେ ତାଙ୍କ ଶବ ସହ ଏତେ ଲୋକ ଯିବା, ଲୁହ ଗଡ଼େଇବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଜଣେ ମଦ୍ୟପ, ସ୍ତ୍ରୀ ପରିତ୍ୟକ୍ତ, ସଂସାର ଛଡ଼ା ବ୍ୟକ୍ତିଙ୍କୁ ଯେ କେତେ ଲୋକ ଭଲ ପାଉଥିଲେ । ଦେଖୁଥିଲି ତାଙ୍କ ବଡ଼ ପୁଅ ମୁଖାଗ୍ନି ଦେଇଥିଲା । ସବୁ କାମ ସାରି ଫେରିଲା ବେଳକୁ ରାତି ବାରଟା ହୋଇଯାଇଥିଲା । ଶବ ଯେଉଁଠୁ ଉଠିଲା ମୁଖାଗ୍ନି ଦେଇଥିବା ବ୍ୟକ୍ତି ସେଇଠି ଶୋଇବା ବିଧି । କିନ୍ତୁ ସେ ଫ୍ଲାଟରେ ରହିବାକୁ ଖୁଡ଼ୀ ରାଜି ହେଉ ନଥିଲେ । ବୈଷ୍ଣବ ଦାଦାଙ୍କ ବାପା ବାଧ କରିବାରୁ ପପୁନ ଜେଜେଙ୍କ ସହ ରହିବାକୁ ରାଜି ହେଲା । ଖୁଡ଼ୀ ବି ରହିବାକୁ ବାଧ ହେଲେ । ସବୁ ବ୍ୟବସ୍ଥା କରି ପରଦିନ ଆସିବାକୁ କହି ମୁଁ ଘରକୁ ଫେରିଲି ।

ଘରେ ପହଞ୍ଚିବା ପରେ ପତ୍ନୀ କହିଲେ, "ପ୍ରମୋଦା ଆସିଥିଲେ । ସଞ୍ଜବେଳକୁ । ଚାବିକାଠି ନେନ୍ଥାଏ ଦେଇ ଯାଇଛନ୍ତି । କହିଲେ, ମାନସକୁ ଦେଇଦେବ । କିଛି ପଚାରିବା ପୂର୍ବରୁ ସେ ଚାଲିଗଲେ ।"

ଗଦରେଜ ଆଲମିରା ଚାବିକାଠି । ମୁଁ ହଠାତ୍ କିଛି ବୁଝିପାରିଲି ନାହିଁ । ପଚାରିଲି, "କୁଆଡ଼େ ଗଲେ ?"

"ମୁଁ ଜାଣିନି, ମତେ ଆଉ କିଛି କହିଲେ ନାହିଁ । ମୁଁ କିଛି ପଚାରିବା ପୂର୍ବରୁ ସଙ୍ଗେସଙ୍ଗେ ତ ଚାଲିଗଲେ । ଗୋଟିଏ ଅଟୋ ରିକ୍ସାରେ ଆସିଥିଲେ । ଅଟୋ ବାହାରେ ଛିଡ଼ା ହୋଇଥିଲା । ସେଥିରେ ଚାଲିଗଲେ । ଘର ଭିତରକୁ ଆସି ନାହାନ୍ତି ।" ପରଦିନ ସକାଳେ ବୈଷ୍ଣବ ଦାଦାଙ୍କ ଫ୍ଲାଟକୁ ଯାଇ ତାଙ୍କ ବାପା, ଖୁଡ଼ୀଙ୍କୁ କହିଲି । ସମସ୍ତଙ୍କ ଉପସ୍ଥିତିରେ ଆଲମାରି ଖୋଲାଗଲା । ଆଲମାରି ଭିତରେ ବାକ୍ସରେ ଥିଲା ଗୋଟିଏ କବଲା । ଫ୍ଲାଟଟି ପ୍ରମୋଦା ନାଁରେ ଥିଲା, ସେ ପପୁନ ନାମରେ ଦଉପତ୍ର କରି ଦେଇଛି, ସେହି କବଲା । ଗୋଟିଏ ଛୋଟ ବାକ୍ସରେ ସୁନା ଗହଣା । ମୋର ମନେ ପଡ଼ିଲା, ପ୍ରମୋଦାର କାନରେ ତାରା ପରି ଦୁଇଟି କାନଫୁଲ ବ୍ୟତୀତ ପୂର୍ବଦିନ ତା' ଦେହରେ କିଛି ଗହଣା ନଥିଲା । ଏହା ଭିତରେ ସେ ସବୁ ଖୋଲି ରଖିଦେଇଥିଲା ।

ଗୋଟିଏ ପାଶବୁକ ବହି, ପ୍ରମୋଦା ନାମରେ । ପ୍ରମୋଦା ପାଶବୁକରେ ଦୁଇଲକ୍ଷ ପଚିଶ ହଜାର ଟଙ୍କା ଥିଲା । ଏହି ପାଞ୍ଚ/ଛଅ ମାସ ଭିତରେ ସେ ଟଙ୍କା ଉଠାଇ ବୈଷ୍ଣବ ଦାଦାଙ୍କ ପାଇଁ ଖର୍ଚ୍ଚ କରୁଥିଲା । ନଗଦ ଟଙ୍କା ଥିଲା ଚାଳିଶ ହଜାର । ଦୁଇଦିନ ପୂର୍ବରୁ ପାଶବୁକରେ ଥିବା ଶେଷ ପଚାଶ ହଜାର ଉଠେଇଥିଲା । ପୂର୍ବଦିନ ମତେ ସେ ଟଙ୍କା ବିଡ଼ାଏ ଧରାଇଥିଲା, ଶବ ଦାହ ନିମନ୍ତେ ଖର୍ଚ୍ଚ କରିବାକୁ । ସେଥିରେ ଥିଲା ପାଞ୍ଚ ହଜାର ।

ମୁଁ ଘରର ଚାରିଆଡ଼କୁ ଚାହିଁଲି । ଯେତେବେଳେ ଯୋଉ ଜିନିଷ କିଣା ହେଉଥିଲା, କି ପ୍ରମୋଦା ପାଇଁ ଗହଣା ଖଣ୍ଡେ କିଣୁଥିଲେ, ମୁଁ ତାଙ୍କ ନିକଟକୁ ଯେବେ ଯାଉଥିଲି ଦାଦା ମତେ ଦେଖାଉଥିଲେ । ସବୁ ଜିନିଷ ଥିଲା, ପ୍ରମୋଦା କିଛି ନେଇଯାଇ ନଥିଲା । ଏପରିକି ଟଙ୍କା ବ୍ୟାଙ୍କରୁ ଉଠାଇ ପାଶବୁକ୍ ସହ ରଖିଦେଇ ଯାଇଥିଲା । ହିସାବ କଳାପରି ଜଳଜଳ ଦିଶୁଥିଲା । ମୁଁ ବୈଷ୍ଣବ ଦାଦାଙ୍କ ବାପା ଓ ବେଦୀରେ ଅଗ୍ନିକୁ ସାକ୍ଷୀ ରଖି ବାହା ହୋଇଥିବା ତାଙ୍କ ପତ୍ନୀଙ୍କୁ ବୁଝାଇ କହିଲି, "ପପୁନର ଫ୍ଲାଟ, ଝିଅ ମୁନୀପାଇଁ ଗହଣା । ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ଚାଳିଶ ହଜାର ଟଙ୍କା । ପ୍ରମୋଦା ସବୁ ରଖିଦେଇ ଯାଇଛି ।"

ସେମାନେ ପରସ୍ପରକୁ ଚାହିଁଲେ, ନିରବ ରହିଲେ ।

ପ୍ରମୋଦା ଫେରି ନଥିଲା, କୁଆଡ଼େ ଗଲା କେହି ଜାଣି ନଥିଲେ ।

-୧୦-

ମତେ ବିଳମ୍ବରେ ନିଦ ହୋଇଥିଲା, ପରଦିନ ସକାଳୁ ଖୁବ ଶୀଘ୍ର ଉଠି ପଡ଼ିଥିଲି । ବର୍ଷା ଛାଡ଼ି ଯାଇଥିଲା । ଆକାଶ ଦିଶୁଥିଲା ନିର୍ମଳ । ବର୍ଷାରେ ଧୋଇ ହୋଇ ଯାଇଥଲା ଜଙ୍ଗଲର ଗଛପତ୍ର, ମାଟି ଉପରେ ଘାସ, ପରିବେଶ ଦିଶୁଥିଲା ସତେଜ, ସୁନ୍ଦର । ପ୍ରମୋଦା ଚା'ଆଣି ଦେଲା । ମୁଁ ତାକୁ କହିଲି, "ତମେ ଚାଲି ଆସିବା ପରେ ମୁଁ ବହୁତ ଚିନ୍ତା କରିଛି, ବୈଷ୍ଣବ ଦାଦାଙ୍କୁ ମୁଁ ପିଲାଦିନରୁ ଦେଖିଛି । ତାଙ୍କ ଜୀବନରେ ଭଲପାଇବା କ'ଣ, ପ୍ରେମ କ'ଣ ସେ ଜାଣି ନଥିଲେ । ମତେ ଲାଗେ ତମେ କେବଳ ତାଙ୍କୁ ବୁଝିଥିଲ, ତମଠାରୁ ସେ ପ୍ରେମ ମମତା ଟିକେ ପାଇଥିଲେ । ତମେ ହିଁ କେବଳ ତାଙ୍କୁ ସୁଖ ଦେଇଥିଲ । ତାଙ୍କର ପ୍ରେମର ନିଦର୍ଶନ ସ୍ୱରୂପ ସେ ଫ୍ଲାଟ ତମ ନାମରେ କରିଦେଇଥିଲେ । ତମକୁ ଟଙ୍କା ଧରେଇ ଦେଉଥିଲେ । କିଛି ଦେଇ,

ତମ ପାଇଁ ଗହଣା କିମ୍ବା ଜିନିଷ ଉପହାର ଆଣି ସେ ଖୁସି ହେଉଥିଲେ। ତମେ ସବୁ କିଛି ପ୍ରତ୍ୟାଖ୍ୟାନ କରି ତାଙ୍କୁ ଅସମ୍ମାନ କଲନି ? ତାଙ୍କ ଆତ୍ମାକୁ କଷ୍ଟ ଦେଲନି ?" ପ୍ରମୋଦା ମୋ ସାମ୍ନାରେ ଦଉଡ଼ି ଖଟ ଉପରେ ବସିଥିଲା। ଟିକେ ନିରବ ରହି, ଚ' ଢୋକେ ପିଇ କହିଲା, "ଅଳିଆ ଆବର୍ଜନାରେ ମୋର ଜନ୍ମ, ଅଳିଆ ଆବର୍ଜନାରେ ମୁଁ ବଢ଼ିଛି। ଏ ପରିବେଶ ମୋ ପାଇଁ ସମସ୍ୟା ନୁହେଁ, ମତେ କଷ୍ଟ ଲାଗେନି। ତମ ଦାଦାଙ୍କ ବିନା ମୁଁ ସେ ଘରେ କେମିତି ରହିପାରିଥାନ୍ତି ? ମୁଁ ତ ଆଉ କାହାକୁ ଦେଇନି, ତାଙ୍କରି ପୁଅ, ତାଙ୍କ ଝିଅକୁ ତ ଦେଇଛି ସେମାନେ କ'ଣ ମୋର କେହି ନୁହଁନ୍ତି ?" ମୋର କିଛି କହିବାର ନଥିଲା, ତାକୁ ମୁଁ ଚାହିଁ ରହିଥିଲି। ସେ ବହୁତ ସୁନ୍ଦର ଲାଗୁଥିଲା, ଦେବୀ ପରି ମନେ ହେଉଥିଲା। ପଚାରିଲା, "ପପୁନ, ମୁନୀ କେମିତି ଅଛନ୍ତି ?"

"ଭଲ ଅଛନ୍ତି। ମୁନୀର ଏବେ ବାହାଘର ହେଲା। ସେ କମ୍ପ୍ୟୁଟର ଇଞ୍ଜିନିୟରିଂ ପଢୁଥିଲା, ବରଟି ବି କମ୍ପ୍ୟୁଟର ଇଞ୍ଜିନିୟର। ଏହି ପନ୍ଦରଦିନ ତଳେ ଦୁହେଁ ଆମେରିକା ଚାଲିଗଲେ। ପପୁନ ଏବେ ଚେନ୍ନାଇରେ ଗୋଟିଏ ମଲ୍‌ଟି ନ୍ୟାସନାଲ କମ୍ପାନୀରେ ଚାକିରି କରିଛି।"

ପ୍ରମୋଦା ଜାଣି ଖୁସି ହେଲା, ତା' ମୁହଁରୁ ଜାଣି ହେଉଥିଲା। କହିବାକୁ ଭୁଲିଲି ନାହିଁ, ଖୁଡ଼ୀ ଚାହୁଁଥିଲେ ସେ ଫ୍ଲାଟଟା ବିକ୍ରି କରିଦେବାକୁ। ସେ ତ କଟକରେ ଘର କରିଛନ୍ତି। କହୁଥିଲେ, ଭୁବନେଶ୍ୱରରେ ଫ୍ଲାଟ କଣ ହେବ ? ପପୁନ, ମୁନୀ ମନାକଲେ। କହିଲେ ଫ୍ଲାଟ ରହିବ। ଆମେ ଓଡ଼ିଶା ଆସିଲେ ସେଇଠି ରହିବୁ।

ପ୍ରମୋଦା ଆଖିରୁ ଦୁଇବୁନ୍ଦା ଲୁହ ଖସି ପଡ଼ିଲା।

***ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ସହଦେବ ସାହୁ ବାଣୀବିହାର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ୧୯୮୧-୮୩ ବ୍ୟାଚ୍ ଛାତ୍ର। ଓଡ଼ିଶା ଅର୍ଥସେବାରେ ଦୀର୍ଘ ବର୍ଷ କାର୍ଯ୍ୟ କରି ଅତିରିକ୍ତ ଦ୍ରବ୍ୟ ଓ ସେବାକର ଆୟୁକ୍ତ ଭାବେ କାର୍ଯ୍ୟରତ ଥାଇ ଅବସର ଗ୍ରହଣ କରିଥିଲେ। ଅନେକ ଗଳ୍ପ ସଂକଳନ ଓ ଉପନ୍ୟାସ ବ୍ୟତୀତ ଦୁଇଟି ଆତ୍ମଜୀବନୀ ପୁସ୍ତକ ତାଙ୍କୁ ଓଡ଼ିଆ ସାହିତ୍ୟ ଜଗତରେ ଅସୀମ ଲୋକପ୍ରିୟତା ଆଣିଦେଇଛି। ଏହାବ୍ୟତୀତ ତାଙ୍କର ଚାରିଟି ଇଂରାଜୀ ପୁସ୍ତକ ବି ପ୍ରକାଶିତ ହୋଇଛି।***



# ତଥାପି ଅପେକ୍ଷା

**ଚିରଶ୍ରୀ ଇନ୍ଦ୍ରସିଂ**

ଗୌରବର ଫୋନ୍ ପାଇ ଗୋମତୀ ସାଙ୍ଗେସାଙ୍ଗେ ଖୁସିଖୁସି ରାଜି ହେଇଗଲା ତାକୁ ଦେଖା କରିବାକୁ ଆସି ପହଞ୍ଚିବ ବୋଲି।

ପୂରା ପଚିଶି ବର୍ଷ ବିତିଯାଇଛି ଏ ଭିତରେ। ଫୋନ୍ ଧରୁଧରୁ ଗୋମତୀ ତାକୁ ଚିହ୍ନିପାରିବ ସେପଟୁ, ଏମିତି ମଧୁର ବିସ୍ମୟରେ ବିହ୍ୱଳ ହେଇଗଲା ଗୌରବ। କଥାବାର୍ତ୍ତାରେ ସେଇ ପୁରୁଣା ଦିନର ଆତ୍ମୀୟତା.. ନିରୋଳା ଭଲପାଇବାର ନିର୍ଭୁଲ ଇଙ୍ଗିତ... ନିବେଦିତାର ନିଃସର୍ତ୍ତ ନମନୀୟତା... ଆହା, ଇଏ ଯେ ଟିକିଏ ବୋଲି ବଦଳି ନ ଥିବା ସେଇ କିଶୋରୀ ଗୋମତୀ...।

ଗୋମତୀ ପଚାରିଲା, "କେତେବେଳେ ପହଞ୍ଚିଲେ ତମର ସୁବିଧା ହେବ ?" ଗୌରବ ଥତମତ ହେଇଗଲା। ଗୋମତୀକୁ ଫୋନ୍ କରିବାକୁ ସାହସ ଜୁଟେଇ ପାରିନି ସେ। ପ୍ରତିଥର ତାକୁ କୁଣ୍ଠା ଘେରିଯାଇଛି ଆପାଦମସ୍ତକ। ପ୍ରତିଥର ତାକୁ ଭୟ ଲାଗିଛି, ଗୋମତୀ ହୁଏତ ଖରାପ ଭାଷାରେ ଗାଳିଦେବ କିମ୍ବା କାନ୍ଦି ପକେଇବ ନିଜକୁ ସମ୍ଭାଳି ନ ପାରି। ସବୁଠୁ ସାଂଘାତିକ କଥା, ଗୋମତୀ ତାକୁ ଅପମାନ ଦେବାକୁ ଯାଇ ବିଲ୍‌କୁଲ୍ ଚିହ୍ନିବ ହିଁ ନାହିଁ। ନିସ୍ପୃହ, ନିରାସକ୍ତ ଓ ନିଷ୍ଠୁର ଗଳାରେ ସେ ପ୍ରଶ୍ନ କରିବ... "ଗୌରବ, କୋଉ ଗୌରବ... ଦୁଃଖିତ ଆଜ୍ଞା ମୁଁ ମନେପକେଇ ପାରୁନି କିଏ ବୋଲି... ପଢୁଥିଲେ ମୋ ସାଙ୍ଗରେ, ମାନେ ମୋର ଦୁଇ ବ୍ୟାଚ୍ ଉପରେ ବୋଲି କହୁଛନ୍ତି... ହେଇଥିବ... ଠିକ୍ ଅଛି... ଏବେ କିନ୍ତୁ ମୁଁ ବ୍ୟସ୍ତ ଅଛି... କିଛି ଜରୁରୀ କଥା ଥିଲେ ଆପଣ ମୋ ପି.ଏ. ସାଙ୍ଗରେ କଥା ହୁଅନ୍ତୁ" ଏବଂ ତା' ପରେପରେ ଫୋନ୍ ଡିସ୍‌କନେକ୍ଟ ହେଇଯିବ।

ଗୋମତୀ ପୁଣି ଥରେ ପଚାରିଲା - "କେତେବେଳେ ପହଞ୍ଚିଲେ ତମର ସୁବିଧା ହେବ ? 'ସି ଭିଉ' ହୋଟେଲ କହିଲେ ତ !" ଗୌରବ କୃତ୍ୟାକୃତ୍ୟ ହେଇଗଲା। କେଉଁ ସମୟରେ ଓ କେଉଁଠି ସେମାନଙ୍କର ଭେଟ ହେବ, ସେକଥାର ନିଷ୍ପତ୍ତି ନେବାର ଅଧିକାର ଏବେ ବି ଗୌରବର। ଗୋମତୀ ତାକୁ ଭଲପାଏ, ପ୍ରାଣଦେଇ ଭଲପାଏ... କାବ୍ୟ କବିତାରେ ଯେଉଁ କୁହାଯାଏ ସ୍ୱର୍ଗୀୟ ଭଲପାଇବା... ଠିକ୍ ସେମିତି। ସେଥିପାଇଁ ଜୀବନରେ ଯାହାକିଛି ଭୁଲଠିକ୍ ଘଟିଗଲା... ତା'ର ବିଚାର କି ବିଶ୍ଳେଷଣ କରିନି ସେ। ପ୍ରଶ୍ନ ନ କରି, ହିସାବ ନ କରି, ରାଗ, ଅଭିମାନ, ମନରେ ନ ରଖି ନିରବରେ ସେ ଭଲପାଇ ଆସିଛି। ତିରିଶି ବର୍ଷରୁ ଅଧିକ କାଳ ହେଲାଣି, ଗୋମତୀ ତା' ନିଷ୍ଠାରେ ଅଟଳ ଅଛି।

ଗୌରବର ଦୁଇ ଆଖି ଝଲସି ଉଠିଲା। ଓହୋ, ଅଯଥାରେ ସେ ଆଜିଯାଏଁ କେତେ କ'ଣ ଇଆଡୁ ସିଆଡୁ ଚିନ୍ତା କରି ନିଜ ମୁଣ୍ଡଟାକୁ ଯାହା ଓଜନିଆ କରି ରଖିଥିଲା।

"ଆଜି ଯଦି କିଛି ଅଲଗା କାମ ଅଛି, କାଲି ଯିବି ନ ହେଲେ।"

"ତୁ କହ। ଏଥରକ ତୁ କହ, କେତେବେଳେ ଆସି ପାରିବୁ।"- ଏମିତି କିଛି କହି ଆସୁଆସୁ ନିଜକୁ ଅଟକେଇଲା ଗୌରବ। ଭେଟିବାର ସମୟ ଠିକ୍ କରିବାର ସୁଯୋଗ ସେ କାହିଁକି ହାତଛଡ଼ା କରିବ। ସେ ଅଧିକାର ତା'ର ସେତେବେଳେ ବି ଥିଲା, ଆଜି ବି ଅଛି। ନ ଥିବ ବୋଲି ଯାହା କିଛି ବି ଦ୍ୱନ୍ଦ୍ୱ ଥିଲା, ନିଜେ ଗୋମତୀ ସେ ଅଧିକାର ସସମ୍ମାନେ ତାକୁ ଫେରେଇ ଦେଇଛି।

"ପାଞ୍ଚଟା ବେଳକୁ ଆସିପାରିବୁ ? ତୋର ଅଲଗା କାମ କିଛି ନ ଥିବ ତ ସେତେବେଳେ ? ତତେ ଅସୁବିଧାରେ ପକଉନି ତ ମୁଁ !" ଗୌରବର ସ୍ୱର ମାତ୍ରାତିରିକ୍ତ କୋମଳ ଓ ଦାୟିତ୍ୱବାନ।

"ନା, ନା, ମୁଁ ଫ୍ରି ହେଇପାରିବି। ଯାହା ବି କାମ ଅଛି ତାକୁ ଆଡଜଷ୍ଟ କରାଯାଇ ପାରିବ ବା ହାର୍ଡକେସ୍‌ରେ କ୍ୟାନ୍‌ସଲ୍ କରାଯାଇ ପାରିବ। ଏତେଦିନ ପରେ ତମ ସହିତ ଦେଖାହେବ... ଏଇ କଥାରୁ ବଳି ବଡ଼ କାମ ଆଜି ପାଇଁ ଆଉ କିଛି ନାହିଁ।" ଗୋମତୀର ସ୍ୱରରେ ସେଦିନର ଚପଳତା ଆଉ ନାହିଁ। ସାମାନ୍ୟ ଗମ୍ଭୀର ଓ ମୋଟାଳିଆ ତା'ର ସ୍ୱର କିନ୍ତୁ ଲୁଚେଇ ପାରିଲା ନାହିଁ ତା'ର ଅନ୍ତରର ଉଦ୍‌ବେଳନ।

କେମିତି ଦିଶୁଥିବ ଏବେ ଗୋମତୀ ! ଏକାନ୍ତରେ ହୋଟେଲ ରୁମ୍‌ର ପ୍ରାଇଭେସିରେ କେମିତି ଭାବରେ କଥାବାର୍ତ୍ତା ଆରମ୍ଭ କରିବା ଠିକ୍ ହେବ ? ପଚିଶି ବର୍ଷବ୍ୟାପୀ ବିରହର ଝାଞ୍ଜିପବନରେ ସିଝିସିଝି ଗୀତମୟ ହୋଇଯାଇଥିବା ତା'ର ବ୍ୟାକୁଳ ପ୍ରତୀକ୍ଷାର ଆଲୁଅରେ

ଉଜ୍ଜ୍ୱଳ ଓ ନୀଳ ଦିଶୁଥିବ ଗୋମତୀର ଆଖିର ପିତୁଳା... ଆଜି ବି କ'ଣ ସେ ଧରାଦେବ ଗୌରବର ଦୁଇହାତ ମଝିରେ ଓ ତା' ଭିତରେ ଥିବା ଶୂନ୍ୟତାକୁ ଭରିଦେବ !

ଗୋମତୀ ଗୋଟେ ଅଜଣା, ଅପରିଚିତ ନାଁ ନୁହେଁ ଓଡ଼ିଶାରେ।

ଏବେ ସେ ରାଜ୍ୟର ଜଣେ ଆଗଧାଡ଼ିର ଗାୟିକା। ବେଶ୍ କିଛି ଶ୍ରୋତାଙ୍କ ମତରେ ସିନେମାର ପ୍ରଚ୍ଛଦଶିଳ୍ପୀ ହିସାବରେ ସେ ସର୍ବୋତ୍ତମା ଓ ଅତୁଳନୀୟା ପୂରା ରାଜ୍ୟରେ। ଗୋମତୀକୁ ଏବେ କୁହାଯାଉଛି ମେଲୋଡି କୁଇନ୍। ଦୁଃଖର, ଶୋକର, ବିଚ୍ଛେଦର, ବିରହର ଓ କରୁଣ ରସରେ ଉବୁଟୁବୁ ଗୀତ ଗାଇବାରେ ସେ ଅଦ୍ୱିତୀୟା।

ପଚିଶି ବର୍ଷ ତଳେ ଗୋମତୀର ସ୍ୱର ଆହୁରି ପତଳା ଥିଲା, କୋମଳ ଥିଲା। କଠିନ ସାଧନା କରିବା ଯୋଗୁଁ କି କ'ଣ ଏଇନା ତା' ସ୍ୱର ନିୟନ୍ତ୍ରିତ, ଉଚ୍ଚାଙ୍ଗ ଶାସ୍ତ୍ରୀୟ ପୁଣି ବି ଗଭୀର ଓ ମାଦକଭରା। ସମାଲୋଚକମାନେ କହୁଛନ୍ତି ଯେ, ଏଭଳି ସ୍ୱର ଭଗବାନଙ୍କର ଏକ ବିରଳ ସୃଷ୍ଟି।

ଗୌରବ ତ ଗୌରବ... ସେମାନଙ୍କର ସେଇ ସାନ ସହରଟିରେ କେବେ ବି କେହି ଭାବି ପାରି ନ ଥିଲେ ଯେ, ଗୋମତୀ ଦିନେ ଏତେ ଆଦୃତ ଓ ଆଲୋକିତ ହୋଇ ଉଠିବ। ସାଧାରଣ ଛାତ୍ରୀ, ଆହୁରି ସାଧାରଣ ଘରର ଝିଅ। ମନଖୁସିରେ ଗୀତ ଗାଏ କଲେଜ ଫଙ୍କ୍ସନ୍ ଇତ୍ୟାଦିରେ। ଯେତିକି ବି ଗୀତଶିଖା ହୋଇପାରିଛି, ତା' ଆନୁଷ୍ଠାନିକ ଭାବେ ସଂପୂର୍ଣ୍ଣ ହେଇନି।

ଗୌରବ ଅତି ପିଲାଦିନରୁ ଦେଖି ଆସିଥିଲା ସେଇ ଗୋମତୀକୁ। ସେ ହାଇସ୍କୁଲରେ ପହଞ୍ଚିବା ବେଳକୁ ଗୋମତୀର ଚାଲିଚଳଣ, ହାବଭାବ, ଛୋଟଛୋଟ ଗୀତଲେଖା ଓ ବିଭୋର ହୋଇ ଗୀତ ବୋଲିବା ଇତ୍ୟାଦିରୁ ଗୌରବ ବୁଝିପାରିଥିଲା ଯେ, ଏଇ ଝିଅଟି ତା' ପାଇଁ ପାଗଳିନୀ ହୋଇଯାଇଛି। ଗୌରବର ବି ଉନ୍ମାଦ ଅବସ୍ଥା... କଲେଜରେ ପାଠରେ ମନ ଲାଗେନି, ବହି ପୃଷ୍ଠାରେ ଗୋମତୀର ମୁହଁ ... ଗୋମତୀର ପୋଷ୍ଟଗ୍ରାଜୁଏସନ୍ ପଢ଼ା ସରିବା ଯାଏଁ ସେମାନେ ଦୁହେଁ ସବୁବେଳେ ଏକାଠି ଦିଶୁଥିଲେ। ଗୌରବର କିଛି ସାଙ୍ଗ ଗୋମତୀକୁ ମୁହାଁମୁହିଁ ଭାଉଜ ବୋଲି ଡାକୁଥିଲେ। ସେ ବି ହସିଦେଉଥିଲା ଏଇ ସମ୍ବୋଧନକୁ ଗ୍ରହଣ କରି।

ଗୋମତୀର ଖୋଲା ବେଣୀରେ ଆଙ୍ଗୁଳି ଚଳେଇଲେ, ପାର୍କର ଅନ୍ଧାରିଆ କଣରେ ତା' ଓଠରେ ଓଠ ସିଇଁଦେଲେ, ତାକୁ ନିଜ ଦେହରେ ନିବିଡ଼ ଭାବେ ଚାପି ଧରିଲେ ଯେଉଁ ସୁଖ ମିଳୁଥିଲା, ସେଇ ଲୋଭରେ ଗୋମତୀର ଛାଇକୁ ଆଉ କିଏ ଛୁଇଁ ବି ଦେଲେ ରାଗ ଓ ଈର୍ଷାରେ ଜଳିଯାଉଥିଲା ଗୌରବ।

ଏବେ ଗୌରବର ବିଶାଳ ବ୍ୟାବସାୟିକ ସାମ୍ରାଜ୍ୟ। ବିଭିନ୍ନ ମଣିଷଙ୍କୁ ଭେଟିବାକୁ ପଡ଼େ ଓ ବହୁତ ଯାତ୍ରା କରିବାକୁ ପଡ଼େ ନିୟମିତ ଭାବେ। ବିଭିନ୍ନ ଜାଗାରେ ବିଭିନ୍ନ ନାରୀଙ୍କ ସହ ସମ୍ପର୍କ ଗଢ଼ା ହୋଇଛି, ଭଙ୍ଗା ହେଇଛି। ଭଙ୍ଗାଗଢ଼ାର ଖେଳ ବହୁତ ବହୁତ ଉତ୍ତେଜନାରେ ଭରିଦେଇଛି ଜୀବନ, ଯେହେତୁ ଭାଙ୍ଗିବା ଓ ଗଢ଼ିବାର ପ୍ରକ୍ରିୟାକୁ ସେ ହିଁ ନିୟନ୍ତ୍ରିତ କରିଛି ସଂପୂର୍ଣ୍ଣ ଭାବେ।

ହଠାତ୍ ଦିନେ ଗୌରବ ଜାଣିବାକୁ ପାଇଲା ଯେ, ଗୋମତୀ ଜଣେ ଉଦୀୟମାନ ତାରକା ହୋଇ ଉଭା ହେଲାଣି। ନିଜର ମୂଲ୍ୟ କେମିତି ବଢ଼ାଇ ଦିଆଯାଇପାରେ, ସେ ଖେଳର ନିୟମ ସବୁ ଅଜଣା ନୁହେଁ ତା' ପାଇଁ। ସେଥିପାଇଁ ଗୌରବକୁ ପ୍ରଥମେ ଟିକେ ଆଶ୍ଚର୍ଯ୍ୟ ଲାଗିଲା। ପରେ ସେ ଖୁସି ହେଲା। ଭଲ... ଭଲ। ଟିଭି ପରଦାରେ ବା ମାଗାଜିନ୍‌ର ଗ୍ଲସି ପେପରରେ ଯେମିତି ଦିଶୁଛି ଗୋମତୀ... ସେଥିରୁ ବି ଅନୁମାନ ଲଗେଇ ହେଉଛି ଅନେକ କଥା। ବହୁତ ଭଲ ହେଲା, ଏବେ ଗୋମତୀ ବି ବଦଳିଗଲା। ସେଇଦିନଠାରୁ ଯାହା ବି ଟିକିଏ ଅପରାଧବୋଧ ଥିଲା, ତା' ଆଉ ରହିଲା ନାହିଁ ଗୌରବର ମନରେ।

ଦୁଇବର୍ଷ ତଳେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହୃଦୟର ଦୁର୍ବଳତା, ଆଉ ପ୍ରୋଷ୍ଟେଟ ଗ୍ଲାଣ୍ଡରେ ଅସୁବିଧା ଏକାବେଳକେ ଗୌରବର ଦେହରୁ ଖୋଜିପାଇଲେ ତା'ର ଫାମିଲି ଡକ୍ଟର। ଓଜନ କମାନ୍ତୁ, ଖୁସି ରହନ୍ତୁ, ଅନିଦ୍ରା ବା ଉତ୍କଣ୍ଠିତ ରହନ୍ତୁ ନାହିଁ, ସାମାଜିକ ସମ୍ପର୍କ ସବୁ ଖୋଜି ବାହାର କରନ୍ତୁ... ଏଭଳି ନାନା ଉପଦେଶ ମିଳିଲା। ସେଇ ବର୍ଷ ପ୍ରଥମଥର ପାଇଁ ସମୟ ବାହାର କରି ଗୌରବ ତାଙ୍କର ଆଲୁମିନାଇ ମିଟ୍ ପାଇଁ ଆସି ଓଡ଼ିଶାରେ ପହଞ୍ଚିଲା। କିନ୍ତୁ ସେଠି ସମସ୍ତଙ୍କଠାରୁ ଗୋମତୀର ପ୍ରଶଂସା ଶୁଣିଶୁଣି ତା'ମନଟା ଖରାପ ହେଇଗଲା। ସେଠି କିଛି ସମୟ କାଟିବା ପରେ ତା'ର ହୃଦ୍‌ବୋଧ ହେଲା ଯେ- କୌଣସି ସର୍ଟକଟ୍ ରାସ୍ତା ଦେଇ ନୁହେଁ, ଗୋମତୀ ଆଗକୁ ଯାଇଛି କଠିନ ସାଧନା କରି, ବହୁତ ଅସୁବିଧା ଓ ଅଭାବ ସହିତ ଯୁଝିଯୁଝି।

ଗୌରବ ପଡ଼ୋଶୀ ରାଜ୍ୟରେ ଫ୍ୟାକ୍ଟରୀ କରିଛି, ବାହା ହେଇଛି, ସଂସାରୀ ଓ ସ୍ଥାବର ହେଇଛି। ସେଠି ଅଲଗା ଭାଷା, ଅଲଗା ରାଜନୀତି। ଗୀତ ଶୁଣିବାକୁ ବେଳ ନାହିଁ, ସହଜେ ତ ସେ ଗୋମତୀର ଗୀତଠାରୁ ଦୂରେଇ ରହିବାକୁ ଚେଷ୍ଟା କରିଛି।

ଆଲୁମିନାଇ ମିଟ୍‌ରୁ ଫେରି ଗୌରବ ଖୋଜିଖୋଜି ଗୋମତୀର ଗୀତ ଶୁଣିଲା, ତା'ର ଛବି ଦେଖିଲା, ତାକୁ ମନେ ପକେଇଲା। ଧୀରେଧୀରେ ତାକୁ ଭଲ ଲାଗିଲା ଗୋମତୀର ସ୍ମୃତିରେ ସମୟ କଟେଇବା ପାଇଁ। ହରେଇଥିବାର, ହାରିଯାଇଥିବାର, ହାହାକାର ଭିତରେ ତଟସ୍ଥ ହୋଇ ପଥର ପାଲଟି ଯାଇଥିବାର, ପୁଣି ଆଶା, ଅପେକ୍ଷା, ଅନୁରାଗ, ଅଭିମାନ ଓ ଅଭିଯୋଗର କେତେକେତେ ଗୀତ ଗାଇଛି ଗୋମତୀ- ପ୍ରେମର କେତେ ରୂପ କେତେ ରହସ୍ୟକୁ ସଜେଇଦେଇଛି ଶବ୍ଦ ଆଉ ଶୈଳୀରେ...।

ଗୋମତୀକୁ ଅଧାରାସ୍ତାରେ ନୁହେଁ ତ ପୂରାକୁ ପୂରା ଅନ୍ଧମୁହାଣୀରେ ଅସହାୟ ଅବସ୍ଥାରେ ଦିନେ ସେ ଛାଡ଼ିଦେଇ ଆସିଥିଲା। ସେଥିପାଇଁ ତାକୁ ଚିଠି ଲେଖିବା କି ଫୋନ୍ କରିବା କିମ୍ବା ଫ୍ରେଣ୍ଡ୍ ରିକ୍ୱେଷ୍ଟଟେ ପଠେଇବାକୁ କୁଣ୍ଠା ଲାଗୁଛି। ଯଦି ସେ ପ୍ରଶ୍ନ କରେ, କ'ଣ ରୋଗରେ ପଡ଼ିଲାରୁ ଯାଇ ଏତେବର୍ଷ ପରେ ମନେପଡ଼ିଲା... କିମ୍ବା... ମୁଁ ଯଦି ଆଜି ପ୍ରତିଷ୍ଠିତ ହୋଇ ନ ଥାନ୍ତି, ତମେ କ'ଣ ମତେ ଖୋଜିଥାଆନ୍ତ... ତମେ ତ ମତେ ଅଳିଆଗଦାକୁ ଫିଙ୍ଗି ଚାଲିଯାଇଥିଲ...।

ଦିନେ ଅସହ୍ୟ ହେଲା ଦୁର୍ବଳ ହୃଦୟର ଉଦ୍‌ବେଳନ। ଲାଗିଲା ଗୋମତୀ ସାଙ୍ଗରେ କଥାବାର୍ତ୍ତା ନ ହୋଇ ପାରିଲେ ତା'ର ସ୍ୱାଭାବିକ ସ୍ପନ୍ଦନ ବନ୍ଦ ହୋଇଯିବ। ସାଙ୍ଗେସାଙ୍ଗେ ଟିକେଟ୍ କଟା ହେଲା। କିଛି ଘଣ୍ଟା ପରେ ଭୁବନେଶ୍ୱର।

ଗୌରବକୁ ଭେଟିବାର ଥିଲେ ଗୋମତୀ ପ୍ରତିଥର ପ୍ରଥମେ ପହଞ୍ଚି ଅପେକ୍ଷା କରିଥାଏ। ଆଜି ବି ପାଞ୍ଚଟା ବାଜିବାକୁ ପାଞ୍ଚ ମିନିଟ୍ ଥାଇ ସେ ହାଜର। ନାରଙ୍ଗୀ ରଙ୍ଗର ଶାଢ଼ିରେ ସୁନେଲି ବର୍ଡର। ପଚିଶି ବର୍ଷ ତଳେ ସେ ମୋଟୀ ଝିଅଟେ ଥିଲା। ଏବେ ତା'ର ଦେହ ମାପଚୁପ, ସେଥିପାଇଁ ଶାଢ଼ି ସୁନ୍ଦର ମାନୁଛି।

ଗୋମତୀ ବଢ଼େଇଦେଲା ଲାଲଗୋଲାପର ସ୍ତବକ ଓ ଚଉକିଟାଏ ଟାଣି ବସିପଡ଼ିଲା କିଛିଟା ବ୍ୟସ୍ତତା ଥିଲା ପରି।

"କ'ଣ ପିଇବୁ କହ," କ'ଣ କହି କଥା ଆରମ୍ଭ କରିବ ବୁଝି ନ ପାରି ଗୌରବ ମେନୁକାର୍ଡଟା ବଢ଼େଇଦେଲା ସେ ପଟକୁ। ସାରା ଦି'ପହର ଦର୍ପଣ ଆଗରେ ଠିଆହୋଇ ସେ ଅଭ୍ୟାସ କରିଛି ଏମିତି କେତେଟା ବାକ୍ୟ କହିବାକୁ - ମୁଁ ସତରେ ବଡ଼ ଦୁଃଖିତ ଓ ଲଜ୍ଜିତ। ତୁ ମତେ କ୍ଷମା କରିଦେ। କିନ୍ତୁ ଏଇ ଯେଉଁ ଗୋମତୀ ବସିଛି, ସିଏ ତ ଅଭିସାରିକା ହୋଇ ଆସିଛି। ହାତରେ ରକ୍ତଗୋଲାପର ସ୍ତବକ, ଖୋଲାବେଣୀରେ ମଲ୍ଲି ଗଜରା, ମୁହଁରେ ଅପେକ୍ଷାର ହସ। ଏଇ ଗୋମତୀ ଭୁଲିଯାଇ ନାହିଁ ଯେ, ଗୌରବର ପ୍ରିୟ ରଙ୍ଗ ନାରଙ୍ଗୀ। ତା'ହେଲେ ଏଇ ଗୋମତୀକୁ ସେ ଲଜ୍ଜିତ ବା ଦୁଃଖିତ ବୋଲି କାହିଁକି କହିବ!

"ହଁ, କିଛି ଗୋଟାଏ ପିଇବା କଥା ତ, ତମେ ଯାହା ପିଇବ ମୋ ପାଇଁ ବି ସେଇଆ ମଗେଇଦିଅ। ଦି'ପହରେ ଡେରିରେ ଖାଇଛି, ରାତିରେ ଡିନର ପାଇଁ ନିମନ୍ତ୍ରଣ ଅଛି।"

ଆହାରେ ମୋର ଗୋମତୀ, ତତେ ମୁଁ ଯେଉଁଠି ଛାଡ଼ି ଯାଇଥିଲି, ତୁ ତ ସେଇଠାରୁ ପାଦେ ବୋଲି ଘୁଞ୍ଚିନୁ। ତୋର ଭଲପାଇବା ତିଳେହେଲେ ଊଣା ହୋଇ ନାହିଁ ମୋ ପାଇଁ, ଗୌରବ ଏମିତି ଭାବିଲା। କିନ୍ତୁ ସେ କଥା ନ କହି କହିଲା ଅନ୍ୟ କଥା।

"ଏତେଦିନ ପରେ ଦେଖା। ଚାଲିଯିବାକୁ ଏତେ ତରତର କାହିଁକି? ତୁ ମୋ ସାଙ୍ଗରେ ଡିନର୍ କରି ଯିବୁ।" ଗୌରବର ଇଚ୍ଛା ହେଉଥିଲା, କଥା କହିବା ଭିତରେ ସେ ଗୋମତୀର ଆଙ୍ଗୁଳିରେ ଛନ୍ଦି ଦିଅନ୍ତା ନିଜର ଆଙ୍ଗୁଳିସବୁ, ତା' କାନରେ ଓଠ ଛୁଆଁଇ କହନ୍ତା- ତୋର ବେକ କେମିତି ଏତେ ଲମ୍ବା ହେଇଯାଇଛିରେ ଏ ଭିତରେ। ଆଉ ହଁ ଭାରି ମାନୁଛି ତତେ ଏ ମଲ୍ଲି ଗଜରା। ତୁ ସତରେ ଭାରି ଆଲୁରି ବାଲୁରି ଝିଅଟା ଥିଲୁ - ଆଗରୁ କାହିଁକି ଏମିତି ବାଦାମୀ ରଙ୍ଗର ଲିପ୍‌ଷ୍ଟିକ୍ ଲଗଉ ନ ଥିଲୁ କହିଲୁ? ଆଉ ଟିକକୁ ମୁଁ ଶୋଷିନେବି ତୋ ଓଠରୁ ବାଦାମୀ-ମହୁ ଜାଣିଥା...।

ଗୌତମ ଏସବୁ କଥା ଭାବିଲା ମନେମନେ, ପ୍ରକାଶ୍ୟରେ ଉଚ୍ଚାରଣ କଲାନାହିଁ। ଏସବୁ କଥାରେ ତରତର ହେଲେ ଚଳେନା। ଗୋମତୀର ମତିଗତି ପରଖିବା ପରେ ଯାଇ ପାଦପାଦ ହୋଇ ଆଗେଇବା ଉଚିତ। ହଠାତ୍ କରି କିଛି କରିବସିଲେ ଫଳ ଓଲଟା ହେଇପାରେ।

ଗୋମତୀ ଥଣ୍ଡା କଫିରେ ଆଇସ୍‌କ୍ରିମ ଘାଣ୍ଟୁଘାଣ୍ଟୁ, ଷ୍ଟ୍ର'ଟା ପ୍ଲେଟ୍‌ରେ ରଖିଦେଇ ପଚାରିଲା - ତମର ପରା ହାର୍ଟ ପ୍ରବ୍ଲେମ୍, ବାଇପାସ୍ ସର୍ଜରୀ ହେଇଛି ନା' କ'ଣ...? ଆଇସ୍‌କ୍ରିମ ମଗେଇଲ କାହିଁକି?

"କିଏ କହିଲା ତତେ ଏ କଥା... କାହାଠୁ ଶୁଣିଲୁ? ହେଇନି ହେବାର ଅଛି।"

"ତମର ମାମୁଝିଅ ଭଉଣୀ ନ ଥିଲା ଆମ ଅନର୍ସରେ... ସେଇ ଗପୁଥିଲା।"

ଓଃ... ମୋ ଖବର ସବୁ ରଖିଛୁ ତା' ହେଲେ। ଭିତରେ ଭିତରେ ଗୌରବ ଆଉ ପରସ୍ତେ ଉଲୁସି ଉଠିଲା।

"ଖବର ମିଳିଯାଏ। ତମେ ସିନା ଯାଇ ଅଲଗା ରାଜ୍ୟରେ ରହିଲ। ଏଠି ତ ବଜାର, ହାଟ, ବିଉଟି ପାର୍ଲର, ମଲ୍, ହସ୍‌ପିଟାଲ, ଷ୍ଟେସନ, ଏଆରପୋର୍ଟ, ଲାଇବ୍ରେରୀ, ମନ୍ଦିର... ସବୁଠି ଚିହ୍ନାଲୋକ ଭେଟ ହେଇଯାଆନ୍ତି। ଭୁବନେଶ୍ୱର ଏମିତି କେତେବଡ଼ ସହର କି... ହଉ ତମ ପୁଅ ଏବେ କ'ଣ କରୁଛି କୁହ... କେମିତି ଅଛନ୍ତି ତମ ମିସେସ୍, ସେ ପରା କୋର୍ଟରେ ପ୍ରାକ୍ଟିସ୍ କରନ୍ତି !"

ଗୌତମର ବିଲକୁଲ ଇଚ୍ଛା ନ ଥିଲା ସ୍ତ୍ରୀପିଲାଙ୍କ କଥା ଗପିବାକୁ। କିନ୍ତୁ ଉପାୟ ନାହିଁ। ସେଇ ପୁରୁଣା ସୂତ୍ର - ତରତର ହେଲେ ସବୁ ଖେଳ ବିଗିଡ଼ି ଯିବ। ଗୋମତୀକୁ ବି ତା' ପରିବାର ସମ୍ପର୍କରେ ପଚାରିବାକୁ ପଡ଼ିବ।

ଗୋମତୀ ଯାହା କହିଲା ତା'ର ସାରାଂଶ ହେଲା ଯେ, ସେ ବଡ଼ ଖୁସିରେ ସ୍ୱାମୀ ଓ ପୁଅ ସହିତ ଅଛି। ନିଜର କ୍ୟାରିୟର ଗଢ଼ିବା ପାଇଁ ସେମାନଙ୍କଠାରୁ ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ମିଳିଛି। ସେତିକି ନ ମିଳିଥିଲେ, ଆଜି ସେ ଯେଉଁ ଜାଗାରେ ଆସି ପହଞ୍ଚିଛି ସେଠି ପହଞ୍ଚିବା ସହଜ ହେଇପାରି ନ ଥାନ୍ତା।

କଥା ନ ସାରିବା ପୂର୍ବରୁ ଗୋମତୀ ଉଠି ଠିଆ ହେଇ ପଡ଼ିଲା। "ମୁଁ ଏଥର ଆସୁଛି। ପରେ ପୁଣି କେବେ ଦେଖାହେବ।" ବ୍ୟତିବ୍ୟସ୍ତ ହୋଇଉଠିଲା ଗୌରବ। "ଆରେଆରେ ଏମିତି କ'ଣ, ଏତେ ଶୀଘ୍ର କ'ଣ... ବସ୍ ଆଉ ଟିକିଏ। ତତେ ଦେଖିବି ବୋଲି ହିଁ ଆସିଥିଲି।"

ଗୋମତୀ ବସିପଡ଼ିଲା ସୁନାଝିଅ ପରି। "ଠିକ୍ ଅଛି। ଅଳ୍ପ ସମୟ ପାଇଁ ବସିପାରିବି। ମୋର ରେକର୍ଡିଂ ଅଛି ଟେଲିଭିଜନରେ... ସେଠି ପହଞ୍ଚିବା ପାଇଁ ପଡ଼ିବ ସାଢ଼େ ସାତ ଭିତରେ।"

"ଜାଣି ନ ଥିଲି ମୁଁ, ତୁ ମତେ ଆଜି ବି ଏତେ ଭଲପାଉ ବୋଲି। ଏତେ ବର୍ଷ ଧରି ମୁଁ ତତେ ଏତେ କଷ୍ଟ ଦେଲି, ଭାବିଲା ବେଳକୁ ବଡ଼ କଷ୍ଟ ହେଉଛି। ମୁଁ କେତେ ଅନୁତାପ କରିଛି, ଏକଥା କେମିତି ତତେ ବୁଝେଇବି ଜାଣିପାରୁନି।"

ସୂତ୍ର ଭୁଲିଯାଇଛି ଗୌରବ କିମ୍ବା ଭାବିଛି ଯେ, ଏଇଟା ହିଁ ଉଚିତ ସୂତ୍ର। ଗୋମତୀ ବି ହୁଏତ ଆଶ୍ଚର୍ଯ୍ୟ ହେବାର ଅଭିନୟ କରୁଛି। କିଛି ନ ଜାଣିଥିବା ପରି କହୁଛି - "ମତେ ତମେ କାହିଁକି କଷ୍ଟ ଦେବ.. ମୁଁ ତ ଆରାମରେ ଅଛି।"

ଗୋମତୀର ଭୂରୁ ଆଶ୍ଚର୍ଯ୍ୟ ମଧୁରତାରେ ବାଙ୍କି ଯାଇଛି ଧନୁ ଟାଣି ହେଲା ପରି। ଆଃ... ତା'ର ଏଇ ମୁଦ୍ରାଟା ହିଁ ଘାତକ ସାବ୍ୟସ୍ତ ହୋଇଛି ପ୍ରତିଥର। ଏଇ ଟଣକି ରହିଥିବା କଜ୍ଜଳ-ଭୂରୁ ରେଖା ପାଖରେ ଅସ୍ଥିର ଅନୁଭବ କରେ ଗୌତମ ବିଚିତ୍ର ଗୋଟେ ଉତ୍ତେଜନାରେ।

"ତୁ ଆଉ ମତେ ମିଛ କହନା। ତୋର ଗୀତରେ ଯେତେସବୁ ଅପେକ୍ଷାର ଲୁହ, ସେସବୁ ମୋ ପାଇଁ ବୋଲି ମୁଁ କ'ଣ ବୁଝି ପାରୁନି। ଗୀତ ଗାଇବା ମଣିଷଟି ଭିତରେ ଆଘାତ ଆଉ ଅଶ୍ରୁ ନ ଥିଲେ, ବିରହର ଗୀତ ତା'ର ଆବେଦନ ଠିକ୍ ଭାବରେ ଧରି ରଖିପାରିବ ନାହିଁ" ବୋଲି କହି ନ ଥିଲୁ ତୁ ଗୋଟେ ଇଣ୍ଟରଭ୍ୟୁରେ।

"ଓଃ, ମୋର ସେ ଇଣ୍ଟରଭ୍ୟୁ ଦେଖିଛ ତା'ହେଲେ।" ହସିଲା ଗୋମତୀ। ତା' ଆଖିରେ ଚମକି ଉଠିଲା ଉଆଁସ-ରାତିର ତରା ଆଲୁଅ। ଲଜ୍ଜାରୁଣ ଗୋମତୀର ମୁହଁ ସ୍ୱପ୍ନଭରା ଓ କାକର ଛୁଆଁ। ଗୌରବକୁ ଭୟ ଲାଗିଲା ତା'ର ଅସୁସ୍ଥ ହୃତ୍‌ପିଣ୍ଡ ଏତେ ଖୁସି, ଏତେ ସମ୍ମାନକୁ ସହିପାରିବ ଓ ଠିକ୍‌ଠାକ୍? ମୁହୂର୍ତ୍ତକରେ କିନ୍ତୁ ସେଇ ଲଜ୍ଜାରୁଣ ମୁହଁ କଠିନ ଦିଶିଲା। ଗୋମତୀକୁ ଚାହିଁଦେଇ, ଗୌରବ ତା' ଆଡ଼କୁ ବଢ଼େଇଥିବା ହାତ ଫେରେଇ ଆଣିଲା ଚମକି ପଡ଼ି।

"ହଁ, ଭଲପାଇବାକୁ ନେଇ ଗୀତ ଗାଇଛି ମୁଁ। ତା' ବୋଲି ତମ ପାଇଁ ଗାଇଛି ସେ ଗୀତସବୁ ବୋଲି କାହିଁକି ଭାବିପାରିଲ ତମେ ? ଛି... ଛି... ଛି... ଏତେ ବୋକା ତମେ।"

ଉତ୍ତେଜନାରେ କମ୍ପୁଛି ଗୌରବ। ଏ ଉତ୍ତେଜନା ଶୀତଳ ହେବା ପାଇଁ ସମୟ ଦରକାର, ବହୁତ ସମୟ ଦରକାର। କିନ୍ତୁ ସମୟ ନାହିଁ ତା' ପାଖରେ। ଚିଠି ଲେଖି ବା ଫୋନ୍ ଧରି ତାକୁ ତା'ର ପ୍ରତିକ୍ରିୟା ଦେଖେଇବାକୁ ସୁଯୋଗ ନାହିଁ। ଆଖି ସାମ୍ନାରେ ଗୋମତୀ, ତା'ର ପ୍ରଶ୍ନ ଓ ପ୍ରତ୍ୟାଖ୍ୟାନ। ସେ ପ୍ରଶ୍ନ ମିଛ, ସେ ପ୍ରତ୍ୟାଖ୍ୟାନରେ ଛଳନା। ଗୀତ ଗାଉଗାଉ ଅଭିନୟ କରିବା ବି ଶିଖିଯାଇଛି ଗୋମତୀ କିମ୍ବା ସେ ମୂଲ୍ୟ ବଢ଼ଉଛି ତା'ର, ଖେଳେଇବା ପାଇଁ ଚାହୁଁଛି ଗୌରବକୁ...।

"ମିଛ କହନା। ତୋ'ଠାରୁ ଦୂରରେ ଥିବା ତୋ'ର ପ୍ରିୟପୁରୁଷଙ୍କୁ ଝୁରି ହେଉଚୁ ତୁ। ସେଇଥିପାଇଁ ତୋ ଗୀତରେ ଏତେ ଅପେକ୍ଷା ଏତେ ଆକୁଳତା।"

ଗୌରବ ପାଟିରୁ କଥା ନ ସରୁଣୁ ଏମିତି ଭାବେ ହସିଉଠିଲା ଗୋମତୀ ଯେ, ଗୌରବକୁ ବଡ଼ ଅପମାନିତ ଲାଗିଲା। ହଁ, ପ୍ରେମରେ

ନାରୀ ନିଷ୍ଠୁର ବି ହୁଏ । ଗୌରବ ରାଗିଯାଇ ପାଟିକରି ଉଠିଲା – ଚୁପ୍ କର୍ । ଚୁପ୍ କର୍ ତୁ । କାହିଁକି ଏମିତି ହସୁଛୁ ?

"ହସିବିନି ! ଏତେବଡ଼ ବୟସ୍କ ମଣିଷ ହେଇ ବି ଏତେ ଅପରିପକ୍ୱତା ତମର । ଭାବିଥିଲି ଏ ଭିତରେ ତମର ବୁଦ୍ଧିବୃତ୍ତି କିଛିଟା ପାକଳ ହେଇଯିବଣି ! ଡାକିଲ, ଦେଖା କରିବାକୁ ଆସିଲି । ଶିଷ୍ଟାଚାର ସହ କଥାବାର୍ତ୍ତା କଲି । ପଚାରିବ ଏବେ କାହିଁକି ଆସିଲି– ବୁଝେଇ ଦେଉଛି, ଆସିଲି ନିଜ ସ୍ୱାର୍ଥରେ । ତମ ପାଇଁ ଭଲପାଇବା ଥାଇ, ତମ ରୋଗ ପାଇଁ ଦୟାକରି ନୁହେଁ; ମୁଁ ସେଇ ବୟସ ଓ ଅବସ୍ଥାକୁ ମନେ ପକେଇବାକୁ ଚାହୁଁଥିଲି, ଯେବେ ତମେ ଥିଲ ମୋର ଆଖପାଖରେ । ନିଜର ପୁରୁଣା ମୁହଁକୁ ଦେଖିବାକୁ ଇଚ୍ଛା ହେଲା ହଠାତ୍ । ତମେ ଗୋଟେ ଆଳ, ଗୋଟେ ପଥର ଖୁଣ୍ଟ, ଯୋଉଠୁ କେତେ ଦୂରକୁ ମୁଁ ଆସିଛି ସେଇ ଦୂରତାଟା ମାପିବାକୁ ଚାହୁଁଥିଲି ମୁଁ ।"

"ପୁଣି ମିଛ କହୁଛୁ । ତୁ ଝୁରିହେଉଛୁ ମତେ ବୋଲି ଏତେସବୁ ବିରହର ଗୀତ ଗାଉଛୁ ।"

"ହଁ, ବିରହକୁ ବଞ୍ଚେଇ ରଖିଛି ମୁଁ । କେତେ ଅଶ୍ରୁ, ଅଙ୍ଗୀକାର ଓ ଆତୁରତା ମିଶେଇ ବଞ୍ଚେଇ ରଖିଛି ମୋ ଭିତରର ଭଲପାଇବାକୁ । କିନ୍ତୁ ଏତିକି ଅନ୍ତତଃ ଜାଣିକରି ଯାଅ ଯେ, ସିଏ ତମେ ନୁହେଁ ଯାହା ପାଇଁ ମୋ ଜୀବନ ଏତେ ସୁନ୍ଦର । ମୋ ଭିତରେ ଏବେ ବି ଗୋଟେ ନଈ ବୋହୁଛି, ଏବେ ବି ସ୍ଥବିର ପାଲଟି ଯାଇନି ମୋ କଳ୍ପନା ଓ ଉନ୍ମାଦନା – କିନ୍ତୁ ସେ ଜାଗାରେ ତମର ଛାଇ ବି ନାହିଁ ।"

ଗୌରବର ମୁହଁ ଝାଞ୍ଜିପବନର ମାଡ଼ରେ ଶୁଖିଗଲା ଯେମିତି । ତଥାପି ଶେଷ ଚେଷ୍ଟା କରି ମୁହଁ ବଞ୍ଚେଇବାକୁ ସେ ପ୍ରଶ୍ନ କଲା, "ତା'ହେଲେ କିଏ ସିଏ ?"

ଗୋମତୀ ହାତରେ ବ୍ୟାଗ୍ ଉଠେଇ ଠିଆ ହୋଇପଡ଼ିଲା । ହସୁଛି ଗୋମତୀ । ବଡ଼ ମଧୁର ସେ ହସ । ତା'ର ସେଇ ଶାସ୍ତ୍ରୀୟ, ସମ୍ଭ୍ରାନ୍ତ ଓ ଗଭୀର ସ୍ୱରରେ ଅଦ୍ଭୁତ ମାଧୁର୍ଯ୍ୟ ମିଶାଇ ଧୀରେଧୀରେ କହିଲା– ତମକୁ ଏ ପ୍ରଶ୍ନର ଉତ୍ତର ମୁଁ କାହିଁକି ଦେବି ? ଜାଣ, ଏମିତିକା ଗୋଟେ ପ୍ରଶ୍ନ ମୋ ସ୍ୱାମୀ ମତେ କେବେ ଥରଟେ ବୋଲି ବି ପଚାରି ନାହାନ୍ତି, କାହିଁକିନା ତାଙ୍କୁ ଏ ପ୍ରଶ୍ନର ଉତ୍ତର ଜଣା ।

***ଚିରଶ୍ରୀ ଇନ୍ଦ୍ରସିଂ ଓଡ଼ିଆ ସାହିତ୍ୟ ଜଗତର ଜଣେ ବିଶିଷ୍ଟ ସାହିତ୍ୟିକା । ଗଳ୍ପ ରଚନା ସହ ଉପନ୍ୟାସ ଓ କବିତା ରଚନା କ୍ଷେତ୍ରରେ ତାଙ୍କର ଅପାର ପାରଦର୍ଶିତା ରହିଛି । ସେ ଅନେକ ସମ୍ମାନଜନକ ପୁରସ୍କାର ସହ ବିପୁଳ ପାଠକୀୟତାର ଅଧିକାରିଣୀ । ବାଣୀବିହାର ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୧୯୮୯ ବ୍ୟାଚ୍ ଛାତ୍ରୀ ଶ୍ରୀମତୀ ଇନ୍ଦ୍ରସିଂ ଏବେ କଟକ ଜିଲ୍ଲା ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷା ଅଛନ୍ତି ।***



# ଅନ୍ଧାରର ଛାଇ

ହିରଣ୍ମୟୀ ମିଶ୍ର

କ୍ଲାସ୍ ସାରି ତରବରରେ ବାହାରି ଆସିଲି ମୁଁ।

ଆଜି କେତେ ନା' କେତେ କାମ!

ଓଡ଼ିଆ ବିଭାଗର ସେମିନାର୍‌ରେ ଆସୁଛନ୍ତି ବକ୍ତା ଭାବେ ମୋର ଜଣେ ପ୍ରିୟ ଲେଖକ। ସେଠିକୁ ଯେମିତି ହେଲେ ଯିବାକୁ ହେବ, ଅଳ୍ପ ସମୟ ପାଇଁ ହେଉ ପଛେ। ଆଗରେ ପିଲାଙ୍କର ଇଣ୍ଟର୍‌ନାଲ୍ ପରୀକ୍ଷା। ପ୍ରଶ୍ନପତ୍ର ଦେବାର ଶେଷ ତାରିଖ ଆଜି। ଲେସନ୍ ପ୍ଲାନ୍ ଅଧ୍ୟକ୍ଷଙ୍କ ଅଫିସ୍‌ରେ ଜିମା ଦେବାକୁ ହେବ ଆଜି।

ପୁରୀରୁ ଆସିଛନ୍ତି ଜଣେ ସମ୍ପର୍କୀୟ, ହଷ୍ଟେଲ୍‌ରେ ସିଟ୍ ପାଇନଥିବା ତାଙ୍କ ଝିଅକୁ ନେଇ। ହଷ୍ଟେଲ୍‌ର ଫର୍ମ ବିକା ବନ୍ଦ ହେଇସାରିଛି ଏ ଭିତରେ। ଝିଅଟି ହଇରାଣ ହେଉଛି କ୍ଲାସ୍ କରିବାକୁ। ତା'ପାଇଁ କିଛି ଗୋଟେ କରିବାକୁ ହେବ।

ଦୁଇଦିନ ପରେ ସାହିତ୍ୟ ସଭାଟିଏରେ କହିବାକୁ ହେବ ସଚ୍ଚିଦାନନ୍ଦ ରାଉତରାୟଙ୍କ ଗପ ଉପରେ। ଲାଇବ୍ରେରୀରୁ 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ' ବହିଟି ଆଣି ଆଉଥରେ ପଢ଼ିବା କାମଟିକୁ ଘୁଞ୍ଚେଇ ଚାଲିଛି ସପ୍ତାହେ ହେଲା।

ଏମିତି ଗୋଟେ କାର୍ଯ୍ୟବ୍ୟସ୍ତ ଦିନରେ ତରବର ହେଇ କ୍ଲାସ୍‌ରୁ ବାହାରି ଘଣ୍ଟାକୁ ଚାହିଁବା ବେଳକୁ ଦୃଷ୍ଟି ପଡ଼ିଲା ସ୍ୱାତୀ ଉପରେ। ଜାଣିପାରିଲି କ'ଣ ଗୋଟେ ମତେ କହିବାକୁ ଚାହୁଁଛି ସେ।

କ୍ଲାସ୍ ଭିତରେ ଚୁପ୍‌ଚାପ୍ ଥାଏ ସ୍ୱାତୀ। ପାଠରେ କିନ୍ତୁ ପ୍ରବଳ ଆଗ୍ରହ। ଖାଲି ପାଠରେ ନୁହେଁ, ସବୁପ୍ରକାର ବହି ପଢ଼ାପଢ଼ିରେ। ମାର୍କ୍ସବାଦ ପଢ଼େଇବାବେଳେ ପଚାରିବସିବ ଗର୍କିଙ୍କର 'ମା' ଉପନ୍ୟାସ କଥା। 'ଲିବର୍ଟି' ପଢ଼େଇବାବେଳେ କାଲି ପଚାରୁଥିଲା ଫରାସୀ ବିପ୍ଳବ କଥା। କୋଉ ଅଜଣା କାରଣରୁ ମତେ ଭାରି ଭଲ ଲାଗେ ଝିଅଟି।

ତେବେ ପଢ଼ାଶ୍ରେଣୀ ବାହାରେ ଝିଅଟା କେମିତି ଅଲଗା ପ୍ରକାରର ଲାଗେ। ଟିକିଏ ଅନ୍ୟମନସ୍କ, ଟିକିଏ ଏକୁଟିଆ। ବେଶି ସାଙ୍ଗମାନଙ୍କ ସହ କେବେ ନ ଥାଏ ସେ। ଥରେ ସେ ଏକ୍‌ଲା ଠିଆ ହେଇଥିଲା, କରିଡର୍‌ରେ, ଚାରିଟାବେଳେ। କିଛି ଗୋଟେ କହିବା ପାଇଁ ଖାଲି ପଚାରିଦେଲି କ'ଣ ସାଙ୍ଗକୁ ଅପେକ୍ଷା କରିଛୁ କି?" ସେ ଟିକିଏ ସଂକୋଚରେ ଉତ୍ତର ଦେଲା, "ମୋର କେହି ସାଙ୍ଗ ନାହାନ୍ତି ମାଡାମ।" ମୁଁ ଟିକେ ଅଟକିଗଲି। ଏପଟ ସେପଟ କଥା ହେଲି ତା' ସହ ଅଳ୍ପ ସମୟ। ଭାରି ବ୍ୟସ୍ତ ଲାଗିଲା ମତେ ସତରେ। ସତର/ଅଠର ବର୍ଷର ଝିଅଟିଏ କହୁଛି ତା'ର କେହି ସାଙ୍ଗ ନାହାନ୍ତି। ଏଇଟା ବାହାରକୁ ହୁଏତ ବିଶେଷ ଗୁରୁତର କଥା ନୁହେଁ। କିନ୍ତୁ ନିରିଖେଇ ଦେଖିଲେ ଭାରି ଅସ୍ୱାଭାବିକ। ଅବଶ୍ୟ ସେ ଗତବର୍ଷ, ଯୁକ୍ତ ତିନି ଶ୍ରେଣୀରେ ଆମ କଲେଜ୍‌କୁ ଆସିଛି; ସାଙ୍ଗ ହେବାକୁ ସମୟ ନିଅନ୍ତି କେହିକେହି।

ସେଇ ସ୍ୱାତୀ, ଏବେ କିଛି ଗୋଟେ କହିବ କହିବ ହେଇ ମୋ ସାମ୍‌ନାକୁ ଆସିଲା। "ମୋ ପାଖରେ ସମୟ କମ୍, କ'ଣ କହିବୁ କହ" ମୁଁ ଟିକିଏ ନିର୍ଦ୍ଦେଶ ଦେବା ପରି କହିଲି।

"ଗୋଟେ ଜରୁରୀ କଥା ଅଛି ମାଡାମ, ଆପଣ ଟିକେ ମୋ ସହ ସେଇ ଗଛତଳକୁ ଆସନ୍ତୁ।" ସ୍ୱାତୀ କହିଲା।

ଏଥର ମୋ ସ୍ୱରରେ ଟିକିଏ ବିରକ୍ତି ଥିଲା ବୋଧହୁଏ, "କ'ଣ କହିବୁ ଏଠି କହ, ମୋର ଆଜି ବହୁତ କାମ।"

ତା' ଆଖି ଛଳଛଳ ଦିଶିଲା। ମୁଁ ନିଜକୁ ନିଜେ ରାଗିଲି। ହୁଏତ କ'ଣ ଗୋଟେ ଅସୁବିଧା ହେଇଥିବ ଝିଅଟାର, ସାଙ୍ଗସାଥୀ କେହି ନାହାନ୍ତି। ଘରେ ମା', ବାପା କେତେ ସମୟ ଦେଉଥିବେ, ଜଣାନାଇଁ। କ'ଣ ଦରକାର ଥିଲା ମୋର ଏମିତି ତାକୁ କଡ଼ା ସ୍ୱରରେ କହିବା?

ଏଥର ଯଥାସମ୍ଭବ ନରମ ହେଇ କହିଲି, "ଚାଲ୍‌ଚାଲ୍, କୋଉଠି ତତେ କହିବାକୁ ସହଜ ଲାଗିବ, ଚାଲ।"

ସେ ମୋ ସହ ବାରଣ୍ଡା ତଳକୁ ଓହ୍ଲେଇଲା। ପଚାଶ ମିଟର ଦୂରରେ ଗୋଟେ ପୁରୁଣା କୃଷ୍ଣଚୂଡ଼ା ଗଛ। ଫୁଲର ପାଖୁଡ଼ା ସବୁ ଝରିପଡ଼ିଛି ତଳେ। ଶେଷ ଜୁଲାଇର ଅବଶିଷ୍ଟ ରଙ୍ଗ ନେଇ ତଥାପି କିଛି ଫୁଲ ଗଛର ଶାଖାରେ। ସ୍ୱାତୀ ମୋର ଖୁବ୍ ପାଖରେ ଆସି ଠିଆହେଲା। ଧୀରେଧୀରେ କହିଲା! "ଆଜି ସକାଳେ ଗୋଟେ ଅଜଣା ଠିକଣାରୁ ଚିଠି ଆସିଛି। କାଲି ବି ଫୋନ୍‌ରେ ମେସେଜ୍ ଆସିଛି ଗୋଟେ ଅଜଣା ନମ୍ବରରୁ। କେହି ଜଣେ ମତେ ଧମକ୍ ଦେଇଛି ଯେ, କାଲି କଲେଜରୁ ଦିନ ବାରଟାବେଳେ ମତେ ଉଠେଇନେବେ।" କହୁକହୁ କାନ୍ଦିପକାଇଲା ସେ।

ବଡ଼ ଆତଙ୍କିତ ଦିଶୁଛି ସ୍ୱାତୀ, ଏତିକିବେଳେ ଲକ୍ଷ୍ୟକଲି ମୁଁ।

"ତୁ ଆଜି ଖାଇଛୁ ନା' ?" ମୁଁ ତାକୁ ପଚାରିଲି।

"ଘରୁ ସକାଳେ ଖାଇକି ଆସିଥିଲି, ଏବେ ଏ ଚିଠି ପାଇବା ପରଠୁ ମତେ ଆଉ ଭୋକ, ଶୋଷ କିଛି ନାହିଁ।"

ତା'ର ମୁହଁ, ଓଠ ସବୁ ଥରୁଥିଲା। ମୁଁ ତାକୁ ଆଶ୍ୱାସନା ଦେବା ପାଇଁ ମୋ ଦେହ ଉପରକୁ ଆଉଜେଇ ଆଣିଲି। ପଛରେ ରହିଗଲା ମୋର ଆଜି କାମର ତାଲିକା। ଏବେ ପ୍ରଥମ କାମ, ସ୍ୱାତୀ। ମୁଁ ତାକୁ ଅଭୟବାଣୀ ଶୁଣାଇଲି, "କିଛି ହେବନି। ଆମ କଲେଜ୍‌ରେ ଏମିତି ହେଇ ପାରିବନି। ମୁଁ ଏବେ ଅଧ୍ୟକ୍ଷଙ୍କୁ କହିବି। ତୁ ସେ ଚିଠି ରଖିଛୁ ନା' ?"

"ହଁ ମାଡାମ, ଅଛି ମୋ ପାଖରେ।" ସେ କହିଲା।

ମୁଁ ତାକୁ ନେଇ ଅଧ୍ୟକ୍ଷଙ୍କ ପାଖକୁ ଗଲି। ସବୁ ଶୁଣିସାରିବା ପରେ ଅଧ୍ୟକ୍ଷ ବି ଚିନ୍ତିତ ଦିଶିଲେ। ଏମିତି ଘଟଣା ଆମ କଲେଜରେ ଆଗରୁ କେବେ ଘଟିନି। ତେବେ ହେବନି, ଏମିତି କିଛି କଥା ବି ନାହିଁ।

ଷ୍ଟାଫ୍ କାଉନ୍‌ସିଲ୍ ମିଟିଂ ଡକାହେଲା। ସ୍ୱାତୀକୁ ମୁଁ ପଚାରିଲି, "ତତେ ଡର ଲାଗୁନି ତ ଏବେ ଫେରିବାକୁ ?"

ସେ କହିଲା, "ନା' ମାଡାମ, ମୋର ସବୁଦିନିଆ ଚିହ୍ନା ରାସ୍ତା। ପାଞ୍ଚମିନିଟ୍‌ରେ ପହଞ୍ଚିଯିବି। କାଲି ପାଇଁ ମୋର ଚିନ୍ତା।"

ମୁଁ କହିଲି, "ସେମିତି ହେଲେ ତୁ ଘରେ ରହିଯିବୁ କାଲି।"

ସେ କହିଲା, "କାଲି ମା'ର ମିଟିଂ ଅଛି। ଘରେ ଏକୁଟିଆ ଡର ଲାଗିବ ମତେ।"

ମୁଁ ତାକୁ ବୁଝାସୁଝା କରି ଘରକୁ ଫେରେଇଲି। କଥା ଦେଲି ଯେ ମୁଁ ଯାହା ହେଲେ ବି କରିବି। ତା'ର କିଛି ଅସୁବିଧା ହେବନି। ଷ୍ଟାଫ୍ କାଉନ୍‌ସିଲ୍‌ର ମିଟିଂରେ ଠିକ୍ ହେଲା ଯେ ପାଖ ପୋଲିସ୍ ଥାନାକୁ ଖବର ଦିଆଯିବ। କାଲି ଦଶଟା ପରଠୁ କଲେଜ୍‌ରେ ସିକ୍ୟୁରିଟି ବଢ଼ାହେବ। କଲେଜମାନଙ୍କରେ ଏମିତି ଘଟଣାଟେ ଘଟିଗଲେ ପୂରା କଲେଜର ଆଇନ୍ ଶୃଙ୍ଖଳା ପ୍ରତି ଆଙ୍ଗୁଠି ଉଠେ କେତେ ମହଲରୁ। ତଳୁ ଉପରଯାଏଁ, ସ୍ଥାନୀୟ ଗ୍ରାମବାସୀ, ହଷ୍ଟେଲ୍ ଛାତ୍ରଛାତ୍ରୀଙ୍କର ଅଭିଭାବକଙ୍କଠାରୁ ସରକାରୀ ସ୍ତରର ଉପର ଅଫିସ୍ ଯାଏଁ- ସମସ୍ତେ ପ୍ରଶ୍ନ କରିବେ କେତେ ପ୍ରକାର। ଆଜିକାଲି ପୁଣି ପ୍ରେସ୍‌ର ସକ୍ରିୟତା, ସୋସିଆଲ୍ ମେଡିଆର ଭୂମିକା ରହିଛି। ମତେ ନିଦ ହେଲାନି ରାତିସାରା। ସ୍ୱାତୀର ଶୁଖିଲା ମୁହଁ ମନେପଡୁଥାଏ। ଥରକୁ ଥର ଭାବୁଥାଏ ଝିଅଟାର ମା'ବାପା ଏକଥା ଶୁଣିବାପରେ କେତେ ଚିନ୍ତାରେ ଥିବେ।

କିଛିବର୍ଷ ଆଗରୁ ଅବଶ୍ୟ ସବୁ ପିଲାଙ୍କର ବାପା, ମା'ମାନଙ୍କ ସହ ଆମମାନଙ୍କର ପରିଚୟ ହେଉଥିଲା। କିନ୍ତୁ ଏବେ କିଛି ବର୍ଷ ହେଲା ଅନ୍‌ଲାଇନ୍ ଆବେଦନ, ଅନ୍‌ଲାଇନ୍ ଚୟନ ଓ ଅନ୍‌ଲାଇନ୍ ନାଁ ଲେଖା ହେଉଛି। ତେଣୁ ସାରା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପିଲାମାନେ ଆସୁଛନ୍ତି। ବଢ଼ିଛି ବି ଆମମାନଙ୍କର ବୟସ ଓ ପାରିବାରିକ ଦାୟିତ୍ୱ। ଧୀରେଧୀରେ କମିଯାଇଛି ଛାତ୍ରଛାତ୍ରୀମାନଙ୍କର ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଜାଣିବାର ଆଗ୍ରହ।

କ୍ଲାସ୍ ରୁମ୍ ବାହାରେ କ୍ୱଚିତ୍ ପିଲାଙ୍କ ସହ ଭେଟ ହୁଏ। ଆହୁରି କ୍ୱଚିତ୍ ପିଲାଙ୍କ ସହ କଥାବାର୍ତ୍ତା ହୁଏ। ଅବଶ୍ୟ ସ୍ୱାତୀ କଥା ଅଲଗା। ଅନର୍ସ କ୍ଲାସ୍‌ର ସୀମିତ ସଂଖ୍ୟାର ପିଲାଙ୍କ ଭିତରେ ସେ ବାରି ହେଇପଡ଼େ। କେବେ କ୍ଲାସ୍ ବନ୍ଦ କରେନି। ତା' ସହ ମୋର ସମ୍ପର୍କ ରହିବାର ଅନ୍ୟ ଏକ କାରଣ ହେଲା ତା'ର ନିରୀହତା। ତା' ନିରୀହପଣ ତା' ଆଖିରେ ଦିଶେ। ସେ ନିରୀହ ଦିଶିବାକୁ ପ୍ରୟାସ କରେନି ଚାଲାକିପଣରେ, ସେ ପ୍ରକୃତରେ ନିରୀହ।

ସେଦିନ ତାକୁ ତା' କଥା ଶୁଣି ପଚାରିଥିଲି 'ତୋର କାହିଁକି କେହି ସାଙ୍ଗ ନାହାନ୍ତି ? ସାଙ୍ଗ କରୁନୁ ?' ସେ ଉତ୍ତରରେ କହିଲା, "ନା, ମୁଁ ଆଜିକାଲି ଆଉ ସାଙ୍ଗ କରେନି। ମୋ ପିଲାବେଳେ ମୋର ସାଙ୍ଗ ଥିଲେ। ଏବେ ସାଙ୍ଗ ପିଲାମାନେ ଖୁବ୍ ମିଛକଥା କହୁଛନ୍ତି। ମିଛ କଥାକୁ ମୁଁ ଘୃଣା କରେ। ସେଥିପାଇଁ ମୁଁ କାହାସହ ସାଙ୍ଗ ହେଇପାରେନି ଏବେ।"

କୋଉ ପୃଥିବୀର ଭାଷା କହୁଛି ଆଜିକାଲିର ଏ ଝିଅ ?

ଏବେ, ଏତେ ରାତିରେ ସେଦିନ ସ୍ୱାତୀ ଖୁବ୍ ସହଜରେ କହିଥିବା କଥାଟି ମନେପଡ଼ି ମୁଁ ଗୁଡ଼ାଏ ଧନ୍ଦି ହେଲି। ନା, ନିଦ ହେଉନି। ଝର୍କା ଆରପଟେ ଅମାବାସ୍ୟାର ଅନ୍ଧାର। ଗଛପତ୍ରରୁ ଟପ୍‌ଟପ୍ ଖସୁଛି ଏଇ ଟିକିଏ ତଳେ ଛାଡ଼ିଯାଇଥିବା ବର୍ଷାର ବିନ୍ଦୁ। ସାରାରାତି ମୁଁ ଅନିଦ୍ରାରେ, ସାରାରାତି ହୁଏତ ସ୍ୱାତୀ ଓ ତା' ପରିବାର ଥିବେ ଆଶଙ୍କାରେ।

ସକାଳ ହେବାମାତ୍ରେ ଖୁବ୍ ଶୀଘ୍ରଶୀଘ୍ର କାମ ସାରି ନ'ଟା ବେଳେ ମୁଁ ପହଞ୍ଚିଗଲି କଲେଜରେ। ସ୍ୱାତୀ ବି ଠିକ୍ ସମୟରେ ଆସିଗଲା। ମୁଁ ତାକୁ ଚାହିଁଲି ନିରିଖେଇ। ଏମିତିରେ ତା' ଆଖିତଳେ ହାଲ୍‌କା କଳାଦାଗ ଦିଶେ। ଆଜି ତା' ମୁହଁ ଶୁଖିଲା ଦିଶୁଥିଲା। ତା'ସହ କିଛି କଥା ହେବା ପୂର୍ବରୁ ଡାକରା ଆସିଲା ଅଧ୍ୟକ୍ଷଙ୍କ ଅଫିସ୍‌ରୁ। ସେତେବେଳକୁ ମୁଁ ଲକ୍ଷ୍ୟକଲି, ଦି'ଜଣ ଗୃହରକ୍ଷୀ ଠିଆହେଇଛନ୍ତି କଲେଜ୍ ଗେଟ୍ ପାଖରେ, ଆଉ ଜଣେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସାମ୍ନାରେ।

ମତେ ଦେଖୁଦେଖୁ ଅଧ୍ୟକ୍ଷ ପଚାରିଲେ, "ସେ ଝିଅକୁ ଫୋନ୍‌ରେ ଧମକ୍ ଆସିଛି କହୁଥିଲେ ନା'? ହ୍ୱାଟସ୍ ଆପ୍ ନା' କଲ୍‌ରେ?" ମୁଁ କହିଲି, "ଫୋନ୍ କଲ୍ ଆସିଥିଲା କହୁଥିଲା। ପୁଣି କେହି ଜଣେ ଅଜଣା ପିଲା ଚିଠିଟିଏ ବି ଦେଇଯାଇଛି।" ଅଧ୍ୟକ୍ଷ ଟିକିଏ ଆଶ୍ୱସ୍ତ ଦିଶିଲେ, "ଠିକ୍ ଅଛି ମାଡାମ, ତା'ଠୁ ସେ ଫୋନ୍ ନମ୍ବର ଓ ଚିଠି ଆଣନ୍ତୁ। ଆମକୁ ଏଫ୍ ଆଇ ଆର୍ ଦେବାକୁ ପଡ଼ିବ, ଥାନାର ଭାରପ୍ରାପ୍ତ ଅଧିକାରୀ ଫୋନ୍ କରି କହିଛନ୍ତି।"

ମୁଁ ପୁଣି ସ୍ୱାତୀ ପାଖକୁ ଫେରିଲି। ସେ ଟେବୁଲ ଉପରେ ମୁଣ୍ଡ ମାଡ଼ିଦେଇ ବସିଥିଲା। ପିଲାମାନଙ୍କ ଭିତରୁ କେହିକେହି ଜାଣିସାରିବେଣି ହୁଏତ। ସମସ୍ତେ କେମିତି ଗୁମ୍‌ସୁମ୍ ହେଇ ବସିଥିଲେ। ମୁଁ ସ୍ୱାତୀକୁ କ୍ଲାସ୍‌ରୁମ୍ ବାହାରକୁ ଡାକିଲି ଓ କହିଲି, "ଚାଲ୍, ଅଧ୍ୟକ୍ଷଙ୍କ ଅଫିସ୍‌ରେ ବସିବା।"

ସେ ମୋ ପଛେପଛେ ଚାଲିଲା। ସାର୍ ତାକୁ ଦେଖୁଦେଖୁ ପଚାରିଲେ, "ସେ ଚିଠିଟା ରଖିଛୁ ତ ଝିଅ? ଆଉ ସେ ନମ୍ବର, ଯୋଉଠୁ ଧମକ୍ ଆସିଥିଲା? ଦି'ଟା ଯାକ ଦେ ଶୀଘ୍ର।"

ସ୍ୱାତୀ କହିଲା, "ହଁ, ହଁ ଅଛି। ଦେଉଛି।"

ସେ ତା' ବ୍ୟାଗ୍‌ର ସବୁ ଥାକର ଜିପ୍ ଖୋଲିଲା। ବ୍ୟାଗ୍ ଭିତରେ ହାତ ପୂରେଇ, ମୁହଁ ତଳକୁ କରି ଖୋଜିଲା। ସବୁ ଖାତା, ବହି ଖେଳେଇଦେଲା ଅଧ୍ୟକ୍ଷଙ୍କ ଟେବୁଲ୍ ଉପରେ। ବ୍ୟାକ୍‌ପ୍ୟାକ୍‌ର ବାହାର ପଟ, ପେନ୍‌ସିଲ୍ ବାକ୍ସ, ଖାତା, ବହିର ପୃଷ୍ଠା ସବୁ ତନ୍ନତନ୍ନ କରି ଖୋଜିଲା। ଖୁବ୍ ବ୍ୟସ୍ତ ହେଇ ଖୋଜିଲା। ପୁଣି ଖୋଜିଲା। ଦଶ, ପନ୍ଦର ମିନିଟ୍ ଯାଏଁ ଝାଳନାଳ ହେଇ ସବୁ ତନ୍ନତନ୍ନ କରି ଖୋଜିବା ପରେ ମନେପକେଇବା ପରି ମୋ ଆଡ଼କୁ ଚାହିଁ କହିଲା, "ଚିଠିଟା ବୋଧେ କାଲି ଆପଣଙ୍କୁ ଦେଇଥିଲି ମାଡାମ?"

ମୁଁ ଚମକି ପଡ଼ିଲି। "ନା' ତ, ମୋର ଟିକେ ବି ମନେପଡୁନି। ମତେ ତୁ କହିଲୁ ସେ କଥା, କିନ୍ତୁ ଚିଠି ଦେଲୁ କେତେବେଳେ?" "ସେଇଠି, ସେଇ କୃଷ୍ଣଚୂଡ଼ା ଗଛମୂଳେ, ଯେତେବେଳେ ମୁଁ ଆପଣଙ୍କୁ କହିଲି।" ସ୍ୱାତୀ କହିଲା। ମୁଁ ମନେ ପକେଇବାକୁ ଚେଷ୍ଟା କଲି। ମୋର ତୀବ୍ର ସ୍ମରଣଶକ୍ତିକୁ ନେଇ ମୋର ଖୁବ୍ ବିଶ୍ୱାସ। ତଥାପି ମୁଁ ଦୋହଲିଗଲି। ମୋ ହ୍ୟାଣ୍ଡବ୍ୟାଗ୍‌ର ସବୁଚେନ୍ ଖୋଲି ମୁଁ ଖୋଜିଲି ସ୍ୱାତୀର ଚିଠି। ନା' କୋଉଠି ବି ନାହିଁ।

ମନେପକେଇଲି, କାଲି ସେ ସମୟରେ ସ୍ୱାତୀ ସହ କଥାହେବାବେଳେ ହାତରେ ମୋର ଲେସନ୍ ପ୍ଲାନ୍ ଖାତା ଥିଲା। ମୁଁ ପୁଣି ଦୌଡ଼ିଲି ବ୍ୟସ୍ତହେଇ ମୋ ଡିପାର୍ଟମେଣ୍ଟକୁ। ଲେସନ୍ ପ୍ଲାନ୍ ଖାତାକୁ ବି ପୃଷ୍ଠାପୃଷ୍ଠା କରି ଖୋଜିଲି। ନା, ମତେ ସ୍ୱାତୀ ଜମାରୁ ଦେଇନି ସେ ଚିଠି। ଦେଇଥିଲେ ମୁଁ ଏମିତି ଭୁଲିଯିବା ଆଦୌ ସମ୍ଭବ ନୁହେଁ। ମୋର କିଛି ବି କାଗଜପତ୍ର ହଜେନା, ସେ ବିଷୟରେ ମୁଁ ଆଜୀବନ ସତର୍କ। ତେଣୁ ସେ ଦେଇଥିଲେ ବି ଯିବ କୁଆଡ଼େ?

ସାର୍ ବ୍ୟସ୍ତ ହେଉଥିଲେ। ବାରମ୍ବାର ଫୋନ୍ ଆସୁଥିଲା ଥାନାରୁ। ବାରଟା ବାଜିବାକୁ ଯାଉଥିଲା। ବାରଟାବେଳେ ହିଁ ସେ ଦୁର୍ଘଟଣା ଘଟିବ ବୋଲି ଧମକ୍ ଆସିଥିଲା। ଆମେ ନିରୁପାୟ ହେଇ ଘଣ୍ଟାକୁ ଚାହୁଁଥିଲୁ। ମୁଁ ସ୍ୱାତୀକୁ କହିଲି, "ହଉ, ସେ ନମ୍ବରଟା ଦେ, ଯୋଉଠୁ ମେସେଜ୍ କି କଲ୍ ଆସିଥିଲା।"

ଏବେ ସେ ଅଲଗା ଦିଶୁଥିଲା। କେମିତି ଫାଙ୍କାଦୃଷ୍ଟିରେ ମତେ ଚାହିଁଲା ସେ। ଆଉ କହିଲା, "ମୁଁ ତ ସେ ଫୋନ୍ ଆଣିନି।" ଆମ କଲେଜରେ ଏମିତିରେ ପିଲାମାନଙ୍କୁ କ୍ୟାମ୍ପସ୍ ଭିତରେ ମୋବାଇଲ୍ ଫୋନ୍ ବ୍ୟବହାର ନିଷେଧ। ତା' ହେଲେ ସ୍ୱାତୀ କ'ଣ ମିଛ କହୁଛି? ମିଛକୁ ଘୃଣା କରେ ବୋଲି କହୁଥିବା ଝିଅଟି କ'ଣ ଏମିତି ହଠାତ୍ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ପାଇଁ ମିଛ କଥାଟିଏକୁ ପ୍ରଚାର କରିପାରିବ?

ମୋର ମନସ୍ତତ୍ତ୍ୱ ପାଠର ସବୁ ଜ୍ଞାନ ହାର ମାନୁଥିଲା। ମୁଁ କିନ୍ତୁ ବୁଝିପାରୁନଥିଲି। ଅଧ୍ୟକ୍ଷ ଭୀଷଣ କ୍ଷୁବ୍ଧ। ସେ ହୁଏତ ଭାବୁଥିବେ ଯେ, ଏତେ ଦାୟିତ୍ୱହୀନ ଭାବେ ମୁଁ ହଜେଇ ଦେଇଛି ସ୍ୱାତୀ ଦେଇଥିବା ସେ ଧମକପୂର୍ଣ୍ଣ ଚିଠି। ମୋ ଆଡ଼କୁ ଭାରି ଅସନ୍ତୁଷ୍ଟ ଦୃଷ୍ଟିରେ ଚାହିଁ ସାର୍ ପଚାରିଲେ, "ଏବେ ଆମ ପାଖେ ଆଉ କ'ଣ ପ୍ରମାଣ ଅଛି?"

ଏଇ ସମୟରେ ହିଁ ଅଫିସ୍ ବାହାରେ, କରିଡର୍‌ର ଆରପଟେ କାର୍‌ଟିଏ ଅଟକିବାର ଦିଶିଲା। ସେ ଭିତରୁ ଜଣେ ମଧ୍ୟବୟସ୍କା ଭଦ୍ରମହିଳା ଓହ୍ଲେଇ ସିଧା ଅଧ୍ୟକ୍ଷଙ୍କର କାଚ କବାଟକୁ ଠେଲି ଭିତରେ ପଶିଲେ। ସ୍ୱାତୀ ତାଙ୍କୁ ଦେଖୁଦେଖୁ ତାଙ୍କ ପାଖରେ ଯାଇ ଠିଆହେଇପଡ଼ିଲା। ଭଦ୍ରମହିଳା ତାକୁ ଆଉଁଶି ପକେଇଲେ ଦେହ, ମୁଣ୍ଡ ସବୁଆଡ଼େ। ସ୍ୱାତୀ ଏବେ କୁନି ପିଲାଟେ ଭଳି କାନ୍ଦିଲା, ଜୋର୍‌ରେ ଶବ୍ଦ କରି। ଆମେ ସମସ୍ତେ ଜାଣିପାରିଲୁ ଯେ, ଇଏ ତା' ମା'। ଭଦ୍ରମହିଳା ଭାରି ବିଧ୍ୱସ୍ତ ଦିଶୁଥିଲେ। ଯେମିତି ବସିବା ଜାଗାରୁ ଉଠି ଆସିଛନ୍ତି ସେ। ଟିକିଏ ବ୍ୟସ୍ତ ହେଇ ସେ ସ୍ୱାତୀକୁ ଦୁଇହାତରେ ହଲେଇ ପଚାରିଲେ, "ତତେ ମନା କରିଥିଲି ନା' ଆଜି କଲେଜ୍ ଆସିବାକୁ? କାଲି ରାତିସାରା ଅନିଦ୍ରା ହେଇଥିଲୁ, ପୁଣି ତତେ କହିନଥିଲି ମୋର ଖୁବ୍ ଜରୁରୀ ମିଟିଂ ଅଛି ଆଜି?"

ଏତିକିବେଳକୁ ଯାଇ ଧୀରେଧୀରେ ସ୍ପଷ୍ଟ ହେବାକୁ ଲାଗିଲା ଚିତ୍ର। ଅଧ୍ୟକ୍ଷ ବି କିଛି ବୁଝିପାରିଲେ। ଟିକିଏ ଉଚ୍ଚସ୍ୱରରେ ସ୍ୱାତୀର ମା'ଙ୍କୁ କହିଲେ, "ବୁଝିଲେ ଆପଣଙ୍କ ଝିଅର ଏ ସାଂଘାତିକ ମିଛ

ପାଇଁ ଦୁଇଦିନ ହେଲାଣି ଆମେ ଖୁବ୍ ହଇରାଣ ହେଲୁଣି। ଆପଣ ତାକୁ ଏଠୁ ନେଇଯାଆନ୍ତୁ।"

ଭଦ୍ରମହିଳା କ'ଣ କହିବେ, ଜାଣିପାରୁନଥିଲେ। ଭାରି ଭଙ୍ଗାଭଙ୍ଗା ସ୍ୱରରେ କହିଲେ, "ନା, ନା, ସେମିତି କହନ୍ତୁନି। ଦୁଇଟା କଲେଜ ବଦଳେଇବା ପରେ ସେ ଏଠି ପଢୁଛି। ମୋ ଝିଅ ମିଛୁଆ ନୁହେଁ। ଛୋଟ ପିଲାଟା, କ'ଣ ଯଦି କହିଦେଇଥିବ, ମୁଁ କ୍ଷମା ମାଗିନେଉଛି ତା'ର ଭୁଲ୍ ପାଇଁ।" ସ୍ୱାତୀର ମା' ହାତ ଯୋଡ଼ିଦେଇ କହୁଥିଲେ। ତାଙ୍କ ସ୍ୱର ଶୁଭୁଥିଲା କୋହଭର୍ତ୍ତି। ଆଖିକଣରେ ଜକେଇ ଆସୁଥିଲା ଲୁହ।

ମୁଁ ଜଣେ ମା'ର ଅସହାୟତାକୁ ଦେଖିପାରୁଥିଲି। ସେ ଟିକିଏ ଅଟକିଯାଇ ପୁଣି କହିଲେ, "ନବମ ଶ୍ରେଣୀରେ ପଢ଼ିବାବେଳେ ତା'ର ସବୁଠୁ ପ୍ରିୟ ସାଙ୍ଗଟିକୁ ଗୁଣ୍ଡାମାନେ ରାସ୍ତାରୁ ଉଠେଇ ନେଇଥିଲେ। ସେମାନେ ସାଙ୍ଗ ହେଇ ସ୍କୁଲ୍ ଯାଉଥିଲେ। ସ୍ୱାତୀକୁ କେହି ଜଣେ ଠେଲି ଦେଇଥିଲା ରାସ୍ତା କଡ଼କୁ, ଆଉ ତା' ଆଖି ସାମ୍ନାରେ ଉଠେଇ ନେଇଥିଲେ ତା' ସାଙ୍ଗକୁ। ସେଇଦିନରୁ ହିଁ ତା'ର ଏମିତି ଅବସ୍ଥା।"

କାଚ କବାଟର ଆରପଟେ ବଢୁଥିଲା ପିଲା ଓ ଷ୍ଟାଫ୍‌ଙ୍କର ଗହଳି। କିଛି ଗୋଟେ ଘଟୁଛି ଏ ରୁମ୍ ଭିତରେ, ଏକଥା ଜାଣିପାରୁଥିଲେ ବାହାରେ ଭିଡ଼ କରୁଥିବା ମଣିଷମାନେ। ଅଧ୍ୟକ୍ଷ ଚିନ୍ତାଗ୍ରସ୍ତ ଓ କ୍ଲାନ୍ତ ଦିଶୁଥିଲେ। ସ୍ୱାତୀର ମା' ଠିଆ ହେଇଥିଲେ ତାଙ୍କ ଝିଅକୁ ଦୁଇହାତରେ ଜାବୁଡ଼ି ଧରି।

ରୁମ୍ ଭିତରେ କେହି କାହାକୁ କିଛି ବୁଝେଇବା ଅବସ୍ଥାରେ ନ ଥିଲେ। ମୁଁ ତା' ମା'ଙ୍କୁ ପାଣି ଦେଲି ପିଇବାକୁ। ଖୁବ୍ ପାଖରେ ଠିଆ ହୋଇ ପଚାରିଲି "ଟ୍ରିଟ୍‌ମେଣ୍ଟ କରୁଛନ୍ତି ନା' ଝିଅର ?"

"ହଁ, ଡାକ୍ତରମାନେ କହୁଛନ୍ତି ଏ ରୋଗଟା ହୁଏତ କେବେ ଭଲ ହେଇଯାଇପାରେ, ବା କେବେ ବି ଭଲ ନ ହେଇ ତା' ସହ ରହିପାରେ ଏମିତି ସାରା ଜୀବନ। ଏମିତି ମାନସିକ ଉଦ୍‌ବେଗର ରୋଗଟିକୁ ପିଟିଏସ୍‌ଡି କହନ୍ତି। ମାନେ ପୋଷ୍ଟ୍ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର୍। ଅର୍ଥାତ୍ କିଛି ଗୋଟେ ଭୟଙ୍କର ଘଟଣାକୁ ସାମ୍ନା କରିବାର ପରବର୍ତ୍ତୀ ସମୟର ମାନସିକ ଉଦ୍‌ବେଗ। ଏମିତି କାହାରି କାହାରି ହୁଏ। ଜାଗା ବଦଳେଇଲେ କେବେକେବେ ଦୂରେଇଯାଏ ଏ ରୋଗ।" ଟିକିଏ ହାଲିଆ ହେବାଭଳି ଚୁପ୍ ପଡ଼ିଗଲେ ସେ।

ଏତିକିବେଳେ କ୍ରୋଧମିଶା ଉଚ୍ଚସ୍ୱରରେ କହିଲେ ଅଧ୍ୟକ୍ଷ, "ବେଶ୍ ଭଲ କଥା। ବଦଳେଇ ଦିଅନ୍ତୁ ଜାଗା। ଟି.ସି. ନେଇଯାଆନ୍ତୁ ଏଠୁ। ଆପଣଙ୍କର ଏ ପାଗଳ ଝିଅର କଥାରେ କାଲିଠୁ ଆମେ ଖୁବ୍ ନୟାନ୍ତ ହେଲୁଣି।"

ଅଧ୍ୟକ୍ଷଙ୍କ ପାଟିରୁ କଥା ସରୁସରୁ ଚିତ୍କାର କଲାଭଳି ସ୍ୱରରେ ଏଥର ପ୍ରତିବାଦ କଲେ ସ୍ୱାତୀର ମା', "ନା, ନା, ପାଗଳ କୁହନ୍ତୁନି ମୋ ଝିଅକୁ। ସେ ଜମାରୁ ପାଗଳ ନୁହେଁ। କେତେ ଭଲ ପାଠ ପଢ଼େ ସେ। କେତେ ସୁନ୍ଦର ଚିତ୍ର କରେ। କେତେ ଶାନ୍ତ, ସରଳ ମୋ ଝିଅ। ଏଇ ଗୋଟିଏ ଅସୁବିଧା ଛଡ଼ା ତା'ର ଆଉ ସବୁ ଭଲ ସ୍ୱଭାବ। ତା' ଛଡ଼ା ସେ କ'ଣ ଜାଣିଶୁଣି ଏମିତି କରେ ? ଚିକିତ୍ସା ବିଜ୍ଞାନ କହେ, ସାଧାରଣତଃ ଭୟଙ୍କର ପୀଡ଼ା ଦେଇ ଯାଇଥିବା ସମ୍ବେଦନଶୀଳ ମଣିଷ ସେ ସମୟର କଷ୍ଟଦାୟକ ସ୍ମୃତିକୁ ଭୁଲିପାରନ୍ତିନି। ସେଇ କଥା ବାରମ୍ବାର ସତ ପରି ଦିଶେ ସେମାନଙ୍କୁ। ଗୋଟେ କଳ୍ପିତ ବିପଦର ଆଶଙ୍କାରେ ସେମାନେ ସବୁବେଳେ ଡରିଡରି ବଞ୍ଚନ୍ତି। ଆଉ ଏଇ ଯେଉଁ ମିଛ କଥା କହିଲେ, ଆପଣ ଜାଣିନାହାନ୍ତି, ଅଠର ବର୍ଷର ଖେଳିବା, ବୁଲିବା ବୟସର ଝିଅଟିକୁ ଯେତେବେଳେ ସବୁଦିନେ ଚାରି ପାଞ୍ଚଟା ଔଷଧ ଗିଳେଇ ଶୋଇଦେବାକୁ ହୁଏ, ମତେ ଲାଗେ ଏ ସାରା ପୃଥିବୀଟା ହିଁ ମିଛ। ଜୀବନର ରାଶିରାଶି ମିଛ ଭିତରେ ମୋ ଝିଅ ହିଁ ମୋ ପାଇଁ ସତ।" ଭାଙ୍ଗିପଡ଼ିବା ପରି ସେଇଠି ଚଟାଣ ଉପରେ ବସିପଡ଼ିଲେ ମା', ଝିଅ।

ସ୍ୱାତୀର ମା' ତାକୁ ତଥାପି ଦୁଇହାତରେ ଜାବୁଡ଼ି ଧରିଥିଲେ। ସ୍ୱାତୀର ଆଖିରେ ଏବେ ଆଉ ଆତଙ୍କ ଦିଶୁନଥିଲା। ତା' କାନ୍ଦ ବି ବନ୍ଦ ହେଇଯାଇଥିଲା କେତେବେଳୁ। ଅଧ୍ୟକ୍ଷ ରୁମ୍ ଛାଡ଼ି ବାହାରକୁ ଚାଲିଯାଇଥିଲେ। ଏବେ ଖୁବ୍ ଶାନ୍ତ ଅଥଚ ଉଦାସ ସ୍ୱରରେ ସ୍ୱାତୀ ମତେ ପଚାରିଲା, "ମୁଁ ବି ଡରିଡରି ହାଲିଆ ହେଇଗଲିଣି। ମତେ ଗୋଟେ ଏମିତି ଜାଗାକୁ ନେଇଯାଇପାରିବେ ମାଡାମ, ଯୋଉଠି ଏ ଡର ଛାଇପରି ମତେ ଗୋଡ଼ଉନଥିବ ?"

***ଓଡ଼ିଆ ଗଳ୍ପ ଜଗତର ଜଣେ ପରିଚିତ ସ୍ୱର ଡକ୍ଟର ହିରଣ୍ମୟୀ ମିଶ୍ର। ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଅନୁବାଦ, ଏବଂ ଭ୍ରମଣ ବୃତ୍ତାନ୍ତ ଇତ୍ୟାଦି ରଚନା କରିଥିବା ଡକ୍ଟର ମିଶ୍ର ବହୁ ପୁସ୍ତକର ସ୍ରଷ୍ଟା ଏବଂ ବହୁ ପୁରସ୍କାରରେ ସମ୍ମାନିତା। ବାଣୀବିହାର ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୮୯ ବ୍ୟାଚ୍ ଛାତ୍ରୀ ଶ୍ରୀମତୀ ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟା ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀରେ ମୁଖ୍ୟ ସମ୍ପାଦିକା ଅଛନ୍ତି।***



# ଖୁସିର ପରିଭାଷା

ଡକ୍ଟର ଗଣେଶ୍ୱର ଜେନା

ତାଙ୍କୁ ଜଣେ ସଫଳ ବ୍ୟକ୍ତି କୁହାଯିବ କି କରିତକର୍ମା କୁହାଯିବ କି ଧୂର୍ତ୍ତ କୁହାଯିବ ତାହା ପ୍ରଶ୍ନବାଚୀ । କିନ୍ତୁ ସାଧନ ଅଳ୍ପ ଥାଇ ନିଜ ସାଧନା ବଳରେ ହେଉ କି ନିଜର ବାକ୍ ଚାତୁରୀ ବଳରେ ହେଉ କିମ୍ବା ତୈଳ ମର୍ଦ୍ଦନ କରି ମନ ମୋହିବାର ଅପୂର୍ବ ପାରଦର୍ଶିତା ହେଉ, ତାଙ୍କ ମଧ୍ୟରେ ଭରପୂର ଭାବରେ ଥିଲା ନେଇ ଆଣି ଥୋଇ ପାରିବାର କଳା ମହାନଦୀରେ ଦୁଇକୂଳ ଭାଙ୍ଗି ଉଛୁଳି ପଡୁଥିବା ନଦୀବଢ଼ି ପାଣି ପରି । ଅସମ୍ଭବକୁ ସମ୍ଭବ କରି ପାରୁଥିବା ଓ ନିଜର ଇପ୍‌ସିତ ଲକ୍ଷ୍ୟକୁ କଳ ବଳ କୌଶଳ ମାଧ୍ୟମରେ ହାସଲ କରିବାର ଅଭୂତପୂର୍ବ ଦକ୍ଷତା ପାଇଁ ତାଙ୍କୁ ଜଣେ ପାରିବାର ଲୋକର ମାନ୍ୟତା ଦିଆ ଯାଇପାରେ ନିଃସନ୍ଦେହରେ । ମେଟ୍ରିକରେ ଦ୍ୱିତୀୟ ଶ୍ରେଣୀ ଓ ବିଏ କୁ ତୃତୀୟ ଶ୍ରେଣୀରେ ପାସ କରି କିରାଣୀ ଚାକିରିରେ ଯୋଗ ଦେଇ ସେଇ ଅଫିସରେ ତାଙ୍କଠାରୁ ଅଧିକ ଯୋଗ୍ୟତା ସମ୍ପନ୍ନ ଓ ଉଚ୍ଚତର ରାଙ୍କ ରଖି ସେଇ କିରାଣୀରେ ଯୋଗ ଦେଇଥିବା ଦୁଇ କର୍ମଚାରୀ ବନ୍ଧୁ ସତ୍ୟ ନାରାୟଣ ଓ ରାମ ପ୍ରକାଶଙ୍କୁ ପଛରେ ପକେଇ ସୋପାନ ପରେ ସୋପାନ ଡେଇଁ ପ୍ରତିଷ୍ଠାନ ଅଧିକାରୀ ଭାବେ ପଦୋନ୍ନତି ପାଇବା ସଦାନନ୍ଦ ବାବୁଙ୍କର ପାରିବାର ପଣିଆର ଜ୍ୱଳନ୍ତ ଉଦାହରଣ ।

ନିଜଠାରୁ ଉଚ୍ଚ ପାହାଚରେ ଥିବା ସହକର୍ମୀଙ୍କ ଉପରେ ଡିଆଁ ମାରି ତାଙ୍କ ଉପର ପାହାଚରେ ବସିବାର ସଫଳତାର ଗୂଢ଼ ରହସ୍ୟ ହେଲା, ସେଇ ଅଫିସ୍‌ର ମୁଖ୍ୟ ଅର୍ଥାତ ନିର୍ଦ୍ଦେଶକଙ୍କ ସହ ସଦାନନ୍ଦବାବୁଙ୍କର ଗୁଡ଼ ସହ ପିମ୍ପୁଡ଼ିର ସମ୍ପର୍କ ପରି ନିବିଡ଼ ସମ୍ପର୍କ, ଯାହା ସିଏ ଅତି ସତର୍କତା ଓ ସନ୍ତର୍ପଣରେ ଗଢ଼ିଛନ୍ତି ବିଗତ କିଛି ବର୍ଷ ଧରି ବିଶୁ ମହାରଣା କୋଣାର୍କ ଗଢ଼ିଲା ପରି । ଦୁଇ ସହକର୍ମୀଙ୍କ ପଦୋନ୍ନତିକୁ ଅଟକେଇ ନିଜେ ଉପରକୁ ଉଠିବାର ମୂଳମନ୍ତ୍ରଟି ହେଲା ନିର୍ଦ୍ଦେଶକଙ୍କ ପାଖରେ ପେଞ୍ଚ ମାରି ଜଣକର ଚରିତ୍ର ପଞ୍ଜିକା ଖରାପ କରିବା ସହିତ ଆଉ ଜଣକ ନାମରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେବାରେ ସଦାନନ୍ଦ ବାବୁଙ୍କ ସଫଳତା ।

ପ୍ରଥମେ ନିର୍ଦ୍ଦେଶକଙ୍କ ପାଖରେ ପହଞ୍ଚିବା ପାଇଁ ସଦାନନ୍ଦ ବାବୁ ଆପଣେଇ ନେଇଥିଲେ ଏକ ଅଭିନବ ପନ୍ଥା । ବଜାରରୁ ଖୁବ୍ ତାଜା ପନି ପରିବା ଯଥା ଫୁଲକୋବି, ବାଇଗଣ, କଞ୍ଚା କଦଳୀ, କାକୁଡ଼ି, ଗୁଆ ଘିଅ, ଗୋଟା ମୁଗ ଆଦି ଯାବତୀୟ ଦ୍ରବ୍ୟ କ୍ରୟ କରି ନିର୍ଦ୍ଦେଶକଙ୍କ ପତ୍ନୀଙ୍କ ପାଖରେ ପହଞ୍ଚେଇ ଦେଇ ସଂଭ୍ରମତାର ସହିତ ପ୍ରକାଶ କରିଥିଲେ ଏସବୁ ଦ୍ରବ୍ୟ ତାଙ୍କ ଗାଁ ଘରୁ ଓ ବଗିଚାରୁ ଆସିଛି । ଏହା ଏକ ନିୟମିତ ପ୍ରକ୍ରିୟାରେ ପରିଣତ ହେବା ପରେ ସବୁ ରବିବାରରେ ଏହା ସହିତ ଯୋଡ଼ି ହେଇଗଲା ଆମିଷ ଦ୍ରବ୍ୟର ଉପହାର । ଆସ୍ତେଆସ୍ତେ ସଦାନନ୍ଦ ବାବୁ ନିର୍ଦ୍ଦେଶକ ଓ ତାଙ୍କ ପତ୍ନୀଙ୍କର ବନିଗଲେ ଅତି ଆତ୍ମୀୟ ଲୋକ । ସେଇଥିପାଇଁ କାର୍ଯ୍ୟାଳୟରେ ସଦାନନ୍ଦ ବାବୁଙ୍କର ଅଖଣ୍ଡ କ୍ଷମତା ।

ଦେବଦେବ ମହାଦେବଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ ଯେପରି ତାଙ୍କ ବୃଷଭ ପାଖରେ ଆଗେ ମୁଣ୍ଡିଆ ମାରିବା ଆବଶ୍ୟକ, ସେଇପରି ନିର୍ଦ୍ଦେଶକଙ୍କ ପାଖରୁ କାର୍ଯ୍ୟ ହାସଲ କରିବାକୁ ହେଲେ ସଦାନନ୍ଦ ବାବୁଙ୍କ ପାଖରେ ପ୍ରଥମେ ଭୋଗ ଲଗେଇବା ଏକ ବିଧିରେ ପରିଣତ ହୋଇଯାଇଥିଲା ଅଫିସରେ । ସଦାନନ୍ଦ ବାବୁ ହେଇ ଯାଇଥିଲେ ସେଇ ଅଫିସ୍‌ର ଅଗ୍ରପୂଜ୍ୟ ତାଙ୍କର ପାରିବାରପଣିଆ ପାଇଁ । ସେ ସର୍ବଦା ଖୁସି ରହୁଥିଲେ । କାରଣ ଅଫିସରୁ ଘରକୁ ଫେରିଲେ ତାଙ୍କ ପକେଟ ଉଚ୍ଚା ଦେଖା ଯାଉଥିଲା । ନିଜ ପାଇଁ ସୁରମ୍ୟ ଦୁଇ ମହଲା କୋଠା, ଯିବା ଆସିବା ପାଇଁ ଦାମୀ ଚାରି ଚକିଆ ଗାଡ଼ି ସହିତ, ରାଜଧାନୀର ସବୁଠାରୁ ନାମକରା କୋଚିଂ ସେଣ୍ଟରରେ ମୋଟା ଅଙ୍କର ଫିସ୍ ଦେଇ ନିଜ ପୁଅର ନାମ ଲେଖେଇ ସେ ଚାଲୁଥିଲେ ଛାତିକୁ ଫୁଲେଇ । ମେଟ୍ରିକରେ ନିଜ ହାଇସ୍କୁଲରେ ସବୁଠାରୁ ଅଧିକ ନମ୍ବର ରଖି ଓଏଏସ ପାଇ ଅନ୍ୟ ଏକ ଅଫିସରେ ବିତ୍ତ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ବିନୟ ଭୂଷଣଙ୍କ ସହ ତାଙ୍କର ଥିଲା ଏକ ରକମ ଗୁପ୍ତ ପ୍ରତିଯୋଗିତା ବା ଶୀତଳ ଯୁଦ୍ଧ ସମ୍ପତ୍ତି ଆହରଣ କରିବାରେ, ଅନ୍ୟ ପାଖରେ ନିଜର ବଡ଼ ପଣ ଦେଖେଇବାରେ ।

ସଦାନନ୍ଦ ବାବୁ କିନ୍ତୁ ନିଜ ପୁଅକୁ ନେଇ ଥିଲେ ବଡ଼ ଆଶାବାଦୀ । କାରଣ ପୁଅକୁ ଯୋଗେଇ ଦେଇଥିଲେ ନାମୀ କୋଚିଂ ସେଣ୍ଟର, ଯିବା ଆସିବା ପାଇଁ ଖଞ୍ଜି ଦେଇଥିଲେ ଶୀତତାପ ନିୟନ୍ତ୍ରିତ ଚାରିଚକିଆ ଯାନ । ତା' ସହିତ କିଛିକିଛି ବରିଷ୍ଠ ଅଧ୍ୟାପକ ମଧ୍ୟ ଆସୁଥିଲେ ତାଙ୍କ ଘରକୁ ପୁଅକୁ ଦିଗ୍‌ଦର୍ଶନ ଦେବା ପାଇଁ । ଅବଶ୍ୟ ସେଥିପାଇଁ ସଦାନନ୍ଦ ବାବୁ ପାଣି ପରି ଅର୍ଥ ଖର୍ଚ୍ଚ କରୁଥିଲେ, ଯାହା ଆସୁଥିଲା ସେଇ ତାଙ୍କର ଦୈନିକ ଉଚ୍ଚା ପକେଟରୁ । ଲକ୍ଷ୍ୟ ଥିଲା

ଯେନତେନ ପ୍ରକାରେ ସତ୍ୟ ନାରାୟଣ, ରାମ ପ୍ରକାଶଙ୍କ ଝିଅ ଓ ବିନୟ ଭୂଷଣଙ୍କ ପୁଅ ଅପେକ୍ଷା ନିଜ କୁଳନନ୍ଦନ ଅଧିକ ମାର୍କ ରଖୁ।

ସିବିଏସଇ ଦ୍ୱାଦଶ ଫଳ ପ୍ରକାଶନର ଦିନ ଯେତେ ପାଖେଇ ଆସୁଥାଏ, ସଦାନନ୍ଦ ବାବୁଙ୍କ ହୃତ୍ ସ୍ପନ୍ଦନ ସେତେ ବଢ଼ିବଢ଼ି ଚାଲୁଥାଏ। ଶେଷରେ ସେଇ ମାହେନ୍ଦ୍ର ବେଳା ଆସି ପହଁଚିଲା। ନବେ ପ୍ରତିଶତ ନମ୍ବର ରଖିଛି ବୋଲି ପୁତ୍ର ପାଖରୁ ଶୁଣିଲା ପରେ ଖୁସି ହେବେ କି ଦୁଃଖ କରିବେ ନିର୍ଣ୍ଣୟ କରି ନ ପାରି କିଛି କ୍ଷଣ ପାଇଁ ଦ୍ୱନ୍ଦ୍ୱରେ ରହିଲେ ସଦାନନ୍ଦ ବାବୁ। ବନ୍ଧୁ ବିନୟ ଭୂଷଣଙ୍କୁ ଫୋନ କରି ଜିଜ୍ଞାସା କଲେ ତାଙ୍କ ପୁତ୍ରର ନମ୍ବର ବିଷୟରେ। ବନ୍ଧୁଙ୍କ ପୁତ୍ର ଅଠାଅଶି ପ୍ରତିଶତ ରଖିଥିବାର ଖବର ତାଙ୍କ ତାମ୍ବୁଳ ସେବନ ମୁଖରେ ଭରି ଦେଇଥିଲା ଚେନାଏ ହସ ଦ୍ୱିତୀୟା କିମ୍ବା ତୃତୀୟା ଜହ୍ନ ପରି। ବତିଶ ବର୍ଷ ତଳେ ବିନୟ ଭୂଷଣ ଶ୍ରେଣୀରେ ପ୍ରଥମ ହୋଇ ଥିବାବେଳେ ସେ ତାଙ୍କ ସ୍କୁଲରେ ପ୍ରଥମ କୋଡ଼ିଏ ଜଣଙ୍କ ମଧ୍ୟରେ ସ୍ଥାନ ନ ପାଇବାର ଦୁଃଖକୁ ଆଜି ସେ କବର ଦେଇ ଦେଇଥିଲେ ନିଜ ପୁତ୍ରର ସଫଳତାରେ। ତାଙ୍କର ଆତ୍ମସନ୍ତୋଷ ହେଉଥିଲା ଯେ ସେ ବିନୟ ଭୂଷଣଙ୍କଠାରୁ ମେଟ୍ରିକରେ ବହୁ କମ୍ ନମ୍ବର ରଖିଥିଲେ ବି ବର୍ତ୍ତମାନ ଧନ ଜନରେ ତାଙ୍କଠାରୁ ବହୁ ଆଗରେ।

ଧନରେ ସେ ତ ବିନୟଙ୍କଠାରୁ ଆଗରେ ଥିଲେ, ଏବେ ଜନରେ, ମାନେ ବିଜ୍ଞଜନରେ ସେ ଦୁଇ ପାଦ ଆଗରେ ବିନୟଙ୍କଠାରୁ ନିଜର ସୁପୁତ୍ର ମାଧ୍ୟମରେ। ନିଜର ଖୁସିକୁ ଜାହିର କରିବା ପାଇଁ ସେ ପୁତ୍ର ରତ୍ନକୁ ଟିକେ ଗେଲ କରିଦେଇ ପତ୍ନୀଙ୍କୁ ସୂଚନା ଦେଲେ ଯେ ସେ ବଜାର ଯାଉଛନ୍ତି ମିଠା ଓ ଖାସି ମାଂସ ଆଣିବେ ଏହି ସଫଳତାର ଉତ୍ସବ ପାଳନ କରିବା ପାଇଁ। ବଜାରରେ ଦେଖାହେଲେ ତାଙ୍କର ସହକର୍ମୀ କିନ୍ତୁ ବର୍ତ୍ତମାନର ଅଧସ୍ତନ କର୍ମଚାରୀ ସତ୍ୟ ନାରାୟଣ ଓ ରାମ ପ୍ରକାଶବାବୁ। ସତ୍ୟବାବୁଙ୍କ ଝିଅ ଛୟାନବେ ପ୍ରତିଶତରୁ ଟିକେ ଅଧିକ ଓ ରାମବାବୁଙ୍କ ଝିଅ ଶତାନବେ ପ୍ରତିଶତ ନମ୍ବର ରଖିଥିବା ଖବରଟି ଯେପରି ସଦାନନ୍ଦ ବାବୁଙ୍କ ପାଇଁ ଥିଲା ଅକାଳେ ବଜ୍ରପାତ ପରି। ଅଧସ୍ତନ କର୍ମଚାରୀଙ୍କ ଦୁଇ ଦୁହିତା ତାଙ୍କ ପୁତ୍ରଠାରୁ ଅଧିକ ନମ୍ବର ରଖିବା ସଦାନନ୍ଦ ବାବୁଙ୍କ ପାଇଁ ଥିଲା ଅସହ୍ୟ,ଦାରୁଣ କଷ୍ଟଦାୟକ, ହୃଦୟ ବିଦାରକ ଯନ୍ତ୍ରଣା ପରି। ତାଙ୍କ ଛାତିଟା ଯେପରି ଚିରି ହେଇ ଯାଉଛି କରତ ଚାଲିଲା ପରି, ପିତ୍ତ ଚଢ଼ିଯାଇଛି ମୁଣ୍ଡ ଉପରକୁ, ରକ୍ତଚାପ ଅହେତୁକ ଭାବେ ବଢ଼ି ମୁଣ୍ଡଟା ଟିଣ ହେଇଗଲା। ତାଙ୍କ କୁଳ ନନ୍ଦନଟା କୁଳାଙ୍ଗାର ପାଲଟି ଯାଇଛି। ତାରି ଅଯୋଗ୍ୟତା ଯୋଗୁଁ ଅଧସ୍ତନ କର୍ମଚାରୀ ପାଖରେ ସଦାନନ୍ଦ ବାବୁଙ୍କର ମୁଣ୍ଡ ତଳକୁ ହେଇ ଯାଇଛି। ଟିକିଏ ଆଗରୁ ଅନ୍ୟର ବିଫଳତାରେ ଖୁସି ହୋଇ ଉତ୍ସବ ପାଳନ କରିବାକୁ ମନସ୍ତ କରିଥିବା ଲୋକଟି ବର୍ତ୍ତମାନ ଆଉ କାହାର ସଫଳତାରେ ଭାଙ୍ଗି ପଡୁଛି। ନିଜ ଖୁସିର ପରିଭାଷା ନିଜର ସଫଳତା ନ ହେଇ ଆପେକ୍ଷିକ ହେଇ ଯାଉଛି ଆଉ କାହାର ସଫଳତା କି ବିଫଳତା ଉପରେ ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ ପରି।

ମିଠା ଓ ଖାସି ମାଂସ କ୍ରୟ କରିବା ବାତିଲ କରି ସଦାନନ୍ଦ ବାବୁ ଘରମୁହାଁ ଝପଟିଲେ। ଦ୍ୱାର ବନ୍ଧ ପାଖରୁ ଗର୍ଜନ ଶୁଭିଲା ପତ୍ନୀ ଓ ପୁତ୍ରଙ୍କୁ, କୁଆଡ଼େ ଗଲା ସେ କୁଳାଙ୍ଗାର! ସିଏ ଥାଇ ଯାହା, ନ ଥାଇ ତାହା। ଏଇଭଳି କୁଷ୍ମାଣ୍ଡ ବଞ୍ଚିବା ଅପେକ୍ଷା ମରିଯିବା ଆହୁରି ଶ୍ରେୟସ୍କର। ଆଜି ତା'ର ଦିନେକୁ ମୋର ଦିନେ। ପୁତ୍ରକୁ ଦେଖି ଚାପୁଡ଼ା ଉଠେଇ ମାଡ଼ି ଆସିଲେ। କିନ୍ତୁ ଚାପୁଡ଼ାଟି ପୁତ୍ର ଉପରେ ପଡ଼ିବା ପୂର୍ବରୁ ନିଜେ କଚାଡ଼ି ହେଇ ପଡ଼ିଲେ ଗଛ କାଟିଲା ପରି। ପାଣି ଛାଟି ବେହୋସ ଲୋକଟିର ହୋସ ଆଣିବାକୁ ଚେଷ୍ଟା କରୁଥିବା ବେଳେ ପତ୍ନୀ ଓ ପୁତ୍ର ଆଶ୍ଚର୍ଯ୍ୟ ହୋଇ ଭାବୁଥିଲେ, ଟିକିଏ ଆଗରୁ ଏତେ ଖୁସି ହୋଇ ବଜାର ଯାଇଥିବା ଲୋକଟିର ଖୁସିର ପରିଭାଷା ଅଚାନକ ବଦଳି ଯିବାର ରହସ୍ୟ କ'ଣ!

***ଡକ୍ଟର ଗଣେଶ୍ୱର ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ୧୯୮୭-୮୯ ବ୍ୟାଚ ଛାତ୍ର। ସେ ଓଡ଼ିଶା ପ୍ରଶାସନିକ ସେବାରେ ଦୀର୍ଘବର୍ଷ କାଳ ସଫଳତାର ସହ କାର୍ଯ୍ୟ କରିବାପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ ଏବେ କାର୍ଯ୍ୟରତ ଅଛନ୍ତି। ଉଭୟ ଗପ ଓ କବିତା ଲେଖୁଥିବା ଡକ୍ଟର ଜେନାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ତାଙ୍କର ଗୋଟିଏ ଗଳ୍ପ ସଂକଳନ ଅଛି। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀର ସଦସ୍ୟ ଅଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର -୯୪୩୭୦ ୮୨୨୬୬ ରେ ଯୋଗାଯୋଗ କରାଯାଇପାରିବ।***



# ପାଦମୁଦି

**ସ୍ୱାଗତିକା ସ୍ୱାଇଁ**

''ଦେଖ୍ ! ମୋ ପାଦଦିଇଟା କେତେ ସୁନ୍ଦର !''

ବାଲି ଉପରେ ଗୋଡ଼ଯୋଡ଼ିକୁ ଲମ୍ୱେଇଦେଇ କହିଥିଲା ସ୍ମୃତି । ନିଜକୁ ନେଇ ଏଇ ଅଦ୍ଭୁତ ସିଦ୍ଧାନ୍ତର କଥାଟି । ମୁଁ ସେତେବେଳେ ସମୁଦ୍ରକୁ ଚାହିଁ ଅଲଗା କ'ଣ ଭାବିବାରେ ଥିଲି । ଏଣୁ ସ୍ମୃତିର କଥା ହୁଏତ ଠିକ୍‌ରେ ଶୁଣିପାରି ନ ଥିଲି ।

- ହୁଁମ୍ ? କ'ଣ କହିଲୁ ?

- ଆରେ ମୋ ପାଦକୁ ଦେଖ୍ ।

ସ୍ମୃତି ମନଖୋଲା ହସରେ ଲୋଟିଗଲା । ସତେ ଯେମିତି ଖୋଲା ପବନ ହାବୁକାଏ ପରି ପ୍ରାଣବନ୍ତ ହସକୁ ତା'ର ଅଜାଡ଼ି ପକେଇଲା ଏଇ ସାରାଟା ସମୁଦ୍ରଜଳ, ବାଲି, ପାଣି ଆଉ ଆକାଶ ଉପରେ; ସେମାନଙ୍କୁ ଆହୁରି ଟିକିଏ ଟିକିଏ ଅଧିକା ପ୍ରାଣବନ୍ତ କରିବା ସକାଶେ ।

- ଆରେ ଏତେ ବେଶି ଭାବୁଛୁ କ'ଣ ? କହୁନୁ ସୁନ୍ଦର କି ନା ?

ସ୍ମୃତିଟା ସତରେ ଗୋଟେ ମନପ୍ରିୟ ମଣିଷ । ନ ଚାହିଁ ସୁଦ୍ଧା ଯେ କେହି ବି ତାକୁ ଭଲପାଇ ବସିବ । ତା' ସରଳ ନିରବଚ୍ଛିନ୍ନତାର ପ୍ରେମରେ ପଡ଼ିଯିବ । ମୁଁ ତାକୁ ଚାହିଁ ଅଳ୍ପ ହସିଲି । ମୋ ହସରେ ତା'ର ସେଇ ନିଛଳା ସରଳପଣକୁ ପ୍ରଶଂସା କଲି ।

- ମନ, ମସ୍ତିଷ୍କ ତୁ ତ ସବୁଆଡୁ ସୁନ୍ଦର । ଖାଲି ପାଦ କାହିଁକି ?

ମୁଁ ଛାତି ପକେଟ୍‌ରୁ ସିଗାରେଟ୍ ପ୍ୟାକେଟ୍‌ଟିକୁ କାଢ଼ି ସେଥିରୁ ଖଣ୍ଡିଏ କାଢ଼ି ନବା ଭିତରେ ପ୍ରସ୍ତାବ ଦବା ପରି କହିଥିଲି, ଆମୋଦରେ ।

- ଅଛି ନା ।

ସମୁଦ୍ରକୁ ଚାହିଁ କହିଲା ସ୍ମୃତି, କଣ୍ଠ ତଳେ କିଛି ଗୋଟାଏ ଗହୀର ରହସ୍ୟ ଛପେଇ ରଖିଦବା ଭଳି । ଚେଷ୍ଟା କରି ମୁଁ କିନ୍ତୁ ସେଇ ଗହୀର କଥାର ଧାସ ଟିକକ ବି ପାଇପାରିଲି ନାହିଁ, ଯାହା ମୁଁ କେବେ ବି କରିପାରେ ନାହିଁ ମଧ୍ୟ ।

- କ'ଣ ?

ସେ ଆଖିରେ ହସିହସି ପଚାରିଲା, ''କହୁନୁ କାହିଁକି ଏତେ ସୁନ୍ଦର ମୋ ପାଦ ?''

ଏଥର ମୁଁ ଧ୍ୟାନ ଦେଇ ତା' ପାଦକୁ ଚାହିଁଲି । ଅଥଚ ଠିକ୍ ଜାଣିପାରିଲି ନାହିଁ କ'ଣ ସେଇ ଐକାନ୍ତିକ ସୌନ୍ଦର୍ଯ୍ୟର ରହସ୍ୟ । ଆମ ପାଖଦେଇ ଚେନାଚୁର୍ ବାଲାଟିଏ ଡାକିଡାକି ଚାଲିଗଲା ।

- ବାରମଜା ଖାଇବୁ ?- ଏଇ ଟିକକ ଆଗରୁ ପଚରାଯାଇଥିବା ରହସ୍ୟମୟ ପ୍ରଶ୍ନଟିରୁ ଖସିଯିବାକୁ ଯାଇ ମୋ ପାଟିରୁ ଏମିତି ବାହାରିଗଲା ।

- ହଁ । କାହିଁକି ନୁହଁ ! - ସ୍ମୃତି ସିଧାସିଧା ଜବାବ ଦେଲା । ମୁଁ ଅପ୍ରତିଭ ହେଲି । ବାରମଜା ମୁଠାଏ ଖୁଏଇବି ବୋଲି ପଚାରୁଥିଲି ବି କାହିଁକି ?

- ରାଗ କରିବନି । ମୁଁ ମୋଟେ ରାଗ ଖାଇପାରିବିନି ।- ସ୍ମୃତି ପିଲାଟିକୁ ବୁଝଉଥିଲା । ମାତ୍ର ତା'ର ବାରଣ ସତ୍ତ୍ୱେ ସିଏ ରାଗ ପକେଇବାକୁ ଭୁଲି ନ ଥିଲା । ବାରମଜାରୁ ଥରେ ଖାଇଦେଇ ସ୍ମୃତି ଛଟପଟ ହୋଇଯାଇଥିଲା । ହାତବ୍ୟାଗ୍‌ରୁ ବୋତଲଟି କାଢ଼ିନେଇ ସେଥିରୁ ଢକଢକ କରି ପାଣି ଢାଳି ପିଇଥିଲା । ଧାରଟିଏ ପାଣି ତା'ର ଗୋରା ଲମ୍ୱା ବେକ ଦେଇ ଗଡ଼ି ଆସିଥିଲା ତଳକୁ । ମୁଁ ସେଇଆଡ଼କୁ ଚାହିଁ ଭାବୁଥିଲି ।       କ'ଣ ଯେ ଆମ ଦିହିଁଙ୍କ ମଝିର ସମ୍ପର୍କର ସେଇ କ୍ଷୀଣ ଧାର, ଯାହା ଯୋଗୁଁ ଏତେ ଲମ୍ୱା ସମୟର ବ୍ୟବଧାନ ସତ୍ତ୍ୱେ ଆମେ ଦୁହେଁ ଆଜି ଏକାଠି ହୋଇପାରିଛୁ ଏଠି, ଏହି ସମୁଦ୍ର କୂଳରେ ।

ମୁଁ ସମୁଦ୍ର ଉପରଦେଇ ଦୂର ଦିଗ୍‌ବଳୟ ଆଡ଼କୁ ଚାହିଁଲି । ପଢ଼ିବା ଦିନଠୁ ହିଁ ସମୁଦ୍ରକୂଳ ଆମ ଦୁହିଁଙ୍କର ପ୍ରିୟ ଜାଗା ଥିଲା । ବହୁତ ଡେରି ଯାଏ ଆମେ ସମୁଦ୍ର କୂଳରେ ବସି ରହୁଥିଲୁ । ବାଲି ଉପରେ ବସିବସି ଦୂର ଦିଗ୍‌ବଳୟ ଆରପାଖରୁ ଲମ୍ୱା ପୋତଟିଏ ନେଇଆସିବାକୁ ଥିବା ସେହି ନାବିକ ସମ୍ପର୍କରେ କଥାବାର୍ତ୍ତା ହେଉଥିଲୁ । ତା'ର ଆସିବା ନ ଆସିବା, ଆମର ତାକୁ ଭେଟିବା, ନ ଭେଟିବା- ଏମିତି କେତେ କଥା ।

- ସମୁଦ୍ରକୂଳକୁ ଆସି ଏମିତି ଟିକେ ହାଲୁକା ହେଇ ବସିବା ହେଇ ନ ଥିଲା କେବେଠୁ ।

ମୁଁ କହିଲି - କାହିଁ ? ତୁ ତ ଏଠି ରହୁଛୁ ।

- ନାଇଁ ଏମିତି । ସମୟ ଓ ଆଗ୍ରହର ଅଭାବ ।

- ଆଜି ଫେର୍ ସେଇ ଯୋଡ଼ିକ୍‌ଯାକ ଏକା ସାଙ୍ଗେ ମିଳିଲେ କେମିତି ?

- ମିଳିନାହିଁ । ମୁଁ ନିଜେ ଯତ୍ନ କରି ଜୁଟେଇଛି ।

ମୁଁ ହାତରେ ଧରିଥିବା ଜଳନ୍ତା ସିଗାରେଟ୍ ଥରଟିଏ ଜୋର୍ କରି ଧୂଆଁ ଟାଣିଲି ।

- ସିଗାରେଟ୍ ଖାଉଛ ଖାଅ ମନା ନାହିଁ । ହେଲେ ଜାଣିଥାଅ ଯେତେବେଳେ ଜୀବନ ଦିଅ ଜୀବନ ଦିଅ ବୋଲି ବିକଳ ହେଉଥିବ,

ସେତିକିବେଳକୁ ହିଁ ମଣିଷର ପ୍ରାଣ ଛାଡୁଥିବ ।– ଅନେକ ଦିନ ତଳେ ଥରେ କ୍ୟାମ୍ପସ୍‌ରେ ଏହି କଥା ରଖି ଯୁକ୍ତି କରିଥିଲା ସ୍ମୃତି ।

– ହଁ ମରିବା ତ ସମସ୍ତେ । କିଏ ଆଉ ଅମର ବର ପାଇଛି କି ?– ମୁଁ ଯୁକ୍ତି କରିଥିଲି ।

– ଅମର ବର ତ କେହି ବି ପାଇନି । ଦିନେ ଆମେ ସମସ୍ତେ ନିଶ୍ଚୟ ମରିବା । ହେଲେ ନିଜ ହାତରେ ମୃତ୍ୟୁକୁ ଡାକି ସରିସରି ମରିବା ଏକବାର ଅଲଗା କଥା ଜାଣିଥା ।

ଏତିକି କହି ସ୍ମୃତି ସେଦିନ ମୋ ପାଟିରୁ ଜଳନ୍ତା ସିଗାରେଟ୍ ଖଣ୍ଡିକ ଟାଣିନେଇ ଦୂରକୁ ଫିଙ୍ଗି ଦେଇଥିଲା । ଆଉ ତା'ର ଏହି କାର୍ଯ୍ୟକଳାପରେ ମୁଁ ରାଗରେ ଫାଟି ପଡ଼ିଥିଲି । ସାଙ୍ଗସାଥି ମେଳରେ ଏସବୁ ଅପମାନ, ଘୋର ଅପମାନର କଥା ଭାବି ଲଜ୍ଜିତ ହୋଇଥିଲି ଏବଂ କ୍ରୋଧରେ ଅନ୍ଧ ପାଲଟି କହିଥିଲି –''ମୋର ଯାହା ଇଚ୍ଛା ହେବ ମୁଁ କରିବି । ତୁ ମୋତେ କହିବାକୁ କିଏ ? ତୋତେ ସେ ଅଧିକାର ଦେଇଛି କିଏ ?''

ମୋର ଠିକ୍ ମନେନାହିଁ ଏହି ଘଟଣାରେ କ'ଣ ଥିଲା; ମାତ୍ର ସେଦିନ ସାରା ରାତି ମୋତେ ମୋଟେ ନିଦ ହୋଇ ନ ଥିଲା । ଆଉ ବଡ଼ି ସକାଳୁ ଶେଯ ଛାଡ଼ି ମୁଁ ସିଧା ଲେଡିଜ୍ ହଷ୍ଟେଲ୍‌କୁ ଯାଇଥିଲି । ଭିଜିଟର୍ କଲ୍ କରିବାର ଅଧଘଣ୍ଟା ପରେ ଯାଇ ସ୍ମୃତି ଆସିଥିଲା । ଆଉ କ'ଣ କହିବାକୁ ବାକି ଅଛି ବୋଲି ଜମାଟବନ୍ଧା କଣ୍ଠରେ ପଚାରିଥିଲା ।

ମୋର ଠିକ୍ ମନେଅଛି ସେଦିନ ସେଇ ବର୍ଷାଧୁଆ ବଡ଼ିସକାଳରେ ମୋ ଆଖିକୁ ଦି' ବୁନ୍ଦା ଉଷୁମ ଲୁହ ଜକେଇ ଆସିଥିଲା । ଏବଂ ଜୀବନରେ ପ୍ରଥମ ଥର ପାଇଁ କହିଥିଲି ମୁଁ କେତୋଟି କେବେ ନ ଉଚ୍ଚାରଣ କରିଥିବାର ବିସ୍ମୟକର ଶବ୍ଦ– ''ମୁଁ ଆଜିଠୁ ଗୋଟାପଣେ ତୋର । ବାକି ଏବେ ଯାହା କରିବାର କଥା କର ।''

ଲମ୍ବା ଲହଡ଼ିଟିଏ ଆମ ଦୁହିଁଙ୍କ ଏକ୍‌ବାର ପାଖକୁ ଆସି ଫେରିଗଲା । କିଛି ନୋଳିଆ ସମୁଦ୍ରରୁ ମାଛ ଭର୍ତ୍ତି ଡଙ୍ଗାଟିଏ ଧରି ଆସି ପହଞ୍ଚିଲେ । ଡଙ୍ଗାରୁ ମାଛ ଉତାରିବା, ଭାଗବଣ୍ଟାକୁ ନେଇ ସେମାନଙ୍କ କଥାବାର୍ତ୍ତା, କଥା କଟାକଟିରେ ଜାଗାଟା ଗହଳିଆ ହୋଇଉଠିଲା ।

– ଯାହାହେଉ ଏତେଗୁଡ଼ାଏ ଦିନ ପରେ ଆଜି ଆମର ଶେଷକୁ ଥରେ ଦେଖା ତ ହେଲା ।– ଗହଳିଠୁଁ ମୁହଁ ଫେରେଇ ମୁଁ କହିଉଠିଲି ।

– ହପ୍ତା ଶେଷ ଦିନମାନଙ୍କରେ ନଇଲେ କ'ଣ ସବୁ କରୁ ?– ସ୍ମୃତି ପଚାରିଲା ।

– କିଛି ନାଇଁ । ସେଇ ସାଙ୍ଗସାଥୀ ମେଳରେ କାଟେ । ସେଇ ପେଟ ଫଟେଇକି ଖାଇବା ଆଉ ଝୁମେଇକି ପିଇବା ... ।

ମୁଁ ବାଲିରୁ ମୁଠାଏ ଆଣି ହାତମୁଠାରେ ଶକ୍ତ କରି ଚାପି ଧରିଲି । ନିଜକୁ ନିଜେ ବୁଝେଇବା ପରି କହିଲି, ''ଆଉ ତୋତେ ଭାରି ଖୋଜିହବ.... ।''

ସିଏ ଆଖିର ଚକ୍‌ମକି ନା ଆବେଗରେ ଓଦା କରିବାର ନୀଳ ଲହରୀ ! ସ୍ମୃତି ମୋତେ ମୋ କଥା ବୁଝି ନ ପାରିବାର ଚାହାଣୀରେ ଚାହିଁଲା । ମୁଁ ତା' ଆଖିରେ ଦେଖିଲି । ମହଳ ପଡ଼ିଆସୁଥିବା ଖରା ଧାସରେ କଅଁଳ ଗାଲଯୋଡ଼ିକ ତା'ର କ୍ରମେ ଗୋଲାପି ହୋଇ ଉଠୁଥିଲା । ସମୁଦ୍ର ପବନରେ ଚୁନାଚୁନା ବାଳରୁ କେରାଏ ତା' ମୁହଁ ଉପରେ ସମ୍ଭ୍ରମରେ ଏପାଖ ସେପାଖ ଉଡ଼ି ବୁଲୁଥିଲେ, ଫୁଲ ପାଖୁଡ଼ା ଉପରେ ଆଦରରେ ଘୂରି ବୁଲୁଥିବା ଭ୍ରମର ପରିକା ।

କେହି ଯେମିତି ମୋତେ ତା' ଆଡ଼କୁ ଟାଣି ନେଇଗଲା । ମୁଁ ତା'ର ଆହୁରି ପାଖକୁ ଗଲି । ତା' କପାଳ ଧାରକୁ ଓଠରେ ଛୁଇଁଲି । ସେ କିଛି କହିଲା ନାହିଁ ।

– ମୋର ଭୁଲ ହୋଇଯାଇଛି । ଯଦି ତୋତେ ଖରାପ ଲାଗିଲା ତ....

– ମୁଁ କହିଉଠିଲି ।

ଠିକ୍ ଏତିକିବେଳେ ଲମ୍ବା ଲହଡ଼ିଗୋଟିଏ ଏକବାର ମାଡ଼ିଆସିଲା ଆମ ପର୍ଯ୍ୟନ୍ତ । ସେଥିରେ ସମୁଦ୍ର ଆଡ଼କୁ ଗୋଡ଼ ଲମ୍ୱେଇ ବସିଥିବା ସ୍ମୃତିର ପାଦଯୋଡ଼ିକୁ ଧୋଇ ଦେଇଗଲା । ମୁଁ ସେଆଡ଼କୁ ଚାହିଁ ଦେଖିଲି ସମୁଦ୍ର ପାଣିରେ ସଦ୍ୟ ଧୁଆ ତା'ର ପାଦଯୋଡ଼ିକୁ ଏବଂ ହୃଦୟଙ୍ଗମ କଲି ସତରେ ପାଦଯୋଡ଼ିକ ତା'ର ଏବେ ଆଗ ଅପେକ୍ଷା ଆଉରି ଟିକିଏ ବେଶି ଉଜ୍ଜ୍ୱଳ ଏବଂ ସୁନ୍ଦର ହୋଇଯାଇଛି ଦଶବର୍ଷ ତଳର ତା'ର ସେଇ ଝିଅ ଦିନର ପାଦ ତୁଳନାରେ । ଆଉରି ଟିକିଏ ବେଶି ଗୋରା ଏବଂ ଆକର୍ଷଣୀୟ ।

ମୁଣ୍ଡ ଉପରେ ବିସ୍ତୃତ ଆକାଶ । ଭେଳାଭେଳା ଶାରଦ ମେଘ ମଝିରେ ଛପିଛପି ଆସୁଥିଲା ସଞ୍ଜ । ଆଉ ଟିକକରେ ଘଟିବାକୁ ଥିବା କିଛି ବିସ୍ମୟକର ଘଟଣାକୁ ସାମ୍ନା କରିବା ପରି । ଏବଂ ଜାଣିଲି ସ୍ମୃତିର ହାଲୁକା ହଳଦୀ ରଙ୍ଗର ସୁନ୍ଦର ପାଦଯୋଡ଼ିକର ରହସ୍ୟ । ଏବେ ତା' ପାଦରେ ମଝି ଏବଂ ପରୀ ଆଙ୍ଗୁଳିରେ ଝଟକୁଥିଲା ଦି'ଯୋଡ଼ା ପାଦମୁଦି, ବିସ୍ମୟରେ ଆଚ୍ଛନ୍ନ ସ୍ମିତ ହସ ପରି ।

***ସ୍ୱାଗତିକା ସ୍ୱାଇଁ ଜଣେ ସୁପରିଚିତ କଥାକାର । ଗଳ୍ପ ଓ ଉପନ୍ୟାସ ରଚନାରେ ଦକ୍ଷତା ପ୍ରତିପାଦନ କରି ସେ ବିପୁଳ ପାଠକୀୟ ଆଦୃତି ସହ ଅନେକ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି । ସଂପ୍ରତି ସେ ଆକାଶବାଣୀ କଟକରେ ଜଣେ ଅନୁଭବୀ କାର୍ଯ୍ୟକ୍ରମ ଉପସ୍ଥାପିକା । ସ୍ୱାଗତିକା ବାଣୀବିହାରର ସ୍ନାତକୋତ୍ତର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତି ବିଭାଗର ୧୯୯୪-୯୬ ବ୍ୟାଚ୍ ଛାତ୍ରୀ ।***



# ମାତୃରୂପା

ପଦ୍ମାଳୟା ପାଢ଼ୀ

– ଏ ଲିଲି... ଇ... କୁଆଡ଼େ ଗଲୁ ଲୋ ? ମୋବାଇଲଟା ଧରି ବସି ଯାଇଥିବ ପରା । ଏଠି ବସିଲେ ସେ ମଜ୍ଜା କୋଉଠୁ ଆସିବ ?

– ଏ ମା ! ମୋବାଇଲ କ'ଣ କହୁଛ ଯେ ? ମରିବାକୁ ପରା ଟାଇମ ନାହିଁ ମୋ ପାଖରେ । ମୁଁ ଏଇଠି ବସିଲେ ତେଣେ ରୋଷେଇ କିଏ କରିବ ? ମୋର ଦୁଇଟି ହାତ, ଦଶଭୁଜା ନୁହେଁ ମୁଁ

– ହଉ ହଉ, ତୋ ପାଳି ଆସିଲେ ଯାଇ ଜାଣିବୁ । ଏବେ ତ ରକ୍ତ ଗରମ ଅଛି, ଜଣା ପଡୁନି ।

– ଦେହରେ ରକ୍ତ ହିଁ ନାହିଁ ମା' ! କାମ କରିକରି ରକ୍ତଗୁଡ଼ିକ ପାଣି ହେଇ ଗଲାଣି । ତୁମେ କ'ଣ ବୁଝିବ ?

ମନେମନେ ଗୁଣୁଗୁଣୁ ହେଇ କିଚେନକୁ ଫେରି ଯାଉଥିଲା ଲିଲି । ଯେବେଠାରୁ ଶାଶୂ ନୀଳିମା ପାରାଲିସିସରେ ପଡ଼ିଲେ ସେବେଠୁ ଲିଲିର ଜୀବନ ଦୁର୍ବିସହ ହେଇଗଲାଣି । ଶାଶୂଙ୍କୁ ଖୁଆଇ ଦେବାଠାରୁ ଆରମ୍ଭ କରି ଝାଡ଼ା ପରିସ୍ରା ପର୍ଯ୍ୟନ୍ତ ସବୁକାମ ନିଜକୁ ହିଁ କରିବାକୁ ପଡୁଛି । ଏଣେ ରୋଷେଇ, ଝାଡୁପୋଛା ବି ସେ ହିଁ କରିବ । ଅତନୁର ଯୋଉଠି ପୋଷ୍ଟିଙ୍ଗ ହେଇଛି, ସେଠି କାମବାଲୀ ସହଜେ ମିଳନ୍ତି ନାହିଁ । ସୁତରାଂ ପୁଅବୋହୂ ଦୁହେଁ ମିଶି ନୀଳିମାଙ୍କର ଯେତେ ସେବା ଶୁଶ୍ରୂଷା କଲେ ବି ନୀଳିମା ସବୁବେଳେ ଅସନ୍ତୁଷ୍ଟ । ଶେଯରେ ପଡ଼ିପଡ଼ି ଅର୍ଥରୁ ଅନର୍ଥ ବାହାର କରି ଲିଲିକୁ ଆକ୍ଷେପ କରିବା ଛଡ଼ା ତାଙ୍କର ଯେମିତି ଅନ୍ୟ କିଛି କାମ ନାହିଁ ।

– ପାଣି ଗ୍ଲାସଟିଏ ହାତରେ ପିଇ ନଥିଲି, ହେଲେ ଏବେ କାମ କରିକରି ଭୋକ ଶୋଷ ଭୁଲିଗଲିଣି । କପାଳରେ ଲେଖାଅଛି ଯାହା ।

– ତୁମର କଷ୍ଟ ବୁଝୁଛି ମୁଁ, ହେଲେ ମାଆର ଆଶୀର୍ବାଦ ବି ମିଳୁଛି ନା ।

– ହଁ ଆଶୀର୍ବାଦ ନା ଚୋପା ! ଚବିଶ ଘଣ୍ଟା ଖାଲି ଅଭିଯୋଗ, ମୁଁ ପୁଣି କାମ ନକରି ଗୋଡ଼ ଉପରେ ଗୋଡ଼ ଥୋଇ ମୋବାଇଲ ଦେଖୁଛି । ତୁମ ମାଆ ତ ଉଠି ପାରୁନାହାଁନ୍ତି । ସେ କେମିତି ଦେଖିଲେ ଏତେ କଥା ? ଚିଡ଼ି ଉଠି ଲିଲି ଅତନୁ ସାମ୍ନାରେ ଦିନେ ପାଲଟା ଅଭିଯୋଗ କରିଥିଲା । କ'ଣ ବି କରିହେବ ଆଉ ।

– ଦେଖ ଯେଉଁଦିନ କାମବାଲୀଟିଏ ମିଳିଯିବ ଯେତେ ନେବ ନେଉ ମୁଁ ତାକୁ ରଖିଦେବି । ଏବେ ତ ରାଗରୁଷା ଛାଡ଼ ।– ଏମିତି ଆଶ୍ୱାସନା ଦେଇ ଅତନୁ ଅଫିସ ଚାଲିଗଲା । ଲିଲି ଭଲ ରୂପେ ଜାଣିଥିଲା ଯେ ସେଇ ଜାଗାରେ ସବୁ ମିଳିଯିବ, କିନ୍ତୁ କାମବାଲୀ ଦୁଷ୍ପ୍ରାପ୍ୟ ।

– ଏ ଲି... ଲି.... ନା ରଡ଼ନିଆଁ ! ଟୁପୁଷିମୁହିଁ ଜାଣିସିଆଣି ଖଣ୍ଡେ ତ । ଯାକୁ ଭଗବାନ ବି ପାରିବେନି ।

– କାହିଁକି ଏତେ ପାଟି କରୁଛ ମାଆ ? ତୁମପାଇଁ ହିଁ ଖିଚିଡ଼ି ତିଆରି କରୁଛି । ଏମିତି ହେଲେ କେମିତି ହେବ ? ହାତଗୋଡ଼ ପୋଡ଼ିଯିବ ଯେ ମୁଁ ଗୋଟେ ଲୋକ କେତେ ଆଡ଼େ ମରିବି ଆଉ ?

– ହ..ଅ..ଅ... ଆମେ ଆଉ କାମ କରିଛୁ ନା ଘର ସମ୍ଭାଳିଛୁ ? ତୁ ଜଣେ ହିଁ କାମିକିଆ ପରା ।

ଆଜି ଘରକଥା ମନେପଡ଼ି ବହୁତ କାନ୍ଦ ଲାଗୁଛି । କେତେ ଅଲିଅଳରେ ବଢ଼ିଥିଲା ସେ । କୁଟା ଖଣ୍ଡେ ବି ଦିଖଣ୍ଡ କରେନାହିଁ । କଥା ପଦେ ସୁଦ୍ଧା ଟାଣରେ କେହି କହୁ ନଥିଲେ । ଅଥଚ ଏତେ କଳାପରେ ବି କେତେକଥା ଶୁଣିବାକୁ ପଡୁଛି ତାକୁ । କେବେବି ଶାଶୁଙ୍କ ଅମଙ୍ଗଳ ସେ ପାଞ୍ଚେ ନାହିଁ । ହେଲେବି ତାଙ୍କ ମନ ଭିତରେ ସ୍ନେହ ତ ଦୂରର କଥା, ସାମାନ୍ୟ ଦୟାମାୟା ଥାଆନ୍ତା ଭଲା !

ତରତରରେ ଖିଚିଡ଼ିରେ ପଡ଼ିବା ପାଇଁ ପରିବା କେତୋଟି କାଟି ପକାଇଲା । ଶାଶୂ ଭଲ ଥାଆନ୍ତୁ । ସେ ନିଜେ ହିଁ ମରିଯାଉ । ଅତନୁ ଆଉ ଗୋଟେ କାହାକୁ ଆଣିଲେ ଯାଇ ଶାଶୂ ବୁଝିବେ । ମଣିଷ ଥିଲାଯାକ ତା'ର ମୂଲ୍ୟ ଜଣା ପଡ଼େନାହିଁ । ଗଲା ପରେ ଯାଇ ଜଣାପଡ଼ିବ । ବାର ଆଡ଼େ ବାର ଚିନ୍ତା । ଇସ୍ ମା ଲୋ ! ତେଡ଼ାରେ ଛୁରୀଟି ଆଙ୍ଗୁଠି ଦେଇ ଚାଲିଗଲା । ପନିକିରେ କାଟିବା ଅଭ୍ୟାସ ଥିଲା । ଅତନୁ କହିବାରୁ ଏବେ ଛୁରୀରେ କାଟୁଛି । ଛୁରୀରେ କାଟିବା ପୁଣି ସହଜ ବୋଲି କହିଥିଲା, ରକ୍ତ କେମିତି ବନ୍ଦ ହେବ ଏବେ ? ଚାରିଆଡ଼େ ଦେଖୁଛି ସିନା କିଛି ମିଳୁନାହିଁ ।

– ହଇଲୋ ଛତରଖାଇ ! ତୋ କାନରେ କ'ଣ ଟୁଣ୍ଡା ପଶିଛି କିଲୋ ? ଏତେ ଡାକିଲିଣି, ଶୁଭୁନାହିଁ ତୋତେ ?

– ଦେଖ ମାଆ, କେମିତି ହାତ କଟି ଯାଇଛି ଦେଖ। ଏବେ ବିଶ୍ୱାସ ହେଲା ତ?" କାନ୍ଦକାନ୍ଦ ହୋଇ ନୀଳିମାଙ୍କ ଖଟ ଉପରେ ଆସି ବସିଗଲା ଲିଲି। ମନର କୋହ ଓ ଦେହର ରକ୍ତ କୋଉଟି ଅଧିକ କଷ୍ଟଦାୟକ ଥିଲା ?

ହଠାତ ନୀଳିମା ହାତ ବଢ଼ାଇ ତା' ହାତଟି ଟାଣି ଆଣି ପାଟିରେ ପୂରାଇ ସେମିତି ଶୋଇଶୋଇ ଚୁଷିବାରେ ଲାଗିଗଲେ। କେତେ ସେକେଣ୍ଡ ପରେ ରକ୍ତ ବାହାରିବା ଆପେଆପେ ବନ୍ଦ ହୋଇଗଲା।

– ମଣିଷ ଜନ୍ମ ପାଇନାହୁଁ କି ଲୋ ? ଟିକିଏ ଟିକିଏ କଥାରେ କାନ୍ଦି କାଟି କିଏ ଅସ୍ଥିର ହୁଏ ? ଜୀବନରେ ଏମିତି କେତେ ଝଡ଼ ଝଞ୍ଜା ଆସିବ, ସହି ସମ୍ଭାଳି ଚଳାଇ ନେବାକୁ ହୁଏ। ସାହସୀ ଲୋକର ସବୁଠି ଜିତାପଟ। ଏମିତି ସକସକ କାନ୍ଦିଲେ ପିଠିରେ କେହି ପଡ଼ିବେନି କହି ଦେଉଛି ହଁ। କହୁଛି କ'ଣ ନା ହାତ କଟିଗଲା, ହୁଁ!

ଲିଲିକୁ ଆଜି ସବୁ ମ୍ୟାଜିକ ଭଳି ଲାଗୁଥିଲା। ଆଜି ଯାଏଁ କ'ଣ ଦେଖି ଆସିଥିଲା ଏବଂ ଏବେ କ'ଣ ଦେଖୁଛି ସେ।

– ମୁଁ ଯାଉଛି ମା', ତୁମ ଖିଚିଡ଼ି ପାଇଁ ପରିବା ରଖି ଦେଇ ଆସିଛି।

– ବସ ବସ। ଭାରି ଖିଚିଡ଼ି କଲାବାଲା। ଆଜି ସେସବୁ ଥାଉ। ତୁମମାନଙ୍କ ପାଇଁ ଯାହା କରିଛୁ, ମୋତେ ସେଥିରୁ ଟିକିଏ ଦେଇଦେବୁ। କେତେ ବା ଖାଉଛି ମୁଁ!

ନିର୍ବାକ ହୋଇ ଲିଲି ଖାଲି ନୀଳିମାଙ୍କୁ ଦେଖୁଛି। ହଠାତ ନୀଳିମାଙ୍କ ପାଟିରେ ପ୍ରକୃତିସ୍ଥ ହେଲା।

– ହଇଲୋ ତୋତେ କହିଥିଲି ନା ମୋ ପିଠିରେ ନାଇସିଲ ପାଉଡର ଘଷିବା ପାଇଁ ? ଘସିଲୁ ? ହଁ.. ଅ. ଏ ବୁଢ଼ୀ ଆଉ କେତେଦିନ ଯେ ? ସେଥିପାଇଁ ଜଗି ବସିଛୁ ନା ମୁଁ କେମିତି ମରିବି ତୁ ଛାଡ଼ ପାଇବୁ ବୋଲି ?

– ମା' ତୁମେ ପୁଣି ଆରମ୍ଭ କରିଦେଲ ? ଟିକିଏ ରୁହ। ପାଉଡର ଡବାଟା ଆଣୁଛି।

ପାଉଡର ଆଣି ଘଷିଲା ବେଳେ କିନ୍ତୁ ଲିଲିକୁ ନୀଳିମାଙ୍କ କଥାଗୁଡ଼ିକ ଆଉ ବାଧୁ ନଥିଲା। ଲାଗୁଥିଲା ସତେ ଯେପରି ତା' ନିଜ ବୋଉର ପିଠିରେ ଲଗାଇ ଦେଉଛି।

*ପଦ୍ମାଳୟା ପାଢ଼ୀ ବାଣୀବିହାର ମନସ୍ତତ୍ତ୍ୱ ବିଭାଗର ୧୯୯୩-୯୫ ବ୍ୟାଚ୍ ଛାତ୍ରୀ। ସଂପ୍ରତି ବ୍ରହ୍ମପୁରରେ ଡାକ ବିଭାଗରେ କାର୍ଯ୍ୟରତ ଶ୍ରୀମତୀ ପାଢ଼ୀ ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ଲେଖନ୍ତି। ତାଙ୍କ ସହିତ ୯୪୩୭୭୩ ୭୫୫୦୧ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇ ପାରିବ।*



# ବୃନ୍ତଚ୍ୟୁତ ଗୋଲାପ

ଆଶୁତୋଷ ଦାସ

**ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ ଗଳ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଳ୍ପ**

ମିନୁ ମାଉସୀଙ୍କ ପୁଅ ସୁରେଶ ମୋର ବନ୍ଧୁ । ତା’ ପାଖରୁ ସେ ଘଟଣାର କିୟଦଂଶ ସମ୍ପର୍କରେ ଜାଣି ମାଉସୀଙ୍କ ପାଖରୁ ପୂରା ଘଟଣାଟି ଜାଣିବା ପାଇଁ ମୁଁ ଉତ୍କଣ୍ଠିତ ହୋଇ ଉଠିଥିଲି । ସେଦିନ ଆସନ୍ନ ସନ୍ଧ୍ୟାରେ ପଶ୍ଚିମ ଦିଗନ୍ତ ପଟେ ସୂର୍ଯ୍ୟ ବୁଡ଼ି ସାରିଥିଲେ ବି ତା’ର ରକ୍ତାଭ ଆଭା ପୂରା ଆକାଶରୁ ଲିଭି ନ ଥିଲା । ନାଗସାପ ଛାତିର କାତି ପରି ବାଦଲସବୁ ଥାକଥାକ ହୋଇ ସଜେଇ ହୋଇଥିଲେ । ମୁଁ ସୁରେଶକୁ ଫୋନ୍ କରି ଆସିବାକୁ କହିଲି । ଆମ ଘର ପାଖରୁ ତାଙ୍କ ଘର ତିନିରୁ ଚାରି କି.ମି. ଭିତରେ ହେବ । କିଛି ସମୟାନ୍ତରରେ ସୁରେଶ ବାଇକ୍‌ର ହର୍ଣ୍ଣ ଶୁଭିଲା । ଦିହେଁ ମିଶି ତାଙ୍କ ଘର ଆଡ଼କୁ ଚାଲିଲୁ ।

ଅଗଣାରେ ମାଉସୀ ସନ୍ଧ୍ୟାଧୂପ ଦେଉଥାନ୍ତି । ଝୁଣାଧୂପର ମହମହ ବାସ୍ନାରେ ଘରଟା ମହକି ଉଠୁଥାଏ । ପାଖ ବେଲେଶ୍ୱର ମହାଦେବ ମନ୍ଦିରରୁ ଶଙ୍ଖ, ଘଣ୍ଟି, ହୁଳହୁଳି ଧ୍ୱନିରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେଉଥାଏ । ମାଉସୀ ଶିକ୍ଷିତା ମହିଳା । ସୁରେଶ କହୁଥିଲା, ବିବାହ ପୂର୍ବରୁ ସେ ତାଙ୍କ ଗ୍ରାମରେ ଜଣେ ଶିକ୍ଷୟିତ୍ରୀ ମଧ୍ୟ ଥିଲେ । ବୟସ ପଚାଶ ପାଖାପାଖି ହେବ । ସବୁବେଳେ ହସହସ ମୁହଁ । ସନ୍ଧ୍ୟାଧୂପ ସରିଲାଣି । ମାଉସୀ ଆମ ପାଖରେ ଆସି ବସିପଡ଼ିଲେ । ଘର ପରିବାର ସମ୍ପର୍କରେ ଦୁଇ ଚାରି ପଦ କଥା ସରିବା ପରେ, ସୁରେଶ ସେ ଘଟଣାଟି ମୋତେ କହିବାକୁ ମାଉସୀଙ୍କୁ କହିଲା । ମୁଁ ଲକ୍ଷ୍ୟ କଲି, ତାଙ୍କ ସହାସ୍ୟ ମୁଖର ରେଖାଗୁଡ଼ା ସାମାନ୍ୟ କୁଞ୍ଚିତ ହୋଇଗଲା । ଟିକିଏ ଅପ୍ରତିଭ ହୋଇ ଏକ ବଡ଼ ଦୀର୍ଘନିଶ୍ୱାସ ନେଇ ସେ କଥା ଆରମ୍ଭ କଲେ ...

ପାଖାପାଖି ସତେଇଶ ବର୍ଷ ତଳର ଘଟଣା । ଶ୍ରାବଣ ଶୁକ୍ଳ ନବମୀର ଏକ ଶୀତଳ ରାତ୍ରି । ଆକାଶରେ ଫାଳିକିଆ ଧଳାଜହ୍ନ ଭେଳା ଭେଳା କଳାବାଦଲଙ୍କ ସଙ୍ଗେ ଲୁଚକାଳି ଖେଳୁଥାଏ । ନିଶାର ନିସ୍ତବ୍ଧତାକୁ ଭଙ୍ଗ କରି ଦେଉଥାଏ ଝିଙ୍କାରିଙ୍କ ଝଙ୍କାର । ବୁଲା କୁକୁରଗୁଡ଼ା ବାରିପଟ ଯୋର ଆଡୁ ଯେମିତି ବୁକୁଚିରା କାନ୍ଦ କାନ୍ଦୁଛନ୍ତି । ଘର ଭିତରଟା ପୂରା ଶୁନ୍‌ଶାନ୍ । କେଉଁ ଏକ ଅଜଣା ଦୁଃସ୍ୱପ୍ନରେ ମୋ ଗହଳିଆ ନିଦଟା ଚାଇଁକିନା ଭାଙ୍ଗିଗଲା । ଯେତେ ଆଖିମାଡ଼ି ଶୋଇବାକୁ ଚେଷ୍ଟା କଲି, ଆଖିକି ଜମା ନିଦ ଆସୁ ନ ଥାଏ । ବାହାରର ଶଙ୍କାକୁଳ ପରିବେଶ ମୋ ମନରେ କାହିଁ କେଜାଣି ଗୋଟେ ଅଜଣା ଭୟକୁ ତୋଳି ଆଣୁଥାଏ । କେତେ ରାତି ହେଲାଣି କେଜାଣି ? ଅନ୍ଦାଜ ଗୋଟାଏ ପାଖାପାଖି ହେବ । ଆମ ସଦର ଦରଜାରୁ ହଠାତ୍ ଠକ୍‌ଠକ୍ ଶବ୍ଦ ଶୁଭିଲା । ତା’ପରେ ଏ କଣ୍ଠସ୍ୱର -

‘‘ଗୋପାଳଭାଇ... ଓ.... ଗୋପାଳଭାଇ..... ।’’ ସ୍ୱରଟା ନିମାଦାଦିଙ୍କର ନା କ’ଣ ! କଣ୍ଠରେ ଭୟମିଶା ଆର୍ଦ୍ରତା ବେଶ୍ ବାରି ହୋଇପଡୁଥାଏ । ମୁଁ ବୋଉକୁ ଉଠାଇଦେଇ ଧଡ଼ପଡ଼ ହୋଇ ଖଟରୁ ଉଠିଗଲି । ବାପା ଉଠିସାରି କଥା ହେବାକୁ ଯାଇଥାନ୍ତି ।

ଝଡ଼ ଭଳି ପଶିଆସିଲେ ବାପା । ମୁହଁରେ ଚିନ୍ତାର ଏକ କଠିନ ରେଖା ଫୁଟି ଉଠିଥାଏ, କହିଲେ -‘‘ଗୀତା ଘରେ ନାହିଁ । କୁଆଡ଼େ ଗଲା, କଅଣ କଲା କେହି ଜାଣିପାରୁ ନାହାନ୍ତି । ନିମା ଆସି ମୋତେ ଡାକୁଥିଲା ଖୋଜିବା ପାଇଁ ।’’ ଥାକରୁ ତିନିଶାଳିଆ ଟର୍ଚ୍ଚଟାଏ ଧରି ମୋ ବଡ଼ଭାଇ ମୁନାଭାଇକୁ ଡାକଟାଏ ମାରିଦେଲେ । ଦିହେଁଯାକ ବାହାରକୁ ବାହାରିଗଲେ । ଆଗରେ ନିମାଦାଦି ।

ଆକାଶରେ ମେଘ ଥିଲେ ବି ତୋଫା ଜହ୍ନର ଆଲୁଅରେ ଅନ୍ଧାର ଫିକାପଡ଼ି ବାଟଘାଟ ଦିଶୁଥାଏ । ଆଗ ଚାକୁଣ୍ଡା ଗଛ ଉଢ଼ାଳରେ ବହଳ ଅନ୍ଧାର ଭିତରେ ସେମାନେ ହଜିଯିବା ପର୍ଯ୍ୟନ୍ତ ମୁଁ ସେମାନଙ୍କୁ ଚାହିଁ ରହିଥାଏ ।

ଗୀତା କୁଆଡ଼େ ପଳେଇଛି ! ନା, ସେ ତ ସେମିତିକା ଖରାପ ଝିଅଟାଏ ନୁହଁ ଯେ ରାତି ଅଧରେ କାହା ସହ ପଳେଇବ । ନିମାଦାଦିଙ୍କ ବଡ଼ଭାଇ ଗୁନାଦାଦିଙ୍କ ଗୋଟିଏ ବୋଲି ଝିଅ ଗୀତା । ଭାଗ୍ୟରେ

କେଜାଏ ଦୁଃଖ ଥିଲା କେଜାଣି, ଜନମର ଦିନକ ପରେ ମା'ଟା ଦୁନିଆ ଛାଡ଼ିଦେଲା। ବର୍ଷୁଟାଏ ନ ବିତୁଣୁ ବାପର ପ୍ରାଣବାୟୁ ରାଜରାସ୍ତାରେ ଟ୍ରକ୍ ଚକାତଳେ ଉଡ଼ିଗଲା। ବିଚରା ଗୀତାଟା ବାପ ମା' ଛେଉଣ୍ଡ ହୋଇ ବୁଢ଼ୀମା' ନେତିଆଇ କୋଳରେ ବଢ଼ିଛି। ନିମାଦାଦିଙ୍କୁ ବାପ ବୋଲି ଡାକେ ଆଉ ମଲ୍ଲୀଖୁଡ଼ୀଙ୍କୁ ବୋଉ। ନିମାଦାଦିଙ୍କର ଗୋଟିଏ ପୁଅ ବାବୁଆ ଆଉ ଗୋଟିଏ ଝିଅ ରାଧା। ପରିବାର କହିଲେ ଏଇ ଛ'ପ୍ରାଣୀ କୁଟୁମ୍ବ ଆଉ ଯୋଡ଼ାଏ ଦୁଧିଆଳି ଗାଈ, ଗୋଟାଏ ଛୋଟ ଛେଳିପଲଙ୍କୁ ନେଇ ବୁଝାଏ। ନିମାଦାଦି ହାଟରେ ପନିପରିବା ବିକନ୍ତି। ଲାଭର ଅଧିକାଂଶ ଭାଗ ସୁରାପାନରେ ଯାଉଥିବାରୁ ଘର ଚଳିବା କଷ୍ଟ ହୁଏ। ଦି'ବରଷ ହେବ ବାବୁଆଟା ଯାଇ ଭୁବନେଶ୍ୱରରେ କୋଉ ଗୋଟେ ମିଠାଦୋକାନରେ ରହିଛି। ବର୍ଷକରେ ଦି' ତିନିଥର ଘରକୁ ବାହୁଡ଼େ। ଭାରି ଭଲପାଏ ଗୀତାକୁ। ଗୀତା ମନରେ ଦୁଃଖ ହେଲେ ତାକୁ ଭାରି କଷ୍ଟ ହୁଏ; କିନ୍ତୁ ବାପା ବୋଉଙ୍କ ଆଗରେ ମୁହଁ ଫିଟେଇ କହିପାରେନି। ପରିବାରରେ ସେ ସବୁଠାରୁ ବଡ଼। ତା'ପରେ ଗୀତା ଆଉ ସବା ସାନ ଝିଅ ହେଉଛି ରାଧା। ଫେରିଲାବେଳେ ଗୀତା ଆଉ ରାଧା ପାଇଁ ନାନା ଜିନିଷ ଆଣେ। ଗୀତାର ଧୂସର ଜୀବନ ଭିତରେ ଏଇ ଟିକକ ତା' ପାଇଁ ଅନେକ କିଛି।

ମୋ'ଠାରୁ ଛ' ସାତବର୍ଷ ସାନ ହେବ ଗୀତା। ଶ୍ୟାମାଙ୍ଗୀ ହେଲେ ବି ଦେଖିବାକୁ ଅସୁନ୍ଦର ନୁହେଁ। ଗୋଲ ମୁହଁରେ କଳା ଟିପାଟିଏ ଲଗେଇଦେଲେ ଖୁବ୍ ସୁନ୍ଦର ଦିଶେ। ଭାରି ମେଧାବୀ ପିଲାଟିଏ। ଗାଁ ସ୍କୁଲରେ ସପ୍ତମ ଯାଏ ପାଠ ପଢ଼ିଛି। ଖାଲି ପାଠରେ ନୁହେଁ, ବ୍ୟବହାର ଚାଲିଚଳନରୁ ଛେଳିଛୁଆ ପରି ନିରୀହ ଆଉ ଶାନ୍ତସରଳ ଜଣାପଡ଼େ। ବାହାରେ କାହାରିକୁ ଦି'ପଦ କୁହେ ନାହିଁ କି ଦି'ପଦ ଶୁଣେନାହିଁ। ବହୁ କଷ୍ଟରେ ପାଠ ପଢ଼ି କୃତିତ୍ୱର ସହ ସପ୍ତମ ବୋର୍ଡ଼ ପରୀକ୍ଷା ପାସ୍ କଲା। ଆଗକୁ ପଢ଼ିବାପାଇଁ ଥିଲା ଭାରି ଇଚ୍ଛା। ଚିଉସାରେ କହୁଥିଲେ, ସେ ଯଦି ଆଗକୁ ଭଲ ପାଠପଢ଼େ, କୁଆଡ଼େ ବଡ଼ ଚାକିରିଟାଏ କରିବ; କିନ୍ତୁ ସେଦିନ ତା'ର ଆଶାର ଜୁଆରରେ ଭଟ୍ଟା ପଡ଼ିଯାଇଥିଲା। ମନ ଭିତରେ ସାହସ ବାନ୍ଧି ବୋଉକୁ ଅଷ୍ଟମରେ ପଢ଼ିବା ପାଇଁ କହିଥିଲା। ଉପହାର ସ୍ୱରୂପ ଅନେକ ଶ୍ରାବ୍ୟ ଅଶ୍ରାବ୍ୟ ଶବ୍ଦରେ ଫୋଡ଼ି ହୋଇଯାଇଥିଲା ତା'ର ଦିହ। ''ଅଲକ୍ଷଣୀ.... ପୋଡ଼ାମୁହିଁ.... ବଉଁଶ ବୁଡ଼େଇ ଜନମକାଳୁ ତ ମା'କୁ ଖାଇଲୁ, ବୋପାକୁ ଖାଇଲୁ, ପୁଣି ଆମକୁ ଖାଇବାକୁ ବସିଛୁ। କହିଲା କ'ଣ ନା ପାଠ ପଢ଼ିବ।'' ଗୀତା ଆଖିର ଲୁହ ବନ୍ଧଡେଇଁ ଥପଥପ ନିଗିଡ଼ିପଡ଼େ। ନେତିଆଇ ପାଖକୁ ଦଉଡ଼ିଯାଏ। ତା'ର ମା' ବାପା କିଏ ବୋଲି ପ୍ରଶ୍ନ କରେ। ବହୁ ବାଧ୍ୟ ପରେ ଆଇ ପାଖରୁ ଉତ୍ତର ପାଇ ମନକୁ ବୁଝାଇବାକୁ ଚେଷ୍ଟା କରେ, ପାରେ ନାହିଁ। କଇଁକଇଁ କାନ୍ଦିଉଠେ। ସେମାନେ ଯଦି ଥାଆନ୍ତେ, ତାକୁ ଆଜି ଏ ଦିନ ଦେଖିବାକୁ ପଡ଼ି ନ ଥାନ୍ତା। ନେତିଆଇ ତାକୁ ଢେର୍ ବୁଝେଇ ଶୁଝେଇ ତୁନି କରେ।

ଗଲାବର୍ଷ ଅଶିଣରେ ଦୁର୍ଗାପୂଜା ଚାଲୁଥାଏ। ଅନ୍ୟାୟ, ଅନୀତି, ଭ୍ରଷ୍ଟାଚାର ଉପରେ ସତ୍ୟ, ଧର୍ମର ବିଜୟକୁ ସ୍ମରଣ କରାଇ ଦେବାକୁ ମା' ଧରାବତରଣ କରିଛନ୍ତି। ନଈ କୂଳେକୂଳେ ମୃଦୁ ସମୀରଣରେ କାଶତଣ୍ଡୀ ଖିଲିଖିଲି ହସୁଛି। ଏପଟେ ନେତିଆଇ ଦେହରେ ପ୍ରବଳ ଜ୍ୱର। ତାତିରେ ଖଇ ଫୁଟିଯିବ। ଖାଇ ପିଇ ଶୋଇଲା। ସକାଳୁ ଯେତେ ଡାକିଲେ ବି ଶବଦ ହେଲାନି। ମନେ ଅଛି ଗୀତା ଭୋ ଭୋ କାନ୍ଦୁଥାଏ। ବୋଉ ବାପାଙ୍କଠାରୁ ଯେତେ ମାଡ଼ଗାଳି ଖାଇଲେ ବି ନେତିଆଇର ମୁହଁ ଦେଖିଲେ ସବୁକିଛି ଭୁଲିବାକୁ ଚେଷ୍ଟା କରେ। ନିମାଦାଦି ପେଟେ ମଦ ପିଇ ଆସି ପାଞ୍ଚଣ ଉଠାଇଲାବେଳେ କେତେଥର ନେତିଆଇ ବଞ୍ଚେଇଛି। ଆଜି ତାକୁ ଦିଶୁଥାଏ ସ୍ନେହ ମମତାର ଉଚ୍ଛୁଳା ନଈଟା ସୁଖିଯାଇ ଏକ ବିରାଟ ମରୁଭୂମିରେ ପରିଣତ ହୋଇଯାଇଛି...। ଏଥର ଖାଲି ବାଲି... ଆଉ ବାଲି...।

ଏଡ଼ିକିଟାଏ ହୋଇଥିଲା, ଘରର କାମଦାମ ଗୁଡ଼ା କଲାଣି। ପାଠବହିରେ ଡୋରି ବନ୍ଧାହେବା ଦିନୁ କାମର ପରିମାଣଟା ତା'ର ବଢ଼ିଯାଇଛି ଯେମିତି ସକାଳ ପହରୁ କାମରେ ଲାଗିଥାଏ। ଗୋରୁଙ୍କୁ କୁଣ୍ଡାତୋରାଣି ପିଆଏ, ଛେଳିଗୁଡ଼ାଙ୍କୁ ଦେଖେ, ମା' ପାଖରେ କେତେ ଖୁସିରେ ଧାଁଦଉଡ଼ କରୁଛନ୍ତି, ମଝିରେ ଡେଇଁଡେଇଁ ନାଚିଯାଉଛନ୍ତି। ଜୀବନର ସ୍ୱର୍ଗୀୟ ଆନନ୍ଦ ଯେମିତି ଏଇଟା ମା' ପାଖରେ ଛୁଆର ନିର୍ଭୟ ବିଚରଣ ସ୍ନେହ ଆଉ ମମତାର ବହଳ ପରଶରେ। ମା' ଛେଳିଟା ଛୁଆଙ୍କୁ ଚାଟି ପକାଉଥାଏ। ସତରେ ମା' କେତେ ସ୍ନେହ କରେ, ତା' ଛୁଆଙ୍କୁ ନା ! ସେ ଦେଖିଛି ବୋଉ ତା'ର ରାଧାର ମୁଣ୍ଡ କୁଣ୍ଡେଇ ଦେଇ ସ୍କୁଲକୁ ପଠାଏ, ହାତରେ ଦଶ କୋଡ଼ିଏ ପଇସା ଗୁଞ୍ଜିଦିଏ। ମତେ ଲୁଚେଇ ପୁଣି କ'ଣ ଖାଇବାକୁ ଦିଏ, ବେଳେବେଳେ ଗେଲ କରିଦିଏ, ଏଇ ଯେମିତି ସେ ମା' ଛେଳିଟା ତା' ଛୁଆଙ୍କୁ ଗେଲ କରୁଛି। ଆଉ ତା' ନିଜପାଇଁ ଏସବୁ...? ''ଆଲୋ ଏ ପୋଡ଼ାମୁହିଁ... ମାଦଳଟା ଭଳିଆ ସିଆଡ଼େ ପଡ଼ିରହିଛୁ ନା କଅଣ? ସେତେବେଳୁ ଗଲୁଣି, ଛେଳି ଚାରିଟା ବାନ୍ଧି ଆସିପାରୁନୁ।'' ବୋଉ ଡାକରେ ଚମକି ପଡ଼ି ଗୀତା ପ୍ରକୃତିସ୍ଥ ହୁଏ।

ରୋଷେଇବାସ, ବାସନମଜା ସାରିଲାବେଳକୁ ଦ୍ୱିପହର ଗଡ଼ି ଯାଇଥାଏ। ଗୋରୁ ଦି'ଟା ଆଉ ଥରେଥରେ କୁଣ୍ଡା ତୋରାଣି ପିଅନ୍ତି। ସେତକ କାମ ସରିଲେ ଉପରଓଳି ତା'ର ଟିକିଏ ଫାଙ୍କା ସମୟ।

ଆମ ଘର ପାଖରୁ ତାଙ୍କ ଘର ଚାରିଘର ଛାଡ଼ିକି। ଏଇ ଯୋଉ ବାଙ୍କମୁଣ୍ଡଟା ଅଛି, ବୁଲିଗଲେ ତାଙ୍କ ଘର। ସମୟ ପାଇ ଆମ ଘରକୁ ଆସେ, ମୋ ପାଖରେ ବସି କେତେ କଥା ଗପିଯାଏ। ତା' ଦୁଃଖ କାହାଣୀଗୁଡ଼ା କହିପକେଇଲା ବେଳକୁ ଆଖି ତା'ର ଲୁହରେ ବତୁରିଯାଏ। ପୁଣି ଟିକିଏ ଖୁସି ହୁଏ। କାରଣ ବାବୁଆ ଭାଇ କହିଯାଇଛି, ବହୁତ ଟଙ୍କା ରୋଜଗାର କଲେ, ମତେ ପୁଣି ପାଠ ପଢ଼େଇବ। ମୁଁ ପୁଣି ସ୍କୁଲ ଯିବି...।

ଆମ ଘରେ ବାପା ବୋଉ ସମସ୍ତେ ତାକୁ ଭଲ ପାଆନ୍ତି। ବସିଥିଲାବେଳେ ମୁଢ଼ି ଦି'ଟା, ଉଖୁଡ଼ା ଦି'ଟା ପାଟିରେ ପକେଇ ସଞ୍ଜ ନଇଁବା ଆଗରୁ ଘରକୁ ଲେଉଟିଯାଏ। ମୋର ଗାଁ ସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଚାକିରିଟା ହେଲାଦିନୁ ସେ ସେମିତି ଆଉ ଆସେ ନାହିଁ। ଉପରଓଳି ମୁଁ ପିଲାଙ୍କୁ ଟ୍ୟୁସନ୍ କରେ। ମତେ ବି ଆଉ ବେଳ ନ ଥାଏ। ବର୍ଷେ ହେବ ନେତିଆଇ ଚାଲିଯିବା ପରଠୁ ପିଲାଟା କୁଆଡ଼େ ଭାରି କଷ୍ଟ ପାଉଛି । ନିମାଦାଦି ପାଖରୁ କଥାକଥାକେ ବିଧା ଗୋଇଠା ଖାଏ। ମଲ୍ଲୀଖୁଡ଼ି ପାଖରେ ରହି କହୁଥାଏ, ''ଆଉ ଦି'ଟା କଷି ଦଉନ ଅଲକ୍ଷଣୀକୁ, ଝିଅ ନୁହେଁ ତ ଗୋଟାଏ ମାଗଣା ବୋଝଟାଏ।'' ଗୀତାଟା ପଥର ହେଇଗଲାଣି। ଆଉ ବେଶି କାନ୍ଦେ ନାହିଁ, କାନ୍ଦିଲେ ବି ତୁନି କରିବାକୁ କେହି ନାହିଁ । କାମ ସବୁ ଚୁପଚାପ୍ କରିଯାଏ। ଗ୍ରୀଷ୍ମର ପ୍ରଚଣ୍ଡ ଉତ୍ତପ୍ତ ଦିନସବୁ ଗଡ଼ିଯାଏ। ଏମିତି ବର୍ଷା ବର୍ଷିବର୍ଷି ଚାଲିଯାଏ। ଶୀତ ଯାଏ, ବସନ୍ତ ଆସେ । ଆମ୍ବବଉଳର ଚହଟା ବାସକୁ ଆଘ୍ରାଣ କରି କୋଇଲି ମଧୁର ମୂର୍ଚ୍ଛନା ଢାଳିଦିଏ। ପ୍ରଜାପତି ଫୁଲରୁ ଫୁଲକୁ ଉଡ଼ିବୁଲେ। ଗୀତା ଧରିବା ପାଇଁ ହାତ ବଢ଼ାଏ, ମାତ୍ର ଧରେନାହିଁ। ସେ ଜାଣିଛି ଡେଣାରେ ଆଘାତ ହେଲେ କଷ୍ଟ କେତେ ହୁଏ।

ମୁଁ ସେମିତି ବାହାର ଦରଜା ପାଖରେ ଠିଆ ହୋଇଥାଏ। ବୋଉ ଡାକ ଦେଲା, ''ଆଲୋ ମିନୁ ଖୁଣ୍ଟଟା ପରି କାଇଁ ସେଠି ଠିଆ ହେଇଛୁ, ଆ ଭିତରକୁ ପଳେଇଆ।'' ମୁଁ ପ୍ରକୃତିସ୍ଥ ହେଲି। ଦରଜାକୁ ଆଉଜେଇ ଭିତର ଖଟ ଉପରେ ବସିପଡ଼ିଲି।

ଆମ ଗାଁ ପଳାଶପୁରର ଚୌଧୁରୀ ସାହିରେ ପଳାଶପୁର ଉ.ପ୍ରା. ବିଦ୍ୟାଳୟ। ଆମ ଘର ପାଖରୁ ଅଧ କି.ମି. ଦୂର ହେବ। ପାଖରେ ସରୁଆ ବୃଦ୍ଧାନଦୀ ଅଙ୍କେଇ ବଙ୍କେଇ ବହିଯାଇଛି। ଗାଁରେ ସମସ୍ତଙ୍କ ପାଖରେ 'ବୁଢ଼ୀନଈ' ଭାବରେ ବେଶ୍ ପରିଚିତ। ମୁଁ ସବୁଦିନ ଘରୁ ସ୍କୁଲକୁ, ଆଉ ସ୍କୁଲରୁ ଘରକୁ ଚାଲି ଚାଲି ଯିବାଆସିବା କରେ। ଏଇ ଗଲା ଉପରଓଳି ମୁଁ ସ୍କୁଲରୁ ଫେରୁଥାଏ। ବୃଦ୍ଧାନଦୀଟା କେତେଦିନ ହେବ ଫୁଲିଉଠିଛି । ଠାଏଠାଏ ତା' ମାଟିଆ ପାଣି ଭଉଁରୀ କାଟି ଘୁରି ଯାଉଥାଏ, ମେଞ୍ଚା ମେଞ୍ଚା ଦଳ ଭାସି ଆସୁଥାଏ। ମୁର୍ଦ୍ଦାରଟା ସେ କୂଳରେ ଲାଗିଛି, ଥୋଡ଼ାଏ ଲୋକ ତାକୁ ଦେଖିବାକୁ ରୁଣ୍ଡ ହୋଇଛନ୍ତି। କାଳର ଅଣଲେଉଟା ପ୍ରଖର ସ୍ରୋତରେ ମଣିଷ ଭାସି ଚାଲିଥାଏ। ଉପରକୁ ଉଠିବାର ବୃଥା ପ୍ରୟାସ କରି, ଭଉଁରୀରେ ପେଶି ହୋଇ ଲୀନ ହୁଏ ସମୟର ଅଥଳ ଗର୍ଭରେ । ହଜିଯାଏ ତା'ର ସମଗ୍ର ଅସ୍ତିତ୍ୱର ସତ୍ତା।

ଏଇ ନଈ ବନ୍ଧେ ବନ୍ଧେ ଯାଇ ତଳକୁ ଗଡ଼ିଲେ ଆମ ସାହି ପଡ଼ିବ। ମୁଁ ଚାଲୁଥାଏ, ଆଉ ଚାରିଘର ପରେ ଗୀତାଙ୍କ ଘର। ସନାବୋଉ ପାଖରୁ ଶୁଣିଲି ନିମାଦାଦି ଆଜି ମଦ ପିଇ ନିଷ୍ଠୁରଭାବେ ଗୀତାକୁ ବାଡ଼େଇଛନ୍ତି। ମୁଁ ପାଦର ଗତିକୁ ବଢ଼େଇଦେଲି। ଆଗରେ ଗୀତାଙ୍କ ଘର । ଝାଟିମାଟି କାନ୍ଥକୁ ଚାରିଶେଣିଆ ଚାଳଛପର ଘର ମଝିରେ ଅଗଣା। ମୁଁ ଗୀତା ଗୀତା ଡାକି ଘର ଭିତରକୁ ପଶିଗଲି। ଘରେ ନିମାଦାଦି ନ ଥାନ୍ତି, ମଲ୍ଲୀଖୁଡ଼ି ଛେଳି ଆଣିବାକୁ ଯାଇଥାନ୍ତି। ଆଠଦିନ ହେବ ରାଧା ତା' ମାମୁଘରକୁ ଯାଇଥାଏ। ଘର ଭିତରେ ଏକା ଗୀତା, ମୋ ଡାକ ଶୁଣି ଭିତରଘରୁ ମୋ ପାଖକୁ ଚାଲି ଚାଲି ଆସିଲା ଗୋଟିଏ ଶରାଘାତ ମୃଗସାର ପରି। ଆଖି ଦୁଇଟା କାନ୍ଦି କାନ୍ଦି ଫୁଲିଯାଇଛି। ତା' ଶରୀର ଦେଖି ମୋ ଆଖି ବି ଓଦା ହୋଇଆସିଲା। ପାଞ୍ଚଣର ପ୍ରଚଣ୍ଡ ପ୍ରହାରରେ ହାତଗୋଡ଼ ସବୁ ନୋଳା ଫାଟିଯାଇଛି। କେଉଁଠି ରକ୍ତ ଜକେଇ ଆସିଛି ତ କେଉଁଠି ଛାଟିପିଟି ହେଉଛି ବୋହିଯିବାକୁ।

ଭୁଲ୍ ତା'ର ଏତିକି ଥିଲା, ପଡ଼ିଶାଘର ଝୁନିଦେଇ ସାଙ୍ଗେ ଟିକେ ଗପି ଦେଇଥିଲା। ଗାଁରେ ଝୁନିଦେଇ ନାଁରେ ଭାରି ଦୁର୍ନାମ । ଖରାପ ଚରିତ୍ରର ଝିଅଟାଏ ବୋଲି ଏଇ କେତେଦିନ ହେବ ଗାଁରେ ଭାରି ଚର୍ଚ୍ଚା। ଆଜି ସକାଳେ ଗୀତା ଛେଳିଗୁଡ଼ାଙ୍କୁ ବାନ୍ଧି ଆସିବାବେଳେ ଝୁନିଦେଇ ଡାକ ପକେଇଲା-''ଆଲୋ ଗୀତା ଟିକେ ଦଉଡ଼ି ଆସିଲୁ, ଆଖିରେ କ'ଣ ଗୋଟାଏ ପୋକ ଫୋକ ପଡ଼ିଗଲା ନା କଅଣ ଟିକେ ଦେଖିଦେଲୁ ।'' ଆଖିରୁ ପୋକଟା ସିନା ବାହାରିଗଲା; କିନ୍ତୁ ତା' ପାଟିରୁ କଥା ବାହାରିବା ବନ୍ଦ ହେଲାନାହିଁ। ଗପୁଛି ଯେ ଗପୁଛି...। ଗୀତା ବାହାନା କରି ନ ଆସିଥିଲେ ସକାଳ ଗଡ଼ି ସଞ୍ଜ ହୋଇଥାନ୍ତା ମାତ୍ର, ଗପ ସରି ନ ଥାନ୍ତା। ଗାଁରେ କିଏ ଦେଖିକି ନିମାଦାଦି ଆଗରେ କ'ଣ କହିଛି କେଜାଣି । ପେଟେ ମଦ ପିଇ ଆସି ଝିଅଟାକୁ ବାଡ଼େଇ ଲହୁଲୁହାଣ କରିଦେଇଛି। ଗୀତାକୁ ବୁଝାଇବା ପାଇଁ ମୋ ପାଖରେ ଆଉ ଭାଷା ନ ଥିଲା । ମନଟା ମୋର କୁହୁଳି ଉଠୁଥିଲା, କେଉଁ ଏକ ଅଦୃଶ୍ୟ ଶକ୍ତିରେ ବଳୀୟାନ ହୋଇ ସମାଜରେ ଏମିତି ନିଃସହାୟମାନଙ୍କୁ ଅନ୍ତତଃ ବଞ୍ଚିବାର ସ୍ୱାଧୀନତା ଟିକକ ଦେଇଦେବାକୁ।

ରାତି ଦୁଇଟା କି ଅଢ଼େଇଟା ହେବ ବୋଧେ। ମୁନାଭାଇ ଆଉଜା ଦରଜାକୁ ଆସ୍ତେକିନା ଖୋଲି ଭିତରକୁ ଆସିଲା । ଗୀତା ରେଳଧାରଣା ଉପରେ ଆତ୍ମହତ୍ୟା କରିଛି। ତା' ମୁହଁରୁ ଏକଥା ଶୁଣି

ବୋଉ ଆଉ ମୁଁ ଚମକି ଉଠିଲୁ ! ବୋଉର ବାରଣ ସତ୍ତ୍ୱେ ମୁନାଭାଇ ସହ ରେଳଧାରଣାର ବନ୍ଧ ରାସ୍ତା ଆଡ଼କୁ ମୁଁ ପାଦ ପକେଇଲି ।

ଆକାଶରୁ ମେଘ କଟି ଯାଇଥାଏ । ଜହ୍ନଟା ପଶ୍ଚିମ ଆକାଶଆଡ଼େ ଟିକେ ଢ଼ଳିପଡ଼ିଛି । ବୃଦ୍ଧାନଦୀର ଗୋଳିଆ ପାଣିରେ ତା'ର ସୁନେଲି ଜ୍ୟୋତ୍ସ୍ନା ବିଛେଇ ହୋଇ ଚକ୍‌ଚକ୍ କରୁଥାଏ । ନଦୀର ଛୋଟ ପୋଲକୁ ଅତିକ୍ରମ କଲେ ପଡ଼େ 'କିଣିଲୋ', ଗୋଟିଏ ଛୋଟିଆ ଗାଁ । ଗାଁ ଶେଷମୁଣ୍ଡରୁ ଅଳ୍ପ ଚଉଡ଼ା ମହରମ ରାସ୍ତା ଲମ୍ବିଛି ନୂଆପାଟଣା ବଜାର ପର୍ଯ୍ୟନ୍ତ । ଦୁଇ ପାର୍ଶ୍ୱରେ ଖଜୁରୀ ଆଉ ତାଳର ବଣ । ଲମ୍ବା ରାସ୍ତାର ଠିକ୍ ମଝି ଛାତି ଉପରଦେଇ ରେଳଲାଇନ୍ ଯାଇଛି । ପାଖରେ ବିଟ୍‌ଘର ନ ଥାଏ, ନାଲି ନେଳି ପତାକା ଦେଖାଇବାକୁ । ରାତି ଆଠଟା, ନଅଟା ବାଜିଲେ ଏକୁଟିଆ ଲୋକ ଏ ରାସ୍ତାରେ ଯିବାକୁ ସାହସ କରନ୍ତିନି । ଚୋରି ଡକାୟତି ସାଙ୍ଗକୁ ଭୂତପ୍ରେତର ଭୟ ଲୋକଙ୍କ ମନକୁ ଆଚ୍ଛନ୍ନ କରି ରଖିଥାଏ । ଆମ ସାଙ୍ଗରେ ଆଉ ଚାରିଜଣ ଗାଁର ପ୍ରୌଢ଼ ବ୍ୟକ୍ତି ବି ଚାଲିଥାନ୍ତି ।

ରେଳଲାଇନ୍‌ର ବନ୍ଧ ଦିଶିଲାଣି । ସେଠାରେ ବାପା, ନିମାଦାଦି ଆଉ ଗ୍ରାମର ମୁଖ୍ୟ ବ୍ୟକ୍ତି ଦି'ଜଣ ଉପସ୍ଥିତ ଥାଆନ୍ତି । ଆଖିଆଗରେ ସେ ଲୋମହର୍ଷଣ ଦୃଶ୍ୟ ଦେଖି ମୋ ଦିହ ଶିତେଇ ଉଠିଲା । ରେଳଧାରଣା ଉପରେ ଗୀତା ପଡ଼ିଥାଏ । ଶରୀରରେ ମୁଣ୍ଡଟା ନ ଥାଏ । ବେକର ନାଡ଼ ସବୁରୁ ରକ୍ତଗୁଡ଼ା ପିଚକାରୀ ମାରି ଛିଟିକା ପଡ଼ିଥାଏ । ରେଳଧାରଣାର କିଛି ଅଂଶ ସମେତ ଗୀତାର ଅର୍ଦ୍ଧେକ ଶରୀର ରକ୍ତରେ ଭିଜି ଯାଇଥାଏ । ନାକରେ ବାଜୁଥାଏ ମଣିଷ ରକ୍ତର ଉତ୍କଟ ଆଇଁଷିଣିଆ ଗନ୍ଧ । ଖଣ୍ଡେ ଦୂରରେ ଗୀତାର ମୁଣ୍ଡ ଛିଟିକି ପଡ଼ିଥାଏ । ନିମାଦାଦି ମୁଣ୍ଡଟାକୁ ଗୋଟେଇ ଆଣିଲେ ଜଣେ ଅପରାଧିର କାନ୍ଦ କାନ୍ଦିକାନ୍ଦି । ମୁହଁର ଉପର ଦାନ୍ତଗୁଡ଼ା ପଦାକୁ ବାହାରି ପଡ଼ିଥାଏ । ତଳକୁ ଦରଛିଣ୍ଡା ଖଣ୍ଡ ଖଣ୍ଡ ମାଂସ ସବୁ ଲଟକି ଥାଏ ।

ସେ ସରଳିଆ ନିରୀହ ମୁହଁର ଏ ବିଭତ୍ସ ରୂପ ଦେଖି ମୋ ଲୋମମୂଳ ଟାଙ୍କୁରି ଉଠିଲା । ଆଖିରୁ ଆପଣାଛାଏଁ ଲୁହ ନିଗିଡ଼ି ପଡ଼ି ବତୁରେଇ ଦେଲା ମୋ ଓଠକୁ । ଠିକ୍ ଏକ ସଜଫୁଟା ଗୋଲାପ ଭୀଷଣ ଝଡ଼ର ପ୍ରଭାବରେ ବୃନ୍ତଚ୍ୟୁତ ହୋଇ ଖିନ୍‌ଭିନ୍ ହୋଇଯାଇଛି । ମାଟିରେ ମିଶିଯାଇଛି ତା'ର କ୍ଷୁଦ୍ର ସ୍ୱପ୍ନର ପାଖୁଡ଼ା ସବୁ ।

ଗ୍ରାମରେ କୌଣସି ଛୋଟ ବଡ଼ ଘଟଣା ଘଟିଲେ ସେମିତି କେହି ଥାନା ଫାଣ୍ଡିକୁ ଯାଆନ୍ତି ନାହିଁ । ଘଟଣାର ସମାଧାନ କରିଦିଅନ୍ତି କିଛି ମୁଖ୍ୟ ବ୍ୟକ୍ତିମାନେ । ଗାଁ ଶେଷମୁଣ୍ଡ ପଳେଇଶୁଣୀ ଦେବୀ ମନ୍ଦିର ଆଗ ବୁଢ଼ା ବରଗଛ ମୂଳେ ତା'ର ନିଷ୍ପତ୍ତି ହୁଏ ।

ନିମାଦାଦି ମଲ୍ଲୀଖୁଡ଼ି ସଫେଇ ଦେଲେ ପଡ଼ିଶାଘର ଝୁନି ସାଙ୍ଗରେ ମିଶୁଥିବାରୁ ଦୁଇପଦ ଗାଳି ଦେଇଥିଲେ । ସେଇଥିରେ ରାଗିକି ଏଡ଼େ ବଡ଼ କଥା କରିବସିଲା । ଘଟଣାକୁ ଅଧିକା ନ ବଢ଼େଇ ଆତ୍ମହତ୍ୟା ବୋଲି ଗାଁ ମଧ୍ୟରେ ଚପାଇ ଦିଆଗଲା ।

ବେଳ ଆସି ବାରଟା ବାଜିଲାଣି । ଗୀତା ପାଉଁଶରୁ ନିଆଁର ତାତି ଯାଇନଥାଏ । ସମଗ୍ର ଗାଁ ଆଜି ଶୂନ୍‌ଶାନ୍, ନିସ୍ତବ୍ଧ । କେବଳ ଗୋଟାଏ ସ୍ୱର ଜୋର୍‌ରେ ଶୁଭୁଥାଏ, ତା' ବାବୁଆ ଭାଇର ବୁକୁଫଟା କାନ୍ଦ । କାନ୍ଦି କାନ୍ଦି ତଳେ ଗଡ଼ିଯାଉଥାଏ । ପାଖରେ ପଡ଼ିଥାଏ ଦି'ହଳ ଫ୍ରକ୍ ଆଉ ଦି'ହଳ ଚଟି । ଗୋଟାଏ ରାଧାର ଆଉ ଗୋଟିଏ... ଗୀତାର । ମୋ ଆଖିରେ ଗୀତାର ଛଳଛଳ ମୁହଁ ଦିଶିଗଲା । କହୁଥିଲା, ''ବାବୁଆ ଭାଇ ଆସିଲେ ମତେ ପୁଣି ପାଠ ପଢ଼େଇବ, ମୁଁ ପୁଣି ସ୍କୁଲ ଯିବି ।''

ମୋ ମନ ଜମା ବୁଝୁ ନ ଥାଏ । ପନ୍ଦର ଷୋହଳ ବର୍ଷର ଆହତ ସରଳ ଝିଅ ଗୀତା । ରାତିଅଧରେ ଏକୁଟିଆ ନିଛାଟିଆ ଭୟଶଙ୍କୁଳ ରାସ୍ତାରେ ଯାଇ ଆତ୍ମହତ୍ୟା କରିବ ! ସଞ୍ଜରେ ସନେଇଜେଜ ଆମ ଘରକୁ ଆସିଥାନ୍ତି । ଚୁପି ଚୁପି ବାପାଙ୍କ ସହ କଥା ହେଉଥିଲେ । ଗୀତାଙ୍କ ଘର ଆଗରେ ତାଙ୍କର ଘର । ଭାରି ସରଳ ଲୋକ । ଗଲା ରାତିରେ ବାହାରକୁ ପରିସ୍ରା କରି ଉଠିଥିଲେ । ନିମାଦାଦିଙ୍କ ଘର ଭିତରୁ ଗାଁ... ଗାଁ... ଶବ୍ଦ ଶୁଣିଥିବା ଭୟଭୀତ ହୋଇ ପ୍ରକାଶ କଲେ । ମୋ ମନର ସନ୍ଦେହୀ ଆକାଶରେ ଢଙ୍କା ବାଦଲସବୁ ଧିରେ ଧିରେ ଫିଟି ଆସୁଥିଲା । ଘଟଣାଟା ଆତ୍ମହତ୍ୟା ନା ହତ୍ୟା !

ମିନୁମାଉସୀ ଘଟଣାଟା କହିସାରି ଆଖିରୁ ଲୁହ ପୋଛିଲେ । ତାଙ୍କ ତତଲା ଲୁହର ଧାସରେ ମୋ ଆଖି ବି ଓଦା ହୋଇ ଯାଇଥିଲା ।

*ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଥମ ବାର୍ଷିକ ଛାତ୍ର ଆଶୁତୋଷ ଦାସ ସ୍କୁଲରେ ପଢ଼ିବା ସମୟରୁ କବିତା ଲେଖି ଆସୁଛନ୍ତି । ପୂର୍ବରୁ ଆଦିକବି ସାରଳାଦାସ ମହାବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରେ ମହାବିଦ୍ୟାଳୟର ମୁଖପତ୍ରରେ ତାଙ୍କର ଲେଖା ପ୍ରକାଶ ପାଇଛି । ତାଙ୍କ ସହିତ ମୋବାଇଲ ନମ୍ବର ୯୩୩୭୨ ୧୨୭୪୬ରେ ଯୋଗାଯୋଗ କରାଯାଇ ପାରିବ ।*



# ରାତିଃ କରଂଜିଆରେ

ନୀଳାମ୍ବର ବିଶ୍ୱାଳ

ରଂଜରଂଜ ସଂଜ ଡେଇଁ
ରାତି ଆସେ ଏଠି ସେଠି, ଏକାଠି ସବୁଠି ।
ରାତି ସରେ ନିତିନିତି ସେମିତି ସେମିତି
ଦିହଭିଜା କାକରରେ ପାହାନ୍ତି ପାହାନ୍ତି ।।

ରାତି ଆସି ରାତି ଯାଏ
ଆବର୍ତ୍ତନ ନୀତି ନିୟମରେ,
ଘଂଟାକଂଟା ସେକେଣ୍ଡ କଂଟାରେ ।
ଆସନ୍ତାକାଲିକୁ ପୁଣି ଲେଉଟିବ
ନବବଧୂ ସଂଜ ସଳିତାରେ ।।

କରଂଜିଆରେ ରାତି ପାଇଁ
କୃଷ୍ଣପକ୍ଷ ଶୁକ୍ଳପକ୍ଷ ମନା,
କରଂଜିଆ ଇଲାକାରେ
ରାତି ବାର କେବେବି ବାଜେନା ।

ଗୁରୁବାର ହାଟସାରି ରାତି ଆସେ,
ବନବାସୀ ହାଣ୍ଡିଆ ହାଣ୍ଡିରେ ।
ଛପିଛପି ରାତି ଆସେ
କଂପିଟିସନ୍ ଦୋଳଯାତ୍ରା – ଯାତ୍ରା ପେଣ୍ଡାଲରେ ।।

କରଂଜିଆ ରାତି ଆସେ
ନିଭୃତରେ – କବି ପାଇଁ କଲମଟେ ଧରି ।
ସୀମନ୍ତିନୀ ସିନ୍ଦୂର ସୁନ୍ଥାରେ
ଟିଉସନ୍ ଶିଶୁ ସିଲଟରେ
କୁଆଁରୀର କଅଁଳ ଶେଯରେ
ମହୁଲିର ମହମ ବାସ୍ନାରେ ।।

କରଂଜିଆ ରାତି କିନ୍ତୁ
ପାହେନାହିଁ ଏଠି ସେଠି ପରି ।
ରାତି ଏଠି ଥକ୍କା ନିଏ,
ଯାଏ ଖାଲି ଦଣ୍ଡେ ରହିକିରି ।।

ମୋବାଇଲ୍ଃ ୯୯୩୭୯୪୮୬୬୪
nilambarbiswal8@gmail.com

*ନୀଳାମ୍ବର ବିଶ୍ୱାଳ ବାଣୀବିହାରରେ ୧୯୭୭-୭୯ବ୍ୟାଚ୍‌ର ଗଣିତ ବିଭାଗର ଛାତ୍ର । ୧୯୭୭-୭୮ରେ ସେ ପ୍ରଥମ ଛାତ୍ରାବାସ (ଗୋପବନ୍ଧୁ ଛାତ୍ରାବାସ)ର ମୁଖପତ୍ର 'ବାଣୀ ବୀଥିକା'ର ସଂପାଦକ ଥିଲେ । ଅଧ୍ୟାପନା ବୃତ୍ତିରୁ ସେବା ନିବୃତ୍ତ ପରେ ଭୁବନେଶ୍ୱରରେ ଅବସ୍ଥାନ କରୁଛନ୍ତି । 'ଓଡ଼ିଶା ଗଣିତ ସଂସଦ'ର ତ୍ରୈମାସିକୀ 'ଅଭିନବ ଗଣିତ ବିଚିତ୍ରା'ର ସଂପାଦନା ଦାୟିତ୍ୱ ସେ ଦୀର୍ଘ ଚଉଦବର୍ଷ ଧରି ତୁଲାଇ ଆସୁଛନ୍ତି ।*

*ତାଙ୍କର 'ଶତାବ୍ଦୀର ଶେଷଅଙ୍କ' ଗପବହି ଓ 'ଚିକି ଚିଠିଟି ମୋ କୁନିପୁଅକୁ' କବିତା ସଂକଳନ ପ୍ରକାଶ ପାଇଛି । 'ଗଣିତ ଛୁଙ୍କ', 'ଅଜାଙ୍କ ଖ୍ରୀଷ୍ଟାବ୍ଦ ଶିକ୍ଷା', 'ଗଣିତ ମହୋତ୍ସବ' ଆଦି ଜନପ୍ରିୟ ଗଣିତ ବହିର ସେ ଲେଖକ । ମାଧ୍ୟମିକ ଶ୍ରେଣୀ ପାଇଁ ଓଡ଼ିଆ ଭାଷାର ପ୍ରଥମ କମ୍ପ୍ୟୁଟର ପାଠ୍ୟପୁସ୍ତକର ସହଯୋଗୀ ଲେଖକ ଭାବରେ 'ଆସ ଶିଖିବା କମ୍ପ୍ୟୁଟର' ୫ଖଣ୍ଡ ବିଦ୍ୟାପୁରୀ, କଟକଙ୍କ ଦ୍ୱାରା ପ୍ରକାଶିତ । ଲେଖକ ଓ ସମୀକ୍ଷକ ଭାବରେ ନିମ୍ନମାଧ୍ୟମିକ ଶ୍ରେଣୀ ପାଇଁ କମ୍ପ୍ୟୁଟର ପାଠ୍ୟପୁସ୍ତକ 'କମ୍ପ୍ୟୁଟର ଶିକ୍ଷା ଓ ପ୍ରୟୋଗ' ତିନିଖଣ୍ଡ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ । ପିଲାଙ୍କ ପାଇଁ 'ଆସ ଜାଣିବା କମ୍ପ୍ୟୁଟର' ତାଙ୍କର ଅନ୍ୟ ଏକ ପୁସ୍ତକ ।*



# ସାଉଁଟା ସ୍ମୃତିରୁ ମୁଠାଏ

ଦେବେନ୍ଦ୍ର ପ୍ରସାଦ ଦାସ

ରାତ୍ରିର ଜହ୍ନରୁ ଆଜି
କେତେ ଜ୍ୟୋତ୍ସ୍ନା ଝରେ
କୋଇଲିଟା କୁହୁକୁହୁ ରାବ ଦିଏ
କେତେ ଯେ ସ୍ୱରରେ
କେତେ ଯେ ମଳିନ ସନ୍ଧ୍ୟା
କ୍ଳାନ୍ତ ହୁଏ ସମୁଦ୍ର ବେଳାରେ
ରାତି ପୁଣି ଡେଇଁ ଉଠେ
ସକାଳର କୁହୁକ ସ୍ପର୍ଶରେ ।

ଜାଣେ ନାହିଁ ସୋନାଲୀ ମହାନ୍ତି
କ'ଣ ବା ଘଟିଗଲା ସବୁ
ସେ ଦିନକୁ ନେଇ ମୋର
ଆଜି ଯାହା ଅନ୍ୟମନସ୍କତା
ସ୍ମୃତି ହୋଇ ଠିଆହୁଏ
ଅତୀତର ଦୀର୍ଘ ନିରବତା ।

ସ୍ମୃତିତ ଅବୁଝା ଭାରି
ସୋନାଲୀ ଠିକ୍ ତୁମ ପରି
ଏ ସହରେ ନାହାଁନ୍ତି ଆଉ ତୁମ ପରି
ରୂପବତୀ କୌଣସି ସୁନ୍ଦରୀ ।

ସଂଜ ଆସିଲେ ନଇଁ ତମ ଗାଁ ପଛପଟେ
ମେଘର ଝରକା ଡେଇଁ
ଜହ୍ନ ଯେବେ ପଳାତକ ସାଜେ
ଅନ୍ଧାରରେ ଅନ୍ଧ ଭଳି
ତୁମକୁ ମୁଁ ଆକୁଳରେ ଖୋଜେ ।

ତୁମର ପାଉଁଜି ତଳେ
ଅରତୁରେ ଫୁଟେ କୃଷ୍ଣଚୂଡ଼ା
(ତୁମ) ଚାହାଁଣୀର ଚୁମ୍ବକରେ
ଭାଙ୍ଗିପଡ଼େ ମୋ ସ୍ୱପ୍ନର କୋଣାର୍କର ଚୂଡ଼ା
ଜୀବନ ନୁହେଁ ଏକ ଅରଣ୍ୟ ରୋଦନ
ଭରଣା ହେଲା ତ ନାହିଁ ମୋ ବିଗତ ଦିନର
ସେ ଉଜୁଡ଼ା ସପନ ।

*ଶ୍ରୀ ଦେବେନ୍ଦ୍ର ପ୍ରସାଦ ଦାସ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ୧୯୭୭-୭୯ ବ୍ୟାଚ୍ ଛାତ୍ର । ଆଦ୍ୟ ଜୀବନରେ ସେ ଅଧାପକ ଭାବେ ଅବସ୍ଥାପିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦାନ କରି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଅଳଙ୍କୃତ କରିଥିଲେ । ଚାକିରି କାଳ ମଧ୍ୟରେ ସେ ସୂଚନା ଓ ଲୋକ ସମ୍ପର୍କ, ବୟନ ଶିଳ୍ପ ଓ ହସ୍ତତନ୍ତ, ପଞ୍ଚାୟତିରାଜ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗର ନିର୍ଦ୍ଦେଶକ ଭାବେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି । ପରେ ସେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ଅବସର ଗ୍ରହଣ କରିଛନ୍ତି । କବିତା ଲେଖାରେ ତାଙ୍କର ରୁଚି ରହିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଗଠନ ହେବାପରେ ପ୍ରଥମେ ସେ ଏହାର ଉପସଭାପତି ଏବଂ ବର୍ତ୍ତମାନ ସାଧାରଣ ସଂପାଦକ ଭାବେ କାର୍ଯ୍ୟ କରୁଛନ୍ତି ।*



# ପ୍ରାର୍ଥନା

ପବିତ୍ର ମୋହନ କର

ମୁଁ ତମରି ଅଂଶ; କଥାଟିକୁ
ବାରମ୍ବାର ଭୁଲିବା ଓ ମନେ ପକେଇବାରେ
ସରିଯାଏ ଆୟୁଷ।

ତମେ ରଥରେ ବିରାଜିତ ରାଜା
ମୁଁ ଲୋଭ ଓ ଲାଭର ଅଛିଣ୍ଡା ଅଙ୍କରେ
ଭ୍ରମିତ ପ୍ରଜା।

ତମେ ବିଶ୍ୱଜନବନ୍ଧୁ, କରୁଣାନିଧାନ
ମୁଁ ମାନ ଅଭିମାନ, ତେଲଲୁଣରେ ବନ୍ଦୀ
ଅକିଞ୍ଚନ।

ତମ ଆଖିରେ ପଲକ ପଡ଼େନା
ମୁଁ ମୂଢ଼, ଆଖି ମୋର କେବେ ବି ଫିଟେନା
ଆଖି ଖୋଲିଲେ ତ
ଝଲମଲ ରଙ୍ଗର ପସରା
ଅବ୍ୟକ୍ତ ଅନୁଭବର ଅମୃତ ଧାରା
ଆୟୁଷ ତମାମ ଯାତରା।

ତଥାପି ଆଖି ହଳକରେ
ଜମାଟବନ୍ଧା ପରଳ
ଦେଖି ବି ଦେଖିପାରେନା
ଖଣ୍ଡେ ରଙ୍ଗିନ ପତାକା କଣ
ପତିତପାବନ ବାନା ?

ତମେ ବେଶ୍ ହସେଇ ଜାଣ, କନ୍ଦେଇ ଜାଣ
ବୁଡ଼େଇ ଜାଣ, ଭସେଇ ଜାଣ
ବାନ୍ଧି ଜାଣ, ଫିଟେଇ ଜାଣ
ନାଚି ଜାଣ, ନଚେଇ ବି ଜାଣ।

ତମ ଆଖିର ଉହାଡ଼ରେ
ଏମିତି କେଉଁ ମଞ୍ଚ ଅଛି ଯେ
ମୋ ଅଭିନୟ ତମକୁ ଅଗୋଚର ?
ମୋର କୋଉ ଦୁଃଖ ତମକୁ ଗୁପତ ଯେ
ପଦ ଯୋଖି ପ୍ରାର୍ଥନା ବୋଲିବି
ଶୂନ୍ୟରୁ ସାଉଁଟି ସୁର ?

ତମେ ତ ଚିରକାଳ ରହସ୍ୟ ନାଗର
ମୁଁ ଭାଗ୍ୟବନ୍ତ ଯାଯାବର
ଜନ୍ମଜନ୍ମାନ୍ତର।

*କବି ପବିତ୍ର ମୋହନ କର ବାଣୀବିହାରରେ ସ୍ନାତକୋତ୍ତର ଭୂତତ୍ତ୍ୱ ବିଭାଗର ୧୯୮୭-୮୯ ବ୍ୟାଚ୍ ଛାତ୍ର। ସାହିତ୍ୟମନସ୍କ ଶ୍ରୀ କର ବିଏସ୍ଏନ୍ଏଲ୍‌ରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ଓଡ଼ିଶାର ସୁପରିଚିତ ପ୍ରକାଶନ ସଂସ୍ଥା 'ପେନ୍ ଇନ୍ ପବ୍ଲିକେସନ୍ସ'ରେ ସହକାରୀ ମହା ପ୍ରବନ୍ଧକ ଭାବେ କାର୍ଯ୍ୟରତ। ସେ ମଧ 'ସାହିତ୍ୟ ଅକାଦେମି'ର ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ସଦସ୍ୟ ଅଛନ୍ତି। ଗଳ୍ପ ଓ କବିତା ରଚନା ସହ ଶ୍ରୀ କର ନାଟକ ଓ ରାଜନୈତିକ ସମୀକ୍ଷାରେ ରୁଚି ରଖନ୍ତି। ଓଡ଼ିଆ ସାହିତ୍ୟର ଜଣେ ସୁପରିଚିତ କବି ଓ ଦକ୍ଷ ସଂଗଠକ ତଥା ବିଶିଷ୍ଟ ବକ୍ତା ଭାବେ ସେ ବେଶ୍ ପରିଚିତ।*



# ସ୍ମୃତିର ଦିଗନ୍ତ

## ହରେକୃଷ୍ଣ ଶିଅଳ

ଜୀବନ ପ୍ରଦୀପରେ ଭରିଥିଲା ଦିନେ
ଜ୍ଞାନର ତୈଳ ଯେଉଁ ପବିତ୍ର ପୀଠରେ
ତମସା ବିଜୃମ୍ଭିତ ଚଉବର୍ଗ ପ୍ରାପ୍ତି ପଥେ
ଥିଲା ମୋର ଦୀପ୍ତ ଦୀପାୟନ ଆଗାମୀ ଅୟନରେ। (୧)

ଉତ୍କଳ ନାମରେ ଭରିଦେଇ ଥିଲା ମନରେ ସେ
ଜନ୍ମମାଟିର ଅହେତୁକ ସ୍ୱାଭିମାନ
ସ୍ମୃତିର ଦିଗନ୍ତରେ ଭାସିଭାସି ଆସେ ଆଜି
ସଫଳ ଚିତ୍ରର ବାସ୍ତବ ରୂପାୟନ। (୨)

ଏବେ ମୋର କର୍ମ ଜୀବନର ଅନ୍ତିମ ଆଭା
ଭରିଦିଏ ମନ ଅଗଣାରେ ଅସୁମାରି କର୍ମ ଉନ୍ମାଦନା
ଅତୀତର ଭାବୋଚ୍ଛ୍ୱାସ ଭରା ଶିକ୍ଷା ନିକେତନର
ଦୁର୍ମୂଲ୍ୟ ଜ୍ଞାନସମ୍ପଦରେ ହୋଇଯାଏ ମୁଁ ଆନମନା (୩)

ପରିଜା ପାଠାଗାରର ଅସୁମାରି ତଥ୍ୟ ସଂଳାପ
ଚକ୍‌ମକ୍ ଆଲୁଅରେ ମାଦକତା ଭରା ଛାତ୍ରନିବାସ
ଉତ୍କଳମଣିଙ୍କ କୃତି ଗୀତିର ସ୍ୱାକ୍ଷର ପ୍ରତିମ
ତାହା ଥିଲା ମୋ ଜୀବନର ଅଭିନବ ଆଭାସ (୪)

କ୍ରୀଡ଼ାପ୍ରାଙ୍ଗଣର ଅତୀତ ମାଦକିତ ସ୍ମୃତି
ଆଜି ମୋର ମାନସ ମୁକୁରକୁ ଝଲସିତ କରେ
ସାଂସ୍କୃତିକ ବେହେରଣର ବିପୁଳ ଝଲକ
ମନଅଗଣାକୁ ବର୍ଣ୍ଣିଳ ଆଉ ଆଭା ଦୀପ୍ତ କରେ (୫)

ସେହି ମୋର ପ୍ରିୟ ଉତ୍କଳ ବିଶ୍ୱବିଦ୍ୟାଳୟ
ଅଭୁଲା ସ୍ମୃତି ଆଉ ପ୍ରୀତିର ଶିକ୍ଷାସ୍ତମ୍ଭ,
ଜୀବନଯାତ୍ରାର ଅଶୀତି ଅବଧି ମଧ୍ୟରେ
ସଞ୍ଚିତ କୃତୀ-ଚିତ୍ରରେ ଆଜି ସେ ସୁଦୀପ୍ତ ସୁଦମ୍ଭ (୬)

ଅଗଣିତ କୃତି ସନ୍ତାନରେ ଆଜି ଛବିଳ ଛଇଳ ଶିକ୍ଷାନିକେତନ
ହସିଉଠେ ଉତ୍କଳ ମାଟିର ଏହି ଚିର ଆୟୁଷ୍ମାନ୍
ଜାତିର ଜନକ ଅବୟବ ଅନ୍ତରାଳେ
ଝଲସିତ କୃତି ସନ୍ତତିରେ ସେ ଆଜି ଗରୀୟାନ (୭)

ତା'ର ବିଜୟ ବୈଜୟନ୍ତୀର ହେଉ ଜୟଗାନ,
ଉତ୍କଳ ମାଟିର ସେ ଶାଶ୍ୱତ କୀର୍ତ୍ତିମାନ୍
ବାଣୀବିହାର ଆମର ଚିର ସ୍ୱାଭିମାନ
ବାଣୀବିହାର ଆମର ଚିର ସ୍ୱାଭିମାନ (୮)

**ପୁରାତନ ଛାତ୍ର (ବାଣିଜ୍ୟ ବିଭାଗ)**

***ଶ୍ରୀ ହରେକୃଷ୍ଣ ଶିଅଳ ବାଣୀବିହାର ବାଣିଜ୍ୟ ବିଭାଗର ୧୯୯୧-୯୩ ବ୍ୟାଚ୍ ଛାତ୍ର। ଭାରତୀୟ ଡାକସେବା ବିଭାଗରେ କାର୍ଯ୍ୟରତ ଶ୍ରୀ ଶିଅଳ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ବେଶ୍ ସକ୍ରିୟ ଅଛନ୍ତି।***



# ବାଣୀବିହାରରେ ଜହ୍ନରାତି

## ଶତ୍ରୁଜିତ୍

ଶୂନଶାନ ପଥଧାରେ ଚିକମିକ ମୁକ୍ତା ପରି କଅଁଳ ଜୋଛନା
ପବନରେ ଭାସିଆସେ କେତେଦୂରୁ କାହାର ଏ ମଧୁର ମୂର୍ଚ୍ଛନା
କ୍ୟାଣ୍ଟିନ ଛାତରେ ଆଜି ନିରବରେ ଦୋଳି ଖେଳେ ମିଠା ଜହ୍ନରାତି
ମନେହୁଏ କ୍ୟାମ୍ପସରେ କେହି ଜଣେ ଝୁରୁଥାଏ ଅତୀତର ସ୍ମୃତି ।

ସବୁଦିନ ଆସେ ହେଲେ ଜହ୍ନ ଆଜି ଲାଗେ ଭାରି ନିଜରନିଜର
ଦେଖିଲା ବେଳଠୁ ତାକୁ ତନୁ ମନେ ଶିହରଣ ଓଠ ଥରଥର
ସର୍ବାଙ୍ଗ ଶରୀରେ ପୁଣି ଭରିଦେଲା କିଏ ସତେ ଅଜଣା ଏ ତାତି
ଅଭିସାରିକା ସାଜି କାହା ପାଇଁ ଆସିଅଛି ଏଇ ଜହ୍ନରାତି ।

କଲଭର୍ଟ ପରେ ବସି ପ୍ରିୟାକୁ ବିନତି କରେ ପ୍ରେମିକ ପ୍ରବର
"ରାତି ଯେ ହୋଇନି ଗାଢ଼, ଯିବା ପାଇଁ କିଆଁ ଆଜି ଏତେ ତରତର
ଏଯାଏଁ ଭରିନି ମନ ରହିଯାଅ ସାଥୀ ମୋର ଆଉ କିଛି କ୍ଷଣ
ଏଇ ତ ଆରମ୍ଭ ହେଲା ଆଖିରେଆଖିରେ ଆମ କାଲି ପାଇଁ ସ୍ୱପ୍ନ ।

ଇଚ୍ଛା ହୁଏ ଗାଇବାକୁ ନପାହୁ ଏ ମଧୁରାତି ନସରୁ ଏ ପ୍ରୀତି
କ୍ୟାମ୍ପସରେ ସବୁରାତି ଆଜି ଭଳି ହୋଇଯାଉ ମିଠା ଜହ୍ନରାତି ।"

*ଶତ୍ରୁଜିତ୍ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗର ୧୯୯୬ ବ୍ୟାଚ୍ ଛାତ୍ର । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତା ଓ ଗଣ ଯୋଗାଯୋଗରେ ମଧ ସ୍ନାତକୋତ୍ତର ଡିଗ୍ରୀ ଲାଭ କରି ଗତ ତିନି ଦଶନ୍ଧୀ କାଳ ସାମ୍ବାଦିକତା ବୃତ୍ତିରେ ଥିବା ଶତ୍ରୁଜିତ୍ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଦୀର୍ଘ ୨୯ ବର୍ଷ ଧରି ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଥିବା 'ତାଳପଦେଶ୍ୱରୀ ସାହିତ୍ୟ ଆସର'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ । ଏବେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ଏବଂ ପୁରାତନ ଛାତ୍ରସଂଘର ମୁଖପତ୍ର 'ଉତ୍କଳାୟନ'ର ସମ୍ପାଦକମଣ୍ଡଳୀ ସଦସ୍ୟ ଅଛନ୍ତି ।*



# ଦେବୀ

**ଇପ୍ସିତା ଷଡ଼ଙ୍ଗୀ**

ନା ମୋ ଗତିରେ, ନା ମୋ ସ୍ଥିତିରେ,
କି ସ୍ଥବିରତାରେ,
ମୋ ଅଭିମାନର ହ୍ରଦରେ
କେବେ କିଛି ବଦଳିଥିଲା ! !

ମୁଁ ସଜେଇ ହେଇ ଠିଆହେଲି ଘରେ
ତୁମେ କହିଲ ଦେବୀ,
ସାଜ ପିନ୍ଧି ଓହ୍ଲେଇଲି ଯୁଦ୍ଧକୁ
ତୁମେ କହିଲ ସଂହାରିଣୀ ॥

ପୀଠରେ ପୂଜିଲ ମତେ,
ଘାଟରେ କଲ ବିସର୍ଜନ;
ମାଟିର ସ୍ନେହ ଦେଲି,
ଶ୍ରଦ୍ଧା ଦେଲି ସମୁଦ୍ରର
ହେଲି ସର୍ବଂସହା, ହେଲି ମୁଁ ଧରିତ୍ରୀ ॥

ଦୟାରେ କ୍ଷମା କଲି ମୁହିଁ ହେଲି କାତ୍ୟାୟିନୀ
ପ୍ରେମରେ ସାଉଁଟି ସରିଲି ତିଳତିଳ
କେବେ ହେଲି ଉର୍ବଶୀ,
କେବେ ଅବା ସଙ୍ଗିନୀ ।

ନିଜ ନାଆଁରେ ବଞ୍ଚିଲି ବା କେବେ ?
ଆଜି କିନ୍ତୁ ବଦଳେଇଦେବାକୁ ହେବ
ସେ ପୁରୁଣା ଆକାଶର ସିଲଟ ॥

ମାଟିକୁ ଫାଟି ଯା' କହି,
ହେବିନି ପଳାୟନପନ୍ଥୀ,
ଅଭିଶାପର ଆଭୂଷଣରେ
ପାଷାଣ କରି ନିଜକୁ
ଠିଆ କରେଇବିନି ଆଉ
କୋଉ ଋଷି ଦ୍ୱାରରେ ॥

ଅପେକ୍ଷା ବୋଲି ଗୋଟେ ଶବ୍ଦ,
ସେ ହେଉ ପଛେ ପୁରୁଷୋତ୍ତମଙ୍କୁ,
ଲିଭେଇଦେବାକୁ ହେବ ମନରୁ, ଆକାଂକ୍ଷାରୁ,
ଅଳୀକ ସବୁ ଅଳି ଭିତରୁ ॥

ଏବେ ପାଦ ଉଠିଚି ମାନେ
'ନ ଯଯୌ ନ ତସ୍ଥ' ନୁହେଁ ॥

ଉଠି ଚାଲିବ ପାହାଡ଼ ପରେ ପାହାଡ଼
ଆଉ ପହଞ୍ଚିବାକୁ ହେବ
ଗମ୍ଭୀରାରେ, ଗର୍ଭଗୃହରେ,
ପାଦଚିହ୍ନ ଛାପ ରହିଯିବ
ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ।

ନୀତି ଜାଣିଥିବା ପାମରଙ୍କୁ
ଶିଖେଇବାକୁ ହେବ ଏବେ
ପବିତ୍ରତା କେଉଁ ଦେହରେ କେମିତି ଥାଏ,
କେତେ ଥାଏ ମନରେ,
ବିନ୍ଦୁବିନ୍ଦୁ ଅମୃତ ପରି ସାଇତା !

***ଇପସିତା ଷଡ଼ଙ୍ଗୀ ବାଣୀବିହାର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗର ୧୯୯୪-୯୬ ବ୍ୟାଚ୍‌ର ଛାତ୍ରୀ । ଦୁଇ ଦଶନ୍ଧୀରୁ ଅଧିକ ସମୟକାଳ କବିତା ରଚନାର ଯାତ୍ରାପଥରେ ସେ ଅନେକବାର ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି । ତାଙ୍କର ଅନେକ କବିତା ଇଂରାଜୀରେ ଅନୁବାଦ ହୋଇ ତାଙ୍କ ପାଇଁ ବିପୁଳ ପାଠକୀୟତା ଆଣିଦେଇଛି । ସଂପ୍ରତି ସେ କଟକ ଜିଲ୍ଲାର ନିଆଳୀ ମହାବିଦ୍ୟାଳୟରେ ଇଂରାଜୀ ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟରତ ।***



# ତାତି

## ସନ୍ତୋଷ କୁମାର ମହାପାତ୍ର

ଏଠି ଭାରି ତାତି !
ଠିକ ତୁ ଚାଲିଗଲା ପରେ।
ତାତି ମନରେ ଓ ଦେହରେ,
ବସ୍ତ୍ରାଞ୍ଚଳରୁ ଫେରିଲା ପରେ ବି।

ତାତି ସ୍ମୃତିରେ ଓ ଅନୁଭୂତିରେ,
ତାତି, ତତେ ଭାବିଲେ ଓ ଭୁଲିଲେ ବି।
ତାତି ପୁଣି ଝୁରିଲେ ଓ ଯୁଝିଲେ,
ତତଲା ତାତି ସବୁ ତଳ ଓ ପେଟରେ।

ଜୀବନଟା ଗୋଟେ ତାତି,
ଜନ୍ମରେ ତାତି ଓ ମୃତ୍ୟୁ ପରେ ବି।
ଆଉ ଏକ ତାତି, କୈଶୋର ଓ ଯୌବନରେ,
ଯୋଉ ତାତି, ତାତିରେ ହିଁ ନିର୍ବାପିତ ହୁଏ।

ଅହରହ ତାତି, ମୁହୁର୍ମୁହୁଃ ତାତି,
ସ୍ପର୍ଶରେ ଓ ସ୍ପନ୍ଦନରେ।
ତାତି – ତାତି – ତାତି,
ଖାଲି ତାତି, ତୁ ହସିଲେ ଓ ରୁଷିଲେ ବି।

ତୁ ଚିଠି ଦେଲେ, ନ ଦେଲେ ବି,
ତାତି ପୁଣି ଦିନରେ ଓ ରାତିରେ ବି।
ତାତି ଏକ ଉଷ୍ମତା – ନିଦାଘରେ, ବସନ୍ତରେ,
ଅବା ଅମା ରଜନୀରେ।
ତାତିର ଭିନ୍ନତା ପୁଣି, ନହୁଲି ଛାତି ଓ ପାହାନ୍ତା ରାତିରେ।
ସବୁଆଡ଼େ ଖାଲି ତାତି, ଜହ୍ନରେ ଜାହ୍ନବୀରେ ବି।

ତାତି ପୁଣି ଚେତନା ଓ ଚାଟୁତାରେ,
ଏତେ ତାତି, ଉର୍ଦ୍ଧ ଉର୍ଦ୍ଧ ତାତି।
ସମସ୍ତେ ତତଲାରେ – ତତଲାରେ ତାତି,
ତଥାପି ମାତିଛନ୍ତି, ତାତିରେ, ତାତିରେ - ତାତି।

ବୁଝ ତେଣୁ, ତାତି ଗୋଟେ ଫେରନ୍ତା ବାଟୋଇ,
ତାତିରେ ବି ମଣିଷ ଯାଏ ମନକୁ ବାଟେଇ।
ତାତି ଗୋଟେ ଉଷ୍ଣିତ ଜୀବ,
ଯା'ର ତତଲାଟା ଲମ୍ବିଛି ସୂର୍ଯ୍ୟଠୁ ସମୁଦ୍ର।

ସବୁବେଳେ, ସବୁଠାରେ ତାତି, ତୁ ଚାଲିଗଲା ପରେ ତାତି,
ବର୍ଷ ବର୍ଷ ତାତି - ବର୍ଷାରେ ବି ତାତି।
ତତଲା ତାତିଟା ଅଶାନ୍ତରେ, ପ୍ରଶାନ୍ତରେ ବି,
ତାତି ପୁଣି ଜଉଦିଆ ଲଫାପା ଭିତରେ।
ତାତି ଉର୍ଦ୍ଧ, ଆମ ହିଷ୍ଟ୍ରି ଓ ଇଣ୍ଡଷ୍ଟ୍ରି,
ପୁଣି, ତତଲାଟା ମାତି, ଜଗତରେ ତାତି।

ଦେଶ, ଦେଶରେ ଓ ବିଦେଶରେ,
ଆଣବିକ ତାତି ଘନେ, ପୁଣି ପୂର୍ବରେ ବା ପଶ୍ଚିମେ,
ସେ ପୁଣି ରୁଷ୍ ଓ ୟୁକ୍ରେନ ଅବା ଇସ୍ରାଇଲ ଓ ଗାଜାରେ
ଆମେରିକାର ତୋଡ଼ ଓ ତାରିଫ ତାତି।

ଜୀବ ଏବେ ଧ୍ୱଂସ ଯିବ, ତତଲାର
ତାଉତାଉ ତାତିରେ - "ତାତି"।

*ସନ୍ତୋଷ କୁମାର ମହାପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ବିଭାଗର ୧୯୯୫-୯୭ ବ୍ୟାଚ୍ ଛାତ୍ର। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଗଠନ ହେବାପରେ ପ୍ରଥମେ ସେ ଏହାର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଏବଂ ବର୍ତ୍ତମାନ ଯୁଗ୍ମ କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୧୧୧୧୩୩ / ୮୨୪୯୦୮୬୬୦୦ ରେ ଯୋଗାଯୋଗ କରାଯାଇ ପାରିବ।*



# ଭୁଲିଯିବାର ବେଳ

ଡକ୍ଟର ଅନିଲ ନନ୍ଦ

ସେତେବେଳେ
ଅସଜ ହୋଇ ନଥିବ କାନ୍ଥଘଣ୍ଟା
ମର୍ମନ୍ତୁଦ ଭାବି ଅଟକି ନଥିବେ
ନିଜ ରାସ୍ତାରେ ଚାଲୁଥିବା ଲୋକ,
ଅବଶ୍ୟ କେହି ନା କେହି
ରାସାୟନିକରେ ତିଆରି ଦୁଃଖରୁ
ଛାଟି ଦେଉଥିବ ମୁଠାଏ।

ମିଳୁ ନଥିବା ଖାତା ଖଣ୍ଡକରେ
ଲେଖାଥିବ ଶତ୍ରୁମାନଙ୍କ ନାଆଁ
ଲେଖାଥିବ କୃତଜ୍ଞ ଓ କୃତଘ୍ନତାର
ଚରମ ଉଦାହରଣମାନ
ଲେଖାଥିବ ପ୍ରତିଯୋଗିତାକୁ
ଆମନ୍ତ୍ରଣ କରିଥିବା
ଦିନ,ଦଣ୍ଡ ଏବଂ ମାସମାନଙ୍କ ଔଦ୍ଧତ୍ୟ।

କେହି ଜଣେ ଠକ୍‌ଠକ୍ କରି କବାଟ
ଦରଦି କଣ୍ଠରେ ଡାକୁଥିବ
ବୁଲି ଆସିବାକୁ ସହର।

ସେତେବେଳେ ମନେ ପଡୁନଥିବ
କେଉଁ ଦିଗକୁ କରିବାର ଥିଲା
ପାହାନ୍ତା ପହରୁ ପ୍ରାତଃ ଭ୍ରମଣ
କେଉଁ ହାଟରୁ କିଣିବାର ଥିଲା
ସରି ଯାଇଥିବା ଦୋକାନ ସଉଦା।

ସେତିକି ବେଳକୁ ମନେ ନଥିବ
ମୋର ବୋଲି ଗୋଟେ ଶବ୍ଦ
ଯଦିଓ ମୋରକୁ ନେଇ
ସଂସାରଯାକ ଲାଗି ରହିଥିବ ଯୁଦ୍ଧ
ଅଲୋଡ଼ାଠାରୁ ମୁହଁ ମୋଡ଼ି
ଭୁଲିଯିବାର ଅଭିନୟ କରୁଥିବେ
ଅତି ଆପଣାର କେହି।

*ଡକ୍ଟର ଅନିଲ କୁମାର ନନ୍ଦ ବାଣୀବିହାର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରାକ୍ତନ ଛାତ୍ର (୧୯୯୫-୯୭)। ଏବେ ଭୁବନେଶ୍ୱରର କିଟ୍ ଇଣ୍ଟର ନେସନାଲ ସ୍କୁଲରେ ଶିକ୍ଷକତା ବୃତ୍ତିରେ ନିୟୋଜିତ ଅଛନ୍ତି। ତାଙ୍କର ଅଦ୍ୟାବଧି ୨୭୦ରୁ ଊର୍ଦ୍ଧ୍ୱ କବିତା ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ରରେ ପ୍ରକାଶିତ। କବିତା କ୍ଷେତ୍ରରେ ନିୟମିତ ଲେଖନୀ ଚାଳନା ତାଙ୍କ ନିଶା। ତାଙ୍କର ପ୍ରକାଶିତ ପୁସ୍ତକ ହେଲା, 'ସଂସ୍କାର ଧର୍ମୀ ଓଡ଼ିଆ ନାଟକ', ପ୍ରକାଶକ - ବ୍ଲାକ ଇଗଲସ୍। ଡକ୍ଟର ନନ୍ଦଙ୍କୁ ମୋବାଇଲ୍ ନମ୍ବର ମୋ -୯୯୩୭୮୪୩୩୬୮ରେ ଯୋଗାଯୋଗ କରିହେବ।*



# ବନ୍ଧ ଭାଙ୍ଗି ବହିଯାଇଥିବା
# ଗୋଟିଏ ଦୁଷ୍ଟ ନଈର କାହାଣୀ

**ଦିପୁନ୍ ପୁହାଣ**

ଦୁଷ୍ଟ ନଈ !
ବହିଯାଏ ବନ୍ଧ ଭାଙ୍ଗି ଦେଇ,

ଦୁଷ୍ଟ ନଈ, ଏଡ଼େ ଅମଣେଇ ?

ପାହାଡ଼ ତା' ବୁଢ଼ାଅଜା, କହିଥିଲା-
ଗତି ତୋର ଉପରୁ ତଳକୁ,
ତଳମୁହାଁ ବହୁଥିବୁ, ମୁହଁ ପୋତି ସବୁ ସହୁଥିବୁ।

ଗଛ ତା'ର ପ୍ରିୟ ସଖା, କହିଥିଲା-
ଆଉ କେବେ ହେବନାହିଁ ଦେଖା,
ଅଫେରା ପଥରେ ଯିବୁ, ଉଜାଣି ନହେବୁ !

କାନେକାନେ କହିଥିଲା କୁନି ଚଢ଼େଇଟି,
ସମୁଦ୍ରଟି' ସବୁ ସଅଁପିବୁ,
ନିଜ ପାଇଁ କିଛି ନରଖିବୁ।

ଗୋଡ଼େଗୋଡ଼େ ଜଗିଥିଲେ ନଗ୍ରଲୋକେ,
ମାପିଥିଲେ ନଈର ମୋଟେଇ
ଆଉ ବାନ୍ଧିଥିଲେ ବନ୍ଧ।

କାହାକୁ ଖବର ଥିଲା !
ଦୁଷ୍ଟ ନଈ ହେବ ଏଡ଼େ ଅମଣେଇ,
ହେବ ଏଡ଼େ ଅନ୍ଧ !

କିଏ ଅବା ଜାଣିଥିଲା, ନଈ ନିତି ବହୁଥିଲା
ଯୋଉ ପଥ ଦେଇ,
ସେ ପଥ ତା'ର
ଶେଷପଥ ନୁହେଁ !
ନଈର ବି ଇଚ୍ଛା ଥାଏ, ବିକଳ୍ପ ବି ଥାଏ !

କିଏ ତା'ର ବାଟ ଚାହିଁବସେ ?
କିଏ ତାକୁ ରସେ ?
କିଏ ତା'ର ଭରସାରେ ପୋଷୁଥାଏ
ଆପଣା କପାଳ ?
କିଏ ତା'ର ଉଚ୍ଛୁଳା ରୂପକୁ ଦେଖି
ହେଉଥାଏ ଭୟେ ଟଳମଳ !

ନଈର କି ଯାଏ !
ଖରା ଖାଏ, ଶଙ୍କି ଯାଏ
ମେଘ ଖାଏ, ଉଚ୍ଛୁଳେଇ ହୁଏ..
ବହିଯାଏ, ବହିଯାଏ, ବହି ଚାଲିଥାଏ।

ଅସଲ କଥାଟି କ'ଣ ଜାଣ !

ନଈ କେବେ ବନ୍ଧ ଭାଙ୍ଗେନାହିଁ ଜାଣିଶୁଣି,
ଖାଲି ଯାହା ନଈକୁ ବାନ୍ଧିବା ଭଳି
ଦୁଷ୍ଟ କାମଟି ଆମେମାନେ କରି ଆସିଥାଉଁ
ଯୁଗଯୁଗ ଧରି ...।

***ଦିପୁନ୍ ପୁହାଣ ବାଣୀବିହାର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ୨୦୧୬-୧୮ ବ୍ୟାଚ୍ ଛାତ୍ର। ବିଶ୍ୱଭାରତୀ, ଶାନ୍ତିନିକେତନରୁ ପିଏଚ୍‌ଡି ଲାଭ କରିଥିବା ଶ୍ରୀ ପୁହାଣ ଅଧୁନା ଅଧ୍ୟାପନା ବୃତ୍ତିରେ ନିୟୋଜିତ ଅଛନ୍ତି। ଜଣେ ଯୁବ କବି ଭାବେ ସେ ଓଡ଼ିଆ ସାହିତ୍ୟ ଜଗତରେ ସୁପରିଚିତ।***



# ଯୁଦ୍ଧ

**ସ୍ନେହାଶ୍ରିତା ନାୟକ**

ସବୁ କାଳେ ଯୁଦ୍ଧ ଏମିତିକା
ବିପ୍ଳବର ଦ୍ୱାହି ଦେଇ ମାଡ଼ିଚାଲେ
ଆଗକୁଆଗକୁ ।
ପଳପଳ ଅହଙ୍କାରକୁ ଜାବୁଡ଼ି ଧରି
ନିଜ ଦେହେ କାଦୁଅ ବୋଳେ,
ଆଉ କାହାକୁ ହରାଇବାର ନିଶା
ଯେମିତି ତାକୁ ବାରବାର ଘାରେ ।

ସେଦିନ ତ ପୂର୍ଣ୍ଣଚ୍ଛେଦ ପଡ଼ିଥାନ୍ତା
ଯେଉଁଦିନ କୁରୁବଂଶ ଲୋପହେଲେ,
ଅବା ରକ୍ତରଞ୍ଜିତ ହେଲା
ଦୟାନଦୀ ପାଣି ।
ଯେଉଁଦିନ ଜଳୁଥିଲା
ହିରୋସୀମା, ନାଗାସାକିର ମାଟିରେ
କଅଁଳ ହାଡ଼ସବୁ ପୁଣି ।

ତେବେ ଏ ଯୁଦ୍ଧ କାହାପାଇଁ ?
ଏଠି ତ କେବେ ମଣିଷ
ଅନୁଭବ କରିପାରେନି ଋତୁଚକ୍ର,
ଅବା ମନଦେଇ ମନ କିଣିପାରେନି
ଆଉ କାହାର ।
ଅଜାଣତେ ନିରିମାଖି ଜୀବନକୁ
ବଳିଦେଇ ଚାଲିଥାଏ
ଯୁଦ୍ଧର ଯୂପକାଠିରେ ।

**(ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ଆଲୁମ୍ନି କନେକ୍ଟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଓଡ଼ିଆ କବିତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କବିତା)**

ଯୁଦ୍ଧ ପରେ ଜୀବନର
ମୂଲ୍ୟ କ'ଣ ଜାଣ ?
ଖାଲି ସାଦା କାଗଜର ତୁଲ୍ୟ
ରଙ୍ଗ ନାହିଁ କି ଭାଷା ବି ନାହିଁ ।
ଯେଉଁଠି ମଣିଷ ମୁହଁରୁ ଲିଭିଯାଏ ହସ
ଯୌବନରୁ ଚାଲିଯାଏ ଅନୁରାଗ,
ଆଉ ପ୍ରକୃତିରୁ କମିଯାଏ ପ୍ରୀତିଭାବ;
ସେଠି ଫଗୁଣ ଆସି ଫେରିଯାଏ
ଫୁଲର ମହକ ନ ପାଇ,
ବନ୍ଧ୍ୟା-ପୃଥ୍ୱୀ ଖାଲି ପଡ଼ିରହେ
ଆକାଶକୁ ଚାହିଁ ।

ତିଳତିଳ ଅନ୍ତର୍ଦାହ ଭିତରେ
ଆଜି ମଣିଷ ବଞ୍ଚେ
ଠିକ୍ ସିସିଫସ୍ ପରି,
ଖାଲି ଯନ୍ତ୍ରଣାର ବୋଝ ବୋହି
ଥକିପଡ଼େ ସିନା,
କ୍ଳାନ୍ତି ଆଉ ଅବସାଦର
ତ୍ରାହି ନାହିଁ ।
ଆଜି ସେ ଯୁଦ୍ଧ ନୁହେଁ, ଶାନ୍ତି ଚାହେଁ
ବାରୁଦ ନୁହେଁ, ଚନ୍ଦନ ଚାହେଁ ।
ଯୁଦ୍ଧତ୍ରସ୍ତ ମଣିଷର ପାଇଁ
ଏତିକି ମିନତି,
ଏ ପୃଥ୍ୱୀ ହେଇଯାଉ
ଶାନ୍ତି-ପ୍ରୀତିର ସମାଧୀ ।

*ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗର ପ୍ରଥମ ବାର୍ଷିକ ଛାତ୍ରୀ ସୁଶ୍ରୀ ସ୍ନେହାଶ୍ରିତା ନାୟକ ସ୍କୁଲରେ ପଢ଼ିବା ସମୟରୁ କବିତା ଲେଖି ଆସୁଛନ୍ତି । ତାଙ୍କ ସହିତ sneha.nayak2020@gmail.com ରେ ଯୋଗାଯୋଗ କରାଯାଇ ପାରିବ ।*



# ନିଯୁକ୍ତିଦାତା

## ଦେବଦାସ ଛୋଟରାୟ

ଷଷ୍ଠ ଦଶକର ଉତ୍ତରାର୍ଦ୍ଧ । ମୋର ଏମ୍.ଏ. ପରୀକ୍ଷା ସରିଥାଏ । ଉତ୍ତପ୍ତ ଜୁନ୍ ମାସ । ମୁଁ କଟକ ଘରେ ରହୁଥାଏ, କିନ୍ତୁ ବାଣୀବିହାରରେ ହଷ୍ଟେଲ ରୁମ୍ ଛାଡ଼ି ନଥାଏ । କଟକରେ ଖାଲି ଶୁଏ, ଆଉ ଦିନ ଦଶଟା ବେଳେ ଜଳଖିଆ ଖାଇ ବକ୍ସିବଜାର କିଶୁ ଦୋକାନରୁ ପାନ ନେଇ, ନାୟାର୍ ବସ୍‌ରେ ଚଢ଼ି, ବାଣୀବିହାର ଚାଲିଯାଏ ସାଙ୍ଗମାନଙ୍କ ସହିତ ଆଡ୍ଡା ମାରିବା ପାଇଁ । ବହୁତ ରାତିରେ ପୁଣି କିଶୁ ଦୋକାନ ଦେଇ ଫେରେ ।

ସେଦିନ ହଷ୍ଟେଲରେ ଶରଣକୂଳର ଶ୍ରୀନାଥ ସାହୁ ଦେଖାହେଲା । ମୋତେ ପଚାରିଲା, ''ଦେବଦାସ ! ଚାକିରି କରିବୁ ?''

''କୋଉଠି ମିଳୁଛି ।'' - ମୁଁ ପଚାରିଲି ।

''ନୟାଗଡ଼ରେ । ଯିବୁ ମୋ ସାଙ୍ଗରେ ? ମୋତେ ତ ମିଳିବନି, ତଥାପି ମୁଁ ଯାଉଛି । ତୋତେ ମିଳିଯାଇପାରେ, କାରଣ ତୁ ଚାନ୍‌ସେଲର୍ ଡିବେଟ୍ ପାଇଛୁ ନା ! ଯିବୁ ?''

ସବୁ ସମୟ ପରି ଆମ ସମୟରେ ମଧ୍ୟ ଚାକିରିର ଦୁର୍ଭିକ୍ଷ ଥିଲା, ବିଶେଷକରି ରାଜନୀତି ବିଜ୍ଞାନର ସ୍ନାତକମାନଙ୍କ ପାଇଁ । ଆମର କ୍ଲାସ୍ ସରିବାର, ପରୀକ୍ଷା ପୂର୍ବରୁ ଯେଉଁ ସ୍କିଟ୍ (Skit) ପିଲାମାନେ କରିଥିଲେ, ସେଥିରେ ଥିଲା କେମିତି ଦୁଇଟି ପଲିଟିକାଲ ସାଇନ୍ସର ଛାତ୍ର, ଅନନ୍ୟୋପାୟ ହୋଇ ବାଘ ଭାଲୁଙ୍କର ନକଲି ପୋଷାକ ପିନ୍ଧି, ନନ୍ଦନକାନନର ଯନ୍ତା ଭିତରେ ଚାକିରି କରୁଥିଲେ । ତେଣୁ ମୁଁ କହିଲି, ''ହଁ ଯିବି ।''

ମୁଁ ମୋ ଜୀବନରେ ସେତେବେଳକୁ ନୟାଗଡ଼ ଯିବା ତ ଦୂରର କଥା, ଖୋର୍ଦ୍ଧା ବି ଟପି ନ ଥାଏ । ଖୋର୍ଦ୍ଧା ମୋ ପୂର୍ବପୁରୁଷଙ୍କ ଜାଗା । ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରେ ଆମେ ଓହ୍ଲେଇ ଚା' ପିଇଲୁ । ମୋ ପକେଟରେ କିଶୁ ପାନ ଥାଏ, ତେଣୁ ଆଉ କିଣିବା ଦରକାର ପଡ଼ିଲାନି । ମୁଁ କେବଳ କାଳେ ଇଣ୍ଟରଭ୍ୟୁରେ କ'ଣ ପଚାରିବେ, ସେଥିପାଇଁ ସେଦିନର ଷ୍ଟେଟ୍‌ସ୍‌ମ୍ୟାନ୍ ଖବରକାଗଜ କିଣି ହେଡ୍‌ଲାଇନ୍ ଦେଖୁଦେଖୁ, କିଏ ଜଣେ ଖୁବ୍ ଜୋର୍‌ରେ ପଛରୁ ପାଟି କଲା, ''ଆବେ ଛୋଟରାୟ !''

ମୁଁ ଚମକିପଡ଼ିଲି । କିନ୍ତୁ ଡାକଟି ମୁଁ ନୁହେଁ, ବସ୍ ମଝିରେ ଚମଡ଼ାବ୍ୟାଗ୍ କାନ୍ଧରେ ପକାଇ ଠିଆ ହୋଇଥିବା କଣ୍ଡକ୍ଟର ପ୍ରତି ଉଦ୍ଦିଷ୍ଟ ଥିଲା । ମୁଁ ସେଦିନ ପ୍ରଥମ ଥର ପାଇଁ ଜାଣିଲି, ପୃଥିବୀରେ ମୋ ଛଡ଼ା ବି ଆଉ କେହି ଛୋଟରାୟ ଅଛି ।

ନୟାଗଡ଼ କଲେଜରେ ପହଞ୍ଚିଲା ବେଳକୁ ଦିନ ଦୁଇଟାରୁ ଅଧିକ ହୋଇଗଲାଣି । ଭୋକରେ ମୋ ପେଟରେ କରଡ଼ି ଜଳିବାକୁ ଆରମ୍ଭ କଲାଣି । ମୁଁ ଖାଲି କଡ଼ାପାନ ଚୋବେଇ ଅବସ୍ଥା ସମ୍ଭାଳୁଥାଏ । ଶ୍ରୀନାଥ ସାହୁ ଅଫିସ୍‌ରେ କ'ଣ ବୁଝାବୁଝି କରି କହିଲା, ''ତୁ ଯା, ତୋତେ ପିୟନ୍‌ସିପାଲ ଡାକୁଛନ୍ତି ।''

ମୁଁ କହିଲି, ''ପ୍ରିନ୍‌ସିପାଲ ?''

ସେ କହିଲା, ''ହଁ, ପ୍ରିନ୍‌ସିପାଲ ଗୋପାଳ ପଟ୍ଟନାୟକ । ଆରେ, ସେଇ ତ ଅସଲ ଲୋକ, ନ ହେଲେ ଏମ୍.ଏ. ପାସ୍ କଲା ପୂର୍ବରୁ ଲେକ୍‌ଚରର୍ ଚାକିରି କିଏ ଦବାର ଆଉ କୋଉଠି ଶୁଣିଛୁ ?''

ପ୍ରିନ୍‌ସିପାଲ ତାଙ୍କ ରୁମ୍‌ରେ ଏକୁଟିଆ ବସିଥିଲେ । ସୌମ୍ୟ, ସସ୍ମିତ, ଶାନ୍ତ କିନ୍ତୁ ସକ୍ଷମ ବ୍ୟକ୍ତିତ୍ୱର ପ୍ରଭାବୀ ଚେହେରା । ମତେ ଦେଖିଲା ମାତ୍ରେ ବହୁଦିନରୁ ଚିହ୍ନିଲା ପରି କହିଲେ, ''ଆସ ଦେବଦାସ, ବସ । କ'ଣ ଏଠି ଆମ କଲେଜରେ ପଢ଼େଇବ ତ ?'' ମୁଁ ତାଙ୍କୁ ପ୍ରଥମଥର ପାଇଁ ଦେଖୁଥିଲି । ତେଣୁ ସାମାନ୍ୟ କୁଣ୍ଠିତ ଭାବରେ ସମ୍ମତିସୂଚକ ମୁଣ୍ଡ ହଲାଇଲି । ଠିକ୍ ସେତିକିବେଳେ କଲେଜରେ ପିରିୟଡ ସରିବାର ଘଣ୍ଟା ବାଜିଲା । ବାହାର ବାରନ୍ଦାରେ ଚାଲ୍‌ଚୁଲ୍ ଓ କଥା କହିବାର ଶବ୍ଦ ମାତ୍ରା ସାମାନ୍ୟ ବଢ଼ିଗଲା ।

''ବେଶ୍ ତ ! ଯାଅ ତା'ହେଲେ । ଆରମ୍ଭ କର । ବର୍ତ୍ତମାନ ନୂଆ ପିରିୟଡ ହେବାକୁ ଯାଉଛି । ଏଇ ବାରନ୍ଦାର ଶେଷ ଆଡ଼କୁ ଡାହାଣକଡ଼େ ପ୍ରି-ୟୁନିଭର୍ସିଟି କ୍ଲାସ୍ । ଜେନେରାଲ ଷ୍ଟଡିଜ୍ ଅଛି ।'' ସେ ରୁଟିନ୍ ଦେଖି ମତେ କହିଲେ, ଆଉ ତାଙ୍କ ରୁମ୍‌ର ଗୋଟିଏ କଡ଼ରେ ଟେବୁଲ୍ ଉପରେ ଥିବା ଚକ୍, ଡଷ୍ଟର୍ ଆଉ ଆଟେଣ୍ଡାନ୍ସ ରେଜିଷ୍ଟର୍ ଆଡ଼କୁ ହାତ ଦେଖେଇ କହିଲେ, ''ସେଇଠୁ ନେଇଯାଅ ।''

''ବର୍ତ୍ତମାନ ?'' ମୁଁ ସତରେ ଚମକି ପଡ଼ିଲି, ''ଆଉ ମୋ ଇଣ୍ଟରଭ୍ୟୁ ?''

''ହେଇଗଲା ତ'' - ପ୍ରିନ୍‌ସିପାଲ କହିଲେ । ''ଆମେ ତୁମ ଉପରେ ବହୁତ ଦିନରୁ ନଜର ରଖିଛୁ । ଆମେ ଜାଣିଛୁ ଯେ ତୁମେ ଏଥର ଫାଷ୍ଟକ୍ଲାସ୍ ଫାଷ୍ଟ ହେବ ।''

ମୁଁ ସ୍ତମ୍ଭୀଭୂତ । ଯେକୌଣସି ପରୀକ୍ଷାର ନାଁ ଶୁଣିଲେ ମୋର ଆଜି ପର୍ଯ୍ୟନ୍ତ ହୃତ୍‌କମ୍ପ ହୁଏ । ମୁଁ ସ୍ୱପ୍ନ ଦେଖେ ଯେ, ମାଟ୍ରିକ୍ ପରୀକ୍ଷା

(ଯେଉଁଥିରେ ଗଣିତରେ ମୁଁ ଯେନତେନ ପ୍ରକାରେଣ ପାସ୍ କରିଥିଲି) ଆଉ ଥରେ ହେଉଛି, ଆଉ ଶୀତଳ ଭୟରେ ମୋର ନିଦ ଭାଙ୍ଗିଯାଏ। ଇୟେ କେମିତି ଜାଣିଲେ ମୋର ପରୀକ୍ଷାଫଳ କ'ଣ ହେବ, ଯାହା ବାହାରିବାକୁ ଆଉ ତିନିମାସ ବାକି ଅଛି। ଇୟେ କ'ଣ ଜ୍ୟୋତିଷ ? କେତେ ଅନାୟାସରେ ସେ ଏକଥା କହିପାରୁଛନ୍ତି।

ମୋର ଦ୍ୱିଧା ସେ ବୁଝିଲେ। ମତେ ଚାହିଁ ସେମିତି ଶାନ୍ତ, ଅବିଚଳିତ ସ୍ୱରରେ କହିଲେ, ''ତୁମେ ଏଠି ଆଉ ଏମିତି କେତେଦିନ ରହିବ କି ? ତୁମେ ତ ଆରବର୍ଷ ଆଇ.ଏ.ଏସ୍. ପାଇଯିବ !'' ମୁଁ ପୁଣି ସ୍ତମ୍ଭୀଭୂତ। ମୁଁ ଅବଶ୍ୟ ଫାଷ୍ଟକ୍ଲାସ୍ ଫାଷ୍ଟ୍ ହେଲିନି। ଆଇ.ଏ.ଏସ୍. ପାଇବାକୁ ଆହୁରି ସମୟ ଲାଗିଗଲା। ହେଲେ ଏସବୁ ଅପ୍ରାସଙ୍ଗିକ। କେତେ ଗଭୀର ଆସ୍ଥା ଥିଲା ତାଙ୍କର ସେଇ ମୁହୂର୍ତ୍ତରେ, ଜଣେ ଅପରିଚିତ, ଅର୍ବାଚୀନ ତରୁଣ ଉପରେ। ବିଭିନ୍ନ କାରଣରୁ ମୋର ଯେଉଁ ରକମର ସୁଖ୍ୟାତି ବଢୁଥିଲା, ତା' ଭିତରେ ଏ ଆସ୍ଥା ସମ୍ଭବ ହେଲା କେମିତି ?

ପୁଣି ତାଙ୍କ ହାତ ଲମ୍ବିଗଲା ଚକ୍ ଆଉ ଡଷ୍ଟର୍ ଆଡ଼କୁ। ମୁଁ ଅସ୍ପଷ୍ଟ ଗଳାରେ କହିଲି, ''କିନ୍ତୁ ସାର୍ ! ମୁଁ ତ କେବେ ପଢ଼େଇନି।''

– ତେବେ ଆଜିଠୁ ପଢ଼ାଅ।

– କିନ୍ତୁ।

– ଦେବଦାସ ! ତୁମେ ବାଣୀବିହାରରେ ଡିବେଟ୍‌ରେ କହିଲାବେଳେ ମୁଁ ଦୁଇଥର ଶୁଣିଛି। ତୁମେ ଆରାମରେ ପଢ଼େଇପାରିବ।

ମୁଁ ଚୁପ୍ ରହିଲି।

''ତୁମର ଇଣ୍ଟରଭ୍ୟୁ ସରିଲା। ଚାକିରି ବି ହେଇଗଲା। ଏଥର କାମ କର... ଆଜି ଜଏନ୍ କର।'' ସେ ହସିହସି କହିଲେ।

ଚାକିରି ବି ହେଇଗଲା। ଏତେ ଚଞ୍ଚଳ ! ମୋ ଜୀବନର ପ୍ରଥମ ଚାକିରି। ମୁଁ ବିଶ୍ୱାସ କରିପାରୁ ନ ଥିଲି। ପ୍ରିନ୍‌ସିପାଲଙ୍କ ଝରକାବାଟେ ଦେଖା ଯାଉଥିବା ନୟାଗଡ଼ର ଶ୍ୟାମଳିମା ଅପରାହ୍ନର ଆଲୁଅରେ ଆହୁରି ଉଜ୍ଜ୍ୱଳ ଦିଶିଲା।

– କିନ୍ତୁ ସାର୍ !

''କ'ଣ ହେଲା ?'' ସେମିତି ଆଶ୍ୱାସନାଭରା ଚାହାଣୀ।

– ସାର୍ ! ମୁଁ ବୋଉକୁ ପଚାରିନି।

– ବୋଉକୁ ?

ତାଙ୍କ ମୁହଁ ଏକ ସ୍ନିଗ୍ଧ କୌତୁକରେ ଭରିଗଲା। ବାପାଙ୍କୁ ନୁହେଁ, ବୋଉକୁ ପଚାରିବା କଥାଟା ତାଙ୍କୁ ମୁଗ୍ଧ କଲା ନିଶ୍ଚୟ। ରହସ୍ୟମୟ ବି ଲାଗିଥିବ।

''ହଁ, ଏଇଟା ଗୋଟାଏ ମୂଲ୍ୟବାନ କଥା, ମୁଁ ମାନୁଛି'' ପ୍ରିନ୍‌ସିପାଲ କହିଲେ। ''ବୋଉଙ୍କୁ ପଚାରିବା ନିହାତି ଜରୁରୀ।'' ଆହୁରି ଅମାୟିକ ହସ ହସି ସେ କହିଲେ, ''ତାହାହେଲେ ତୁମେ ଯାଅ। ବୋଉଙ୍କୁ ପଚାରି, ଆସନ୍ତା ସୋମବାର ସକାଳେ ଆସି ଜଏନ୍ କରିବ।''

ମୁଁ ନମସ୍କାର କରି ଉଠି ଠିଆହେଲି। ସେ ମତେ ଆଉଥରେ ବସେଇଦେଇ କହିଲେ, ''କିଛି ବର୍ଷ ତଳେ ଆମେ ଦେବୀପ୍ରସାଦ ବାଗ୍‌ଚୀଙ୍କୁ ତୁମରି ପରି ଖୋଜିକି ଆଣିଥିଲୁ। ସେ ବର୍ତ୍ତମାନ ଆଇ.ଏ.ଏସ୍. ଅଫିସର୍। ଯେତିକି ସମୟ ସେ ଏଠି ଥିଲେ, ଆମ ପିଲାମାନେ ତାଙ୍କୁ ପାଖରୁ ଦେଖିଲେ, ମିଳାମିଶାର ସୁଯୋଗ ପାଇଲେ। ସେତିକିରେ ମଫସଲ ପିଲାଙ୍କର ଉତ୍ସାହ ଯେମିତି ବଢ଼େ, ତା'ର ସମକକ୍ଷ ଆଉ କୌଣସି ଉପାୟ ନାହିଁ। ଆମେ ବର୍ଷସାରା ଭଲ ପିଲାଙ୍କୁ ଖୋଜୁଥାଉ। କେମିତି ତାଙ୍କୁ ଦି' ତିନି ମାସ ପାଇଁ ଅନ୍ତତଃ ଆଣିହେବ। ଭଲପିଲାଙ୍କ ପାଇଁ ଆମର ସବୁ ନିୟମ କୋହଳ। ସେଥିପାଇଁ ଏଠି ପାସ୍ କଲା ପୂର୍ବରୁ ଚାକିରି ମିଳେ।'' ସେ ହସୁହସୁ କହିଲେ।

ମୁଁ ନମସ୍କାର କରି ଉଠିଲି। ଶ୍ରୀନାଥ ବାହାରେ ଛିଡ଼ା ହୋଇଥିଲା। ଆମେ ଦୁଇଜଣ ରାସ୍ତାକୁ ଆସିଚୁ, ମୋର ଗୋଟାଏ କଥା ମନେ ପଡ଼ିଗଲା। ମୁଁ ପୁଣି ଦୌଡ଼ିକରି ପ୍ରିନ୍‌ସିପାଲଙ୍କ ରୁମ୍‌ରେ ପହଞ୍ଚିଗଲି। ସେ ମତେ ପ୍ରଶ୍ନଭରା ଆଖିରେ ଚାହିଁଲେ।

''ସାର୍ ! ମୁଁ ବୋଉକୁ କହି ସୋମବାର ଦିନ ଆସିବି। ଏଇଠି କାମ କରିବି; କିନ୍ତୁ ସାର୍, ମୁଁ ଯେତିକି ଦରମା ପାଇବି କେବଳ ସେତିକିର ରିସିପ୍ଟ ଦେବି। ଶୁଣିଛି, ପ୍ରାଇଭେଟ୍ କଲେଜରେ କମ୍ ନେଇ ସୁଦ୍ଧା ବେଶି ପଇସାର ବିଲ୍‌ରେ ଦସ୍ତଖତ କରନ୍ତି।''

ସେ ଉଠି ଛିଡ଼ାହେଲେ। ମୋ' ପାଖକୁ ଆସି ମୋ କାନ୍ଧ ଉପରେ ହାତରଖି କହିଲେ, ''ବାଃ, ତମର ତ ଭଲ ବିଚାରବୁଦ୍ଧି ଅଛି। ତୁମେ ନିଶ୍ଚିନ୍ତ ରୁହ। ସେସବୁ ଅନ୍ୟ ଜାଗାରେ ହୁଏ। ଏଠି ତୁମେ ଯାହା ପାଇବ, କେବଳ ତା'ରି ପ୍ରାପ୍ତି ସ୍ୱୀକାର କରିବ, ଟଙ୍କାଏ ବି ଅଧିକା ନୁହଁ।'' ସେଇ ସସ୍ମିତ ମୁହଁ ଆଉ ଅକାଟ୍ୟ କଣ୍ଠସ୍ୱର।

ଗୋପାଳ ପଟ୍ଟନାୟକ ମୋର ପ୍ରଥମ ନିଯୁକ୍ତିଦାତା ଥିଲେ। ମୁଁ ତା'ପର ସୋମବାର ଦିନ କଟକରୁ ବସ୍ ଉପରେ ସାଇକଲ୍ ଲଦି ନୟାଗଡ଼ରେ ପହଞ୍ଚିଲା ପରଠୁ ପରୀକ୍ଷାଫଳ ବାହାରି ବାଣୀବିହାରରେ ନିଯୁକ୍ତି ପାଇଲା ପର୍ଯ୍ୟନ୍ତ, ସେଇ କେତୋଟି ମାସ ତାଙ୍କ ସ୍ନେହାଚ୍ଛନ୍ନ ଦୃଷ୍ଟିସୀମା ଭିତରେ ଥିଲି। ନୟାଗଡ଼ କଲେଜକୁ ଏକ ଆଧୁନିକ ଅନୁଷ୍ଠାନ କରିବା ପାଇଁ ସେ କେତେ ପରିଶ୍ରମ, କେତେ ପଦ୍ଧତିର ଉପଯୋଗ କରୁଥିଲେ, ତାହା ହୁଏତ ମୁଁ ମୋର ସେଇ ଅପରିଣତ ବୟସରେ ପୂରା ବୁଝିପାରୁ ନ ଥିଲି। କେବଳ ଦେଖୁଥିଲି ଯେ, ଏଇ ଅତ୍ୟନ୍ତ ବ୍ୟସ୍ତ, କର୍ମଚଞ୍ଚଳ, ହସହସ ମଣିଷଟିର ସମସ୍ତଙ୍କ ପାଇଁ ସମୟ ଅଛି, ଆଉ ତାଙ୍କ ପାଖରେ ଛାତ୍ର, ସହକର୍ମୀ ଓ ଅଧସ୍ତନମାନଙ୍କର ସବୁ ଛୋଟ ବଡ଼ ଦ୍ୱନ୍ଦ୍ୱର ସମାଧାନ ପାଇଁ ଶକ୍ତି ଅଛି। ଯଦିଓ ମୁଁ

ସୀମିତ ସମୟ ପାଇଁ ତାଙ୍କ ପାଖରେ କାମ କରିଥିଲି, କିନ୍ତୁ ତାଙ୍କ ପ୍ରତି ମୋର ଭକ୍ତି ଆଉ ତାଙ୍କର ସସ୍ନେହ ଅନ୍ତରଙ୍ଗତା ଜୀବନସାରା ଅତୁଟ ଥିଲା। ମୁଁ ଓଡ଼ିଶା ବାହାରକୁ ଗଲାପରେ ସେ ଥରେ ପାଟ୍‌ନା ଯାଇ, ଆଉ କେତେଥର ଦିଲ୍ଲୀରେ ମତେ ଅଫିସ୍‌ରେ ଭେଟିଥିଲେ ଆଉ ମୋତେ ଓ ମୋର ସରକାରୀ ପରିବେଶକୁ ପରମ ତୃପ୍ତିର ସହିତ ଦେଖୁଥିଲେ।

ଗୋପାଳ ପଟ୍ଟନାୟକ କେବଳ ମୋର ପ୍ରଥମ ନିଯୁକ୍ତିଦାତା ନ ଥିଲେ, ମୋର ପ୍ରଥମ ପ୍ରଶାସନିକ ଗୁରୁ ମଧ୍ୟ ଥିଲେ। ମୋର ଅଜାଣତରେ ବୋଧହୁଏ ତାଙ୍କର ମାନସିକତା ଓ କାମ କରିବାର ଶୈଳୀ ମୋ ଭିତରକୁ ପଶି ଆସିଥିଲା। ଜଣେ ଶିକ୍ଷା ପ୍ରଶାସକ ଭାବରେ ସେ ବିରଳ ପ୍ରତିଭାର ଅଧିକାରୀ ଥିଲେ। ଶିକ୍ଷାନୁଷ୍ଠାନରେ ଅଧ୍ୟାପକ (Faculty)ର ଗୁଣାତ୍ମକ ମାନ ବଢ଼େଇବା ପାଇଁ କେତେ ପ୍ରଚେଷ୍ଟା କରିବାକୁ ପଡ଼େ, ଆମେ ତାଙ୍କୁ ଦେଖି ବୁଝିଲୁ। ରେଭେନ୍ସା ୟୁନିଭର୍ସିଟିରେ ନୂଆ ଅଧ୍ୟାପକ ଆଣିଲା ବେଳକୁ ମୁଁ ଯେତେବେଳେ ଭଲ ପ୍ରାର୍ଥୀମାନଙ୍କୁ ଇଂଲଣ୍ଡ, ଆମେରିକା ଓ ଟୋକିଓ ଫୋନ୍ କରି ରେଭେନ୍ସାକୁ ଆସିବା ପାଇଁ ବାରମ୍ବାର ବ୍ୟକ୍ତିଗତ ସମ୍ପର୍କ କରୁଥିଲି, ମୋର ମନେ ପଡୁଥିଲା ସେ କେମିତି ନୟାଗଡ଼ କଲେଜ ପାଇଁ ଯୋଗ୍ୟ ଅଧ୍ୟାପକ କେତେ କୌଶଳ ଓ ସତର୍କତାର ସହିତ ବର୍ଷ ପରେ ବର୍ଷ ଖୋଜୁଥିଲେ। ତାଙ୍କ ସମୟ ଥିଲା ନୟାଗଡ଼ କଲେଜର ସବୁଠୁ ସୌଭାଗ୍ୟଶାଳୀ ପର୍ବ।

***ଦେବଦାସ ଛୋଟରାୟ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ। ଉଭୟ ଓଡ଼ିଆ ଓ ଇଂରାଜୀ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ସେ ଲେଖି ଚାଲିଛନ୍ତି। ଜଣେ ପ୍ରସିଦ୍ଧ ଚଳଚ୍ଚିତ୍ର ଗୀତିକାର ଭାବରେ ସେ ଓଡ଼ିଶାର ଘରେଘରେ ସୁପରିଚିତ। ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ୧୯୬୪-୬୬ ବ୍ୟାଚ୍ ଛାତ୍ର ଶ୍ରୀଯୁକ୍ତ ଛୋଟରାୟ ନିଜର ପରୀକ୍ଷା ଫଳ ପ୍ରକାଶ ପାଇବା ପୂର୍ବରୁ ନୟାଗଡ଼ କଲେଜରେ କିଛି ମାସ ଅଧ୍ୟାପନା କରିଥିଲେ। ପରେପରେ ବାଣୀବିହାରରେ ନିଜ ବିଭାଗରେ କିଛିକାଳ ଅଧ୍ୟାପନା ଏବଂ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେଇ ଚାକିରିରୁ ଅବସର ଗ୍ରହଣ ପରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ୨୦୦୬ରୁ ୨୦୧୧ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ନିଜର ସାହିତ୍ୟ କୃତି ପାଇଁ ସେ ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି।***



# ବାଣୀବିହାରରେ ଅଢ଼େଇ ବର୍ଷ

ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ

ରେଭେନ୍‌ସାରୁ ୧୯୮୨ ମସିହାରେ ଗ୍ରାଜୁଏସନ ସରିଲା ପରେ ଜୁଲାଇ ମାସରେ ବାଣୀବିହାରର ଇତିହାସ ପିଜି ଡିପାର୍ଟମେଣ୍ଟରେ ନାମ ଲେଖା ପରେ ମୋର କ୍ୟାମ୍ପସକୁ ଆଗମନ। ରେଭେନ୍‌ସାର ବହୁସାଂଗ ବାଣୀବିହାରରେ ଆସି ପଡ଼ିଲେ। ତେଣୁ ଏକୁଟିଆ ଲାଗିଲା ନାହିଁ। ସେତେବେଳେ ଇତିହାସ ବିଭାଗରେ ଦୁଇଟି ସେକ୍ସନ ଥାଏ, ବହୁତ ପିଲା-୧୬୦। ଓଡ଼ିଶାରେ ମାତ୍ର ତିନୋଟି ୟୁନିଭରସିଟି ଥାଏ। ବାଣୀବିହାରରେ ବିଭିନ୍ନ ଅଂଚଳରୁ ପିଲାମାନେ ଆସି ପଢ଼ନ୍ତି, ବିଶେଷକରି ବାରିପଦା, ସୋର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ନୟାଗଡ଼, ବୌଦ୍ଧ, ଫୁଲବାଣୀ, ଖୋର୍ଦ୍ଧା ଇତ୍ୟାଦିରୁ। ବିଭିନ୍ନ ପ୍ରକାରର ସଂସ୍କୃତି, ବୋଲି, ଗୋଷ୍ଠୀ, ମିଜାଜ ଓ ହାବଭାବ। ବହୁତ ଜିଲ୍ଲାରୁ ଆଦିବାସୀ ଛାତ୍ର ବି ପଢୁଥାନ୍ତି। ଆଦିବାସୀ ଛାତ୍ରୀ ସଂଖ୍ୟା ବହୁତ କମ୍, ନଗଣ୍ୟ।

ଯେଉଁମାନେ ଗ୍ରାଜୁଏସନରେ ବହୁତ ମାର୍କ ରଖିଥାନ୍ତି, ସେମାନଙ୍କୁ ଆମପରି ସାଧାରଣ ପିଲା ଦୂରରୁ ବହୁସମୟ ପାଇଁ ଚାହିଁରହୁ- ଏମାନେ କେମିତିକିଆ ପିଲା, କିପରି ମୁଣ୍ଡ ଏମାନଙ୍କର ଯେ, ଏମାନେ ଏତେସବୁ ମାର୍କ ରଖି ଆସିଛନ୍ତି ! ଆମର କାହିଁକି ରହୁନି, ଇତ୍ୟାଦିଇତ୍ୟାଦି। ସେମାନେ କିମ୍ବଦନ୍ତୀ ଆମପରି ସାଧାରଣ ପିଲାଙ୍କ ପାଇଁ। ବେଶି ପ୍ରଫେସରଙ୍କ ବା ଅଫିସରଙ୍କ ପିଲାମାନେ ପୋଜିସନ ପାଉଥାନ୍ତି।

ସେତେବେଳେ ଇତିହାସ ଡିପାର୍ଟମେଣ୍ଟରେ ବହୁ ନାମଜାଦା ପ୍ରଫେସର ଥାଆନ୍ତି । ଭାରତ ବିଖ୍ୟାତ ଗବେଷକ ପ୍ରଫେସର ମନ୍ମଥ ନାଥ ଦାସ ଥାଆନ୍ତି ହେଡ୍ ଅଫ୍ ଦ ଡିପାର୍ଟମେଣ୍ଟ, ସାଙ୍ଗକୁ ପ୍ରଫେସର କରୁଣାସାଗର ବେହେରା, ପ୍ରଫେସର କିଶୋରୀମୋହନ ପାତ୍ର, ପ୍ରଫେସର ଶରତ ଚନ୍ଦ୍ର ପାତ୍ର, ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ, ପ୍ରଫେସର ଅଶୋକ ନାଥ ପରିଡ଼ା, ପ୍ରଫେସର ନିହାର ରଂଜନ କବି, ଡକ୍ଟର ସଦାନନ୍ଦ ଚୌଧୁରୀ, ଡକ୍ଟର ଅତୁଳ ଚନ୍ଦ୍ର ପ୍ରଧାନ, ଡକ୍ଟର ସୁସ୍ମିତ ପାଣି ଇତ୍ୟାଦି। ରିସର୍ଚ୍ଚ ଆସିଷ୍ଟାଣ୍ଟ ଥାଆନ୍ତି ଡକ୍ଟର ପ୍ରସନ୍ନ କୁମାର ମିଶ୍ର। ଏମାନେ ସମସ୍ତେ ନିଜନିଜ କ୍ଷେତ୍ରରେ ଗବେଷଣା ପାଇଁ ବହୁ ସୁନାମ ଅର୍ଜନ କରିଥାନ୍ତି। ପ୍ରଫେସର ଦାସଙ୍କ 'ଭାରତ ଇତିହାସ' ଓ 'ପୃଥିବୀ ଇତିହାସ' ବହି ଉଭୟ ଇଂରେଜୀ ଓ ଓଡିଆରେ ଆଇ. ଏ. ପାଠ୍ୟକ୍ରମ ପାଇଁ ବେଦ ପାଲଟିଥାଏ।

ସେତେବେଳେ ବାଣୀବିହାର ଅଂଚଳ ମୂଳ ସହରଠାରୁ ପୂରା ଅଲଗା ଥାଏ। ସାଦା ଗେଟ୍, ଡାହାଣ ପଟେ ମେଲା ପଡ଼ିଆ, ବାଁ ପଟେ ହ୍ରଦ। ରସୁଲଗଡ଼ରେ ଦି' ତିନିଟି ଦୋକାନ, ସେଇଠୁ ଭୁବନେଶ୍ୱର ସେପଟୁ ଆରମ୍ଭ। କଟକ ପ୍ରେସ ଛକଠାରୁ ରସୁଲଗଡ଼ ପର୍ଯ୍ୟନ୍ତ ପୂରା ଫାଙ୍କା। ୫ ନମ୍ବର ଜାତୀୟ ରାଜପଥରେ ଦୁଇପଟେ ବଡ଼ବଡ଼ ପୁରୁଣା ଆମ୍ବ ଗଛର ଧାଡ଼ି। ଫୁଲନଖରାରେ ୭/୮ ଟି ଦୋକାନ ଥାଏ। ପେଟ୍ରୋଲ ଟାଙ୍କି ଥାଏ ଦୁଇ/ତିନୋଟି, ଗୋଟେ ଗୋପାଳପୁରରେ, ଆଉ ଗୋଟେ ଥାଏ ନଖରା ଆଗକୁ, ତା' ପରେ ପୂରା ଯାଇ ରସୁଲଗଡ଼। ଆଚାର୍ଯ୍ୟ ବିହାରରେ ପାଣିଟାଙ୍କି ଯାଏ ବହୁତ ଘର ଥାଏ, ଜୟଦେବ ବିହାର ପ୍ରାୟ ନ ଥାଏ, ଘରସବୁ ଆରମ୍ଭ ହେଉଥାଏ ।

ସେତେବେଳେ ଖୋର୍ଦ୍ଧାକୁ ବସ୍‌ସବୁ ଶିରିପୁର ଦେଇ ଯାଉଥାନ୍ତି। ବଜାର ଥାଏ ରମାଦେବୀ ସାମନା ସହିଦ ନଗରରେ। କଟକରୁ ଷ୍ଟୁଡେଣ୍ଟ ସ୍ପେଶାଲ ବସ୍ ଆସେ। ଦୁଇଟି ବଡ଼ ଦଦରା ନେଳିଆ ଓଆର୍‌ଟି ଟାଉନ ବସ୍ ସହର ଭିତରୁ କ୍ୟାମ୍ପସକୁ ଆସେ। ସେଥିରେ ଗଲାବେଳେ ସାମାନ୍ୟ ଅସାବଧାନ ହେଲେ ଜାମାପେଣ୍ଟ ଚିରିଯାଏ। ବସ୍‌ର ଗତି ବଡ଼ ଧିମା। ଆଉ ସେ ବସ୍ ଗଡ଼ାଣିରେ ରୁହେ। କ୍ଲିନର ବସ୍ ରହୁରହୁ ଦୌଡ଼ିଯାଇ ଆଗ ଚକ ଆଗରେ ବଡ଼ କାଠ ରଖିଦିଏ, ବସ୍ ବନ୍ଦ ହୋଇଯାଏ। ପିଲା ଚଢ଼ି ଗଲାପରେ ସେ ଯାଇ କାଠଟିକୁ କାଢ଼ିଦେଲେ ବସ୍ ଗଡ଼େ ଓ ଷ୍ଟାର୍ଟ ହୁଏ। ବସ୍‌ରେ ବହୁତ ପିଲା ଆସନ୍ତି, ଯାଆନ୍ତି। ଟାଉନ ବସ୍‌ରେ ଯାଇଆସି ବହୁ ପିଲାଙ୍କ ଭିତରେ ଦୋସ୍ତି ହୋଇଯାଏ, ପୁଅଝିଅ ପ୍ରେମରେ ପଡ଼ନ୍ତି, କିଛି ପ୍ରେମ ସଫଳ ହୁଏ, ବହୁତ ବିଫଳ।

ସନ୍ଧ୍ୟା ହୋଇଗଲେ ଆଚାର୍ଯ୍ୟ ବିହାର ପଟ ବଡ଼ ନିଛାଟିଆ ହୋଇଯାଏ। ସୈନିକ ସ୍କୁଲ ପର୍ଯ୍ୟନ୍ତ ପୂରା ନିଛାଟିଆ। ତା'ପରେ ଭୁବନେଶ୍ୱର ଶେଷ। ସାଇକେଲରେ ଭୁବନେଶ୍ୱରର ବିଭିନ୍ନ ଜାଗାକୁ ଯିବା ବଡ଼ କଷ୍ଟ, ଖାଲରେ ତ ସାଇକେଲ ଗଡ଼ିଯାଏ, ମାତ୍ର ଉଠାଣିରେ ଚୋପା ଛାଡ଼ିଯାଏ। ମୁଁ ଗୋଟିଏ ସାଇକେଲ କିଣିଥିଲି, ତାକୁ ମୋ

ଅପେକ୍ଷା ଅନ୍ୟମାନେ ବେଶି ଚଲାନ୍ତି। ଶେଷକୁ ତା'ର ଆଉ ଚାବି ପକେଇବା ଦରକାର ପଡ଼ିଲା ନାହିଁ, ତଳେ ଥୁଆ ହୋଇଥାଏ, ଯିଏ ଚାହିଁଲା ତାକୁ ନେଇ ବ୍ୟବହାର କଲା, ହେଲେ ସଜଡ଼ାସଜଡ଼ି ମୁଁ ହିଁ କରେ। ବହୁ ସମୟରେ ଦେଖେ, ମୁଁ ଚାଲିକି ଯାଉଛି, ମାତ୍ର ମୋ ସାଇକେଲ ଚଳେଇ ଆଉ କିଏ ବାହାରକୁ ଯାଇଛି। ଗୋଟାଏ ହାୱାଇ ଗିଟାର ବି କିଣିଥିଲି, ତାକୁ ଜଣେ ମାଗି ନେଇ ରଖିଲା ବର୍ଷେ। ଶେଷକୁ ମୋତେ ମିଳିଲା ଯେ, ତାରସବୁ ଛିଡ଼ି ଯାଇଥାଏ।

ଝିଅମାନେ ସେତେବେଳେ ସମସ୍ତେ ଶାଢ଼ି ହିଁ ପିନ୍ଧୁଥିଲେ। ପ୍ରଥମେ ଦିଲ୍ଲୀରେ ପଢୁଥିବା ଜଣେ ଅଫିସରଙ୍କ ଝିଅ ବାଣୀବିହାର ପଢ଼ିବାକୁ ଆସିଲା, ସେ ଉତ୍ତର ଭାରତୀୟ ବା ପଂଜାବୀ ଝିଅଙ୍କ ପରି କୁର୍ତ୍ତା ପାଇଜାମା ଓ ଓଢ଼ଣି ପିନ୍ଧି ଆସିଥିଲା। ବବ୍‌କରା ମୁଣ୍ଡବାଳ। କଲଭର୍ଟ ପାଖରେ ସେ ଠିଆ ହୋଇଥାଏ, ଗୋଟେ କାର୍ ଥାଏ ପାଖରେ। ତାକୁ ଦେଖିବାପାଇଁ ସବୁ ଡିପାର୍ଟମେଣ୍ଟର ପିଲା ଆଉ ସାର୍ ବି ବାରଣ୍ଡାକୁ ଚାଲି ଆସିଲେ ଶହଶହ ପିଲା ତାକୁ ଦେଖୁଥାନ୍ତି। ତା'ପରେ ଧୀରେଧୀରେ କିଛି ଝିଅ ଶାଢ଼ି ଛାଡ଼ି ଡ୍ରେସ ପିନ୍ଧିବା ଆରମ୍ଭ କଲେ।

ବାଣୀବିହାରରେ ପୁଅପିଲାଙ୍କ ପାଇଁ ଚାରୋଟି ଆଉ ଝିଅଙ୍କ ପାଇଁ ଦୁଇଟି ହଷ୍ଟେଲ ଥାଏ। ଦୂର ପିଲାମାନେ ହଷ୍ଟେଲରେ ରୁହନ୍ତି। ସେମାନେ ଘରକୁ ଗଲେ ଆସିଲା ବେଳେ ବସ୍ତାରେ ମୋଟା ଉଷୁନା ଚାଉଳ, ମୁଗ ଡାଲି, ସୋରିଷ, ଜିରା ଗୁଣ୍ଡ, ଲଙ୍କା ଗୁଣ୍ଡ, ଫୁଟଣ, ଆଳୁ ଆଣନ୍ତି। ବାରିପଦା, ବାଲେଶ୍ୱର ପଟର ପିଲାମାନେ ନିଶ୍ଚୟ ମୁଢ଼ି ବସ୍ତା ଆଣିଥିବେ। ବହୁ ସମୟରେ ପିଲାଙ୍କ ବାପା ମାଆ ଆସନ୍ତି। ସେମାନଙ୍କର ମୁହଁରୁ ନିଜ ପିଲାଙ୍କ ପ୍ରତି ସ୍ନେହ ପୂରା ଜଣାପଡ଼ିଯାଏ। ମାଆମାନେ ପ୍ରାୟ କାନ୍ଦୁଥିବେ, ବିଶେଷ କରି ଲେଡିଜ୍ ହଷ୍ଟେଲ ସାମନାରେ ଏପରି ଦୃଶ୍ୟ ପ୍ରାୟ ଦେଖିବାକୁ ମିଳିଥାଏ। ପ୍ରଥମ ବର୍ଷ ଗୋଟିଏ ରୁମ୍‌ରେ ଦୁଇଜଣ ଥିଲୁ, ଦ୍ୱିତୀୟ ବର୍ଷକୁ ସିଙ୍ଗଲ ରୁମ୍। ମେସ୍ ପ୍ରାୟ ଚାଲେନି, ବହୁତ ପିଲା ରୋଷେଇ କରି ଖାଆନ୍ତି। କିଛି କ୍ୟାମ୍ପସରେ ଥିବା ଛୋଟ ଝୁମ୍ପୁଡ଼ି ଚାଲି ଘରେ ଥିବା ହୋଟେଲରେ ଖାଆନ୍ତି।

ପିଲାମାନଙ୍କର ରୋଷେଇ କରିବା ଢଙ୍ଗ ବଡ଼ ଅଦ୍ଭୁତ। ଲୁଚାଚୋରାରେ ହିଟର ଲଗେଇ ରୋଷେଇ ହୁଏ, ଭୋଲ୍‌ଟେଜ୍ କମ୍, ହିଟର ତାର ଟିକେଟିକେ ନାଲି ଦିଶୁଥିବ, ତାରି ଉପରେ ପତଳା ରସ ଡେକଚି ଭିତରେ ଗାଁର ମୋଟା ଉଷୁନା ଚାଉଳ, ବହୁତ ପାଣି, ଆଳୁ, ଗିନାରେ ମୁଗ ଡାଲି, ଢାଙ୍କୁଣି ଘୋଡ଼େଇ ଦେଇ ଭୁଲିଯାଅ। ମୋତେ ଲାଗେ ଯେ ହିଟର ତାରକୁ ଛୁଇଁଲେ ସକ୍ ବୋଧେ ଲାଗିବନି। ସକାଳ ଛ, ଆଉ ସନ୍ଧ୍ୟା ୫ରେ ଡେକଚି ହିଟରରେ ବସେ। ବହୁତ ପିଲା, ବିଶେଷ କରି ପୁଅମାନେ ଟ୍ୟୁସନ କରିବାକୁ ଭିଏସ୍‌ଏସ୍ ନଗର, ସହିଦ ନଗର, ଆଚାର୍ଯ୍ୟ ବିହାର ଯାଆନ୍ତି, ଚାରି/ପାଂଚ ଘଣ୍ଟା ପରେ ଆସି ଦେଖା ହେବ ଯେ, ଚାଉଳ ଦରସିଝା, କେବଳ ଭାତ ପରି ଦିଶୁଛି, ଆଳୁ ଶିଝିଥିବ, ଡାଲି ବି। ପାଣି ମରିଯାଇଥିବ। ଗାଳିବାକୁ ପଡ଼େନି। ଦରଶିଝା ଭାତ, ଅଛୁଙ୍କ ଡାଲି, ଆଉ ଆଳୁ ଶିଝା ଧରି ଗୋଟେଗୋଟେ ରୁମ୍‌ରେ ଦୁଇ/ତିନି ଜଣ ବସି ଭୋକ ବିକଳରେ ଗିଳି ଯାଉଥିବେ। ଗରିବ ପିଲାଙ୍କ ପାଠପଢ଼ା ସେତେବେଳେ ଏମିତି ଥିଲା। ହେଲେ ସେଇ ପିଲାମାନଙ୍କ ଭିତରୁ ବହୁତ ବଡ଼ବଡ଼ ବୈଜ୍ଞାନିକ, ପ୍ରଫେସର, ବ୍ୟାଙ୍କର ଆଦି ହୋଇଛନ୍ତି। ମେଧାବୀ ପିଲାଙ୍କର ଭାତ ନୁହେଁ ଜ୍ଞାନ ଭୋକ ମେଣ୍ଟାଏ।

***ବେଳେବେଳେ ଓଡ଼ିଶା ତଥା ଭାରତର ମହାନ ବିଭୂତିମାନଙ୍କୁ ଡକାଯାଏ ବିଭିନ୍ନ ସେମିନାର, ସଭା ସମିତିକୁ। ମୋର ମନେଅଛି ଇତିହାସ ବିଭାଗ ଡାକିଥିଲା ପ୍ରଫେସର ନିମାଇ ସଦନ ବୋଷଙ୍କୁ, ଯିଏ ବିଶ୍ୱଭାରତୀର କୁଳପତି ଥିଲେ। ଅନ୍ୟ ବିଭାଗରେ ଥିବା ବିଖ୍ୟାତ ପ୍ରଫେସର ଆଉ ଗବେଷକ ଯଥା, ଓଡ଼ିଆର ବଂଶୀଧର ମହାନ୍ତି, ନୃତତ୍ତ୍ୱର ଲକ୍ଷ୍ମଣ ମହାପାତ୍ର, ସ୍ୱାଧୀନ ଭାବରେ ଗବେଷଣା କରୁଥିବା ଗୌରୀକୁମାର ବ୍ରହ୍ମା, କୃଷକ ନେତା ଗଙ୍ଗାଧର ପାଇକରାୟ, ପଟିଆ ବନ୍ଧ ଆନ୍ଦୋଳନର ନେତା ବୈଦ୍ୟନାଥ ରଥ, ଆଦି ମଧ୍ୟ ଆମ ବିଭାଗକୁ ଆସି ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ।***

କ୍ଲାସରେ ସବୁ ଅଧ୍ୟାପକ ଯେ ଭଲ ପଢ଼ାନ୍ତି, ସେ କଥା ନୁହଁ। ମାତ୍ର ସେମାନଙ୍କ ପାଣ୍ଡିତ୍ୟ ଓ ବିଷୟ ଗଭୀରତା ସେମାନଙ୍କର ପ୍ରଥମ ଚାରି/ପାଂଚ ଧାଡ଼ି କଥାରୁ ଜଣା ପଡ଼ିଯାଏ। ପ୍ରଫେସର ମନ୍ମଥନାଥ ଦାସ ଥିଲେ ସାର୍‌ମାନଙ୍କର ସାର୍। ଭାରତ ବିଖ୍ୟାତ। ଖୋଦ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସହ ସିଧା ସମ୍ପର୍କ। ସେ ପ୍ରାୟ ବହୁଦିନ ବିଦେଶ ଯାଆନ୍ତି, ହେଲେ ଯେବେ ବି କ୍ଲାସ କରନ୍ତି, ବଡ଼ ଚମତ୍କାର ପଢ଼ାନ୍ତି। ଇତିହାସ ପାଠକୁ ନାଟକୀୟ ଢଙ୍ଗରେ ସେ ପଢ଼ାନ୍ତି। ସମୟ ଜଣାପଡ଼େ ନାହିଁ। ତାଙ୍କ ଇଂରେଜୀ ଓଡ଼ିଆ ପରି ଲାଗେ। କରୁଣା ସାଗର ସାର୍‌ଙ୍କ ଶରୀର ମାଜେଷ୍ଟିକ, ଶାନ୍ତ ମୁହଁ, ବହୁତ ଧୀରେଧୀରେ ପଢ଼ାନ୍ତି, ପଛକୁ ଶୁଭେନି। ତେଣୁ ମନକୁ ମନ ସାରା କ୍ଲାସ ଚୁପ୍। ନିହାର କବି, ହିମାଂଶୁ ଶେଖର ପଟ୍ଟନାୟକ ଓ ସୁସ୍ମିତ ପାଣି ବହୁତ ଭଲ ପଢ଼ାନ୍ତି। ସେମାନଙ୍କର ସବୁ ଧାଡ଼ି ପାଠ, ନିରୁତା ପାଠ। ସାରା କ୍ଲାସର ପିଲା ମନମୂନ ଲଗେଇ ଶୁଣନ୍ତି, କାଳେ କିଛି ମିସ୍ କରିଯିବେ। ଆମବେଳେ ହଠାତ୍ ଇଣ୍ଟରନାଲ ପରୀକ୍ଷା ଉଠିଗଲା। ଅର୍ଥାତ୍ ସବୁ ପରୀକ୍ଷା ଏକାବେଳେକେ, ବର୍ଷ ଶେଷରେ। ଆଠଟି ପେପର। ମୋର ସ୍ପେଶାଲ

ପେପର ମର୍ଡର୍ଣ୍ଣ ଇଣ୍ଡିଆ। ଆମ ପୂର୍ବବର୍ଷ ପଚାଶ/ଷାଠିଏ ଜଣ ଫାଷ୍ଟ୍ କ୍ଲାସରେ ପାସ କରିଥିଲେ, ମାତ୍ର ଆମ ବେଳକୁ ମାତ୍ର ୧୨ଜଣ। ସେମିଷ୍ଟାର ଉଠିଯିବାର ଫଳ ଜୀବନସାରା ଭୋଗିଲୁ।

ମୋର ମନେଅଛି, ବାଣୀବିହାରର ଛାତ୍ରସଂସଦ ନିର୍ବାଚନ ବଡ଼ ଆକର୍ଷଣୀୟ ଥିଲା। ଝଗଡ଼ାଝାଟି ପ୍ରାୟ ନ ଥିଲା। ମୁଖ୍ୟ ଦଳ ଥିଲେ ଏବିଭିପି ଓ ଡିଏସ୍‌ଓ, ନେତା- ରୁଦ୍ରପାଣି ଆଉ ମୋହନ ଜେନା। ସେଥର ଆମର ପ୍ରଥମ ବର୍ଷ। ବିଭିନ୍ନ ଦଳର ବିଭିନ୍ନ କ୍ୟାଣ୍ଡିଡେଟ। ଉପ ସଭାପତି, ସାଧାରଣ ସଂପାଦକ, ନାଟ୍ୟ ସଂପାଦକ, କ୍ରୀଡ଼ା ସଂପାଦକ, ସାହିତ୍ୟ ସଂପାଦକ ଇତ୍ୟାଦି ପଦବି। ଇତିହାସ ଓ ରାଜନୀତି ବିଜ୍ଞାନର ଛାତ୍ର ସଂଖ୍ୟା ଅଧିକ ଥିବାରୁ ଏଇ ଡିପାର୍ଟମେଣ୍ଟ ଦୁଇଟିର ପିଲା ବା ଏମାନେ ଯାହାକୁ ସମର୍ଥନ କରୁଥିଲେ, ସେଇମାନେ ହିଁ ଜିତୁଥିଲେ। ବଢ଼ିଆ ଭାଷଣ, ଚମତ୍କାର। ଜ୍ଞାନୀ ପିଲାମାନେ ନିର୍ବାଚନ ଲଢୁଥିଲେ। ମୋହନ ଜେନାଙ୍କ ସଂଗଠନ ଶକ୍ତି ଅଦ୍‌ଭୁତ। ତେଣୁ ସେ ସଭାପତି ଭାବେ ଜିତିଗଲେ। ଡିଏସ୍‌ଓର ଝିଅ କର୍ମୀମାନେ ବହୁତ କଷ୍ଟ କରିଥିଲେ। ସେତେବେଳେ ଓଡ଼ିଶାରେ ବଡ଼ ରାଜନୈତିକ ଦଳ ଥାଆନ୍ତି ଜାତୀୟ କଂଗ୍ରେସ ଆଉ ଜନତା ଦଳ। କେନ୍ଦ୍ରରେ ଇନ୍ଦିରା ଗାନ୍ଧୀଙ୍କ ଶାସନ ଫେରିଥାଏ। ରାଜ୍ୟରେ ଦିଗ୍‌ଗଜ ନେତା ଜାନକୀବଲ୍ଲଭ ପଟ୍ଟନାୟକ ଆଉ ବିଜୁ ପଟ୍ଟନାୟକ। ମାତ୍ର ଆଶ୍ଚର୍ଯ୍ୟର କଥା ଛାତ୍ର ରାଜନୀତି ଥାଏ ଏବିଭିପି ଆଉ ଡିଏସ୍‌ଓ ହାତରେ। ପରବର୍ତ୍ତୀ ସମୟରେ ଉଭୟ ମୋହନ ଜେନା ଓ ରୁଦ୍ର ପାଣି ରାଜନୀତିରେ ପ୍ରତିଷ୍ଠା ଅର୍ଜନ କଲେ ଓ ସାଂସଦ ଭାବେ ନିର୍ବାଚିତ ହେଲେ। ରୁଦ୍ର ପାଣି ଅତୀତରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବେଳେ ଏବେ ଢେଙ୍କାନାଳର ଲୋକସଭା ସଦସ୍ୟ ଅଛନ୍ତି। ଯାଜପୁରର ଦୁଇଥର ସାଂସଦ ହୋଇଥିବା ମୋହନ ଜେନା ଏବେ ଦିବଂଗତ।



ସେତେବେଳେ କୁଳପତି ଥାଆନ୍ତି ପ୍ରସିଦ୍ଧ ବୈଜ୍ଞାନିକ ପ୍ରଫେସର ମହେନ୍ଦ୍ର କୁମାର ରାଉତ, ଯିଏ ଆଗରୁ ରେଭେନ୍‌ସାର ଅଧ୍ୟକ୍ଷ ଥିଲେ। ରେଭେନସାରେ ସେ ବହୁତ ଷ୍ଟ୍ରିକ୍ଟ ଥିଲେ। ପରେ କୁଳପତି ହେବାପରେ ବାଣୀବିହାର ଶିକ୍ଷକ ରାଜନୀତି ଯୋଗୁଁ ସେ ଅଣନିଃଶ୍ୱାସୀ ହୋଇପଡ଼ିଲେ। ତାଙ୍କପରେ ଇତିହାସ ବିଭାଗର ପ୍ରଫେସର ମନ୍ମଥ ନାଥ ଦାସ କୁଳପତି ହେଲେ। ତାଙ୍କ ସମୟରେ ମଧ୍ୟ ଶିକ୍ଷକ ଓ ଛାତ୍ର ରାଜନୀତିକୁ ନେଇ ବହୁ ସମସ୍ୟା ତିଆରି କରାଗଲା। ସେ ବୋଧେ ପଦ ଛାଡ଼ିଦେଲେ। ଛାତ୍ର ରାଜନୀତିରେ ରାଜନୈତିକ ନେତାଙ୍କ ହସ୍ତକ୍ଷେପ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣକୁ ନଷ୍ଟ କରେ। ବହୁ ଶିକ୍ଷକ ଓ କର୍ମଚାରୀ ରାଜନୈତିକ ବ୍ୟକ୍ତିଙ୍କ ହାତ ବାରିସୀ ରୂପେ କାମକରି ବିଶ୍ୱବିଦ୍ୟାଳୟର ବହୁ କ୍ଷତି କରିଥାନ୍ତି। ସରକାରଙ୍କୁ ସୁଯୋଗ ମିଳିଯାଏ ଅଫିସରଙ୍କୁ ଆଣି କୁଳପତି କରିବାକୁ। ବିଶ୍ୱବିଦ୍ୟାଳୟର ସ୍ୱୟଂପ୍ରଭୂତା ଏହିପରି ନଷ୍ଟ ହୋଇଯାଏ।

ବାଣୀବିହାରରେ ସେତେବେଳେ ଦୁଇ ବର୍ଷରେ କୋର୍ସ ସରେନି। ପରୀକ୍ଷା ଘୁଂଚିଘୁଂଚି ଯାଏ କିଛି ପିଲାଙ୍କ କଟାଳ ଯୋଗୁଁ। ରେଜଲ୍ଟ ବାହାରୁ ବାହାରୁ ଛ ମାସ ଡେରି। ବେଳେବେଳେ ଓଡ଼ିଶା ତଥା ଭାରତର ମହାନ ବିଭୂତିମାନଙ୍କୁ ଡକାଯାଏ ବିଭିନ୍ନ ସେମିନାର, ସଭା ସମିତିକୁ। ମୋର ମନେଅଛି ଇତିହାସ ବିଭାଗ ଡାକିଥିଲା ପ୍ରଫେସର ନିମାଇ ସଦନ ବୋଷଙ୍କୁ, ଯିଏ ବିଶ୍ୱଭାରତୀର କୁଳପତି ଥିଲେ। ଅନ୍ୟ ବିଭାଗରେ ଥିବା ବିଖ୍ୟାତ ପ୍ରଫେସର ଆଉ ଗବେଷକ ଯଥା, ଓଡ଼ିଆର ବଂଶୀଧର ମହାନ୍ତି, ନୃତତ୍ତ୍ୱର ଲକ୍ଷ୍ମଣ ମହାପାତ୍ର, ସ୍ୱାଧୀନ ଭାବରେ ଗବେଷଣା କରୁଥିବା ଗୌରୀକୁମାର ବ୍ରହ୍ମା, କୃଷକ ନେତା ଗଙ୍ଗାଧର ପାଇକରାୟ, ପଟିଆ ବନ୍ଧ ଆନ୍ଦୋଳନର ନେତା ବୈଦ୍ୟନାଥ ରଥ, ଆଦି ମଧ୍ୟ ଆମ ବିଭାଗକୁ ଆସି ପିଲାଙ୍କୁ ଉଦ୍‌ବୋଧନ ଦେଇଥିଲେ।

ମାଆ ରମାଦେବୀ ଓ ତାଙ୍କ ଦିଅର ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ମଧ୍ୟ ଡକା ଯାଇଥିଲା ୟୁନିଭର୍ସିଟି ଦ୍ୱାରା। ସେଦିନ ମୁଁ ସେମାନଙ୍କୁ ପ୍ରଥମ ଥରପାଇଁ ଦେଖିଲି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଅଡିଟୋରିୟମରେ। ରମାଦେବୀ ସ୍ୱଷ୍ଟ କହିପାରୁଥାନ୍ତି, ମାତ୍ର ନବବାବୁ ଖନେଇ ଖନେଇ କହୁଥାନ୍ତି। ଇମରଜେନସି ବେଳେ ତାଙ୍କୁ ଆରେଷ୍ଟ କରାଯାଇ ଜେଲରେ ରଖା ଯାଇଥିଲା ପରିଣତ ବୟସରେ। ସେଠି ତାଙ୍କୁ ପକ୍ଷାଘାତ ଆକ୍ରମଣ କରିଥିଲା। ବହୁ ସମୟ ପର୍ଯ୍ୟନ୍ତ ଜେଲ୍‌ର କେହି ଜାଣି ପାରିଲେ ନାହିଁ। ଚିକିତ୍ସା ହେବାରେ ବିଳମ୍ବ ହୋଇଗଲା, ଫଳରେ ତାଙ୍କର ଦେହ ଆଉ ଭଲ ହେଲାନି। ସେ ଦୁଇଜଣଙ୍କୁ ଦେଖି ଆଉ ଶୁଣି ସେଇ ଦିନରୁ ମୁଁ ସେମାନଙ୍କ ପ୍ରେମରେ ପଡ଼ିଗଲି ଯେ, ଆଜିଯାଏ ମୁକୁଳିପାରୁନି। ଆସିଥିଲେ ବିଶିଷ୍ଟ

ସୋସାଲିଷ୍ଟ ନେତା ଜର୍ଜ ଫର୍ଣ୍ଣାଡିଜ। ବାଃ, ଚମତ୍କାର ଭାଷଣ। ମନରେ ଉନ୍ମାଦନା ଭରିଦେବା ପାଇଁ ଯଥେଷ୍ଟ ଥିଲା।

ଥରେ କଲଭର୍ଟ ଡାହାଣ ପାଖ ମୁକ୍ତ ରଂଗମଂଚରେ ଅଭିନୀତ ହେଲା ଭଦ୍ରକର ବିଶ୍ୱବିଖ୍ୟାତ ମୋଗଲ ତାମସା। ହଜାରହଜାର ଲୋକ ଦେଖୁଥାନ୍ତି ମନ୍ତ୍ରମୁଗ୍ଧ ହୋଇ। ହିନ୍ଦୀ, ପାର୍ସୀ, ବଙ୍ଗଳା, ଓଡ଼ିଆ ଆଦି ଭାଷାରେ ପାତ୍ରମାନେ ନୃତ୍ୟ ସହ ଅଭିନୟ କରୁଥାନ୍ତି। ସୁଲତାନ, ମନ୍ତ୍ରୀ, ଦୁଆରୀ, ନୃତ୍ୟାଙ୍ଗନା, ମାଛବାଲି, ଚୂଡ଼ିବାଲି- ସମସ୍ତେ ଚମତ୍କାର ଥିଲେ। ୪୫ ବର୍ଷ ପରେ ବି ଆଜି ମୋର ସବୁ ମନେଅଛି। ଆଗ ଧାଡ଼ିରେ ପ୍ରଫେସରମାନେ ବସିଥାନ୍ତି। କୁଳପତି ମହେନ୍ଦ୍ର କୁମାର ରାଉତ କମେଡି ଦେଖି ହସିହସି ଗଡ଼ି ଯାଉଥାନ୍ତି।

ବାଣୀବିହାର ରହଣି ମୋ ପାଇଁ ନୂଆ ଉନ୍ମାଦନାର ଉତ୍ସ ଥିଲା। ୨୦-୨୧ ବର୍ଷ ବୟସ। ଏ ସମୟର ମୂଲ୍ୟ ଖୁବ୍ ବହୁତ। ପାଠ ପଢ଼ିବା ପିଲା ପାଠ ପଢୁଥାନ୍ତି। ମୁଁ କିନ୍ତୁ ମଣିଷ ଚିହ୍ନୁଥାଏ। କିଛି ସାଂଗ ଖୁବ୍ ଭଲ ପଢ଼ିଲେ, ସିଭିଲ ପାଇଲେ, ବ୍ୟାଙ୍କ ଅଫିସର ହେଲେ, ଓଡ଼ିଶା ପ୍ରାଶାସନିକ ସେବାରେ ଯୋଗ ଦେଲେ। ସେମାନେ ସେମାନଙ୍କର ବାପା ମାଆଙ୍କ ଆଶାକୁ ସାର୍ଥକ କଲେ। ମାତ୍ର ଆମପରି ଅଖାଡୁଆ ବେପରୱାମାନଙ୍କ କଥା ନିଆରା। ବାଣୀବିହାରର ସାଙ୍ଗ ଦୋସ୍ତି, ସେଠାର ଶୈକ୍ଷିକ ବାତାବରଣ, ପ୍ରଫେସରମାନଙ୍କ କ୍ଲାସ, ଚାରି ନମ୍ବର ହଷ୍ଟେଲ ପାଖ ପଡ଼ିଆରେ କ୍ରିକେଟ ମ୍ୟାଚ- ସବୁ ଜୀବନ୍ତ ହୋଇ ସାଇତା ହୋଇ ରହିଛନ୍ତି ମନରେ। ପରେ ଯେବେବି କ୍ୟାମ୍ପସକୁ ଯାଇଛି, ସବୁ ଆବୋରି ଆସନ୍ତି ମନରେ। ମୋବାଇଲ ଆସିଲା ପରେ ଅବଶ୍ୟ ବହୁସାଙ୍ଗ ଏବେ ସମ୍ପର୍କରେ ଅଛନ୍ତି।

ମୁଁ ବାଣୀବିହାରକୁ ଭଲପାଏ।

*ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ ବାଣୀବିହାର ଇତିହାସ ବିଭାଗର ୧୯୮୨-୮୪ ବ୍ୟାଚ୍ ଛାତ୍ର। ସେ ସର୍ବୋଦୟ ଆନ୍ଦୋଳନ, ଓଡ଼ିଶା ଇତିହାସ ଓ ଗାନ୍ଧୀବାଦୀ ଚିନ୍ତାଧାରାର ଜଣେ ସମ୍ବେଦନଶୀଳ ଗବେଷକ ଭାବେ ସୁପରିଚିତ। ସେ ଏସବୁ କ୍ଷେତ୍ରର ଅନେକ ପୁସ୍ତକ ସହିତ ଇତିହାସ ପାଠ୍ୟପୁସ୍ତକ ରଚନା କରିଛନ୍ତି। ଏହା ସହିତ ଗଳ୍ପ ରଚନା ମଧ୍ୟ ତାଙ୍କର ଅନ୍ୟତମ ରୁଚି। ଇତିହାସ ବିଭାଗର ପ୍ରାଧ୍ୟାପକ ଭାବେ ଅବସର ନେବା ପରେ ଡକ୍ଟର ପ୍ରଧାନ ଏବେ ଗବେଷଣାତ୍ମକ କାର୍ଯ୍ୟରେ ଅଧିକ ସକ୍ରିୟ ଅଛନ୍ତି।*



# ଜଳବାୟୁ ସଙ୍କଟ ଓ ସତର୍କବାଣୀ

ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ରୁଷିଆ-ୟୁକ୍ରେନ, ଇସ୍ରାଏଲ-ପାଲେଷ୍ଟାଇନ ଏବଂ ଇସ୍ରାଏଲ-ଇରାନ ମଧ୍ୟରେ ସଂଘଟିତ ବିଧ୍ୱଂସକାରୀ ଘମାଘୋଟ ଯୁଦ୍ଧର ତାଣ୍ଡବ ଏବଂ ବିଭୀଷିକାମୟ ଦୃଶ୍ୟ ବିଶ୍ୱବାସୀଙ୍କୁ ମାନସିକ ଆଘାତପ୍ରାପ୍ତ, କ୍ରୋଧାନ୍ୱିତ, ଚିନ୍ତାଗ୍ରସ୍ତ ତଥା ଉଦାସୀନତାରେ ପୀଡ଼ିତ କରିଛି। ଅନ୍ୟପକ୍ଷରେ, ସମକାଳରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ବହୁ ପ୍ରଳୟଙ୍କରୀ ପ୍ରାକୃତିକ ବିପର୍ଯ୍ୟୟ ଜନିତ ଘଟଣାର ସୂଚନା ଉପଲବ୍ଧ ହେଉଛି, ଯାହାର ପୃଷ୍ଠଭୂମିରେ ରହିଛି ବିଶ୍ୱ ତାପନ ଏବଂ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ। ଏହି ପରିପ୍ରେକ୍ଷୀରେ, ଯୁଦ୍ଧର ଘନଘଟା ମଧ୍ୟରେ କ୍ରମାଗତ ଭାବରେ ପ୍ରକାଶିତ ହୋଇ ଚାଲିଛି ଜଳବାୟୁ ବିଶେଷଜ୍ଞ ଗୋଷ୍ଠୀଙ୍କର ନୂତନ ରିପୋର୍ଟମାନ, ଯାହା ଭବିଷ୍ୟତର ବହୁ ସମ୍ଭାବ୍ୟ ଦୁର୍ବିପାକ ସମ୍ପର୍କରେ ସତର୍କ ସୂଚନା ପ୍ରଦାନ କରି ବିଶ୍ୱବାସୀଙ୍କ ହୃଦୟରେ ଗଭୀର ରେଖାପାତ କରିବାର ଲକ୍ଷ୍ୟ ରଖେ।

ଆମକୁ ବିଚଳିତ କଲାପରି ଆଗାମୀ ବିପଦସବୁର ତଥ୍ୟ ପ୍ରଦାନ କରିଛନ୍ତି ବିଶ୍ୱସ୍ତରରେ ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟରତ ଆନ୍ତଃ ସରକାରୀ ଗୋଷ୍ଠୀ (ଆଇପିସିସି)ର ବିଶାରଦ ବୈଜ୍ଞାନିକମଣ୍ଡଳୀ। ପୂର୍ବରୁ ୨୦୨୩ ଫେବୃଆରୀ ୨୮ରେ ଉନ୍ମୋଚିତ ହୋଇଥିଲା ଆଇପିସିସିର ଷଷ୍ଠ ମୂଲ୍ୟାଙ୍କନ ରିପୋର୍ଟର ଦ୍ୱିତୀୟ ଅଧ୍ୟାୟ, ଯେଉଁଥିରେ ପ୍ରଚଳିତ ମାନବ ପ୍ରବର୍ତ୍ତିତ ଉତ୍ତାପ ବୃଦ୍ଧି ଏବଂ ପରିଣାମରେ ସଂଘଟିତ ହେଉଥିବା ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ବିଗତ ସାତବର୍ଷର ଶ୍ରେଷ୍ଠ ବିଶ୍ଳେଷଣ ସ୍ଥାନ ପାଇଛି। କହିବା ବାହୁଲ୍ୟ ଯେ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀର କୋଣ ଅନୁକୋଣକୁ ଆମ ଜ୍ଞାତସାରରେ ଅଥବା ଅଗୋଚରରେ ପ୍ରଭାବିତ କରି ଚାଲିଛି। ତାପମାତ୍ରା ବୃଦ୍ଧିର ମୁଖ୍ୟ କାରକ ସାଜିଥିବା ଜୀବାଶ୍ମ ଇନ୍ଧନ ଉତ୍ସରୁ ଉତ୍ସର୍ଜିତ ସବୁଜ ଗୃହ ବାଷ୍ପସବୁକୁ ଯଦି ଆମେ ଚଳିତ ଦଶନ୍ଧିରେ ଅର୍ଦ୍ଧେକ ସ୍ତରକୁ ହ୍ରାସ କରିବାରେ ବିଫଳ ହେଉ ଏବଂ ପରିବର୍ତ୍ତିତ ପରିବେଶ ସହ ତୁରନ୍ତ ଖାପଖୁଆଇବାରେ (ଅନୁକୂଳନ ବା ଆଡାପ୍ଟେସନ୍)ରେ ଅସମର୍ଥ ହେଉ, ତେବେ ଆମକୁ ଗ୍ରହଣ କରିବାକୁ ହେବ ଯେ ଭବିଷ୍ୟତରେ ଜୀବଜଗତ ନିମନ୍ତେ ନିଶ୍ଚିତ ରୂପେ ଯଥେଷ୍ଟ ଅଧିକ ବିଧ୍ୱଂସକାରୀ ପ୍ରଭାବ ଗଚ୍ଛିତ ରହିଛି। ବିଶେଷ କରି ସମ୍ବଳ-ରହିତ ଦେଶ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ସମ୍ପ୍ରଦାୟମାନଙ୍କ ଉପରେ ଆସନ୍ନ ବିପଦ ସମ୍ପର୍କରେ ଏହି ବିବରଣ ହେଉଛି ଏକ ଉପଯୁକ୍ତ ପୂର୍ବାନୁମାନ।

ଆଇପିସିସିର ଏହି ରିପୋର୍ଟ ବିଶ୍ୱ ସ୍ତରରେ ହୋଇଥିବା ୩୪,୦୦୦ଟି ବୈଜ୍ଞାନିକ ଅଧ୍ୟୟନ ଏବଂ ୬୭ଟି ରାଷ୍ଟ୍ରର ୨୭୦ ଜଣ ଗବେଷକଙ୍କୁ ଜଡ଼ିତ କରି କାର୍ଯ୍ୟକାରୀ ଗୋଷ୍ଠୀ-୨ ଦ୍ୱାରା ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ଆଇପିସିସି ଏହାର ସପ୍ତମ ମୂଲ୍ୟାଙ୍କନ ରିପୋର୍ଟ (ଏଆର୭) ପ୍ରସ୍ତୁତି ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିଛି, ଯାହାର ମୂଳଦୁଆ ଷଷ୍ଠ ରିପୋର୍ଟ ଉପରେ ହିଁ ପର୍ଯ୍ୟବସିତ। ମାତ୍ର ଇତିମଧ୍ୟରେ ଉପଶମ କାର୍ଯ୍ୟଧାରାରେ ସେପରି ଉଲ୍ଲେଖନୀୟ ସକରାତ୍ମକ ଅଗ୍ରଗତି ଘଟି ନଥିବାରୁ ପରବର୍ତ୍ତୀ ରିପୋର୍ଟ ନିଶ୍ଚିତ ରୂପେ ଅଧିକ ସଙ୍କଟ ସୃଷ୍ଟିର ସୂଚନା ବହନ କରିବ। ଏହି ପରିପ୍ରେକ୍ଷୀରେ, ନିମ୍ନୋକ୍ତ ଆଲୋଚନା ଷଷ୍ଠ ରିପୋର୍ଟର ବିଭିନ୍ନ ଅନୁସନ୍ଧାନ ଉପରେ ଆଧାରିତ ଅଟେ।

ଜାତିସଂଘର ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ଏହି ରିପୋର୍ଟକୁ ମାନବ ଦୁର୍ଦ୍ଦଶାର ଏକ ମାନଚିତ୍ର ଏବଂ ବିଫଳ ଜଳବାୟୁ ନେତୃତ୍ୱ ବିରୁଦ୍ଧରେ ଏକ ନିନ୍ଦନୀୟ ଦୋଷାରୋପ ବୋଲି ବ୍ୟକ୍ତ କରିଛନ୍ତି। ଆଇପିସିସିର ଏହି ଚିନ୍ତାଜନକ ବିଶ୍ଳେଷଣ କ୍ରମବର୍ଦ୍ଧିତ ତାପମାତ୍ରାର ଜୈବ ବିବିଧତା, ଖାଦ୍ୟ ନିରାପତ୍ତା, ଅର୍ଥନୀତି ଏବଂ ଶାରୀରିକ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ସମ୍ଭାବ୍ୟ ପ୍ରଭାବସବୁର ଉପସ୍ଥାପନ କରିବା ସହ ବୃଦ୍ଧି ପାଉଥିବା ଚରମ ପାଣିପାଗ ଜନିତ ଘଟଣାଗୁଡ଼ିକର ଭୟାବହତା ସମ୍ପର୍କରେ ଚେତାବନୀ ପ୍ରଦାନ କରିଛି। ବିଶ୍ୱ ସମ୍ବଳ ପ୍ରତିଷ୍ଠାନ ତରଫରୁ କେଲିଲେଭିନ୍ ଏବଂ ସାଥି ତାଙ୍କ ଲିଖିତ ପ୍ରବନ୍ଧରେ ଜଳବାୟୁ ପ୍ରଭାବ, ବିପଦ ପ୍ରବଣତା ଏବଂ ଅନୁକୂଳନ ଉପରେ ରିପୋର୍ଟର ଛଅଟି ମୁଖ୍ୟ ଉପଲବ୍ଧିକୁ ଉପସ୍ଥାପନ କରିଛନ୍ତି।

ପ୍ରଥମ- ଜଳବାୟୁ ପ୍ରଭାବ କ୍ରମଶଃ ପୂର୍ବାନୁମାନ ଅପେକ୍ଷା ଅଧିକ ବ୍ୟାପକ ଏବଂ ଭୟଙ୍କର ରୂପେ ଅନୁଭୂତ ହେଉଛି। ଦ୍ୱିତୀୟ- ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟ ଆହୁରି ଅଧିକ ଅନିଷ୍ଟକାରୀ ପ୍ରଭାବରେ ଆମେ ଜର୍ଜରିତ ହେବାକୁ ଯାଉଛୁ। ତୃତୀୟ- ବର୍ଦ୍ଧିତ ତାପମାତ୍ରା ସହିତ ସଂପୃକ୍ତ ବହୁବିଧ ବିପଦ ଆଗାମୀ ଦିନରେ ଦ୍ରୁତବେଗରେ ବୃଦ୍ଧି ପାଇବ, ଯାହା ପ୍ରାୟତଃ ଅପରିବର୍ତ୍ତନୀୟ ପ୍ରଭାବମାନ ସୃଷ୍ଟି କରିବ। ଚତୁର୍ଥ- ଅସମାନତା, ସଂଘର୍ଷ ଏବଂ ବିକାଶ

ପ୍ରକ୍ରିୟାର ଆହ୍ୱାନ ଜଳବାୟୁ ବିପଦ ପ୍ରତି ଆମ ଦୁର୍ବଳତାରେ ବୃଦ୍ଧି ଘଟାଇବ । ପଞ୍ଚମ- ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇବା ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ଭାବ୍ୟ ସମାଧାନର ପନ୍ଥା ଯଦିଓ ପୂର୍ବରୁ ଉପଲବ୍ଧ ଅଛି, କିନ୍ତୁ ଅସୁରକ୍ଷିତ ଗୋଷ୍ଠୀଙ୍କ ପାଖରେ ତାହା ପହଞ୍ଚାଇବାକୁ ନିଶ୍ଚିତ କରିବା ହିଁ ମୁଖ୍ୟ ଆହ୍ୱାନ । ଷଷ୍ଠ- ଜଳବାୟୁ ପରିବର୍ତ୍ତନର କିଛି ପ୍ରଭାବ ଏପରି ଭୟଙ୍କର ସ୍ଥିତିରେ ଉପନୀତ ହେଲାଣି ଯେ ଏହା ସହ ଖାପଖୁଆଇବା ଅତ୍ୟନ୍ତ କଷ୍ଟସାଧ୍ୟ ଅଟେ ।

୨୦୧୫ର ପ୍ୟାରିସ୍ ଜଳବାୟୁ ଚୁକ୍ତି ଅନୁଯାୟୀ ତାପମାତ୍ରା ବୃଦ୍ଧିକୁ ଅସମ୍ଭବ ବୋଧ ହେଉଥିବା ଦେଢ଼ ଡିଗ୍ରୀ ସେଲ୍‌ସିଅସରେ ରୋକିବାରେ ଆମେ ସମର୍ଥ ହେଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ସୁରକ୍ଷିତ ନୁହେଁ ଏବଂ ଏଥି ମଧ୍ୟରୁ କିଛି କ୍ଷତି ଅପରିବର୍ତ୍ତନୀୟ ସାଧିତ ହେବ । ରିପୋର୍ଟ ଅନୁଯାୟୀ କେବଳ ପରବର୍ତ୍ତୀ ଦଶନ୍ଧିରେ ଜଳବାୟୁ ପ୍ରଭାବରୁ ୩୨ରୁ ୧୩୨ ନିୟୁତ ପର୍ଯ୍ୟନ୍ତ ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯିବେ । ସମ୍ପ୍ରତି ୧.୩ ଡିଗ୍ରୀର ଉତ୍ତାପ ବୃଦ୍ଧିରେ ଏବେ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ, ତୀବ୍ର ମରୁଡ଼ି, ଚରମ ବୃଷ୍ଟିପାତ, ରେକର୍ଡ ବନ୍ୟା, ଭୂସ୍ଖଳନ, ଶକ୍ତିଶାଳୀ ଝଡ଼ବାତ୍ୟା ଇତ୍ୟାଦି ପ୍ରକଟିତ ହେଉଛି, ଯାହା ଲକ୍ଷଲକ୍ଷ ଲୋକଙ୍କର ଖାଦ୍ୟ ନିରାପତ୍ତା ଏବଂ ଜୀବନଜୀବିକା ପ୍ରତି ବିପଦ ସୃଷ୍ଟି କରୁଛି । ଭାରତ ସମେତ ଅନ୍ୟ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସମ୍ପ୍ରତି ଏପରି ବିପର୍ଯ୍ୟୟସବୁର ସମ୍ମୁଖୀନ ହୋଇ ଗୁରୁତର ସମସ୍ୟାରେ ଜଡ଼ିତ ହେଉଛନ୍ତି । ଶସ୍ୟ ଉତ୍ପାଦନ ବ୍ୟାହତ ହେବା ସହ ଉତ୍କଟ ଜଳାଭାବ ସମସ୍ୟା ୨୦୫୦ସୁଦ୍ଧା ଭାରତର ୪୦% ଲୋକଙ୍କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି । ରିପୋର୍ଟରେ ଓଦା-ବଲ୍‌ବ ତାପମାତ୍ରା ପ୍ରସଙ୍ଗର ଉଲ୍ଲେଖ ରହିଛି, ଯାହା ଉତ୍ତାପ ଏବଂ ଆର୍ଦ୍ରତାର ସମ୍ମିଳିତ ପ୍ରଭାବକୁ ପ୍ରକାଶ କରେ । ଏଥିରେ ୩୧ ଡିଗ୍ରୀ ତାପମାତ୍ରା ମଣିଷ ପାଇଁ ବିପଜ୍ଜନକ ହୋଇଥିବା ବେଳେ ୩୫ ଡିଗ୍ରୀ ଓ ତଦୁର୍ଦ୍ଧ୍ୱରେ ସାଧାରଣ ମଣିଷ ଛଅ ଘଣ୍ଟାରୁ ଅଧିକ ସମୟ ବଞ୍ଚିବା ଅସମ୍ଭବବୋଧ ହେବ ।

ଆଜି ବିଶ୍ୱର ଅର୍ଦ୍ଧେକ ଜନସଂଖ୍ୟା ବର୍ଷକୁ ଅତି କମ୍‌ରେ ଏକ ମାସ ନିମନ୍ତେ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେଉଛନ୍ତି । ୨୦୩୦ ସୁଦ୍ଧା ଅତିରିକ୍ତ ୩୫ କୋଟି ଲୋକ ଜଳାଭାବ ଅନୁଭବ କରିବେ । ଦେଢ଼ ଡିଗ୍ରୀ ଉତ୍ତାପ ବୃଦ୍ଧି ମଧ୍ୟରେ ପୃଥିବୀର ପର୍ବତସ୍ଥ ଅଧିକାଂଶ ହିମବାହ ସଂପୂର୍ଣ୍ଣ ଅଦୃଶ୍ୟ ହୋଇଯିବାର ସମ୍ଭାବନା ରହିଛି । ହିମାଳୟ ପାର୍ବତ୍ୟାଞ୍ଚଳରେ ହିମବାହ ତରଳିବା ତୀବ୍ର ହେବା ଫଳରେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀ ଅବବାହିକାରେ ଅଧିକ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ଏବଂ ଶିଖର ଗ୍ରୀଷ୍ମରେ ଜଳ ଉପଲବ୍ଧ ହେବ ନାହିଁ । ସମୁଦ୍ର ପତ୍ତନ ବୃଦ୍ଧି ଫଳରେ ଉପକୂଳ ଅଞ୍ଚଳ ଅଧିକ ଜଳମଗ୍ନ ତଥା କୃଷି ପାଇଁ ଅନୁପଯୁକ୍ତ ହେବ, ସମୁଦ୍ର ନିୟମିତ କୂଳ ଲଙ୍ଘିବ, ଉପକୂଳ ଅବକ୍ଷୟ ବୃଦ୍ଧିପାଇବ ଏବଂ ଉପକୂଳବର୍ତ୍ତୀ ସହର ଓ ବସତିଗୁଡ଼ିକ ବର୍ଦ୍ଧିତ ବିପଦର ସମ୍ମୁଖୀନ ହେବେ । ବିବିଧ ସଙ୍କଟର ପରିଣାମରେ ପ୍ରାଣୀବାହିତ ଓ ଜଳବାହିତ ରୋଗ, ଉତ୍ତାପଜନିତ ମୃତ୍ୟୁ, ପୁଷ୍ଟିହୀନତା, ମାନସିକ ବିକୃତି ଏବଂ ଆଲର୍ଜି ତଥା ରକ୍ତ ସଞ୍ଚାଳନ, ହୃଦ୍‌ରୋଗ, ଶ୍ୱାସକ୍ରିୟା, ମଧୁମେହ, ସଂକ୍ରାମକ ରୋଗ ଏବଂ ଶିଶୁରୋଗ ମୃତ୍ୟୁରେ ବୃଦ୍ଧି ଘଟିବ । ବିଷୁବ ଏବଂ ଉପବିଷୁବ ମଣ୍ଡଳୀୟ ଏସିଆରେ ଡାଇରିଆ, ଡେଙ୍ଗୁ ଜ୍ୱର, ମ୍ୟାଲେରିଆ ଏବଂ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ବୃଦ୍ଧିପ୍ରାପ୍ତ ହେବ ।

ଜଳବାୟୁ ପରିବର୍ତ୍ତନ ବିବିଧ ଜୀବଜାତିଙ୍କର ଜୀବନଯାପନ ଏବଂ ସେମାନଙ୍କ ବାସସ୍ଥଳୀର ଗଠନ ଓ କାର୍ଯ୍ୟକାରିତାରେ ପ୍ରଭୁତ ବ୍ୟାଘାତ ଘଟାଇ ଚାଲିଛି । ପରିଣାମରେ, କେତେକ ପ୍ରାଣୀ ଓ ଉଦ୍ଭିଦ କ୍ରମେ ସମୂହ ମୃତ୍ୟୁବରଣ କରି ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି । ୨୦୩୦ ସୁଦ୍ଧା ସ୍ଥଳ ଭାଗର ପ୍ରାୟ ୧୪ ଶତାଂଶ ଜୀବଜାତି ବିଲୁପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ, କିଛି ପ୍ରାଣୀ ସୁରକ୍ଷିତ ସ୍ଥାନ ଅନ୍ୱେଷଣରେ ବିଷୁବ ଅଞ୍ଚଳରୁ ମେରୁ ଅଞ୍ଚଳ ଦିଗରେ କ୍ରମେ ସ୍ଥାନାନ୍ତରିତ ହେଉଛନ୍ତି । ଜଙ୍ଗଲ ନିଆଁ ପୂର୍ବାପେକ୍ଷା ଅଧିକ ଅଞ୍ଚଳକୁ ବ୍ୟାପି ବ୍ୟାପକ ହେଉଛି, ଯାହା ପ୍ରାକୃତିକ ଭୂଭାଗ ତଥା ଜୈବ ବିବିଧତାରେ ଅବକ୍ଷୟ ଘଟାଇ ଚାଲିଛି । ଆଗାମୀ ଦିନରେ ବୃହତାକାର ବୃକ୍ଷସବୁ ଅଧିକ ସଂଖ୍ୟାରେ ମୃତ୍ୟୁମୁଖରେ ପଡ଼ିବେ । ସାମୁଦ୍ରିକ ତଥା ଉପକୂଳ ପରିସଂସ୍ଥାରେ ସମସ୍ୟା ବୃଦ୍ଧି ଫଳରେ ଜୁଆରିଆ, ସନ୍ତସନ୍ତିଆ ବାସସ୍ଥଳୀ, ହେନ୍ତାଳ ବନ, ସମୁଦ୍ର ଘାସ, ପ୍ରବାଳ ପରିସଂସ୍ଥା ଏବଂ ପ୍ଲାଙ୍କଟନ ସମ୍ପ୍ରଦାୟ ଇତ୍ୟାଦିର ଜୈବ ବିବିଧତା କ୍ରମେ ହ୍ରାସ ପାଇଚାଲିଛି ।

ମେରୁ ଅଞ୍ଚଳସ୍ଥ ବରଫ, ଏବଂ ସାଇବେରିଆ ଓ ଗ୍ରୀନଲ୍ୟାଣ୍ଡ ପରି ଅଞ୍ଚଳର ଭୂତଳ ପର୍ମାଫ୍ରଷ୍ଟ ତରଳିବା ତଥା ଜଙ୍ଗଲ ବିଧ୍ୱଂସ ହେବା ଫଳରେ ଏଠାରେ ଗଚ୍ଛିତ ଅଙ୍ଗାରକାମ୍ଳ ଓ ମିଥେନ୍ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୋଇ ବିଶ୍ୱତାପନକୁ ଅଧିକ ତ୍ୱରାନ୍ୱିତ କରିବ । ଶିତତାପ ନିୟନ୍ତ୍ରଣର ଅତ୍ୟଧିକ ବ୍ୟବହାର ଶକ୍ତି ଚାହିଦାରେ ଦ୍ରୁତ ବୃଦ୍ଧି ଘଟାଇ ଶକ୍ତି ଅସୁରକ୍ଷିତତାର କାରଣ ହେବ । ଭୂତଳ ତଥା ଅନ୍ୟାନ୍ୟ ଉତ୍ସରୁ ଜଳ ଯୋଗାଣ ନିମନ୍ତେ ଅଧିକରୁ ଅଧିକ ଶକ୍ତି ବ୍ୟବହୃତ ହେବ । ଏସିଆର ସର୍ବାଧିକ ବିଦ୍ୟୁତ ଶକ୍ତି ବ୍ୟବହାରକାରୀ ତେରଟି ବିକାଶଶୀଳ ରାଷ୍ଟ୍ର ମଧ୍ୟରୁ ଏଗାରଟି ଏବେ ଉଚ୍ଚଶକ୍ତି ନିରାପତ୍ତାହୀନତା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବିକାଶଶୀଳ ରାଷ୍ଟ୍ରମାନଙ୍କର ସହରାଞ୍ଚଳର ଅବ୍ୟବସ୍ଥିତ ତଥା ଦ୍ରୁତ ବୃଦ୍ଧିପ୍ରାପ୍ତ ବସ୍ତି ଅଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ତୀବ୍ର ରୂପେ ଅନୁଭୂତ ହେବ, ଯେଉଁଠାରେ ବିପର୍ଯ୍ୟସ୍ତ ବାସଗୃହ,

ମୌଳିକ ସେବାର ପର୍ଯ୍ୟାପ୍ତ ଅଭାବ ଏବଂ ସମ୍ବଳର ସୀମିତତା ମୁଖ୍ୟ ପ୍ରତିବନ୍ଧକ ଅଟେ।

ଏସିଆ ମହାଦେଶରେ ଏବେ ୫୨୯ ନିୟୁତ ଲୋକ ଏବଂ ଉପ-ସାହାରା ଆଫ୍ରିକାର ପ୍ରାୟ ୬୦% ଲୋକ ଏପରି ଅସୁରକ୍ଷିତ ଅଞ୍ଚଳରେ ଜୀବନ ନିର୍ବାହ କରୁଛନ୍ତି। ସେହିପରି ଗ୍ରାମୀଣ ସମ୍ପ୍ରଦାୟ, ଅନୁସୂଚିତ ଜାତି ଓ ଜନଜାତି ତଥା କୃଷି, ମତ୍ସ୍ୟ ଉତ୍ପାଦନ ଏବଂ ପର୍ଯ୍ୟଟନ କ୍ଷେତ୍ର ଉପରେ ନିର୍ଭରଶୀଳ ଗୋଷ୍ଠୀଙ୍କର ଜୀବିକା ବିଶେଷ ଭାବରେ ପ୍ରଭାବିତ ହେବା ସହ ପରିବର୍ତ୍ତନ ସହିତ ଖାପ ଖୁଆଇବାର ସାମର୍ଥ୍ୟ ମଧ୍ୟ ବାଧିତ ହେବ। ଆଇପିସିସି ପ୍ରକାଶ କରିଛି ଯେ, ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ୨୦୩୦ ଏବଂ ୨୦୫୦ ସୁଦ୍ଧା ଅନୁକୂଳନ (ଆଡପ୍ଟେସନ) କ୍ଷେତ୍ର ନିମନ୍ତେ ଯଥାକ୍ରମେ ୧୨୭ ଏବଂ ୨୯୫ ବିଲିୟନ ଡଲାରର ଅର୍ଥ ଆବଶ୍ୟକ ହେବ। ଏଥିରେ ମୁଖ୍ୟତଃ ତିନୋଟି ମୂଲ୍ୟାଙ୍କିତ ପ୍ରକ୍ରିୟା ଅନ୍ତର୍ଭୁକ୍ତ: ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ, ଯାହା ସମାନତା ଏବଂ ନ୍ୟାୟ ପ୍ରଦାନକୁ ଉନ୍ନତ କରେ; ପରିସଂସ୍ଥା ଆଧାରିତ ଅନୁକୂଳନ ଯାହା ପ୍ରାକୃତିକ ପରିବେଶର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ପରିଚାଳନାକୁ ଗୁରୁତ୍ୱ ଦିଏ; ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ଯାହା ବିଭିନ୍ନ କ୍ଷେତ୍ରରେ ସ୍ଥିରତାକୁ ସୁଦୃଢ଼ କରେ।

ଆଇପିସିସି ରିପୋର୍ଟ ବିଶ୍ଳେଷଣର ଉପସଂହାରରେ କେଲିଲେଭିନ ୍ଏବଂ ସାଥି ମତବ୍ୟକ୍ତ କରିଛନ୍ତି ଯେ, ଏ କ୍ଷେତ୍ରରେ ବିଜ୍ଞାନ ଅତ୍ୟନ୍ତ ସୁସ୍ପଷ୍ଟ। ମାନବ-ପ୍ରବର୍ତ୍ତିତ ଜଳବାୟୁ ପରିବର୍ତ୍ତନ ଜନସାଧାରଣ, ଜୀବଜଗତ ଏବଂ ଆମ ଗ୍ରହର କଲ୍ୟାଣ ସାଧନ ପଥରେ ବିନାଶକାରୀ ପ୍ରକ୍ରିୟା ସୃଷ୍ଟି କରି ଚାଲିଛି। ବିଳମ୍ବିତ କାର୍ଯ୍ୟାନୁଷ୍ଠାନ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଏପରି ବିପଜ୍ଜନକ ଦିଗରେ ତ୍ୱରାନ୍ୱିତ କରିବ ଯେ ଆମ ଦୁନିଆ ବର୍ତ୍ତମାନର ସତ୍ତା ହରାଇ ଚିହ୍ନିବା ଯୋଗ୍ୟ ଅବସ୍ଥାରେ ଆଉ ରହିବ ନାହିଁ। ଏପରି ବିଶ୍ୱ ଦୃଶ୍ୟପଟରେ ଜଳବାୟୁ ପ୍ରଭାବଶାଳୀ ଅନୁକୂଳନ ଏବଂ ଉପଶମ (ମିଟିଗେସନ୍) ନିମନ୍ତେ କାର୍ଯ୍ୟାବଳୀ ପ୍ରସ୍ତୁତି ଏବଂ ସମ୍ବେଦନଶୀଳ ଯୋଜନା ପ୍ରଣୟନ ସହିତ ପ୍ରାଶାସନିକ ବ୍ୟବସ୍ଥା, ନାଗରିକ ସମାଜ ଏବଂ ବେସରକାରୀ କ୍ଷେତ୍ର ସମସ୍ତେ ପୃଥିବୀର ଭବିଷ୍ୟତ ସୁରକ୍ଷା ନିମନ୍ତେ ସଂଶୋଧିତ ପଥରେ ଅଗ୍ରସର ହେବା ହେଉଛି ଆଜିର ଆହ୍ୱାନ; କାରଣ ଜଳବାୟୁ ସଙ୍କଟର ମୁକାବିଲା ଏକ ସହଜସାଧ୍ୟ ବିଷୟ ନୁହେଁ। ଜୀବଜଗତ ପାଇଁ ଏକ ଜୀଇଁବାଯୋଗ୍ୟ ଏବଂ ସହନୀୟ ଭବିଷ୍ୟତକୁ ସୁରକ୍ଷିତ କରି ରଖିବା ନିମନ୍ତେ ସ୍ୱଳ୍ପ ସମୟ ପାଇଁ ଉନ୍ମୁକ୍ତ ଥିବା ଏବଂ ବନ୍ଦ ହୋଇ ଆସୁଥିବା ସୁଯୋଗର ଦ୍ୱାରକୁ ହାତଛଡ଼ା ନକରିବା ବାଞ୍ଛନୀୟ ବୋଲି ରିପୋର୍ଟ ଚିନ୍ତା ପ୍ରକଟ କରିଛି। ଜଳବାୟୁଜନିତ ବିପର୍ଯ୍ୟୟର ଅସହାୟ ପ୍ରତ୍ୟକ୍ଷଦର୍ଶୀ ନସାଜି ନିଜ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଘଟାଇ ସମ୍ମିଳିତ ବିଶ୍ୱସ୍ତରୀୟ ପଦକ୍ଷେପ ସବୁର କାର୍ଯ୍ୟକାରିତା ମାଧ୍ୟମରେ ଆମ ଗ୍ରହର ପ୍ରାକୃତିକ ସନ୍ତୁଳନ ବ୍ୟବସ୍ଥାକୁ ପୁନଃସ୍ଥାପନ ଓ ସୁଦୃଢ଼ କରିବା ଆମ ବିଜ୍ଞତାର ପରିଚାୟକ ହେବ।

***ଶ୍ରୀଯୁକ୍ତ ଜୟକୃଷ୍ଣ ପାଣିଗ୍ରାହୀ ଜଣେ ବିଶିଷ୍ଟ ପରିବେଶବିତ୍। ବିଭିନ୍ନ ପତ୍ରପତ୍ରିକାରେ ସେ ପରିବେଶ ସୁରକ୍ଷା ସମ୍ପର୍କରେ ନିୟମିତ ପ୍ରବନ୍ଧମାନ ରଚନା କରି ଜନସଚେତନତା ସୃଷ୍ଟି କରୁଛନ୍ତି। ଶ୍ରୀଯୁକ୍ତ ପାଣିଗ୍ରହୀ ବହୁ ଅନୁଷ୍ଠାନ ସହିତ ସଂପୃକ୍ତ ଥିବାବେଳେ ଏବେ ଓଡ଼ିଶା ପରିବେଶ ସମିତିର କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ସହିତ ମୋବାଇଲ ନମ୍ବର ୯୪୩୭୦ ୭୬୧୦୦ ର ଯୋଗାଯୋଗ କରାଯାଇପାରିବ।***



# ଅହିଂସାର ମନ୍ତ୍ର ଓ ଅଭିମନ୍ତ୍ରିତ ବନାଞ୍ଚଳ

ତପନ କୁମାର ଜେନା

କ୍ଷୋଭ ଓ ବିଷାଦର ଅନ୍ତଃସ୍ୱର ସବୁଦିନେ ବ୍ୟର୍ଥ ଯାଏ ନାହିଁ। କେବେକେବେ ତାହା କ୍ଷୁଦ୍ର ସଳିତାଟି ପରି ଜଳିଜଳି ନିଃଶେଷ ହୋଇଯାଏ ତ ପୁଣି କେତେବେଳେ ପ୍ରତିବାଦରେ ରୂପାନ୍ତରିତ ହୋଇ ବ୍ୟବସ୍ଥା ପରିବର୍ତ୍ତନ କରିପାରିବାର କ୍ଷମତା ରଖିଥାଏ। ଇଂରାଜୀ କବି ଉଇଲିଅମ୍ ୱାର୍ଡସୱର୍ଥଙ୍କର "ସଲିଟାରୀ ରିପର" କବିତାରେ ନିଃସଙ୍ଗ ଲଳନାର କରୁଣ ମୂର୍ଚ୍ଛନା ଉପତ୍ୟକାର ନିରବତା ଭିତରେ ଥିଲା ଏକ କ୍ଷୀଣସ୍ୱର । ମାତ୍ର ୧୯୭୦ ଦଶକରେ ସେଦିନର ଉତ୍ତର ପ୍ରଦେଶ ଅନ୍ତର୍ଗତ ଉତ୍ତରାଞ୍ଚଳ ଉପଖଣ୍ଡ (ଆଜିର ଉତ୍ତରାଖଣ୍ଡ)ର ଅରଣ୍ୟ କନ୍ୟାମାନଙ୍କ ଦ୍ୱାରା ସଂଗଠିତ ବନସୁରକ୍ଷା ନିମନ୍ତେ ଅହିଂସା ଆନ୍ଦୋଳନର ସ୍ୱର ଥିଲା ତୀବ୍ର ଏବଂ ସୁଦୂର ପ୍ରସାରୀ।

ୱାର୍ଡସୱର୍ଥଙ୍କର କାବ୍ୟନାୟିକା ବିଫଳତା ଓ ହତାଶାର ଭଗ୍ନହୃଦୟ ନେଇ ସନ୍ଧ୍ୟା ନଇଁବା ପୂର୍ବରୁ ଉପତ୍ୟକା ଅଞ୍ଚଳରୁ ବିଦାୟ ନେଇଯାଇ ଅନ୍ତରାତ୍ମାର ଅଭିବ୍ୟକ୍ତିକୁ ସମାଧୀ ଦେଇଥିଲା ସିନା, ମାତ୍ର ହତାଶାର ପ୍ରତିକାର ପାଇଁ ସାହସ ଜୁଟାଇ ପାରିନଥିଲା। ମାତ୍ର ଉତ୍ତରାଞ୍ଚଳର ବୀରାଙ୍ଗନାମାନେ ବନଭୂମିର ସୁରକ୍ଷା ପାଇଁ ନିରବଚ୍ଛିନ୍ନ ଭାବେ ପ୍ରୟାସ ଜାରିରଖି ନିର୍ଣ୍ଣାୟକ ସମାଧାନ ପାଇଁ ଆଶାବାଦୀ ହୋଇପାରିଥିଲେ।

ସ୍ୱଦେଶୀ ସପକ୍ଷରେ ଜୀବନବ୍ୟାପୀ ସଂଗ୍ରାମ ଜାରି ରଖିଥିବା ଗାନ୍ଧିଜୀଙ୍କ ଜନ୍ମଭୂମି ଭାରତରେ, ତାଙ୍କ ମୃତ୍ୟୁର ଦୀର୍ଘ ବର୍ଷ ପରେ ପରିବେଶ ସୁରକ୍ଷା ପାଇଁ ମହିଳାମାନଙ୍କ ଦ୍ୱାରା ସଂଗଠିତ ହୋଇଥିଲା ଅହିଂସା ନୀତି ଉପରେ ଆଧାରିତ ଏକ ଆନ୍ଦୋଳନ; ଯାହା 'ଚିପ୍‌କୋ ଆନ୍ଦୋଳନ' ନାମରେ ନାମିତ।

୧୯୭୨ର ସେହି ଚିପ୍‌କୋ ଆନ୍ଦୋଳନ କେବଳ ମାତ୍ର ଉତ୍ତରାଞ୍ଚଳ ଉପଖଣ୍ଡର ବିଶାଳ ବୃକ୍ଷମାନଙ୍କୁ କାଠ ମାଫିଆମାନଙ୍କ କବଳରୁ ସୁରକ୍ଷା ଦେଇନଥିଲା, ବରଂ ଜାତୀୟ ଏବଂ ଅର୍ନ୍ତଜାତୀୟ ସ୍ତରରେ ପରିବେଶ ସୁରକ୍ଷା ପାଇଁ ପାଲଟି ଯାଇଥିଲା ଏକ ଜୀବନ୍ତ ଦୃଷ୍ଟାନ୍ତ।

ପ୍ରୟାଗରାଜ (ସେଦିନର ଆଲ୍ଲାହାବାଦ)ଠାରେ ପ୍ରତିଷ୍ଠିତ ଏକ ଖେଳସାମଗ୍ରୀ ଉତ୍ପାଦନ କାରଖାନା ପାଇଁ ବହୁପରିମାଣର କାଠ ଯୋଗାଣ ନିମନ୍ତେ ୧୯୭୨ ମସିହାରେ ଚମୋଲି ଜିଲ୍ଲାର ଗୋପେଶ୍ୱର ଜଙ୍ଗଲକୁ ସରକାର ଏକ ଠିକା ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଥିଲେ। ତା' ପୂର୍ବରୁ ଉକ୍ତ ଜଙ୍ଗଲ ଅଞ୍ଚଳ ଅନ୍ତର୍ଗତ ଜନସାଧାରଣ ଜଙ୍ଗଲଜାତ ଉତ୍ପାଦର ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ବର୍ଜ୍ୟ କାଠଖଣ୍ଡ ପାଇବା ନିମନ୍ତେ ଆବେଦନ କରିଥିଲେ, ଯାହାକି ନିର୍ବିଚାରରେ ପ୍ରତ୍ୟାଖ୍ୟାତ ହୋଇଯାଇଥିଲା। ମାତ୍ର ଭାରପ୍ରାପ୍ତ ଠିକାସଂସ୍ଥା ଅପର୍ଯ୍ୟାପ୍ତ ଲାଭଖୋର ଲାଳସାକୁ ଚରିତାର୍ଥ କରିବା ପାଇଁ ନିର୍ଦ୍ଦୟ ଭାବେ ବିଶାଳ ଦ୍ରୁମ ସମୁଦାୟକୁ ଧରାଶାୟୀ କରିବାରେ ଲାଗିପଡ଼ିଲେ। ସେହି ଅପ୍ରତିହତ ଜଙ୍ଗଲ କଟାର ପରିଣତି ସ୍ୱରୂପ ସେଠାକାର ଜନସାଧାରଣ ରୋଷେଇ ନିମନ୍ତେ ଜାଳେଣୀର ଘୋର ଅଭାବ ଅନୁଭବ କଲେ। ବୃକ୍ଷରାଜିର ଅନୁପସ୍ଥିତିରେ ପାହାଡ଼ର ଜଳଧାରଣ କ୍ଷମତା ଅହେତୁକ ଭାବେ ହ୍ରାସ ପାଇଲା। ଫଳସ୍ୱରୂପ ପାହାଡ଼ରୁ ଉତ୍ପତ୍ତି ହୋଇଥିବା ଝରଣାଗୁଡ଼ିକ ଶୁଖିଯିବାକୁ ଲାଗିଲେ। ମାଟିରେ ଜଳ ସଂରକ୍ଷିତ ହୋଇନପାରି ବର୍ଷା ସମୟରେ ଅଧିକ ଜଳ ପ୍ରବାହିତ ହେବାରୁ ଅଚାନକ ବନ୍ୟା ଓ ମାଟି ଅତଡ଼ା ଖସିଲା ଭଳି ମନୁଷ୍ୟକୃତ ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଲା। ଅଣମୌସୁମୀ ସମୟରେ ଉତ୍କଟ ଜଳାଭାବ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଥିଲା। ବିଶେଷ କରି ମହିଳାମାନେ, ଯେଉଁମାନେ କି ରୋଷେଇ, ପରିଚ୍ଛନ୍ନତା ଓ ଦିନଚର୍ଯ୍ୟା ପାଇଁ ପ୍ରତିଦିନ ଜଳର ଆବଶ୍ୟକ କରିଥାନ୍ତି, ସେଇମାନେ ହିଁ ଜଙ୍ଗଲ କ୍ଷୟର କରୁଣ ପରିଣତିକୁ ଛତ୍ରେଛତ୍ରେ ଅନୁଭବ କରୁଥିଲେ। ଏହି ପୁଞ୍ଜିଭୂତ ଗଣଅସନ୍ତୋଷ କ୍ରମେ ଆନ୍ଦୋଳନର ରୂପ ନେଇଥିଲା।

ସଂଯୋଗ କ୍ରମେ ସେହି ଅଞ୍ଚଳରେ ସର୍ବୋଦୟ କର୍ମୀ ଚଣ୍ଡି ପ୍ରସାଦ ଭଟ୍ଟ ଗାନ୍ଧୀବାଦ ଆଧାରରେ "ଦଶୌଲି ଗ୍ରାମ ସ୍ୱରାଜ ମଣ୍ଡଳ" ନାମକ ସଂଗଠନ ମାଧ୍ୟମରେ ସେବାମୂଳକ କାର୍ଯ୍ୟରେ ବ୍ୟାପୃତ ଥିଲେ। ତାଙ୍କ ନେତୃତ୍ୱରେ ଗ୍ରାମବାସୀମାନଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ଠିକାଦାର ଗଛକଟାରୁ ନିବୃତ୍ତ ହୋଇନଥିଲେ। ଚଣ୍ଡି ପ୍ରସାଦଙ୍କ ପ୍ରଣିତ ଅଭିନବ ଅହିଂସା ଉପାୟ ଅବଲମ୍ବନରେ ମହିଳାମାନେ ବୃକ୍ଷମାନଙ୍କୁ ସେମାନଙ୍କ ବାହୁବନ୍ଧନରେ ଚାପି ଧରୁଥିଲେ। ଗଛମାନଙ୍କୁ ଜୋରକରି ଚାପି ଧରିବାର ପ୍ରକରଣକୁ ଆଧାର କରି ଏହା "ଚିପ୍‌କୋ ଆନ୍ଦୋଳନ" ନାମରେ ଆଖ୍ୟାୟିତ ହେଲା। ଗୋପେଶ୍ୱର ବନାଞ୍ଚଳର ଏତାଦୃଶ

ବିରୋଧାତ୍ମକ ଅବସ୍ଥାର ସମ୍ମୁଖୀନ ହୋଇ ଠିକାଦାରମାନେ ନିକଟସ୍ଥ "ରାମପୁର ଫାଟା" ଜଙ୍ଗଲକୁ କାଠ କାଟିବା ପାଇଁ ପଳାଇ ଯାଇଥିଲେ। ସେଠାରେ ମଧ୍ୟ ଚଣ୍ଡି ପ୍ରସାଦ ପହଞ୍ଚିଯାଇ ସ୍ଥାନୀୟ ମହିଳାମାନଙ୍କୁ ଚିପ୍‌କୋ ଆନ୍ଦୋଳନରେ ଲଗାଇ ଦେଇ ସେଠାରୁ ଠିକାଦାରଙ୍କୁ ତଡ଼ିଦେବାରେ ସମର୍ଥ ହୋଇଥିଲେ।

ଏହାର ଏକବର୍ଷ ପରେ ରେନୀ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ନିଲାମ କରି ଦେବାପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ଗ୍ରହଣ କରିସାରିଥିଲେ। ଅଳକାନନ୍ଦା ଉପତ୍ୟକାର ବିଭୁ-ପ୍ରକୃତି ରେନିଗ୍ରାମ ଅନ୍ତର୍ଗତ ଅନ୍ୟ ଗ୍ରାମବାସୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ତା'ର ନିଲାମୀ ଉପତ୍ୟକା ବାସିନ୍ଦାଙ୍କୁ ଘୋର ଆଘାତ ଦେଇଥିଲା। ଚଣ୍ଡିପ୍ରସାଦ ସେହି ଅଞ୍ଚଳର ମହିଳାମାନଙ୍କୁ ଗୋପେଶ୍ୱର ଜଙ୍ଗଲରେ ଚିପ୍‌କୋ ଆନ୍ଦୋଳନର ସଫଳ କାହାଣୀ ବିଷୟରେ ଅବଗତ କରାଇଲେ। ରେନି ଗ୍ରାମର ଗୌରଦେବୀ ନାମ୍ନୀ ୫୧ ବର୍ଷୀୟା ଜଣେ ବିଧବା ମହିଳା ସେଠାକାର ଚିପ୍‌କୋ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

"ବଣ ପାହାଡ଼ ଘେରା ଏଇ ବନାଞ୍ଚଳ ଆମ ମାଆର ଘର
ଏଠାରେ ଥିବା ପଶୁପକ୍ଷୀ ଜୀବଜନ୍ତୁ ଆମ ସହୋଦର
ଏଇ ବନ୍ୟ ଝରଣାର କଳକଳ ନାଦ ଆମ ଜୀବନର ସ୍ୱର
ସେଇ ମାଆ ଘରର ସୁରକ୍ଷା ପାଇଁ ଆମେ ବଦ୍ଧପରିକର।"

ଜଙ୍ଗଲର ପଥପ୍ରାନ୍ତରେ ଏହି ଗୀତ ଗାଇଗାଇ ଗୌରଦେବୀ ମହିଳାମାନଙ୍କୁ ଜଙ୍ଗଲ ମାଆ ପ୍ରତି ଆକୃଷ୍ଟ କରାଇଥିଲେ। ଏହି ଆନ୍ଦୋଳନର କ୍ରମବର୍ଦ୍ଧିଷ୍ଣୁ ବ୍ୟାପ୍ତିରେ ଅସହିଷ୍ଣୁ ହୋଇ ଉକ୍ତ ଗ୍ରାମାଞ୍ଚଳର ନ୍ୟସ୍ତ ସ୍ୱାର୍ଥରେ ଲିପ୍ତ ଥିବା କେତେକ ବ୍ୟକ୍ତି ଗୌରଦେବୀଙ୍କର ଚରିତ୍ର ସଂହାର କରିବା ସହିତ ହତ୍ୟା କରିବାର ଧମକ ଦେବାକୁ ପଛାଇଲେ ନାହିଁ। ମାତ୍ର ଚଣ୍ଡିପ୍ରସାଦଙ୍କର ଉପସ୍ଥିତି ଏହି ଷଡ଼ଯନ୍ତ୍ରକୁ ଚରିତାର୍ଥ ହେବାକୁ ଦେଇ ନଥିଲା। କାଳକ୍ରମେ ଏହି ଆନ୍ଦୋଳନ ସାରା ଚମେଲି ଜିଲ୍ଲାକୁ ବ୍ୟାପିଯାଇ ପାଖ ଜିଲ୍ଲା ତେରୀ ଗଡ଼ୱାଲର ଅନେକ ଅଞ୍ଚଳର ପ୍ରଭାବ ବିସ୍ତାର କରିଥିଲା।

ମହିଳା-କୈନ୍ଦ୍ରିକ ଏହି ଆନ୍ଦୋଳନର ପ୍ରଭାବରେ ଭୂଲୁଣ୍ଠିତ ହେବାକୁ ଥିବା ବୃକ୍ଷରାଜି ଆଶ୍ୱସ୍ତିବୋଧ କରିଥିଲେ। ଯେଉଁ ଗଛର ମୂଳକୁ କିଛି ଅଂଶ କଟାଯାଇଥିଲା ସେହି ସ୍ଥାନକୁ କାଦୁଅର ଲେପଦେଇ କ୍ଷତଚିହ୍ନକୁ ଦେଖି କଷ୍ଟ ଅନୁଭବ କରିବାର ଦୁଃଖରୁ ମହିଳାମାନେ ମୁକ୍ତି ପାଉଥିଲେ। ପାଇନ୍ ବଣର ପ୍ରତ୍ୟେକ ଗଛର ନିମ୍ନଭାଗକୁ ଅଖାରେ ସୁନ୍ଦର ଭାବରେ ଗୁଡ଼ାଇ ଦେଇ କୁରାଢ଼ୀର ଆଘାତ ପାଇଁ ସ୍ଥାନ ନ ଦେଇ ଅଭିନବ ପ୍ରତିବାଦ ଜଣାଇଥିଲେ। ପ୍ରକୃତି ଓ ପ୍ରାକୃତିକ ସମ୍ପଦର ଉପଯୁକ୍ତ ରକ୍ଷକ ଭାବରେ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

ଚଣ୍ଡିପ୍ରସାଦଙ୍କ କାର୍ଯ୍ୟରେ ସହାୟତା କରିବା ପାଇଁ ବିଖ୍ୟାତ ପରିବେଶବିତ୍ ସୁନ୍ଦରଲାଲ ବହୁଗୁଣା ଆନ୍ଦୋଳନରେ ଯୋଗ ଦେଇଥିଲେ। ସାରା ସତୁରୀ ଦଶକ ଏହି ଦୁଇଜଣଙ୍କ ସାହଚର୍ଯ୍ୟରେ ଚିପ୍‌କୋ ଆନ୍ଦୋଳନ ଆଗେଇ ଚାଲିଥିଲା। ମାତ୍ର ଗଛକଟା ପାଇଁ ଠିକାଦାରୀ ବ୍ୟବସ୍ଥା ବନ୍ଦ ହୋଇନଥିଲା। ଶେଷରେ ୧୯୭୯ ମସିହାରେ ଶ୍ରୀଯୁକ୍ତ ବହୁଗୁଣା ଆମରଣ ଅନଶନ ପରି ଚରମ ନିଷ୍ପତ୍ତି ନେବାକୁ ପଛାଇଲେ ନାହିଁ। ଅନଶନର ୧୩ଶ ଦିବସରେ ତାଙ୍କୁ ଗିରଫ କରାଯାଇଥିଲା। ମାତ୍ର ଜେଲ ଭିତରେ ମଧ୍ୟ ସେ ଅନଶନ ଜାରୀ ରଖିଥିଲେ। ଶେଷରେ କର୍ତ୍ତୃପକ୍ଷ ବାଧ୍ୟ ହୋଇ ଆଲୋଚନା ପାଇଁ ରାଜି ହେବାରୁ ସେ ଅନଶନ ଭଙ୍ଗ କରିଥିଲେ।

୧୯୮୦ ମସିହାରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚିପ୍‌କୋ ଆନ୍ଦୋଳନର ନେତୃମଣ୍ଡଳୀଙ୍କୁ ଆଲୋଚନା ପାଇଁ ଦିଲ୍ଲୀ ଡକାଇଥିଲେ। କଥାବାର୍ତ୍ତା ବେଳେ ନେତାମାନେ ଇନ୍ଦିରାଙ୍କୁ ତାଙ୍କର ୧୯୭୨ରେ ଷ୍ଟକ୍‌ହୋମ୍‌ଠାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଆନ୍ତର୍ଜାତିକ ପରିବେଶ ମହାସମ୍ମେଳନରେ ଯୋଗଦାନ କଥା ମନେ ପକାଇ ଦେଇଥିଲେ, ଯେଉଁଥିରେ କି ସେ ପରିବେଶ ସୁରକ୍ଷା ସପକ୍ଷରେ ଦୃଢ଼ଯୁକ୍ତି ଉପସ୍ଥାପନ କରି ବିଶ୍ୱନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଷ୍ଟମ୍‌ହୋମ୍ ବକ୍ତବ୍ୟ ଆଧାରରେ ଚିପ୍‌କୋ ଆନ୍ଦୋଳନର ଆଭିମୁଖ୍ୟକୁ ବିବେଚନା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ କରାଯାଇଥିଲା; ଯାହାକୁ ସରକାର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ।

ଆନ୍ଦୋଳନରତ ନେତାଙ୍କ ସହିତ ଯେଉଁ ଆପୋସ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ସେଥିରେ ଖାଦ୍ୟ, ଗୋଖାଦ୍ୟ ଏବଂ ଜାଳେଣୀ ଉତ୍ପାଦକ ବୃକ୍ଷସମୂହକୁ ଜଙ୍ଗଲ ଅନ୍ତର୍ଗତ ଗ୍ରାମଗୁଡ଼ିକ ନିକଟରେ ରୋପଣ କରାଯିବା ଏବଂ ଗଛର ଶୁଖିଲା ଶାଖା ଓ ଶୁଖିଲା ପତ୍ର ବ୍ୟବହାର କରିବାର ଅଧିକାର ସେହି ଅଧିବାସୀମାନଙ୍କର ରହିବା ବ୍ୟବସ୍ଥା ରହିଲା। ହିମାଳୟ ପାଦ ଦେଶରୁ ଏକ ହଜାର ମିଟର ଉପରେ ପରବର୍ତ୍ତୀ ୧୫ ବର୍ଷ ପାଇଁ କୌଣସି ବ୍ୟାବସାୟିକ ବନ୍ୟ ବ୍ୟବସ୍ଥାକୁ ସ୍ଥଗିତ ରଖାଯିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଲା।

ଗାନ୍ଧିଜୀଙ୍କର ଅତ୍ୟନ୍ତ ଘନିଷ୍ଠ ଥିବା ସାମାଜିକ କର୍ମୀ ମିରାବେନ୍ (ଉକ୍ତ ପାର୍ବତ୍ୟାଞ୍ଚଳ ପାଇଁ ଯାହାଙ୍କର ପର୍ଯ୍ୟାପ୍ତ ଅବଦାନ ଥିଲା) ୧୯୪୦ ଦଶକରେ ଉକ୍ତ ଅଞ୍ଚଳରେ ପଦାର୍ପଣ କରିଥିଲେ। କୃଷିକାର୍ଯ୍ୟ ପାଇଁ ଅନଗ୍ରସର ଥିବା ଅଞ୍ଚଳଟିରେ କୃଷିର ଉନ୍ନତି ପାଇଁ ସେ ସତତ ଚେଷ୍ଟିତ ଥିଲେ ଏବଂ ଗୋ-ସମ୍ପଦର ଯତ୍ନ ଓ ସୁରକ୍ଷା

କୃଷିକର୍ମଣକୁ ଆଗକୁ ନେବ ବୋଲି ସେ ହୃଦୟଙ୍ଗମ କରିଥିଲେ। ସେଥିପାଇଁ ସେ "ପଶୁଲୋକ" ନାମରେ ଏକ ଗୋ-ଉନ୍ନୟନ କେନ୍ଦ୍ର ସ୍ଥାପନ କରିଥିଲେ। ଜଙ୍ଗଲ କ୍ଷୟ ହେତୁ ଜଳ ସମସ୍ୟା ଉପୁଜୁଛି ବୋଲି ସେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଜଙ୍ଗଲରୁ ବଞ୍ଜ ଗଛସବୁ କ୍ରମେ ଅପସରି ଯାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। କାରଣ ବଞ୍ଜ ବୃକ୍ଷଗୁଡ଼ିକ ପରିବେଶ ପ୍ରତି ଅଧିକ ଅନୁକୂଳ ଅଟନ୍ତି। ମିରାବେନ୍‌ଙ୍କର ସେହି ପରିବେଶଧର୍ମୀ କାର୍ଯ୍ୟକଳାପ ସହିତ ସୁନ୍ଦର ଲାଲ ବହୁଗୁଣା ଓତଃପ୍ରୋତ ଭାବେ ଜଡ଼ିତ ଥିଲେ।

ସରଳାବେନ୍ ଗାନ୍ଧୀଙ୍କର ଅନ୍ୟ ଜଣେ ପଟ୍ଟଶିଷ୍ୟା, ଯିଏ ୧୯୩୬ ମସିହାରେ ସେବାଗ୍ରାମ ଆଶ୍ରମରେ ମୌଳିକ ଶିକ୍ଷାର ପ୍ରୟୋଗଶାଳାରେ କାର୍ଯ୍ୟ କରିବାକୁ ଆସିଥିଲେ। ସେ ମଧ୍ୟ କୁମାୟୁଁର ପାର୍ବତ୍ୟାଞ୍ଚଳକୁ ଯାଇ ପରିବେଶ ସୁରକ୍ଷା ପାଇଁ ମହିଳାମାନଙ୍କୁ ସଚେତନ କରାଉଥିଲେ। ୧୯୬୧ ମସିହାରେ ସେ "ଉତ୍ତରାଖଣ୍ଡ ସର୍ବୋଦୟ ମଣ୍ଡଳ" ଗଠନ କରି ପାହାଡ଼ୀ ପରିବେଶ ପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରିଛନ୍ତି ।

ଗାନ୍ଧୀନୀତି ଉପରେ ପର୍ଯ୍ୟବସିତ "ଦଶୋଲି ଗ୍ରାମ ସ୍ୱରାଜ ସଂଘ" ଓ "ଗଙ୍ଗୋତ୍ରୀ ଗ୍ରାମ ସ୍ୱରାଜ ସଂଘ" ଦ୍ୱୟର ଅହିଂସା ଆନ୍ଦୋଳନ ଓ ରଚନାତ୍ମକ କାର୍ଯ୍ୟଶୈଳୀ ପାଇଁ, ପରିବେଶର ହତ୍ୟାକାରୀ ଠିକାଦାର ଓ କାଠ ମାଫିଆମାନେ ସେହି ଅଞ୍ଚଳ ଛାଡ଼ି ଚାଲିଯାଇଥିଲେ। ମିରାବେନ, ସରଳାବେନ, ବିମଳାବେନ, ହିମାଦେବୀ, ଗୌରଦେବୀ, ବଚନୀ ଦେବୀ, ଇତ୍ୱାରୀ ଦେବୀ, ଚମୁନ୍ ଦେବୀ, ରାଧାଭଟ୍ଟ, ସୁନ୍ଦରଲାଲ ବହୁଗୁଣା, ଚଣ୍ଡିପ୍ରସାଦ ଭଟ୍ଟ, ଘନଶ୍ୟାମ ଶୈଳାନି ଓ ଧୁମ୍‌ସିଂହ ନେଗୀ ପ୍ରଭୃତି ସାମାଜିକ କର୍ମୀମାନେ ଗାନ୍ଧୀଙ୍କର ଅହିଂସା ମନ୍ତ୍ରକୁ ପ୍ରୟୋଗ କରି ପାର୍ବତ୍ୟାଞ୍ଚଳକୁ ମାଫିଆରାଜ କବଳରୁ ମୁକ୍ତି ଦେଇ ବନବାସୀମାନଙ୍କର ସ୍ୱାର୍ଥରକ୍ଷା କରିବାରେ ଜୀବନର ବହୁମୂଲ୍ୟ ସମୟ ଓ ଶ୍ରମଦାନ କରିଥିଲେ।

ଜଣେ ଗଭୀର ପରିବେଶବିତ୍ ଭାବେ ଗାନ୍ଧୀ ଦେଇଥିବା ବାର୍ତ୍ତା, ଯାବତୀୟ ସାମାଜିକ ପରିବର୍ତ୍ତନ ଓ ବିବର୍ତ୍ତନଠାରୁ ଊର୍ଦ୍ଧ୍ୱକୁ ଯାଇ ପୃଥିବୀର ଅସ୍ତିତ୍ୱ ଥିବା ପର୍ଯ୍ୟନ୍ତ ବଳବତ୍ତର ରହିବ ନିଶ୍ଚୟ। ତାଙ୍କ ମତରେ ବିଶ୍ୱର ଜଳବାୟୁ, ପରିବେଶ ଓ ପ୍ରାକୃତିକ ସଂପଦକୁ ଧ୍ୱଂସ ଓ ଶୋଷଣ କରିବା ପାଇଁ ମଣିଷମାନେ ମୁକ୍ତ ନୁହନ୍ତି। ପରିବେଶର ବିଶେଷତ୍ୱକୁ ନ୍ୟୁନ କରିଦେବାର ଦାୟିତ୍ୱ ମଣିଷକୁ ଦିଆଯାଇନାହିଁ। ସଂପ୍ରତି ଗ୍ଲୋବାଲ ୱାର୍ମିଙ୍ଗର ବିଭୀଷିକା ସମ୍ପର୍କରେ ସମସ୍ତେ ଚିନ୍ତିତ। ଗାନ୍ଧୀଙ୍କର ଗଭୀର ପର୍ଯ୍ୟାବରଣ ତତ୍ତ୍ୱ ଏହି ସମସ୍ୟା ସମାଧାନର ଏକମାତ୍ର ଏବଂ ସର୍ବଶେଷ ଉପାୟ ଅଟେ।

ଚିପ୍‌କୋ ଆନ୍ଦୋଳନ ସମ୍ପର୍କରେ ସୁନ୍ଦରଲାଲ ବହୁଗୁଣାଙ୍କ ଉକ୍ତି ଥିଲା, "ମୁଁ ସେହି ଦିନକୁ ଅପେକ୍ଷା କରିଛି ଯେଉଁଦିନ ଏହି ପାର୍ବତ୍ୟାଞ୍ଚଳର ମହିଳାମାନେ ଚଳାଇଥିବା ଅହିଂସା ଆନ୍ଦୋଳନର ପ୍ରଭାବରେ ଦେଶର ସର୍ବୋଚ୍ଚ ଆସନରେ ଥିବା କ୍ଷମତା କେନ୍ଦ୍ର, ତା'ର ପ୍ରତିବଦ୍ଧତାର ପରିଭାଷାକୁ ଲୋକାଭିମୁଖୀ କରିବ।"

*ଶ୍ରୀ ତପନ କୁମାର ଜେନା ୧୯୯୩ ମସିହାରେ ବାଣୀବିହାର ସ୍ନାତକୋତ୍ତର ଆଇନ ବିଭାଗର ଛାତ୍ର ଥିବା ସମୟରେ ଛାତ୍ରସଂସଦର ସଭାପତି ହୋଇଥିଲେ। ଶିକ୍ଷା ସମାପ୍ତି ପରେ ସମାଜସେବା ଓ ରଚନାତ୍ମକ କାର୍ଯ୍ୟରେ ସେ ନିଜକୁ ନିୟୋଜିତ କରିଛନ୍ତି। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବହୁ ସ୍ତମ୍ଭ ରଚନା ପ୍ରକାଶ ପାଇଛି। ଗାନ୍ଧୀ ଓ ଶାନ୍ତି ବିଷୟକ ପାଠ୍ୟକ୍ରମରେ ଗବେଷଣା କରିବା ସହିତ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ବ୍ରତୀ ଥିବା ଶ୍ରୀ ଜେନା ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀରେ ଅନ୍ୟତମ ସଦସ୍ୟ ଅଛନ୍ତି।*



# ଓଡ଼ିଆ ସାହିତ୍ୟର ନବଜାଗରଣ ପର୍ବ

ଡକ୍ଟର ଦେବାଶିଷ ମହାପାତ୍ର

ୟୁରୋପୀୟ ଚିନ୍ତା ଓ ଚେତନାରେ ପ୍ରଭାବିତ ହୋଇ ଓଡ଼ିଆ ସାହିତ୍ୟର ଆଙ୍ଗିକ ଓ ଆତ୍ମିକଯୋଗକୁ ପ୍ରଶସ୍ତ ଓ ପରିବ୍ୟାପ୍ତ କରିଥିବା କାଳଖଣ୍ଡକୁ ନବଜାଗରଣ ପର୍ବ କୁହାଯାଇପାରେ । ରେନାସାଁ, ଯାହା ସମଗ୍ର ୟୁରୋପକୁ ଆଧୁନିକତାର ଏକ ଅଭିନବ ଆଲୋକିତ ପଥ ପ୍ରଦର୍ଶନ କରି ସାହିତ୍ୟ ଓ ସଂସ୍କୃତିର ପରିଭାଷା ପରିବର୍ତ୍ତନ କରିବାରେ ସହାୟକ ହୋଇଥିଲା, ତାହାର ପ୍ରଭାବ ଭାରତୀୟ ସାହିତ୍ୟ ସହ ଓଡ଼ିଆ ସାହିତ୍ୟରେ ଅନୁଭୂତ ହୋଇଥିବା ସ୍ପଷ୍ଟ ।

ରେନାସାଁ ବା ନବଜାଗରଣ ଓଡ଼ିଆ ସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିଭବକୁ ବହୁଗୁଣିତ କରିବାକୁ ସାହିତ୍ୟରେ ବିବିଧତାର ପଥ ପରିଷ୍କାର କରିଥିଲା । ଫରାସୀ ବିପ୍ଳବ, ଋଷ୍ ବିପ୍ଳବ, ଶିଳ୍ପ ବିପ୍ଳବ ସହ ଚାର୍ଲସ ଡାରଉଇନଙ୍କ ବିବର୍ତ୍ତନବାଦ, ପିକାଶୋଙ୍କ କଳାକୃତି, କୋପରନିକସ୍‌ଙ୍କ ମତବାଦ, ମାଇକେଲ ଏଞ୍ଜେଲୋ, ପେଟ୍ରାର୍କ, ବୋକାସିଓ, ଲିଓନାର୍ଡ ଦା ଭିଞ୍ଚି, ମାକିଆଭେଲି, ଫ୍ରାନ୍ସିସ ବେକନ୍, ଗାଲିଲିଓ ପ୍ରମୁଖ ବହୁ ଚିନ୍ତାଶୀଳ ବରେଣ୍ୟ ବ୍ୟକ୍ତିତ୍ୱଙ୍କ ସିଦ୍ଧାନ୍ତ ଓ ମତବାଦ ୟୁରୋପରେ ଆଲୋଡ଼ନ କରିଥିଲା । ରେନାସାଁ ସହ ଯାହା ଓଡ଼ିଆରେ ନବଜାଗରଣର ସାରସ୍ୱତ ସାଧକଗଣ ସତ୍ୟସନ୍ଧିତ୍ସା, ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ ଓ ବିଶ୍ୱମାନବବାଦର ପ୍ରତ୍ୟୟ ଉପରେ ଗଭୀର ଆସ୍ଥା ପ୍ରକଟ କରିଥିବାରୁ କୁହାଯାଏ ଯେ, ସେମାନେ ଥିଲେ ଜୀବନଶିଳ୍ପୀ । ୟୁରୋପରେ ମଧ୍ୟଯୁଗର ଅବସାନ ଘଟାଇ ସେମାନେ ନବଜାଗରଣର ଅରୁଣୋଦୟ ଆଣିଥିଲେ ।

ଯଦି ସମୟ ବିଚାର କରିବା ତେବେ ଊନବିଂଶ ଶତକର ପ୍ରଥମାର୍ଦ୍ଧକୁ ରେନାସାଁ ବିପ୍ଳବ, ନବଜାଗରଣ ଉଷାକାଳ ଭାବେ ଗ୍ରହଣ କରିପାରିବା । ଓଡ଼ିଆ ସାହିତ୍ୟର ଇତିହାସରେ ଜାତୀୟତାର ବିଜୟ ବୈଜୟନ୍ତୀ ଉଡ଼ାଇଥିବା ସତ୍ୟବାଦୀ ଯୁଗର ପ୍ରମୁଖ ବ୍ୟକ୍ତିତ୍ୱ ଓଡ଼ିଆ ଜାତିର ନମସ୍ୟ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ 'କାରା କବିତା'ରେ ନବଜାଗରଣର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି-

"ବିଶ୍ୱହିତ ଯା'ର ଆହାର ବିହାର
କରେ ବିଶ୍ୱହିତେ ସେ ଜୀବନ ଦାନ
ସେହି କରେ ଯେହୁ ସତ୍ୟ ଆଚରଣ
ସତ୍ୟ ଆରାଧନା, ସତ୍ୟ ସମ୍ଭାଷଣ
ଭିତର ବାହାର ଯା'ର ସତ୍ୟ ସାର
ସୁଖେଦୁଃଖେ ସଦା ଯା' ଶରଣ
ନାହିଁ ଜାତିଭେଦ, ନାହିଁ ଧର୍ମଭେଦ
ସାମ୍ୟ ମୈତ୍ରୀ ମନ୍ତ୍ର ଗାଏ ଯା'ର ବେଦ ।"

ମୁଦ୍ରଣ ଯନ୍ତ୍ର, ଶିଳ୍ପ ବିପ୍ଳବ, ପତ୍ରପତ୍ରିକା ପୁସ୍ତକ ପ୍ରକାଶନ ଆଦି ରେନାସାଁ, ନବଜାଗରଣ ପର୍ବକୁ ପୁଷ୍କଳ କରିଥିଲା । ଆଧୁନିକ ଯୁଗ ବା ରାଧାନାଥ ଯୁଗ, ସତ୍ୟବାଦୀ ଯୁଗରେ ଏହାର ପ୍ରଭାବ ଅନୁଭୂତ ହୋଇ ପରବର୍ତ୍ତୀ କାଳରେ ସବୁଜ ଯୁଗ ଓ ପ୍ରଗତିବାଦୀ ଯୁଗକୁ ପରିବ୍ୟାପ୍ତ ହୋଇଥିଲା । ରୂପକ, ଚିତ୍ରକଳ୍ପ, ପ୍ରତୀକ, ମିଥ୍, ପୁରାତତ୍ତ୍ୱ ସହ ନିଃସଙ୍ଗତା, ମୃତ୍ୟୁଚେତନା, ବିଶ୍ୱଦୃଷ୍ଟି, ଅବଚେତନ ମନର ଅବତାରଣା ଓଡ଼ିଆ ସାହିତ୍ୟର ନବଜାଗରଣ ପର୍ବକୁ ସୌରଭଯୁକ୍ତ ଓ ଗୌରବମଣ୍ଡିତ କରିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ କବିବର ରାଧାନାଥ ରାୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସେତୁ ଭାବେ ଚନ୍ଦ୍ରଭାଗା, ଉଷା, ପାର୍ବତୀ, ଚିଲିକା, କେଦାରଗୌରୀ, ନନ୍ଦିକେଶ୍ୱରୀ, ମହାଯାତ୍ରା, ଦରବାର କାବ୍ୟ ଲେଖିବା ସହ ଉପନ୍ୟାସିକା ଇଟାଲୀୟ ଯୁବା, ଭ୍ରମଣବୃତ୍ତାନ୍ତ ଭ୍ରମଣକାରୀର ପତ୍ର ଲେଖି ଉଭୟ ଅଙ୍ଗ ଓ ଆତ୍ମାରେ ଓଡ଼ିଆ ସାହିତ୍ୟକୁ ନୂଆ ମୋଡ଼ ଦେଇଥିଲେ ।

ବ୍ୟାସକବି ଫକୀରମୋହନ ସେନାପତି ପ୍ରଥମ ଓଡ଼ିଆ କ୍ଷୁଦ୍ରଗଳ୍ପ 'ରେବତୀ' ସହ ଛ'ମାଣ ଆଠଗୁଣ୍ଠ, ମାମୁ, ଲଛମା, ପ୍ରାୟଶ୍ଚିତ୍ତ ଉପନ୍ୟାସ ଲେଖିବା ଥିଲା ଓଡ଼ିଆ ସାହିତ୍ୟ ପାଇଁ ନବଜାଗରଣର ଉଦାହରଣ । ସ୍ୱଭାବକବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, କବିଶେଖର ଚିନ୍ତାମଣି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖ ନିଜ ନିଜ ଅବଦାନ ବଳରେ ନବଜାଗରଣ ପର୍ବକୁ ପ୍ରଶସ୍ତ କରିଛନ୍ତି । କୁହାଯାଏ ଯେ ସତ୍ୟବାଦୀ ଯୁଗରେ ନବଜାଗରଣ ପର୍ବ କାୟା ବିସ୍ତାର କରିଥିଲା । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାରାକବିତା ଓ ବନ୍ଦୀର ଆତ୍ମକଥା ସମେତ ଅବକାଶ ଚିନ୍ତା, ଧର୍ମପଦ, ଗୋ-ମାହାତ୍ମ୍ୟ କାବ୍ୟ କବିତାରେ ନବଜାଗରଣ ପ୍ରଭାବ ସ୍ପଷ୍ଟ । ବିଶେଷକରି 'ସତ୍ୟବାଦୀ' ପତ୍ରିକା ଓ 'ସମାଜ' ସମ୍ବାଦପତ୍ର ଏ କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନ । ପଣ୍ଡିତ ନୀଳକଣ୍ଠ ଦାସଙ୍କ କୋଣାର୍କ, ଖାରବେଳ, ଦାସନାଏକ, ପ୍ରଣୟିନୀ କାବ୍ୟ ସମେତ ଗଦ୍ୟଗ୍ରନ୍ଥ ଓଡ଼ିଆ ସାହିତ୍ୟର

କ୍ରମ ପରିଣାମ, ଓଡ଼ିଆ ଭାଷା ଓ ସହିତ୍ୟ, ଆର୍ଯ୍ୟଜୀବନ, ମୋ' ନିଶ, ଅଛୁ ଓ ହେବୁ ସର୍ବୋପରି ଆତ୍ମଜୀବନୀ'ରେ ନବଜାଗରଣ ଆଭିମୁଖ୍ୟ ଅନୁଭବ୍ୟ। ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ କୋଣାର୍କ, ବାରବାଟୀ ଦୁର୍ଗ ଓ ଉତ୍କଳ ଇତିହାସ, ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ କଳିକା, କିଶଳୟ, ଆଲେଖିକା, ଗୀତାୟନ ଆଙ୍ଗିକ ଦୃଷ୍ଟିରୁ ଓଡ଼ିଆ କବିତାକୁ ନୂଆ ମୋଡ଼ ଦେଇଥିବାବେଳେ ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ, ନାଟକ ଅଠର ଶହ ସତର, ଘଟାନ୍ତର, ଅଭାଗିନୀ ଉପନ୍ୟାସ ସମେତ ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ' ସ୍ଥାନ ଆତ୍ମଜୀବନୀର ଅବଦାନ ବି କିଛି କମ୍ ନଥିଲା।

ଜୀବନବାଦୀ ବିଶ୍ୱମୁଖୀ କବିଗଣ ସମ୍ବୋଧଗୀତି (Ode), ଶୋକଗୀତି (Elogy), ଚତୁର୍ଦ୍ଦଶପଦୀ (Sonnet) ସହ ନାଟକ, ଗଳ୍ପ, ଉପନ୍ୟାସ, ଭ୍ରମଣବୃତ୍ତାନ୍ତ, ଆତ୍ମଜୀବନୀ ଆଦି ଅନେକ ବିଭାଗ ଓଡ଼ିଆ ସାହିତ୍ୟର ନବକଳେବର କରିଥିଲା। ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ବିଧିବିଧାନ, ଗତାନୁଗତିକତାରୁ ମୁକ୍ତକରି ଆଧୁନିକ ଓଡ଼ିଆ ସାହିତ୍ୟକୁ ନବଜାଗରଣ ପଥରେ ଅଗ୍ରସର କରାଇଥିଲେ ସୃଜନଶୀଳ ସ୍ରଷ୍ଟାଗଣ। ରେନାସାଁ (Renaissance) ଯାହାକି ଏକ ସାଂସ୍କୃତିକ ଆନ୍ଦୋଳନ ରୂପେ ପଞ୍ଚଦଶ, ଷୋଡ଼ଶ ଶତାବ୍ଦୀରେ ୟୁରୋପରେ ମୁଣ୍ଡ ଟେକିଥିଲା, ତାହାର ମୁଖ୍ୟ ଆଭିମୁଖ୍ୟ ଥିଲା ମାନବବାଦ (Humanism)। ରାଜାରାଣୀ, ଦେବଦେବୀ, ନାୟକ ନାୟିକା ପରିବର୍ତ୍ତେ ମଣିଷ ହୋଇଥିଲା କଳା ଓ ସାହିତ୍ୟର କେନ୍ଦ୍ରବିନ୍ଦୁ। ପେତ୍ରାର୍କଙ୍କ ଚତୁର୍ଦ୍ଦଶପଦୀ କବିତାର ଭାଗମାପ ଅଷ୍ଟକ (Octave), ଷଷ୍ଟକ (Sestet) ସମେତ କାବ୍ୟକବିତା ଓ ସମଗ୍ର ସାହିତ୍ୟର ସ୍ୱର ଯେଭଳି ପରିବର୍ତ୍ତିତ ହେଲା ତାହା ୟୁରୋପୀୟ ସାହିତ୍ୟରେ କେବଳ ନୁହେଁ, ବିଶ୍ୱସାହିତ୍ୟ ଓ ପରବର୍ତ୍ତୀ କାଳରେ ଭାରତୀୟ ସାହିତ୍ୟରେ ପ୍ରବେଶ ହୋଇ ଓଡ଼ିଆ ସମେତ ଅନ୍ୟାନ୍ୟ ଆଞ୍ଚଳିକ ଭାଷାଗୁଡ଼ିକରେ ଆସନ ଅଳଂକୃତ କରିଥିଲା।

ନବଜାଗରଣ, ସାଂସ୍କୃତିକ ଆନ୍ଦୋଳନ କ୍ରମଶଃ ବିଶ୍ୱରେ ଯେଭଳି ବ୍ୟାପକ କ୍ଷେତ୍ରକୁ ପ୍ରସାରିତ ହୋଇ କଳା, ଦର୍ଶନ, ସାହିତ୍ୟକୁ ଅଧିକ ପ୍ରଶସ୍ତ କରିପାରିଥିଲା ତାହା ଓଡ଼ିଆ ସାହିତ୍ୟର ମଧ୍ୟ ନବକଳେବର କରିବାରେ ସହାୟକ ହୋଇଥିଲା। ସାହିତ୍ୟର Form ଓ Function ଉଭୟ ଦିଗକୁ ନବଜାଗରଣ ଗଭୀରଭାବେ ପ୍ରଭାବିତ କରି ସାହିତ୍ୟକୁ ସୀମିତ କି ସଙ୍କୁଚିତ କରାଯାଇ ନପାରେ ବୋଲି ପ୍ରମାଣିତ କରିଥିଲା। ଓଡ଼ିଆ ସାହିତ୍ୟର ନବଜାଗରଣ ପର୍ବ କାୟା ବିସ୍ତାର କରି ମହାସମୁଦ୍ରରେ ପରିବର୍ତ୍ତିତ ହୋଇଛି ସତ, ହେଲେ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଧାରଶିଳା ସ୍ୱରୂପ ଉତ୍କଳମଣି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ କହିଥିବା କଥା ପଦେ ଏଠାରେ ପ୍ରଯୁଜ୍ୟ।

"ଯା ଜୀବନ ଗତି ତତ୍ତ୍ୱ ଅଭିମୁଖେ
ସେହି ଏକା କୃତୀ ସେହି ଏକା ସୁଖୀ
ତତ୍ତ୍ୱର ସାଧନେ କୃତ୍ୟ କୃତ୍ୟଜନ
ଲଭଇ ମରଣେ ଅମୃତ ଜୀବନ।"

ନବଜାଗରଣର ସ୍ରଷ୍ଟାଗଣ ଥିଲେ ଜୀବନଶିଳ୍ପୀ, ମାନବବାଦୀ ଓ ବିଶ୍ୱମୁଖୀ।

**ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ**
**ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର-୨୨**

*ଡକ୍ଟର ଦେବାଶିଷ ମହାପାତ୍ର ବାଣୀବିହାରରେ ୧୯୯୦-୯୨ ବ୍ୟାଚ୍‌ର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ର। ୧୯୯୧-୯୨ରେ ସେ ବାଣୀବିହାର ସ୍ନାତକୋତ୍ତର ବିଭାଗସମୂହର ବାର୍ଷିକ ମୁଖପତ୍ର 'ବାଣୀବିକାଶ'ର ସମ୍ପାଦକ ଥିଲେ। ଜଣେ ଜଣାଶୁଣା ବ୍ୟଙ୍ଗକବି ଓ ବିଶିଷ୍ଟ ଭାଷାବିତ୍ ଭାବେ ସୁପରିଚିତ ଡକ୍ଟର ମହାପାତ୍ର କିଛିବର୍ଷ ଆଫ୍ରିକାରେ ଅବସ୍ଥାନ କରି ଭାଷାବିଜ୍ଞାନ ପଢ଼ାଉଥିଲେ। ଭାଷା ବିଜ୍ଞାନ ଉପରେ ତାଙ୍କର କେତେକ ପୁସ୍ତକ ପ୍ରକାଶ ପାଇଛି। ଏବେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ ଡକ୍ଟର ମହାପାତ୍ରଙ୍କୁ ୭୩୭୨୦ ୮୨୬୯୦ରେ ଯୋଗାଯୋଗ କରାଯାଇ ପାରିବ।*



# ସୁସ୍ଥ ସମାଜ ଗଠନ ଦିଗରେ ଆଦ୍ୟ ଶୈଶବ ଯତ୍ନ ଏବଂ ଶିକ୍ଷାର ଗୁରୁତ୍ୱ

ଡକ୍ଟର ମିତାଲି ମହାନ୍ତି

ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ( Early Childhood Care and Education -ECCE) ହେଉଛି ପ୍ରସବଠାରୁ ଛଅବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଲାଳନପାଳନ ପ୍ରକ୍ରିୟା, ଯାହା ଶିଶୁ ବିକାଶର ସମସ୍ତ ଦିଗ ଯଥା: ଶାରୀରିକ, ବୌଦ୍ଧିକ, ଭାଷା ଜ୍ଞାନ, ସାମାଜିକ ଓ ଆବେଗିକ ଏବଂ ସୃଜନଶୀଳତାର ବିକାଶ ସହ ଶିଶୁର ଆବଶ୍ୟକତାକୁ ପୂରଣ କରିବା ସଂଗେସଂଗେ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିର ଦିଗଗୁଡ଼ିକ ସହ ସମନ୍ୱୟକୁ ନିଶ୍ଚିତ କରାଏ।

ପ୍ରଥମ ଛଅ ବର୍ଷ ମଧ୍ୟରେ ଶିଶୁର ବିକାଶ ସାରା ଜୀବନ ପାଇଁ ମୂଳଦୁଆ ପକାଇଥାଏ। ଏପରିକି ମାଆ ପେଟରୁ ଭ୍ରୂଣ ଅବସ୍ଥାର ବିକାଶ ମଧ୍ୟ। କାରଣ ଶିଶୁର ମସ୍ତିଷ୍କର ବିକାଶ ସେ ଦୁଇ ବର୍ଷର ହେବା ବେଳକୁ ୮୦% ହୋଇଯାଇଥାଏ। ଅର୍ଥାତ ମାଆ ପେଟରେ ଥିବା ସମୟରେ ୩୦% ଓ ଜନ୍ମରୁ ୨ ବର୍ଷ ମଧ୍ୟରେ ଆଉ ୫୦%। ତେଣୁ 'ତୁଳସୀ ଦୁଇ ପତ୍ରରୁ ବାସେ ଓ ବିଛୁଆତି ଦୁଇ ପତ୍ରରୁ କୁଣ୍ଡାଇ ହୁଏ' ଉକ୍ତିର ତାତ୍ପର୍ଯ୍ୟ କେତେ ବିଜ୍ଞାନ ସମ୍ମତ, ତାହା ଚିନ୍ତା କରିବା କଥା। କାରଣ ଗୋଟିଏ ମଣିଷ କେତେ ବୁଦ୍ଧିମତ୍ତା ସମ୍ପନ୍ନ ହେବ ତାହା ତା'ର ଜୀବନର ପ୍ରଥମ ୨ ବର୍ଷ ବେଳକୁ ସ୍ଥିର ହୋଇ ଯାଇଥାଏ। ତେଣୁ ମାଆ ପେଟରେ ଭ୍ରୂଣ ସଂଚାର ହେବା ଦିନଠାରୁ ୨ ବର୍ଷ ପର୍ଯ୍ୟନ୍ତ ସମୟକୁ ଜୀବନର ପ୍ରଥମ ୧୦୦୦ ଦିନ (ଯଥା: ଗର୍ଭାବସ୍ଥା-୨୭୦ ଦିନ, ପ୍ରଥମ ବର୍ଷ-୩୬୫ ଦିନ ଓ ଦ୍ୱିତୀୟ ବର୍ଷ-୩୬୫ ଦିନ) ବୋଲି ବିବେଚନା କରାଯାଏ। ଏହି ସମୟ ମଧ୍ୟରେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇଥାଏ; ଯେପରିକି ଶାରୀରିକ, ବୌଦ୍ଧିକ, ଭାଷା ଜ୍ଞାନ, ସାମାଜିକ ଓ ଆବେଗିକ ଏବଂ ସୃଜନଶୀଳତାର ବିକାଶ।

ଶାରୀରିକ ବିକାଶର ପୁଣି ଦୁଇଟି ଦିଗ: ସ୍ଥୁଳ ମାଂସପେଶୀ ଜନିତ ଓ ସୂକ୍ଷ୍ମ ମାଂସପେଶୀ ଜନିତ ବିକାଶ। ଥରେ ଚିନ୍ତା କରନ୍ତୁ, ଜଣେ ପିଲା ଯଦି ହାତରେ ପେନ୍/ପେନ୍ସିଲକୁ ପ୍ରଥମ ତିନୋଟି ଆଙ୍ଗୁଠି ସାହାଯ୍ୟରେ ଅର୍ଥାତ ବୁଢ଼ା ଆଙ୍ଗୁଠି, ବିଶି ଆଙ୍ଗୁଠି ଓ ମଧ୍ୟମା ଆଙ୍ଗୁଠିର ମଝିରେ ରଖି ଲେଖିବା ପରିବର୍ତ୍ତେ ତାକୁ ଅନ୍ୟାନ୍ୟ ବିଭିନ୍ନ ଢଙ୍ଗରେ ଧରି ଲେଖୁଥାଏ, ତେବେ ଜାଣିବାକୁ ହେବ ଯେ ପିଲାଟିର ଦୁଇବର୍ଷ ବୟସ ମଧ୍ୟରେ ସୂକ୍ଷ୍ମ ମାଂସପେଶୀର ବିକାଶରେ ବ୍ୟାଘାତ ଘଟିଛି ଏବଂ ତାହା ତା'ର ଜୀବନ କାଳ ମଧ୍ୟରେ କେବେହେଲେ ସଂଶୋଧନ ହୋଇପାରିବ ନାହିଁ।

ବିକାଶମୂଳକ ମାଇଲଖୁଣ୍ଟ ହେଉଛି ଏକ ଦକ୍ଷତା, ଯାହା ଯେକୌଣସି ପିଲା ଏକ ନିର୍ଦ୍ଦିଷ୍ଟ ବୟସ ସୁଦ୍ଧା ହାସଲ କରିଥାଏ ଏବଂ ଏହା ସାଧାରଣ/ସୁସ୍ଥ ବୃଦ୍ଧି ଏବଂ ବିକାଶକୁ ସୂଚିତ କରିଥାଏ। ବିକାଶମୂଳକ ମାଇଲଖୁଣ୍ଟରେ ଶାରୀରିକ, ବୌଦ୍ଧିକ, ଭାଷାଗତ, ସାମାଜିକ ଓ ଆବେଗିକ ଏବଂ ସୃଜନଶୀଳ ଓ ସୌନ୍ଦର୍ଯ୍ୟଗତ ବିକାଶ ସହ ଦକ୍ଷତା ହାସଲ କରିବା ମଧ୍ୟ ଅନ୍ତର୍ଭୁକ୍ତ। ବିକାଶର ଏହି ଦିଗଗୁଡ଼ିକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଜୀବନର ପ୍ରଥମ ୨ ବର୍ଷକୁ ପିଲାର ଜୀବନରେ ଗୁରୁତ୍ୱପୂର୍ଣ୍ଣ ସମୟ ଭାବରେ ବିବେଚନା କରାଯାଏ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ପ୍ରାରମ୍ଭିକ ଅବସ୍ଥାରୁ ଶିଶୁ ପ୍ରତି ଧ୍ୟାନ ଦେବା ଜରୁରୀ। କାରଣ:

- ସମସ୍ତ ଶାରୀରିକ ମାଇଲଖୁଣ୍ଟ ୦-୫ ବର୍ଷ ମଧ୍ୟରେ ହାସଲ ହୋଇଥାଏ। - ଜୀବନର ପ୍ରଥମ ଦୁଇ ବର୍ଷ ମଧ୍ୟରେ କଥା କହିବା ଏବଂ ଭାଷାର ବିକାଶ ଦ୍ରୁତ ଗତିରେ ହୋଇଥାଏ।
- ଏହି ସମୟରେ ମସ୍ତିଷ୍କରେ ସର୍ବାଧିକ ନମନୀୟତା ଥାଏ।

ଠିକ ସେହିପରି ଆଉ ଗୋଟିଏ ଉଦାହରଣ ଏଠାରେ ନେଇପାରିବା, ଯେପରିକି ପିଲାଟି କେତେ ସମ୍ବେଦନଶୀଳ। ଘର ପରିବାର ମଧ୍ୟରେ ଯେତେବେଳେ ଆମେ ପୁଅ ଓ ଝିଅଙ୍କ ମଧ୍ୟରେ ଭେଦଭାବ ବା ଲିଙ୍ଗଗତ ଭେଦଭାବ କରିଥାଉ, ତାହା ତା'ର ସାମାଜିକ ଓ ଆବେଗିକ ବିକାଶକୁ ଅତି ମାତ୍ରାରେ ପ୍ରଭାବିତ କରିଥାଏ। ପରବର୍ତ୍ତୀ ଜୀବନରେ ଯେତେବେଳେ ପୁଅଟିଏ ତା'ର ପିତାମାତାଙ୍କ ଦୁଃଖ କଷ୍ଟ ସମୟରେ କୌଣସି ପ୍ରତିକ୍ରିୟା ଦେଖାଇ ନଥାଏ, ଆମେ ଅତି ସହଜରେ କହିଥାଉ ପୁଅମାନେ ଅସମ୍ବେଦନଶୀଳ ବା ଆବେଗଶୂନ୍ୟ। କାହାର ଦୁଃଖ କଷ୍ଟରେ ସମାନୁଭୂତି/ସହାନୁଭୂତି ପ୍ରକାଶ କରିବା ତାଙ୍କୁ ଜଣାନାହିଁ। ଏହାର ମୁଖ୍ୟ କାରଣ ଆମେ ଆମର ସାମାଜିକ ଚଳଣିରେ ପରିବାର ମଧ୍ୟରେ ଝିଅଟିକୁ ଯେପରି ଦୁଃଖ କଷ୍ଟ ସମୟରେ ମାଆବାପାଙ୍କୁ କାମରେ ସହଯୋଗର ହାତ ବଢ଼ାଇବାକୁ ଶିଖାଇଥାଉ, ବିଶେଷକରି ପୁଅଟିକୁ ତାହା ଶିଖାଇ ନ ଥାଉ, ଲିଙ୍ଗଗତ କାର୍ଯ୍ୟ ବିଭାଗୀକରଣ କରି ଆମେ ସେମାନଙ୍କର ସାମାଜିକ ଓ ଆବେଗିକ ବିକାଶକୁ ଭିନ୍ନ ମୋଡ଼

ଦେଇଥାଉ । ପରବର୍ତ୍ତୀ ଜୀବନରେ ସେମାନେ ବିଭିନ୍ନ ଉପାୟରେ ଅନ୍ୟମାନଙ୍କ ପ୍ରତି କ୍ରୂର ଏବଂ ନିର୍ଦ୍ଦୟ ହେବାକୁ ପଛାନ୍ତି ନାହିଁ । ଫଳରେ ତା'ର ସାମନାରେ ଥିବା ବ୍ୟକ୍ତିର ମାନବିକ ଅଧିକାର ପ୍ରତି ସମ୍ବେଦନଶୀଳ ହୋଇପାରେନାହିଁ । ଫଳ ସ୍ୱରୂପ ସମାଜରେ ନାରୀ ପ୍ରତି ଅସଦାଚରଣ ଓ ହିଂସାଭାବ ବଢ଼ିବାରେ ଲାଗିଛି । ସାମାଜିକ ଓ ଆବେଗିକ ବିକାଶର ସଫଳ ରୂପାୟନ ଅଭାବରେ ସମାଜରେ ହିଂସା, ଦ୍ୱେଷ ଓ ଅତ୍ୟାଚାର ବୃଦ୍ଧି ପାଇବାରେ ଲାଗିଛି ।

ମୁଁ ମୋର ଦୀର୍ଘ ୩୦ ବର୍ଷର ବୃତ୍ତିଗତ କର୍ମକ୍ଷେତ୍ର (ସାମାଜିକ କର୍ମୀ)ର ଅନୁଭୂତିରୁ ଏହା ଜାଣିପାରିଛି ଯେ, ଆମ ସମାଜରେ ଅଧିକାଂଶ ପିତାମାତା ଶିଶୁର ଏହି ଜୀବନର ପ୍ରଥମ ୧୦୦୦ ଦିନ ସମ୍ପର୍କରେ ଆଦୌ ଅବଗତ ନ ଥାନ୍ତି । ତେଣୁ ପୁଅଝିଅଙ୍କ ବିବାହ ପରେ ତାଙ୍କୁ ଯୋଗ୍ୟ ଦମ୍ପତିର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନତା ସହ ପରିବାରର ଅନ୍ୟ ସଦସ୍ୟ ଯେପରିକି ଶାଶୂ-ଶ୍ୱଶୁର ଏବଂ ଅନ୍ୟମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ପରିବାର ପରାମର୍ଶ କାର୍ଯ୍ୟକ୍ରମ ମାଧ୍ୟମରେ ଏହିସବୁ ଦିଗ ପ୍ରତି ଅବଗତ କରାଇବା ଅତ୍ୟନ୍ତ ଜରୁରୀ । ଅନ୍ୟଥା ଆମେ ସମସ୍ୟା ହେବା ପରେ ତା'ର ସମାଧାନର ମୂଳ କେଉଁଠି ସେ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ତା'ର ପରିଚାଳନା କରିବାର ବିଭିନ୍ନ ପନ୍ଥା ବାହାର କରି ଚାଲିଥିବା ସିନା, କିନ୍ତୁ ସମସ୍ୟା ଦିନକୁ ଦିନ ଅଧିକ ତୀବ୍ରତର ହେବାରେ ଲାଗିବ । ଉଦାହରଣ ସ୍ୱରୂପ ନାରୀ ନିର୍ଯାତନାକୁ ରୋକିବା ପାଇଁ ବିଶାଖା ଗାଇଡଲାଇନ ଓ ଶିଶୁ ନିର୍ଯାତନାକୁ ରୋକିବା ପାଇଁ POCSO ଆଇନ, ଇତ୍ୟାଦି ଇତ୍ୟାଦି । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଏହା ଅତ୍ୟନ୍ତ ଜରୁରୀ ଯେ ଆମେ ଗୋଟିଏ ସମ୍ବେଦନଶୀଳ ମଣିଷଟିଏ ଗଢ଼ିବା ପାଇଁ ଶିଶୁର ପ୍ରଥମ ୧୦୦୦ ଦିନର ମହତ୍ୱକୁ ବୁଝିବା ଦରକାର ।

(ବିଜ୍ଞାନ ସମ୍ମତ ତଥା ନିଜସ୍ୱ ଅନୁଭୂତି ଉପରେ ଆଧାରିତ)

ମନସ୍ତତ୍ତ୍ୱବିତ ତଥା ସାମାଜିକ କର୍ମୀ

*ଡକ୍ଟର ମିତାଲି ମହାନ୍ତି ବାଣୀବିହାର ସ୍ନାତକୋତ୍ତର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗର ୧୯୯୦-୯୨ ବ୍ୟାଚ୍ ଛାତ୍ରୀ । ଅଧୁନା ଜଣେ ମନସ୍ତତ୍ତ୍ୱବିତ ତଥା ସାମାଜିକ କର୍ମୀ ଭାବେ କାର୍ଯ୍ୟରତ ଡକ୍ଟର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟା ଏବଂ 'ଉତ୍କଳାୟନ' ସମ୍ପାଦକମଣ୍ଡଳୀରେ ଅନ୍ୟତମ ସଦସ୍ୟା ଅଛନ୍ତି ।*



# ବିଶ୍ୱରେ ଅଦ୍ୱିତୀୟ: ଓଡ଼ିଶାର ହସ୍ତତନ୍ତ ଓ ବୟନଶିଳ୍ପ

ଲକ୍ଷ୍ମୀଧର ଚନ୍ଦ

ଓଡ଼ିଶାର ହସ୍ତତନ୍ତ ଓ ବୟନଶିଳ୍ପ ଅତି ପୁରାତନ ଓ ସମୃଦ୍ଧ ଅଟେ। କାହିଁ କେଉଁ ପୁରାତନ ଯୁଗରୁ ଏହା କେବଳ ଓଡ଼ିଶା କି ଭାରତରେ ନୁହେଁ, ସାରା ବିଶ୍ୱରେ ନିଜର ପରିଚୟ ଓ ଆଧିପତ୍ୟର ସୁନେଲି ଛାପ ବିଛେଇ ରଖି ରହିଛି। ପ୍ରଥମେ କଳିଙ୍ଗ, ତା'ପରେ ଉତ୍କଳ, ଶେଷରେ ଆଜିର ଓଡ଼ିଶା ହସ୍ତତନ୍ତ ଇତିହାସର ପୃଷ୍ଠା ଉନ୍ମୋଚନ କଲେ ହସ୍ତତନ୍ତ ଶିଳ୍ପର ଉତ୍ପାଦିତ ଶାଢ଼ି, ଧୋତି ଓ ଯୋଡ଼, ଚଦର, ସାଲ୍, ଉତ୍ତରୀୟ, ପୋଷାକ କପଡ଼ା ଥାନ, ଲୁଙ୍ଗି, ଗାମୁଛା, ରୁମାଲର ଚାହିଦା ସାରା ପୃଥିବୀରେ ଅଛି। ହସ୍ତତନ୍ତ ଉତ୍ପାଦନର ସବୁଠାରୁ ଛୋଟ ରୁମାଲ ସର୍ବଜନାଦୃତ ଓ ସମସ୍ତଙ୍କର ପ୍ରିୟ ଅଟେ। ଛୋଟ ହିଁ ସୁନ୍ଦର କଥାରେ ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ବାନ୍ଧ କଳାର କାରିଗରୀ କୌଶଳରେ ରୁମାଲ ଉପରେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଯାଇଥାଏ ନୂତନ ବର୍ଷର ଅଭିନନ୍ଦନ, ଭଗବାନ ତୁମକୁ ଆଶୀର୍ବାଦ କରନ୍ତୁ ଇତ୍ୟାଦି। ବାନ୍ଧକଳାର କାରିଗରୀ କୌଶଳ ସହିତ ଏକ ଗୋଲାପ ଫୁଲକୁ ଚୁମ୍ବନ ଦେଉଥିବା ସୁନ୍ଦର ଛିଟ ପ୍ରଜାପତିର ଡିଜାଇନ୍ ରୁମାଲ ଓଡ଼ିଶା, ଭାରତ, ଭାରତ ବାହାରେ ରୁଷ, ଚୀନ୍, ଆମେରିକା, ଇଂଲଣ୍ଡ, ନେପାଳ, ଥାଇଲାଣ୍ଡ, ମାଲୟସିଆ, ଇଣ୍ଡୋନେସିଆ ଆଦି ଦେଶରେ ବହୁ ଦିନରୁ ଚାହିଦା ରହିଆସିଅଛି। ଏବେବି ଏହାର ଚାହିଦା ବହୁଗୁଣିତ ହୋଇ ନିଜର ସ୍ଥାନ ବିଶ୍ୱବଜାରରେ ଦଖଲ କରି ଚାଲିଅଛି।

ପ୍ରାଚୀନ କାଳରେ ଓଡ଼ିଶାର ସାଧବ ପୁଅମାନେ ପାଲଟଣା ବୋଇତରେ ସାତସମୁଦ୍ର ତେରନଈ ପାର ହୋଇ ବେପାର ପାଇଁ ଜାଭା, ସୁମାତ୍ରା, ଶ୍ରୀଲଙ୍କା, ବାଲି, ବୋର୍ଣ୍ଣିଓ, ମାଲୟସିଆ, ଇଣ୍ଡୋନେସିଆ ଆଦି ଦକ୍ଷିଣପୂର୍ବ ଏସିଆର ଦେଶମାନଙ୍କୁ ବ୍ୟବସାୟ କରିବାକୁ ଯାଉଥିଲେ। କଳିଙ୍ଗର ହସ୍ତତନ୍ତ କୁଟୀର ଶିଳ୍ପର ଶାଢ଼ି, ଧୋତି ଓ ଯୋଡ଼, ଚଦର, ସାଲ, ଉତ୍ତରୀୟ, ପୋଷାକ କପଡ଼ା ଥାନ, ଲୁଙ୍ଗି, ଗାମୁଛା, ରୁମାଲ ଇତ୍ୟାଦିର ଉକ୍ତ ଦେଶମାନଙ୍କରେ ବହୁତ ଚାହିଦା ଥିଲା। ସେସବୁ ଦେଶମାନଙ୍କ ସହିତ କଳିଙ୍ଗ ସାଧବ ପୁଅମାନେ ନୌବାଣିଜ୍ୟ କରି ବିଦେଶରୁ ଆମ ଦେଶକୁ ଧନରତ୍ନ ବୋହି ଆଣୁଥିଲେ। ତେଣୁ ଓଡ଼ିଶାକୁ ସୁନାର ଓଡ଼ିଶା ଓ ଭାରତକୁ ସୁନାର ଭାରତ କୁହାଯାଉଥିଲା। ସେହି ପ୍ରାଚୀନ କାଳରେ ଐତିହାସିକ ଓ ଦାର୍ଶନିକମାନେ କହୁଥିଲେ "ଯାହା ନାହିଁ ଭାରତେ, ତାହା ନାହିଁ ମରତେ"।

ପରବର୍ତ୍ତୀ ସମୟରେ ନୌବାଣିଜ୍ୟ ବ୍ୟବସାୟ ପତନମୁଖି ହେବାରୁ ସାଧବପୁଅମାନେ କିଭଳି ଭଲ ବ୍ୟବସାୟ କରିପାରିବେ ସେ ନେଇ ଆଶାବାଦୀ ହୋଇଛନ୍ତି। ଏହାକୁ ଲକ୍ଷ୍ୟକରି କବିବର ରାଧାନାଥ ରାୟ ଚିଲିକା ପୁସ୍ତକରେ ଲେଖିଛନ୍ତି :

"ବିଦେଶ ବେପାରୁ ଆଣିବେ
ଦେଶେ ନାନା ବିଭବ
ଫେରିବକି ଲୁପ୍ତମୟୀ ଗୋ
ତୋର ଲୁପ୍ତ ଗୌରବ"

ଭାରତର ଜାତୀୟ ଆୟକୁ ହସ୍ତତନ୍ତ ଓ ବୟନଶିଳ୍ପର ଅବଦାନ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି। ଓଡ଼ିଶାର ହସ୍ତତନ୍ତ ଦ୍ୱାରା ଉତ୍ପାଦିତ ଦ୍ରବ୍ୟଗୁଡ଼ିକର ଚାହିଦା ଦିନକୁଦିନ ବଢ଼ିଚାଲିଛି। ଓଡିଶାର ୩୦ ଗୋଟି ଜିଲ୍ଲାରେ ହସ୍ତତନ୍ତ ଦ୍ୱାରା ଶାଢ଼ିଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ଉତ୍ପାଦାନ ହୋଇଥାଏ। ବୁଣାକାରମାନେ ଏସବୁ ଉତ୍ପାଦାନ କରି ନିଜର ଜୀବିକା ନିର୍ବାହ କରିଥାନ୍ତି। ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, କଟକ ଜିଲ୍ଲାର ମାଣିଆବନ୍ଧ, ନୂଆପାଟଣା, ଅଡ଼େଇଗୁଣ୍ଡି, କାନପୁର, ସାଗର, ବାଙ୍କି, ଜଗତସିଂହପୁର ଜିଲ୍ଲାର ବଡ଼ବାଗ, ଢେଙ୍କାନାଳ ଜିଲ୍ଲାର ଭାପୁର, ସରାକପାଟଣା ଆଦି ଅଂଚଳରେ ବହୁଳ ପରିମାଣରେ ଉନ୍ନତ ମାନର ହସ୍ତତନ୍ତ ସାମଗ୍ରୀ ଉତ୍ପାଦିତ ହୋଇଥାଏ। ମାଣିଆବନ୍ଧ ହସ୍ତତନ୍ତ ଶାଢ଼ି ବିଶ୍ୱ ପ୍ରସିଦ୍ଧ ଅଟେ। ଚୀନ୍ ପରିବ୍ରାଜକ ହୁଂଏନସା ଭାରତ ଭ୍ରମଣ ସମୟରେ ମାଣିଆବନ୍ଧ ଗ୍ରାମ ଦେଇଯାଉଥିବା ବେଳେ ତାଙ୍କୁ ଉପହାର ସ୍ୱରୂପ ଏକ ସୁନ୍ଦର ସୂକ୍ଷ୍ମ ମାଣିଆବନ୍ଧୀ ଶାଢ଼ି ବାଉଁଶ ନଳି ମଧ୍ୟରେ ପ୍ରଦାନ କରାଯାଇଥିବାର ସେ ନିଜେ ଲେଖିଛନ୍ତି। ଫକୀର ମୋହନ ସେନାପତିଙ୍କର କାଳଜୟୀ ରଚନା ଛଅମାଣ ଆଠଗୁଣ୍ଠ, ଗୋପାଳଚନ୍ଦ୍ର ପ୍ରହରାଜଙ୍କର ଓଡ଼ିଆ ଭାଷାର ସବୁଠାରୁ ବଡ଼ଗ୍ରନ୍ଥ ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ମାଣିଆବନ୍ଧ ହସ୍ତତନ୍ତ ଶାଢ଼ି ବିଷୟରେ ଉଲ୍ଲେଖ ଅଛି।

ଆମ ଓଡ଼ିଶାର ହସ୍ତତନ୍ତ ଓଡ଼ିଆ ଅସ୍ମିତାର ପ୍ରମୁଖ ସ୍ତମ୍ଭ ଅଟେ ଏବଂ ଏହା ସାତ ସମୁଦ୍ର ଓ ତେର ନଈ ପାର ହୋଇ ସାରା

ବିଶ୍ୱବଜାରରେ ପହଞ୍ଚି ଓଡ଼ିଶା ତଥା ଭାରତର ଗୌରବ ବୃଦ୍ଧି କରିଅଛି। ଏହାର ପଛରେ ରହିଛି କୁଶଳୀ ଶାଢ଼ିବୁଣା କାରିଗର ଓ ଉନ୍ନତ ମାନର ବାନ୍ଧକଳା କାରିଗର, ଶାଢ଼ି ବ୍ୟବସାୟୀ ଏବଂ ସର୍ବୋପରି ସରକାରଙ୍କର ସମ୍ପୂର୍ଣ୍ଣ ସହଯୋଗ। ଆମର ହସ୍ତତନ୍ତ କ୍ଷେତ୍ର କେବଳ ଏକ ଆର୍ଥିକ ସ୍ତମ୍ଭ ନୁହେଁ, ବରଂ ଏହା ଜାତୀୟ ଗର୍ବ, ଗୌରବ ଓ ଗରିମାର ପ୍ରତୀକ ଅଟେ। ପ୍ରାଚୀନ ସାମୁଦ୍ରିକ ନୌବାଣିଜ୍ୟରୁ ଆରମ୍ଭ କରି ବର୍ତ୍ତମାନର ବିଶ୍ୱ ଫ୍ୟାସନ ପ୍ଲାଟଫର୍ମ ପର୍ଯ୍ୟନ୍ତ ଆମର ହସ୍ତତନ୍ତ ଓ ବୟନ ସର୍ବଦା ଉତ୍କର୍ଷ ଆଧ୍ୟାତ୍ମିକତା ଓ ସଂସ୍କୃତିର ବାର୍ତ୍ତାବହ ସାଜି ଏହାର ଜୟଗାନ କରିଆସୁଅଛି।

